R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୮୫
ତିଥି: ସପ୍ତମୀ
୨୦ ଜୁଲାଇ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 285
20 July 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ୩ ୟୁରୋପୀୟ ଦେଶ ଗସ୍ତରେ ଗଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୧୯।୭: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ତିନି ରାଷ୍ଟ୍ର ଗସ୍ତ ଆରମ୍ଭ ହୋଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ସେୟାର



କରାଯାଇଥିବା ସୂଚନା ଅନୁଯାୟୀ, ରାଷ୍ଟ୍ରପତି ମୁର୍ମୁ ରବିବାର ସକାଳେ ରାଜଧାନୀ ନୂଆଦିଲ୍ଲୀରୁ ପ୍ରସ୍ଥାନ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ, ରାଷ୍ଟ୍ରପତିଙ୍କ ଗସ୍ତ ଏହି ଦେଶଗୁଡ଼ିକ ସହିତ ଭାରତର ସମ୍ପର୍କକୁ ନୂତନ ଗତି ଦେବ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସୂଚନା ଦେଇ ବୈଦେଶିକ ମନ୍ତ୍ରଣାଳୟ ଲେଖିଛି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମାଲଡୋଭା ଗଣରାଜ୍ୟ, ଉତ୍ତର ମାସିଡୋନିଆ (୯ ପୃଷ୍ଠାରେ)

# ଆଜିଠାରୁ ସଂସଦର ମୌସୁମୀ ଅଧିବେଶନ

## ସର୍ବଦଳୀୟ ବୈଠକରେ ତାତିଲେ ବିରୋଧୀ

ନୂଆଦିଲ୍ଲୀ,୧୯।୭: ସଂସଦର ମୌସୁମୀ ଅଧିବେଶନ ସୋମବାର ଠାରୁ ଆରମ୍ଭ ହେଉଛି। ଏହା ଅଗଷ୍ଟ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନ କାଳରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପସ୍ଥାପନ ହେବା ସହ ଏହା ଉପରେ ଆଲୋଚନା କରାଯିବା ପରେ ଅନୁମୋଦନ ପାଇଁ ପଥ ପ୍ରସ୍ତୁତ ହେଲା। ମୌସୁମୀ ଅଧିବେଶନର ଅବ୍ୟହିତ ପୂର୍ବରୁ ରବିବାର ପାର୍ଲାମେଣ୍ଟ ହାଉସ ଆନେକ୍ସଠାରେ ସରକାର ସର୍ବଦଳୀୟ ବୈଠକ ଆହ୍ୱାନ କରିଥିଲେ। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ ରାଜ୍ୟସଭାରେ ଦଳର ନେତା ଜେପି ନଡ୍ଡା, ସାଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଓ ଏଲ ମୁରୁଗାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ୪୦ଟି ରାଜନୈତିକ ଦଳର ପ୍ରାୟ ୫୦ରୁ ଅଧିକ ସଦସ୍ୟ ଏହି ବୈଠକରେ ଯୋଗଦେଇଥିଲେ।



ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ଡକାଯାଇଥିବା ସର୍ବଦଳୀୟ ବୈଠକରେ ବିଦ୍ରୋହୀ ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦମାନଙ୍କୁ ଯୋଗଦେବାକୁ ଡକାଯିବା ନେଇ ବିବାଦ ସୃଷ୍ଟି ହୋଇଛି। ବିରୋଧୀ ଦଳଗୁଡ଼ିକ ଏହାର ତୀବ୍ର ପ୍ରତିବାଦ କରି ଗୃହତ୍ୟାଗ କରିଥିଲେ। ଏକ ସାମ୍ବାଦିକ ସମ୍ମିଳନୀ କରିବା ପରେ, ବିରୋଧୀ ନେତାମାନେ ବୈଠକରେ ପୁନର୍ବାର ଯୋଗ ଦେଇଥିଲେ। ବୈଠକ ପରେ, ସମାଜବାଦୀ ପାର୍ଟି ସାଂସଦ ଧର୍ମେନ୍ଦ୍ର ଯାଦବ କହିଛନ୍ତି ଯେ ଟିଏମସି ନେତାମାନେ ପ୍ରଶ୍ନ କରିଛନ୍ତି, ସରକାରୀ ଟିଏମସି ସାଂସଦଙ୍କ ପରିବର୍ତ୍ତେ ବିଦ୍ରୋହୀ ସାଂସଦଙ୍କ ତାଲିକା କାହିଁକି ପ୍ରଥମେ ଦେଖାଗଲା। ସେ କହିଛନ୍ତି, ସରକାରଙ୍କ ଏହି ପଦକ୍ଷେପ ଅଗଣତାନ୍ତ୍ରିକ। ଟିଏମସି ସାଂସଦ ମହୁଆ ମୋଇତ୍ରା ମଧ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି ପ୍ରଶ୍ନ କରିଛନ୍ତି ଯେ, ଏହି ସାଂସଦମାନେ ଦଳ ଛାଡି ସାରିଥିବା ବେଳେ ସେମାନଙ୍କୁ ସର୍ବଦଳୀୟ ବୈଠକକୁ କାହିଁକି ନିମନ୍ତ୍ରଣ କରାଯାଇଥିଲା। ସେ କହିଛନ୍ତି, ବିଦ୍ରୋହୀ ସାଂସଦମାନଙ୍କୁ ନିମନ୍ତ୍ରଣ କରିବା ଏକ ଭୁଲ୍ ପରମ୍ପରା। ଏହି ବିବାଦ ପରେ, କଂଗ୍ରେସର ପ୍ରମୋଦ ତିୱାରୀ, ସମାଜବାଦୀ ପାର୍ଟିର ଧର୍ମେନ୍ଦ୍ର ଯାଦବ, ଏନସିପି (ଶରଦ ପାୱାର ଗୋଷ୍ଠୀ)ର ସୁପ୍ରିୟା ସୁଲେ ଏବଂ ଟିଏମସିର ମହୁଆ ମୋଇତ୍ରାଙ୍କ ସମେତ ଅନେକ ବିରୋଧୀ ନେତା ବୈଠକରୁ ଉଠି ପଳାଇଥିଲେ। ମୋଇତ୍ରା କହିଥିଲେ ଯେ କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମକେ, ଜେଏମଏମ, ଆମ ଆଦମୀ ପାର୍ଟି, ନ୍ୟାସନାଲ କନଫରେନ୍ସ, ବାମ ଦଳ ଏବଂ ଶିବସେନା (ୟୁବିଟି) ସମେତ ( ୯ ପୃଷ୍ଠାରେ)

## ଆଡ଼ପ ମଣ୍ଡପରେ ବାହାରିଲା ପ୍ରଥମ ଅବଢ଼ା

ପୁରୀ,୧୯।୭ (ସବ୍ୟୁ): ଗୁଣ୍ଡିଚା ମନ୍ଦିର ଆଡ଼ପମଣ୍ଡପରେ ରବିବାର ବାହାରିଚି ପ୍ରଥମ ଅବଢ଼ା। ପ୍ରଥମ ଅବଢ଼ା ପାଇ ପରମ ଆନନ୍ଦ ଲାଭ କରିଛନ୍ତି ଭକ୍ତମାନେ। ଅପରାହ୍ଣ ୩ ଟାରେ ବାହାରି ଥିଲା ଅବଢ଼ା। ଅବଢ଼ା ପାଇବା ପାଇଁ ଭକ୍ତମାନେ ଗୁଣ୍ଡିଚା ମନ୍ଦିରରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ଥିଲେ। ପ୍ରସାଦ ବାହାରିବା ପରେ ଭକ୍ତଙ୍କ ଭିତରେ ଖୁସିର ଲହରୀ ଖେଳି ଯାଇ ଥିଲା। ଗତକାଲି ରାତ୍ରିରେ ଆଡ଼ପମଣ୍ଡପରେ ପହଣ୍ଡିରେ ବିଜେ ପରେ ବିଭିନ୍ନ ନୀତି କାନ୍ତି ଅନୁଷ୍ଠିତ ହୋଇଯାଇ ଥିଲା। ରାତ୍ର ପହୁଡ଼ ହୋଇ ନ ଥିଲା। ସକାଳ ୯ ଟା ରେ ଦ୍ୱାର ଫିଟା ହୋଇ ଥିଲା। ପରେ ବିଗ୍ରହମାନଙ୍କର ବିଭିନ୍ନ ନୀତି କାନ୍ତି ମଙ୍ଗଳ ଆଳତି , ମଇଲମ , ତଡ଼ପ ଲାଗି , ଅବକାଶ ପୂଜା, ଅଧରପୋଛା, ଅବକାଶ ପୂଜା , ରୋଷହୋମ, ସୂର୍ଯ୍ୟ ପୂଜା, ବେଶ, ଦ୍ୱାରପାଳ ପୁଜା , ଗୋପାଳ ବଲ୍ଲଭ ପୂଜା, ସକାଳ ଧୂପ, ଭୋଗ ମଣ୍ଡପ ଉଠିବା, ସକାଳ ଧୂପ ଶେଷ ଆଦି ନୀତି ଅନୁଷ୍ଠିତ ହୋଇ ଥିଲା।

## କିଭ୍ ଉପରେ ଘାତକ ଆକ୍ରମଣ କଲା ରୁଷ

ମସ୍କୋ/କିଭ୍,୧୯।୭: ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ପୁଣି ଥରେ ଏକ ଭୟଙ୍କର ମୋଡ଼ ନେଇଛି। ୧୯ ଜୁଲାଇ ରବିବାର ରାତିରେ, ରୁଷ ୟୁକ୍ରେନର ରାଜଧାନୀ କିଭ୍ ଉପରେ ଏପର୍ଯ୍ୟନ୍ତ ସବୁଠାରୁ ବଡ ଏବଂ ଘାତକ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ଏହି ଭୟଙ୍କର ଆକ୍ରମଣରେ ରାଜଧାନୀର ଅନେକ ଆବାସିକ ଅଞ୍ଚଳକୁ ଥରି ଉଠିଥିଲା। ଚାରିଆଡେ ବହଳ ଧୂଆଁ ଏବଂ ନିଆଁ ଦେଖାଯାଇଥିଲା। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଆକ୍ରମଣରେ ସାତ ଜଣ ଆହତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ଛଅ ଜଣ ଗୁରୁତର ଆହତ ହୋଇ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପ୍ରାୟ



ରାତି ୧:୩୦ ସମୟରେ ବିସ୍ଫୋରଣ ଆରମ୍ଭ ହୋଇଥିଲା। କେନ୍ଦ୍ରୀୟ ଏବଂ ପୂର୍ବ ୟୁକ୍ରେନରେ ବିମାନ ଆକ୍ରମଣ ସାଇରନ ବାଜିଉଠିଥିଲା। ପ୍ରାୟ ଏକ ଘଣ୍ଟା ଧରି କ୍ଷେପଣାସ୍ତ୍ର ଆକ୍ରମଣ କରାଯାଇଥିଲା ୟୁକ୍ରେନୀୟ ବାୟୁସେନା ଏବଂ ମନିଟରିଂ ଚ୍ୟାନେଲ ଅନୁଯାୟୀ, ରୁଷ ଆକ୍ରମଣ ପାଇଁ ଏହାର ସବୁଠାରୁ ଉନ୍ନତ କ୍ଷେପଣାସ୍ତ୍ର ବ୍ୟବହାର କରିଥିଲା, ଯେଉଁଥିରେ ୩୧ଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ଆଠଟି ଜିରକନ୍ ହାଇପରସୋନିକ୍ କ୍ଷେପଣାସ୍ତ୍ର ସାମିଲ ଥିଲା।

## ନାଗାଲାଣ୍ଡରେ ଭୂସ୍ଖଳନ: ୪ ମୃତ

କୋହିମା,୧୯।୭: ନାଗାଲାଣ୍ଡର ମୋନ୍ ଜିଲ୍ଲାରେ ରବିବାର ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ଘଟି ଶିଶୁଙ୍କ ସମେତ ଆଠ ଜଣଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ବର୍ଷା ଯୋଗୁଁ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଚାରି ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି ବୋଲି ଅଧିକାରୀମାନେ କହିଛନ୍ତି। ଆଠ ଜଣଙ୍କର ମୃତ୍ୟୁ ହେବାର ଆଶଙ୍କା କରାଯାଉଛି।ଭଗ୍ନାବଶେଷ ଭିତରୁ ଚାରି ଜଣଙ୍କ ମୃତଦେହ ଉଦ୍ଧାର କରିବାରେ ସକ୍ଷମ ହୋଇଥିବା ମୋନ୍ ଡେପୁଟି ( ୯ ପୃଷ୍ଠାରେ)

## ଅପମାନଜନକ ଭାଷା ସବୁବେଳେ ଅଶ୍ଳୀଳ ନୁହେଁ

ନୂଆଦିଲ୍ଲୀ,୧୯।୭: କେବଳ ଅପମାନଜନକ ଭାଷା ବ୍ୟବହାର କରାଯିବା ମାତ୍ରେ ତାହାକୁ ଆଇନ ଅନୁସାରେ 'ଅଶ୍ଳୀଳ' ବୋଲି କୁହାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଅଦାଲତ କହିଛନ୍ତି, ଏଫ୍-ୱାର୍ଡ ପରି ଅପମାନଜନକ ଶବ୍ଦ ଅନ୍ୟମାନଙ୍କୁ ଆଘାତ ପହଞ୍ଚାଇପାରେ, କିନ୍ତୁ ସେଥିପାଇଁ ତାହା ସ୍ୱତଃସିଦ୍ଧ ଭାବେ ଅଶ୍ଳୀଳ ଭାଷା ଶ୍ରେଣୀରେ ଆସିଯାଏ ନାହିଁ। ବିଚାରପତି ସଞ୍ଜୟ କାରୋଲ ଓ ବିପୁଲ ଏମ୍ ପଞ୍ଚୋଲିଙ୍କ ଖଣ୍ଡପୀଠ ଏକ ମାମଲାର ଶୁଣାଣି ସମୟରେ ଏହି ରାୟ ଦେଇଛନ୍ତି। ତାମିଲନାଡୁରେ ୨୦୧୭ ମସିହାରେ କୃଷିଜମିକୁ କେନ୍ଦ୍ର କରି ହୋଇଥିବା ବିବାଦରୁ ଏହି ମାମଲାର ଆରମ୍ଭ ହୋଇଥିଲା। ସେହି ଘଟଣାରେ ଜଣେ ୭୦ ବର୍ଷୀୟ ବ୍ୟକ୍ତିଙ୍କୁ ଅପମାନଜନକ ଶବ୍ଦ ବ୍ୟବହାର କରିବା ଅଭିଯୋଗରେ ଅଶ୍ଳୀଳତା ସମ୍ପର୍କିତ ଧାରାରେ



ଦୋଷୀ ସାବ୍ୟସ୍ତ କରାଯାଇଥିଲା। ସୁପ୍ରିମକୋର୍ଟ କହିଛନ୍ତି, ଆଇନ ଦୃଷ୍ଟିରୁ 'ଅଶ୍ଳୀଳତା' ଓ 'ଅଶାଳୀନତା' ଏକ କଥା ନୁହେଁ। କୌଣସି ଶବ୍ଦକୁ ଅଶ୍ଳୀଳ ବୋଲି ଧରାଯିବା ପାଇଁ ତାହା କାମୁକ ପ୍ରବୃତ୍ତିକୁ ଉସକାଇବା, ଯୌନ ଆକର୍ଷଣ ସୃଷ୍ଟି କରିବା କିମ୍ବା ଏହାକୁ ଶୁଣୁଥିବା ବ୍ୟକ୍ତିଙ୍କ ନୈତିକତାକୁ ବିପଥଗାମୀ କରିବାର ପ୍ରବୃତ୍ତି ଥିବା ଆବଶ୍ୟକ। କେବଳ ଅଶାଳୀନ, କଟୁ କିମ୍ବା ଗାଳିଗୁଲଜପୂର୍ଣ୍ଣ ଶବ୍ଦ ବ୍ୟବହାର କରାଗଲେ ସେଥିରେ ଅଶ୍ଳୀଳତାର ଅପରାଧ ହୁଏ ନାହିଁ। ତେବେ ଅଦାଲତ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଗୁରୁତର ଆଘାତ ପହଞ୍ଚାଇବା ନେଇ ଦୋଷୀ ସାବ୍ୟସ୍ତ ରାୟକୁ ( ୯ ପୃଷ୍ଠାରେ)

### ୧୧୦୯ କୋଟି ବ୍ୟାଙ୍କ ଠକେଇ

## ୪ ରାଜ୍ୟରେ ସିବିଆଇ ଚଢାଉ

ଭୁବନେଶ୍ୱର,୧୯।୭(ସବ୍ୟୁ) : ୧୧୦୯ କୋଟି ଟଙ୍କାର ବ୍ୟାଙ୍କ ଋଣ ଠକେଇ ମାମଲାରେ ୪ ରାଜ୍ୟର ୬ ସ୍ଥାନରେ ସିବିଆଇ ପକ୍ଷରୁ ଏକ ସଙ୍ଗେ ଚଢାଉ କରାଯାଇଛି । ଭୁବନେଶ୍ୱରସ୍ଥିତ ଗୁପ୍ତା ପାୱାର ଇନ୍‌ଫ୍ରା ବ୍ୟାଙ୍କରୁ ଋଣ ଆଣି ସର୍ତ୍ତ ଅନୁଯାୟୀ ଦୀର୍ଘଦିନ ଧରି ନସୁଝିବାରୁ ବ୍ୟାଙ୍କ ପକ୍ଷରୁ ତାଗିଦ କରାଯାଇଥିଲା । ତାଗିଦ ସତ୍ତ୍ୱେ କମ୍ପାନୀ ଋଣ ପରିଶୋଧ କଲାନାହିଁ । କାଗଜପତ୍ର ଚଞ୍ଚକତା କରି ଋଣ ଉଠାଇଥିବା ଅଡିଟ୍‌ରୁ ଜଣାପଡ଼ିଲା । ଜାତୀୟକରଣ ବ୍ୟାଙ୍କ ପକ୍ଷରୁ ସିବିଆଇରେ ଅଭିଯୋଗ ହେବା ପରେ ଶନିବାର ୬ଟି ଟିମ୍ ଏକ ସଙ୍ଗେ ୪ ରାଜ୍ୟରେ ଚଢାଉ କରିଛି । ଓଡ଼ିଶା, ତାମିଲନାଡୁ, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗର ୬ଟି ସ୍ଥାରେ ଚଢାଉ କରାଯାଇ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି । ତଦନ୍ତ ଆଗକୁ ବଢିଲେ ଗୁପ୍ତା ପାଓ୍ୱାର ଇନ୍ଫ୍ରା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି । ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ରିଜର୍ଭ ବ୍ୟାଙ୍କକୁ ଜଣାଇଥିଲେ । ସିବିଆଇ କୋର୍ଟରେ ସର୍ଚ୍ଚ ୱାରେଣ୍ଟ ବଳରେ ୬ ସ୍ଥାନରେ ଚଢ଼ାଉ ହୋଇଥିଲା ।

## ଆସନ୍ତା ସପ୍ତାହରୁ ପ୍ରବଳ ବର୍ଷା ସମ୍ଭାବନା

ନୂଆଦିଲ୍ଲୀ: କିଛି ଦିନ ହେଲା ଦୁର୍ବଳ ରହିଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପୁଣି ସକ୍ରିୟ ହେବ। ଆସନ୍ତା ସପ୍ତାହରୁ ମୌସୁମୀ ସକ୍ରିୟ ହେବା ସହ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଏଥର ଦେଶର ସମତଳ ଅଞ୍ଚଳଗୁଡ଼ିକର ବ୍ୟାପକ ବର୍ଷା ସହ ଦୀର୍ଘଦିନ ଧରି ଲାଗି ରହିଥିବା ପ୍ରବଳ ଗରମ ଓ ଗୁଳୁଗୁଳିରୁ ଲୋକଙ୍କୁ ଆଶ୍ୱସ୍ତି ମିଳିବ ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ଜୁଲାଇ ମାସରେ ଅଧିକାଂଶ ସମୟ ହିମାଳୟ ପାଦଦେଶ ଅଞ୍ଚଳଗୁଡ଼ିକରେ ବର୍ଷା ପରିମାଣ ଅଧିକ ରହିଥିଲା ସମତଳ ଅଞ୍ଚଳରେ ବର୍ଷାର ପରିମାଣ କମ୍ ହେବାର ଏଠାରେ ଗରମ ଓ ଗୁଳୁଗୁଳି ଲାଗି ରହିଥିଲା। ହେଲେ ଆସନ୍ତା ସପ୍ତାହରୁ ଏଥିରୁ ମୁକ୍ତି ମିଳିବାକୁ ଯାଉଛି।



ପାଣିପାଗ ବିଭାଗର ସୂଚନା ଅନୁସାରେ, ଉତ୍ତର-ପୂର୍ବ ଭାରତରୁ ପୁଣିଥରେ ମୌସୁମୀ ସକ୍ରିୟ ହେବ। ଫଳରେ ଆସନ୍ତା ସପ୍ତାହର ପ୍ରାରମ୍ଭରେ ପୂର୍ବ, ମଧ୍ୟ ଓ ଉତ୍ତର ଭାରତରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା, ବଜ୍ରପାତ ଏବଂ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ଗାଙ୍ଗେୟ ସମତଳ ଅଞ୍ଚଳ ଓ ମଧ୍ୟ ଭାରତରେ, ସପ୍ତାହ ଧରି ଉଚ୍ଚ ତାପମାତ୍ରା ଅନୁଭୂତ ହେଉଥିଲା। ଏବେ ବର୍ଷା ହେଲେ ଆଶ୍ୱସ୍ତି ମିଳିବ।

ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁସାରେ, ( ୯ ପୃଷ୍ଠାରେ)

## ଶ୍ରୀଜୀଉଙ୍କ ଅଙ୍ଗରେ ବ୍ୟବହୃତ ଅଳଙ୍କାରାଦିର ଗଣତି

ପୁରୀ,୧୯।୭:(ସବ୍ୟୁ) ରାଜ୍ୟ ସରକାରଙ୍କ ଏସଓପି ଅନୁଯାୟୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ବ୍ୟବହୃତ ଏବଂ ସ୍ନାନ ପୂର୍ଣ୍ଣିମା ଅବସରରେ ଉଲାଗି ହୋଇଥିବା ଅଳଙ୍କାରାଦିର ଗଣତି ଆଜି ଠାରୁ ଆରମ୍ଭ ହୋଇଛି। ଏହି ଗଣତି ଆଜି ଗୋଟିଏ ଦିନ ପାଇଁ କରାଯାଇଛି। ଏହି ଗଣତି କାର୍ଯ୍ୟ ରାଜ୍ୟ ସରକାରଙ୍କ ଅନୁମୋଦିତ ବ୍ୟବସ୍ଥାବଳୀ ଅନୁଯାୟୀ ସମ୍ପାଦନ କରାଯାଇଛି। ଭିତର ରତ୍ନଭଣ୍ଡାରରେ ଗଚ୍ଛିତ ଅବଶିଷ୍ଟ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟର ତାରିଖ ପରବର୍ତ୍ତୀ ସମୟରେ ଅବଗତ କରାଯିବ।ରବିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବୈଠକ ପରେ ରତ୍ନଭଣ୍ଡାର ତଦାରଖ କମିଟି ନେତୃତ୍ୱରେ ଟିମ୍ ସଦସ୍ୟ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିଥିଲେ। ବିଶେଷ କରି ବାହାର ରତ୍ନଭଣ୍ଡାର ଗଣତି ମଣତି ସମୟରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିଥିବା ରୂପା ରସିକ ସୁନା ଥଣ୍ଟିଆର ଆଜି ଗଣତି ମଣତି କରାଯିବ । ଏହି ଦୁର୍ମୂଲ୍ୟ ରତ୍ନ ଅଳଙ୍କାର ଗଣତି ମଣତି ପାଇଁ ରତ୍ନ ବିଶାରଦ ବା ଜେମୋଲିଜିଷ୍ଟ ମୁତୟନ ହେବେ । ଏଥିସହ ମହାପ୍ରଭୁଙ୍କ ରାହୁ ରେଖା, ଝୋବା, ସୁନା ଚିତାର ମଧ୍ୟ ଗଣତି ମଣତି କାର୍ଯ୍ୟ କରାଯିବ । ଆସନ୍ତାକାଲି ହେରା ପଞ୍ଚମୀ,ପରଦିନ ଦକ୍ଷିଣ ମୋଡ ହେବେ ରଥ। ତେବେ ୨୩ ତାରିଖ ସନ୍ଧ୍ୟା ୭ ଟା ଠାରୁ ଦର୍ଶନ ବନ୍ଦ୍ ହେବା ନେଇ ସୂଚନା ଦେଇଛି ଶ୍ରୀମନ୍ଦିର ପ୍ରଶାସନ ।

## ୯୦ଲକ୍ଷ ଠକେଇ, ଦମ୍ପତି ଗିରଫ

ଭୁବନେଶ୍ୱର,୧୯।୭(ସବ୍ୟୁ): ୯୦ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୋଲିସ ମନୋଜ କୁମାର ଶତପଥୀ (୪୩) ଓ ତାଙ୍କ ସ୍ତ୍ରୀ ନିଳିମା (୪୧)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି । ଅଭିଯୋଗକାରୀ ସମରଜିତ ବଳିୟାର ସିଂହଙ୍କୁ ଅଧିକ ଲାଭର ପ୍ରଲୋଭନ ଦେଖାଇ ଅଭିଯୁକ୍ତ ନିଳିମା ଶତପଥୀ ଓ ତାଙ୍କ ସ୍ୱାମୀ ମନୋଜ କୁମାର ଶତପଥୀ ପ୍ରଭାବିତ କରି ଟଙ୍କା ନିବେଶ କରିବାକୁ କହିଥିଲେ । ଦମ୍ପତିଙ୍କ କହିବା କଥା ସେମାନେ ଅନ୍‌ଲାଇନ୍ ଟ୍ରେଡିଂ ବ୍ୟବସାୟ ଚଳାଉଛନ୍ତି । ଏହି ମିଥ୍ୟା ପ୍ରତିଶ୍ରୁତିରେ ସମରଜିତ ବିଶ୍ୱାସ କରିଥିଲେ । କାରଣ ନିଳିମାଙ୍କ ସହ ୨୦୦୯ ମସିହାରୁ ଅଭିଯୋଗକାରୀଙ୍କ ପରିଚୟ ଥିଲା । କୋଟିଏ ଟଙ୍କା ବିନିଯୋଗ କଲେ ୬ ମାସ ମଧ୍ୟରେ ୧.୩୦ କୋଟି ଟଙ୍କା ଫେରସ୍ତ ପାଇବାର ପ୍ରତିଶ୍ରୁତି ଦେଇ ଠକେଇ କରିଥିବା ଅଭିଯୋଗ ହୋଇଥିଲା । ଦମ୍ପତିଙ୍କ କଥାକୁ ବିଶ୍ୱାସ କରି ୯୭ଲକ୍ଷ





୨୮ ହଜାର ୭୦୦ ଟଙ୍କା ବିନିଯୋଗ କରିଥିଲେ ଅଭିଯୋଗକାରୀ ସମରଜିତ। ଅଭିଯୋଗକାରୀଙ୍କ ବିଶ୍ୱାସ ଜିତିବା ପାଇଁ ଦୁଇ ଅଭିଯୁକ୍ତ ଆରମ୍ଭରୁ ୩ଲକ୍ଷ ଟଙ୍କା ଲାଭ ଆକାରରେ ଦେଇଥିଲେ । ପରେ ଅଭିଯୋଗକାରୀ ମୂଳଧନ ଫେରସ୍ତ ମାଗିବାରୁ ସେମାନେ ବ୍ୟାଙ୍କ ସମସ୍ୟାର ବାହାନା ଦେଖାଇ ନକଲି ସ୍କିନ୍‌ସଟ୍ ଓ ଡିଜିଟାଲ ଦସ୍ତାବିଜ୍ ପଠାଇ ତାଙ୍କୁ ମିଥ୍ୟା ଆଶ୍ୱାସନା ଦେଇଥିଲେ । ଠକେଇର ଶିକାର ହୋଇଥିବା ଅଭିଯୋଗକାରୀ ଜାଣିବା ପରେ ପ୍ରତିବାଦ କରିବାରୁ ଦମ୍ପତି ତାଙ୍କୁ ଗାଳିଗୁଲଜ କରିବା ସହ ଅଭିଯୋଗକାରୀଙ୍କ ପତ୍ନୀଙ୍କୁ ଦୁଷ୍କର୍ମ କରାଇ ଦେବା ସହ ଉଭୟଙ୍କୁ ହତ୍ୟା କରିବାର ଧମକ ଦେଇଥିଲେ । ଏହା ଶୁଣିବା ପରେ ସମରଜିତ ୯୦ଲକ୍ଷ ଠକେଇ ସମ୍ପର୍କରେ ଥାନାରେ ଏତଲା କରିଥିଲେ।

ପୋଲିସ ତଦନ୍ତରୁ ଜାଣିବାକୁ ପାଇଲା ୨୦୦୯ ମସିହାରୁ ଅଭିଯୁକ୍ତ ନିଳିମା ଶତପଥୀଙ୍କୁ ( ୯ ପୃଷ୍ଠାରେ)

## ଗର୍ଭବତୀଙ୍କୁ ଦୋଳା ଭରସା: ୨ କିମି ବୋହିଲେ ପରିବାର ଲୋକେ

ଭବାନୀପାଟଣା,୧୯।୭(ସବ୍ୟୁ): କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଆଜି ବି ପଛରେ । ନିକଟରେ ଜୟପାଟଣା ବ୍ଲକ୍ ଅଞ୍ଚଳରେ ଜଣେ ଗର୍ଭବତୀ ମହିଳା ଟ୍ରାକଟର୍ ଡାଲାରେ ଶିଶୁକୁ ଜନ୍ମ ଦେଇଥିଲେ । ଆଉ ରବିବାର ଜିଲ୍ଲାର ଦୁର୍ଗମ ଥୁଆମୂଳ ରାମପୁର ବ୍ଲକର ଜଣେ ଗର୍ଭବତୀଙ୍କୁ ପରିବାର ଲୋକେ ଦୋଳା ବାନ୍ଧି ୨ କିଲୋମିଟର ବୋହି ଆଣିବା ବିକାଶର ପରିଭାଷାକୁ ବଖାଣୁଛି । ଥୁଆମୂଳ ରାମପୁର ପଞ୍ଚାୟତର ଦୁର୍ଗମ ଘୁଟିଗୁଡ଼ା ଗ୍ରାମର ରାଜେନ୍ଦ୍ର ମାଝୀଙ୍କ ସ୍ତ୍ରୀ ରଞ୍ଜିତା ପ୍ରସବ ବେଦନାରେ ଛଟପଟ ହେଉଥିଲେ । ତାଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ କରାଯାଇଥିଲା । କିନ୍ତୁ ଗାଁକୁ ସବୁଦିନିଆ ପକ୍କା ରାସ୍ତା ନଥିବାରୁ ଆମ୍ବୁଲାନ୍ସ ପହଞ୍ଚି ପାରିନଥିଲା । ବର୍ଷା ଯୋଗୁଁ କାଦୁଅ



ଓ ମାଟି ରାସ୍ତାରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା । ଆମ୍ବୁଲାନ୍ସଟି ଗ୍ରାମରୁ ପ୍ରାୟ ୨ କିଲୋମିଟର ଦୂରରେ ଥିବା ରାସ୍ତାରେ ଅଟକି ରହିଥିଲା । ଅନ୍ୟ କୌଣସି ବିକଳ୍ପ ନଥିଲା । ପରିବାର ଲୋକ ଓ ଗ୍ରାମବାସୀ ଏକ ଖଟିଆରେ ଦୋଳା ବାନ୍ଧିଥିଲେ । ପ୍ରବଳ ବର୍ଷା ଓ କାଦୁଅ ରାସ୍ତା ଦେଇ ରଞ୍ଜିତାଙ୍କୁ ବୋହି ଆମ୍ବୁଲାନ୍ସ ନିକଟକୁ ନେଇଥିଲେ । ବର୍ଷାରେ ଭିଜି ଏବଂ ଜୀବନକୁ ବାଜି ଲଗାଇ ଜଣେ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ନେବାର ଏହି ଦୃଶ୍ୟ ବିକାଶର ବାସ୍ତବ ଚିତ୍ରକୁ ପଦାରେ ପକାଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଘୁଟିଗୁଡ଼ା ଗ୍ରାମକୁ ଆଜି ପର୍ଯ୍ୟନ୍ତ ସବୁଦିନିଆ ପକ୍କା ରାସ୍ତା ସଂଯୋଗ ହୋଇ ପାରିନାହିଁ । ବର୍ଷା ଋତୁରେ ରୋଗୀ, ଗର୍ଭବତୀ, ବୃଦ୍ଧ ଓ ଶିଶୁମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା ଅତ୍ୟନ୍ତ କଷ୍ଟକର ହୋଇପଡ଼େ । ଅନେକ ସମୟରେ ଖଟିଆ କିମ୍ବା ଦୋଳା ହିଁ ଭରସା ପାଲଟିଥାଏ । ଏହି ଘଟଣା ପରେ ଦୁର୍ଗମ ଅଞ୍ଚଳରେ ରାସ୍ତା, ସ୍ୱାସ୍ଥ୍ୟ ଓ ଆପାତକାଳୀନ ସେବାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି । ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଘୁଟିଗୁଡ଼ା ସମେତ ଏଭଳି ଦୁର୍ଗମ ଗ୍ରାମଗୁଡ଼ିକୁ ସବୁଦିନିଆ ପକା ରାସ୍ତା ସଂଯୋଗ କରିବା ସହ ଜରୁରିକାଳୀନ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । କୃଷି ବିପ୍ଳବ ଯୋଗୁଁ ଭୋକର ଉପତ୍ୟକା ଅପବାଦରୁ କଳାହାଣ୍ଡି ଜିଲ୍ଲାକୁ ଆପାତତଃ ମୁକ୍ତି ମିଳିଛି । କିନ୍ତୁ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଆଜି ବି ଅନେକ କ୍ଷେତ୍ରରେ ପଛରେ ।

# ସୋସିଆଲ କୋଟ୍ସ



ମୁଁ ଯେତେବେଳେ ନିର୍ଦ୍ଦେଶକ ଭାବେ ଡେବ୍ୟୁ କରିବାକୁ ଚାହିଁଲି ସେତେବେଳେ ମୋହିତ ସୁରି ମୋ ଆଇଡିଆକୁ ଚୋରି କରି ମହେଶ ଭଟ୍ଟଙ୍କୁ ଶୁଣାଇଥିଲେ । ଏହି ଆଇଡିଆରେ ହିଁ "ଜହର' ଫିଲ୍ମ ତିଆରି କରାଯାଇଛି ।

**ଦୀପକ ତିଜୋରି, ଅଭିନେତା**



ଛୈୟାଁ-ଛୈୟାଁ ଗୀତ ପାଇଁ ପ୍ରଥମ ପସନ୍ଦ ମଲାଇକା ନଥିଲେ । ଏହା ପାଇଁ ପ୍ରଥମେ ରବିନା, ଶିଲ୍ପାଙ୍କୁ ଆପ୍ରୋଚ କରାଯାଇଥିଲା । ହେଲେ ସେମାନେ ମନା କରିବାରୁ ମଲାଇକାଙ୍କୁ କାଷ୍ଟ୍ କରାଗଲା ।

**ଫରାହ ଖାନ୍, ଫିଲ୍ମ ମେକର**



ଏବେ ବି ଅବସୋସ ଅଛି କି ଲଗାନ ସିନେମା କାହିଁକି କଲିନି । ସେତେବେଳେ ଆମିର ପାଖାପାଖି ୬ ମାସର ସମୟ ମାଗୁଥିଲେ, ଯାହା ଦେବା ମୋ ପକ୍ଷେ ଅସମ୍ଭବ ଥିଲା ।

**ରାଣୀ ମୁଖର୍ଜୀ, ଅଭିନେତ୍ରୀ**

# ହେରା ପଞ୍ଚମୀ

ମହାପ୍ରଭୁଙ୍କ ଘୋଷଯାତ୍ରାର ପ୍ରତ୍ୟେକଟି ସୋପାନ ବେଶ ରୋମାଞ୍ଚକର ଓ ଭକ୍ତି ଭାବରେ ପୂର୍ଣ୍ଣ ହୋଇଥାଏ । ସେହିଭଳି ଏକ ସୋପାନ ହେଲା ହେରା ପଞ୍ଚମୀ, ଯେଉଁଥିରେ ଓଡିଆ ଘରର ଚଳଣିକୁ ପ୍ରଭୁ ନିଜ ଲିଳା ମାଧ୍ୟମରେ ପ୍ରକାଶ କରିଥାଆନ୍ତି । ରଥଯାତ୍ରାଠାରୁ ପାଞ୍ଚଦିନ ଅର୍ଥାତ ଆଷାଢ଼ ଶୁକ୍ଳ ପଞ୍ଚମୀ ଦିନକୁ ହେରାପଞ୍ଚମୀ କୁହାଯାଏ । ରଥଯାତ୍ରାରେ ଜଗନ୍ନାଥ ନିଜ ପତ୍ନୀଙ୍କୁ ଉପେକ୍ଷା କରି ନିଜର ଭାଇ ଓ ଭଉଣୀଙ୍କୁ ନେଇ ଗୁଣ୍ଡିଚା ମନ୍ଦିର ଯିବାପରେ, ମହାଲକ୍ଷ୍ମୀ ରୋଷ ହୋଇ ଏହାର କାରଣ ପଚାରିବା ନିମନ୍ତେ ଏକ ସୁସଜ୍ଜିତ ପାଲିଙ୍କିରେ ଆଡ଼ପ ମଣ୍ଡପକୁ ଯାତ୍ରା କରିଥାନ୍ତି । ତେବେ ମହାଲକ୍ଷ୍ମୀଙ୍କ କ୍ରୋଧ ଜର୍ଜରିତ ରୂପ ଦେଖି ମହାପ୍ରଭୁଙ୍କ ସେବକମାନେ ଗୁଣ୍ଡିଚା ମନ୍ଦିରର ମୁଖ୍ୟଦ୍ୱାର ବନ୍ଦ କରିଦିଅନ୍ତି । ନାକଚଣା ବାଟ ଦେଇ ଜଗମୋହନକୁ ଯାଇ ବିମଳାଙ୍କ ପ୍ରଦତ୍ତ କର୍ପୁରରେ ଲକ୍ଷ୍ମୀ ଆଳତି କରନ୍ତି । ପତ୍ନୀଙ୍କ ରାଗ ଶାନ୍ତ କରିବା ପାଇଁ ମହାପ୍ରଭୁ ଦୁଇଦିନ ମଧ୍ୟରେ ଫେରିଯିବାର ପ୍ରତିଶ୍ରୁତି ଦେଇ ରଥ ଦକ୍ଷିଣ ମୋଡ଼ କରିବା ନିମନ୍ତେ ବରାଦ କରିଥାନ୍ତି । ଲୋକାଚାର ଦୃଷ୍ଟିରୁ ଜଗନ୍ନାଥ ଲକ୍ଷ୍ମୀଙ୍କୁ ସିଂହାସନ ପାଖକୁ ନ ନେବାରୁ କ୍ରୋଧ ଜର୍ଜରିତା ପତ୍ନୀ ରଥର କିଛି ଅଂଶ ଭାଙ୍ଗି ଦେଇ ହେରାଗୌରୀ ସାହି ବାଟେ ଫେରି ଆସନ୍ତି । ଜଗନ୍ନାଥ ନିଜ କଥା ରଖିବାରେ ଅସଫଳ ହେବାରୁ ଫେରିବା ଦିନ ବଳଭଦ୍ର ଓ ସୁଭଦ୍ରା ନିଳାଦ୍ରୀ ମଣ୍ଡପକୁ ବିଜେ କଲେ ମଧ୍ୟ ପ୍ରଭୁଙ୍କ ପାଇଁ ଦ୍ୱାର ବନ୍ଦ ରହେ । ଏହା ଲକ୍ଷ୍ମୀ ନାରାୟଣ କଳି ଭାବେ ପରିଚିତ । ଶ୍ରୀମନ୍ଦିର



ଇତିହାସରୁ ଜଣାଯାଏ, ହେରାପଞ୍ଚମୀ ଉତ୍ସବ ମହାରାଜା କପିଳେନ୍ଦ୍ରଦେବଙ୍କ ସମୟରୁ ପାଳିତ ହୋଇଆସୁଅଛି । ଏହି ପବିତ୍ର ହେରାପଞ୍ଚମୀ ପାଳନ ମାଧ୍ୟମରେ ସାମାଜିକ ଜୀବନରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଅନାବିଳ ପ୍ରେମର ଏକ ଭିନ୍ନ ପରିପ୍ରକାଶ ହେବା ସହ ଏହା ଗୃହସ୍ଥମାନଙ୍କ ପାଇଁ ଏକ ଶିକ୍ଷଣୀୟ ଚଳଣୀର ବାର୍ତ୍ତା ବହନ କରୁଛି ।

ପ୍ରତିବର୍ଷ ଜୁଲାଇ ୨୦ ତାରିଖକୁ ସାରା ବିଶ୍ୱରେ 'ବିଶ୍ୱ ଚେସ୍ ଦିବସ' ଭାବେ ବେଶ୍ ଉତ୍ସାହର ସହ ପାଳନ କରାଯାଏ । ଏହା ମାନସିକ ଦକ୍ଷତା, ଧୈର୍ଯ୍ୟ ଏବଂ ରଣନୀତିର ଏହି ଚମତ୍କାର ଖେଳ ପ୍ରତି ଲୋକଙ୍କୁ ଆକୃଷ୍ଟ କରିଥାଏ । ୧୯୨୪ ମସିହା ଜୁଲାଇ ୨୦ ତାରିଖରେ ଫ୍ରାନ୍ସର ପ୍ୟାରିସ୍ ସହରରେ ଆନ୍ତର୍ଜାତୀୟ ଚେସ୍ ମହାସଂଘ ବା ଫିଡେ ପ୍ରତିଷ୍ଠା ହୋଇଥିଲା ଏବଂ ଏହାର ସ୍ମୃତି ଚାରଣ କରି ପରବର୍ତ୍ତୀ ସମୟରେ ୧୯୬୬ ମସିହାରୁ ୟୁନେସ୍କୋର ସୁପାରିଶ କ୍ରମେ ଏହି ଦିନକୁ ଚେସ୍ ଦିବସ ଭାବେ ପାଳନ କରିବା ଆରମ୍ଭ କରାଗଲା । ଯାହାକୁ ପରବର୍ତ୍ତୀ ସମୟରେ ୨୦୧୯ ମସିହାରେ ମାନ୍ୟବର ମିଳିତ ଜାତିସଂଘ ଦ୍ୱାରା ମଧ୍ୟ ଆନୁଷ୍ଠାନିକ ଭାବେ ଗ୍ରହଣ କରାଯାଇଥିଲା । ଚେସ୍ ଖେଳର ଉତ୍ପତ୍ତି ବିଷୟରେ କହିବାକୁ ଗଲେ, ଏହାର ମୂଳ ଇତିହାସ ଭାରତ ସହିତ ଜଡ଼ିତ, ଯେଉଁଠାରେ ପ୍ରାୟ ପଞ୍ଚମ କିମ୍ବା ଷଷ୍ଠ ଶତାବ୍ଦୀରେ ଗୁପ୍ତ ସାମ୍ରାଜ୍ୟ ସମୟରେ ଏହା 'ଚତୁରଙ୍ଗ' ନାମରେ ଜଣାଶୁଣା ଥିଲା । ପରେ ଏହା ପାରସ୍ୟ ଦେଇ ୟୁରୋପରେ ପହଞ୍ଚିବା ପରେ ଆଧୁନିକ ଚେସ୍‌ର ରୂପ ନେଇଥିଲା ।



# ହସକଥା



ସ୍ତ୍ରୀ: ମୁଁ ଶୁଣିଲି ପଡ଼ୋଶୀ ରମେଶ ବାବୁ ତାଙ୍କ ସ୍ତ୍ରୀଙ୍କୁ ଜନ୍ମଦିନରେ ସୁନା ହାର ଦେଇଛନ୍ତି । ତୁମେ ମୋତେ ଏଥର କଣ ଦେବ ?

କଞ୍ଜୁସ୍ ସ୍ୱାମୀ: ମୁଁ ତୁମକୁ ମୋର ପୂରା 'ହୃଦୟ' ଦେବି ସଜନୀ!

ସ୍ତ୍ରୀ: ରଖ ତୁମ ହୃଦୟ! ସବୁବେଳେ ଏମିତି ଶସ୍ତା ଜିନିଷ ଦେଇ ଖସିଯାଅ, ଏଥର କିଛି ଦାମୀ ଜିନିଷ ଦରକାର!

ସ୍ୱାମୀ: ଆରେ ବାବା, ଆଜିକାଲି ବଜାରରେ କିଡ୍‌ନୀ ଆଉ ହୃଦୟର ଦାମ୍ କେତେ ଲକ୍ଷ ଟଙ୍କା ତୁମକୁ ଜଣା ନାହିଁ କି ? ସୁନା ହାର ତ ତା' ଆଗରେ ବହୁତ ଶସ୍ତା !

# ଦିବ୍ୟ ବ୍ୟଞ୍ଜନ



## ଜଗନ୍ନାଥ ବଲ୍ଲଭ

**ସାମଗ୍ରୀ:** ଅଟା : ୧ କପ୍, ଗୁଆ ଘିଅ , ଚିନି , ପାଣି , ଗୁଜୁରାତି , ଲବଙ୍ଗ , ଜାଇଫଳ, ଗୋଲମରିଚ ଗୁଣ୍ଡ ଏବଂ ଖାଇବା କର୍ପୂର ।

**ପ୍ରସ୍ତୁତି:** ଏହାକୁ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଏକ ଭାରି କଡ଼େଇରେ ଧୀମା ଆଞ୍ଚରେ ଘିଅ ଗରମ କରି ସେଥିରେ ଅଟା ମିଶାନ୍ତୁ ଏବଂ କଞ୍ଚା ବାସ୍ନା ଚାଲିଯିବା ସହ ଏହା ସୁନେଲୀ ବାଦାମୀ ରଙ୍ଗ ହେବା ଯାଏଁ ୭ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ କ୍ରମାଗତ ଭାବେ ଗୋଳାଇ ଭାଜି ନେଇ ପାଖରେ ରଖନ୍ତୁ । ଏହାପରେ ଅନ୍ୟ ଏକ ପାତ୍ରରେ ଚିନି ଓ ପାଣି ମିଶାଇ ମଧ୍ୟମ ଆଞ୍ଚରେ ଫୁଟାନ୍ତୁ ଏବଂ ଚିନି ମିଳେଇଗଲେ ସେଥିରେ ଛେଚା ଗୁଜୁରାତି, ଲବଙ୍ଗ ଓ ଜାଇଫଳ ପକାଇ ଏକ ତାର ବିଶିଷ୍ଟ ପାଗ ହେବା ପର୍ଯ୍ୟନ୍ତ ସିରାକୁ ଫୁଟାନ୍ତୁ । ଏବେ ଆଞ୍ଚକୁ ଧୀମା କରି ସେହି ଚିନି ସିରାରେ ଭଜା ଅଟାକୁ ତୁରନ୍ତ ଢାଳି ଦିଅନ୍ତୁ ଏବଂ ମିଶ୍ରଣଟି ବହଳିଆ ହୋଇ କଡ଼େଇର କଡ଼ ଛାଡ଼ିବା ପର୍ଯ୍ୟନ୍ତ ୨-୩ ମିନିଟ୍ ଯାଏଁ କ୍ରମାଗତ ଭାବେ ଗୋଳାନ୍ତୁ । ଶେଷରେ ଏହି ଗରମ ମିଶ୍ରଣକୁ ଘିଅ ଲଗାଯାଇଥିବା ଏକ ଥାଳିରେ ଢାଳି ସମାନ ଭାବେ ବିଛାଇ ଦିଅନ୍ତୁ । ଏହାକୁ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ସେଟ୍ ହେବାକୁ ଛାଡ଼ି ସାମାନ୍ୟ ଉଷୁମ ଥିବା ସମୟରେ ହିଁ ଚାରିକୋଣିଆ କିମ୍ବା ଠିକିରି ଆକାରରେ କାଟି ସମ୍ପୂର୍ଣ୍ଣ ଥଣ୍ଡା ହେବା ପରେ ବାହାର କରନ୍ତୁ ।



# କଷ୍ଟଦାୟକ ଜୀବନ

ବଲିଉଡ୍ ଅଭିନେତ୍ରୀ ସେଲିନା ଜେଟ୍‌ଲୀ ଏବେ ନିଜ ସ୍ୱାମୀ ପିଟର ହାଗ୍‌ଙ୍କ ସହ ବିବାହ ବିଚ୍ଛେଦ ଏବଂ ପିଲାମାନଙ୍କ କଷ୍ଟଡି ପାଇଁ ଆଇନଗତ ଲଢ଼େଇ ଲଢୁଛନ୍ତି । ତେବେ ଏ ସବୁକୁ ନେଇ ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରିଛନ୍ତି ଯାହା ଖୁବ ଭାଇରାଲ ହେବାରେ ଲାଗିଛି । ସେଲିନା ୨୦୧୦ରେ ବିବାହ କରିଥିବା ବେଳେ ତାଙ୍କର ତିନୋଟି ସନ୍ତାନ ଅଛନ୍ତି ଏବଂ ଅନ୍ୟ ଏକ ଯାଆଁଳା ସନ୍ତାନର ହୃଦ୍‌ରୋଗ ଯୋଗୁଁ ମୃତ୍ୟୁ ଘଟିଥିଲା । ଗତ ବର୍ଷ ସେପ୍ଟେମ୍ବର ୨୦୨୫ରେ ତାଙ୍କୁ ପ୍ରତାରଣା କରି ଛାଡପତ୍ର ନୋଟିସ୍ ଦିଆଯିବା ପରେ ସେ ମୁମ୍ବାଇର ଅନ୍ଧେରୀ କୋର୍ଟରେ ପିଟରଙ୍କ ବିରୋଧରେ ଶାରୀରିକ, ମାନସିକ ଓ ଆର୍ଥିକ ନିର୍ଯାତନାର ମାମଲା ଦାୟର କରିଥିଲେ। ଅଭିନେତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀ ପିଲାମାନଙ୍କୁ କୌଣସି ଏକ ଗୁପ୍ତ ସ୍ଥାନରେ ଲୁଚାଇ ରଖିଛନ୍ତି ଏବଂ କୋର୍ଟଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ତାଙ୍କୁ ପିଲାମାନଙ୍କ ସହ ମିଶିବାକୁ ଦିଆଯାଉ ନାହିଁ। ଯାହାକୁ ନେଇ ନିକଟରେ ସେ ଅଷ୍ଟ୍ରିଆ ଯାଇ ନିଜର ମୃତ ପୁତ୍ରର କବର ପାଖରେ କାନ୍ଦୁଥିବାର ଭିଡିଓ ମଧ୍ୟ ସାମ୍ନାକୁ ଆସିଥିଲା। ଏବେ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ପିଲାମାନଙ୍କ ସହ ଏକ ପୁରୁଣା ଭିଡିଓ ଶେୟାର କରି ସେଲିନା ଲେଖିଛନ୍ତି ଯେ, ଏହି ଯନ୍ତ୍ରଣା ଓ ଆଘାତ ତାଙ୍କୁ ଭିତରୁ ବାରମ୍ବାର ଭାଙ୍ଗି ଦେଉଛି ଏବଂ ତାଙ୍କଠାରୁ ସବୁକିଛି ଛଡ଼ାଇ ନେଉଛି। ସେଲିନାଙ୍କର ଏହି ପୋଷ୍ଟଟି ତାଙ୍କ ଫ୍ୟାନମାନଙ୍କୁ ଖୁବ କଷ୍ଟ ଦେଉଛି ।



# ରୋବଟ ଲଢେଇ



ଚୀନର ସେନଜେନଠାରେ ବିଶ୍ୱର ପ୍ରଥମ ଫ୍ରି-ଷ୍ଟାଇଲ ହ୍ୟୁମାନଏଡ୍ ରୋବୋଟ୍ ଫାଇଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ସାରା ବିଶ୍ୱର ୩୨ଟି ଦେଶର ଟିମ୍ ଭାଗ ନେଇଥିଲେ ଏବଂ ଏହାର ମୋଟ ପୁରସ୍କାର ରାଶି ୧.୨୫ କୋଟି ୟୁଆନ୍ (ପ୍ରାୟ ୧୨ କୋଟି ଟଙ୍କା) ରଖାଯାଇଥିଲା। ଏହି ରୋମାଞ୍ଚକର ମୁକାବିଲାରେ ମଣିଷ ଭଳି ଦେଖାଯାଉଥିବା ରୋବୋଟଗୁଡ଼ିକ ପରସ୍ପର ଉପରକୁ ପ୍ରହାର କରିବା ସହ କିକ୍ ଏବଂ ପଞ୍ଚ ମାରୁଥିବାର ଦେଖିବାକୁ ମିଳିଥିଲା । ଯେଉଁଥିରେ ଏକ ହାଇ-କିକ୍ ମାଡ଼ରେ ଗୋଟିଏ ରୋବୋଟର ମୁଣ୍ଡ ଶରୀରରୁ ଅଲଗା ହୋଇଯିବା ସତ୍ତ୍ୱେ ମଧ୍ୟ ସେ ଲଢ଼େଇ ଜାରି ରଖିଥିଲା । ପ୍ରତିଯୋଗିତାରେ ସମସ୍ତ ୩୨ଟି ଟିମକୁ 'ଇଞ୍ଜିନ ଏଆଇ ' କମ୍ପାନୀର ' ଟି୮୦୦ ' ହ୍ୟୁମାନଏଡ୍ ରୋବୋଟ୍ ପ୍ରଦାନ କରାଯାଇଥିଲା । ଯାହାର ଲମ୍ବ ପ୍ରାୟ ୧.୭୩ ମିଟର ଥିଲା ଏବଂ ଏହି ରୋବୋଟଗୁଡ଼ିକ ସ୍ପିନିଂ କିକ୍, ଅପରକଟ୍ ମାରିବା ସହ ତଳେ ପଡ଼ିଯିବା ପରେ ତୁରନ୍ତ ଠିଆ ହେବା ଭଳି କୌଶଳ ପ୍ରଦର୍ଶନ କରି ନିଜର ଶକ୍ତି, ସନ୍ତୁଳନ ଓ ପ୍ରତିରକ୍ଷା କ୍ଷମତାର ପରୀକ୍ଷା ଦେଇଥିଲେ । ଆୟୋଜକଙ୍କ କହିବା ଅନୁସାରେ, ଏଭଳି ପ୍ରତିଯୋଗିତା ଦ୍ୱାରା ପ୍ରକୃତ ପରିସ୍ଥିତିରେ ରୋବୋଟଗୁଡ଼ିକର ଟେଷ୍ଟିଂ ହୋଇପାରିବ । ଯାହା ଆଗାମୀ ଦିନରେ ସେମାନଙ୍କର ଚିନ୍ତା କରିବା ଶକ୍ତି, ସନ୍ତୁଳନ ରକ୍ଷା କରିବା ଏବଂ ବିଭିନ୍ନ ସେନ୍ସର ସାହାଯ୍ୟରେ କାମ କରିବା ଭଳି ରୋବୋଟ୍ ନିର୍ମାଣ ଟେକ୍ନୋଲୋଜିକୁ ଅଧିକ ଉନ୍ନତ ଓ ଶକ୍ତିଶାଳୀ କରିବାରେ ବେଶ୍ ସହାୟକ ହେବ ।

# ଇତିହାସ

୧୨୯୬- ଆଲ୍ଲାଉଦ୍ଦିନ ଖିଲଜୀ ସ୍ୱୟଂଙ୍କୁ ଦିଲ୍ଲୀର ସୁଲତାନ ରୂପେ ଘୋଷଣା କଲେ ।

୧୮୪୭- ଜର୍ମାନୀର ଜ୍ୟୋତିର୍ବିଜ୍ଞାନୀ ଥିଓଡୋର୍ ଧୂମକେତୁ ବ୍ରୋରସେନ୍-ମେଟ୍‌କ୍ୟାଫ୍ ଠାବ କଲେ ।

୧୯୦୩- ଫୋର୍ଡ ମୋଟର କମ୍ପାନୀ ଏହାର ପ୍ରଥମ କାର୍‌କୁ ବଜାର ପ୍ରବେଶ କରାଇଲା ।

୧୯୦୫- ବେଙ୍ଗଲ୍‌ର ପ୍ରଥମ ବିଭାଜନକୁ ଭାରତୀୟ ସଚିବଙ୍କ ମଞ୍ଜୁରୀ ।

୧୯୬୦- ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ଶ୍ରିମାବୋ ଭଣ୍ଡାର ନାୟକେ ବିଶ୍ୱର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ରୂପେ ନିର୍ବାଚିତ ହେଲେ ।

୧୯୯୭- ତିସ୍ତା ନଦୀଜଳ ଆବଣ୍ଟନ ପ୍ରସଙ୍ଗରେ ଭାରତ ଓ ବାଂଲାଦେଶ ମଧ୍ୟରେ ଚୁକ୍ତି ।

୨୦୦୨- ଉତ୍ତର ଓ ଦକ୍ଷିଣ କୋରିଆ ମଧ୍ୟରେ ବିମାନ ସେବା ଶୁଭାରମ୍ଭ ।

୨୦୦୫- କାନାଡାରେ ସମଲିଙ୍ଗି ବିବାହକୁ ଆଇନଗତ ମଞ୍ଜୁରୀ । ଏହି ମାମଲାରେ କାନାଡା ହେଉଛି ବିଶ୍ୱର ଚତୁର୍ଥ ଦେଶ ।

୨୦୦୮- ଆମେରିକୀୟ ବୈଦେଶିକ ମନ୍ତ୍ରୀ କୋଣ୍ଡଲିଜା ରାଇସ୍ ଭାରତୀୟ ଆମେରିକୀୟ ଡାକ୍ତର ଜୟନ୍ତ ପାଟେଲଙ୍କ ପ୍ରତ୍ୟର୍ପଣକୁ ମଞ୍ଜୁରୀ ଦେଲେ ।

୨୦୧୭- ଭାରତର ୧୪ତମ ରାଷ୍ଟ୍ରପତି ରୂପେ ରାମନାଥ କୋବିନ୍ଦ ଦାୟିତ୍ୱ ସମ୍ଭାଳିଲେ ।

୧୯୧୯- ମାଉଣ୍ଟ୍ ଏଭରେଷ୍ଟ ଉପରେ ସର୍ବପ୍ରଥମ ବିଜୟ ଲାଭ କରିଥିବା ସାର୍ ଏଡ୍‌ମଣ୍ଡ ହିଲେରୀଙ୍କ ଜନ୍ମ ।

୧୯୨୯- ବଲିଉଡ୍‌ର ପ୍ରଖ୍ୟାତ୍ ଅଭିନେତା ରାଜେନ୍ଦ୍ର କୁମାରଙ୍କ ଜନ୍ମ ।

୧୯୬୯- ଅରୁଣାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲିଖୋ ପୁଲ୍‌ଙ୍କ ଜନ୍ମ ।

୧୯୨୧- ପ୍ରସିଦ୍ଧ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତକାର ତଥା ତବଲାବାଦକ ସାମତା ପ୍ରସାଦଙ୍କ ଜନ୍ମ ।

୧୮୬୬- ଜର୍ମାନୀର ବିଖ୍ୟାତ୍ ଗଣିତଜ୍ଞ ବର୍ଣ୍ଣାର୍ଡ ରିମେନ୍‌ଙ୍କ ଟିବି ରୋଗରେ ପରଲୋକ ।



**ମେଷ:** କର୍ମରେ ଆନନ୍ଦ, ଦେବକାର୍ଯ୍ୟରେ ଆଗ୍ରହ, ଲୋକସମ୍ପର୍କ ବୃଦ୍ଧି, ପାରିବାରିକ ସହଯୋଗ, ବନ୍ଧୁ କଷ୍ଟ, ଶତ୍ରୁ ସମସ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ବାଣିଜ୍ୟରେ ସ୍ୱଳ୍ପ ଲାଭ, ଶାରୀରିକ ସୁସ୍ଥତା, ସନ୍ତାନ ଲାଭ। ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬୦, ଆରାଧନା- ଲକ୍ଷ୍ମୀନାରାୟଣ।

**ବୃଷ:** ଶାରୀରିକ ଅସୁସ୍ଥ, ବିଭିନ୍ନ କାର୍ଯ୍ୟରେ ସମସ୍ୟା, ଶତ୍ରୁ ସମସ୍ୟା, ବ୍ୟବସାୟିକ କଷ୍ଟ, ବନ୍ଧୁ ସହାୟତା, ବାକିଧନ ଫେରସ୍ତ, ପରିବାରରେ ଉତ୍ସବ ରହିବ, ବିଦ୍ୟାରେ ସଫଳତା। ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୮, ଆରାଧନା- ମା' ବଗଳାମୁଖୀ।

**ମିଥୁନ:** ଦ୍ରବ୍ୟଲାଭ, ବନ୍ଧୁ ସହଯୋଗ, କଳହ ସମାଧାନ, ବହୁତ ଧନ ଖର୍ଚ୍ଚ, ଶତ୍ରୁ ପରାଜିତ, ଗୃହେ ସହଯୋଗ, ନୂତନ କର୍ମ ପ୍ରତି ଆଗ୍ରହ, ସମ୍ମାନ ପ୍ରାପ୍ତି, ଶାରୀରିକ ସୁସ୍ଥତା, ସନ୍ତାନ ସମସ୍ୟା। ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୨, ଆରାଧନା- ମହାଲକ୍ଷ୍ମୀ।

**କର୍କଟ:** ସୁସମ୍ବାଦ ପ୍ରାପ୍ତି, ଦ୍ରବ୍ୟ କ୍ରୟ, ଶତ୍ରୁ ସମସ୍ୟା ସମାଧାନ, ଉତ୍ସବ ପ୍ରତି ଆଗ୍ରହ, ଧନଲାଭ, ଶାରୀରିକ ଅସୁସ୍ଥ, ଭୂସମ୍ପତ୍ତି ଲାଭ, ସ୍ୱାଦିଷ୍ଟ ଭୋଜନ, ବିଦ୍ୟାରେ ସଫଳତା। ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ପିଙ୍କ୍, ସଂଖ୍ୟା-୧୦, ଆରାଧନା-ପ୍ରଭୁ ହନୁମାନ।

**ସିଂହ:** ବନ୍ଧୁ ସହଯୋଗ, କର୍ମ କ୍ଷେତ୍ରରେ ସଫଳତା, ସନ୍ତାନ ଖୁସି, ଅର୍ଥ ଲାଭ, ଗାଡ଼ି ଚାଳନାରେ ସାବଧାନ, ଗୃହେ କଳହ, ଲୋକସମ୍ପର୍କ ବୃଦ୍ଧି, କିଛି କିଣାବିକା କରିବେ। ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା-ପ୍ରଭୁ ଶ୍ରୀରାମ।

**କନ୍ୟା:** ଆୟ ଅପେକ୍ଷା ବ୍ୟୟ ଅଧିକ, ଶାରୀରିକ ଅସୁସ୍ଥ, ମାଲିକମଦମାରେ କଷ୍ଟ, କାର୍ଯ୍ୟ ସଫଳ, ବନ୍ଧୁ ମନାନ୍ତର, ବ୍ୟବସାୟରେ ଶତ୍ରୁତା, ନିଜ ଲୋକଙ୍କଠାରୁ ବିରୋଧ, ପିଲାଙ୍କ ସମସ୍ୟା ଦେଖାଦେବ। ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୪, ଆରାଧନା- ଲକ୍ଷ୍ମୀନୃସିଂହ।

**ତୁଳା:** ସ୍ୱାସ୍ଥ୍ୟରେ ଉନ୍ନତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୃହେ ଉତ୍ସବ, ନୂତନ ବନ୍ଧୁଲାଭ, ଅର୍ଥସ ମସ୍ୟା ସମାଧାନ, ପୁରାତନ ବିବାଦ ଦେଖାଦେବ, ପିଲାଙ୍କସ ମସ୍ୟା, ନୂତନ ଦ୍ରବ୍ୟ ଲାଭ, କଚେରୀ ମାମଲା ସମାଧାନ। ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୭, ଆରାଧନା- ପିତାମାତାଙ୍କ ସେବା।

**ବିଛା:** ଅର୍ଥ ସମସ୍ୟା, ଅଣ୍ଡାଜନିତ ରୋଗ, ଗୃହେ ସହଯୋଗ, ଦାମ୍ପତ୍ୟ ଖୁସି, ପୁରୁଣା ମାମଲା ସମାଧାନ, ବନ୍ଧୁ ବିଦ୍ରୋହ, ନୂତନ ବନ୍ଧୁ ଦର୍ଶନ, ଆଶା ପୁରଣରେ ବିଳମ୍ବ, ସମସ୍ୟା ସମାଧାନ, ଗୁରୁଜନେ ଖୁସି। ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୪, ଆରାଧନା- ପ୍ରଭୁ ଜଗନ୍ନାଥ।

**ଧନୁ:** ଆଭୁଷଣ ପ୍ରାପ୍ତି, ବିବାଦ ସମାଧାନ, ଜାନବାହନ କ୍ରୟ, କିଛି କାର୍ଯ୍ୟରେ ବିଳମ୍ବ, ଅଧିକାରୀଙ୍କ ସହିତ ଆଲୋଚନା, ଶତ୍ରୁ କଷ୍ଟ, ବିଦେଶ ଗ୍ରସ୍ତ, ଲୋକସମ୍ପର୍କ ବୃଦ୍ଧି, ଅର୍ଥ ଲାଭ, ସୁମିଷ୍ଟ ଭୋଜନ, ବିଦ୍ୟାରେ ସଫଳତା। ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୨, ଆରାଧନା-ବୟସ୍କ ଲୋକଙ୍କୁ ସାହାଯ୍ୟ କରନ୍ତୁ।

**ମକର:** ମନସ୍ତାପ, ଦୂରଯାତ୍ରା ଅସଫଳ, ଶାରୀରିକ ପୀଡ଼ା, ଗୃହଶତ୍ରୁ, ଖର୍ଚ୍ଚାନ୍ତ ଯୋଗ, ଦେବଦର୍ଶନ, ବ୍ୟବସାୟରେ ସ୍ୱଳ୍ପ ଲାଭ, କଚେରୀ ମାମଲାରେ କଷ୍ଟ, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳତା। ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଦାମି, ସଂଖ୍ୟା-୨, ଆରାଧନା- ମା' ଦକ୍ଷିଣକାଳୀ।

**କୁମ୍ଭ:** ଯାତ୍ରାରେ ଖୁସି, ଲୋକସମ୍ପର୍କ ବୃଦ୍ଧି, ଶାରୀରିକ ସୁସ୍ଥତା, ପାରିବାରିକ ଖୁସି, ଉତ୍ସବ ରହିବ, ମକଦ୍ଦମାରେ ବିଜୟ, ଆଶା ପୂର୍ଣ୍ଣରେ ବିଳମ୍ବ, ପରିଶ୍ରମଜନିତ କ୍ଳାନ୍ତି, ଦେବଦର୍ଶନ, ପିଲାଙ୍କ ଚିନ୍ତା। ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ରାଧାବଲ୍ଲଭ।

**ମୀନ:** ଆୟ ବୃଦ୍ଧି, ଦ୍ରବ୍ୟ ଲାଭ, ସନ୍ତାନ ସୁଖ, ଦୂର ଯାତ୍ରା, ନୂତନ କାର୍ଯ୍ୟ ପ୍ରତି ଆଗ୍ରହ, ବିବିଧ ସମସ୍ୟା ସମାଧାନ, ଶତ୍ରୁନାଶ, ଦାମ୍ପତ୍ୟ ଖୁସି, ସନ୍ତାନ ପ୍ରାପ୍ତି, ଅର୍ଥ ସମସ୍ୟା ସମାଧାନ, କିଛି କିଣାକିଣି କରିପାରନ୍ତି, ବିଦ୍ୟାଲାଭ। ଉତ୍ତରାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୯, ଆରାଧନା- ମା' ଭଗବତୀ।

**ଆଷାଢ଼ ଶୁକ୍ଳପକ୍ଷ ସପ୍ତମୀ**
**୨୦.୭.୨୦୨୬, ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ !

# ଫେରାର ଡୁଡା ଅଧିକାରୀଙ୍କ ନାମରେ ମାମଲା ରୁଜୁ

ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲା ନଗର ଉନ୍ନୟନ ସଂସ୍ଥା (ଡୁଡା) କାର୍ଯ୍ୟାଳୟରେ ବହୁଚର୍ଚ୍ଚିତ ସରକାରୀ ଅର୍ଥ ଆତ୍ମସାତ ଘଟଣା ସାମ୍ନାକୁ ଆସିଛି । ସଂସ୍ଥାରେ ପରିଚାଳନା ସୂଚନା ପ୍ରଣାଳୀ ବିଶେଷଜ୍ଞ ଭାବେ କାର୍ଯ୍ୟରତ ବିନୟ ହରିଜନଙ୍କ ବିରୋଧରେ ଜାଲ ଦସ୍ତଖତ ଜରିଆରେ ପ୍ରାୟ ୧ କୋଟି ୯ ଲକ୍ଷ ଟଙ୍କା ସରକାରୀ ଅର୍ଥ ନିଜ ଏବଂ ଅନ୍ୟ ଜଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିଥିବା ଅଭିଯୋଗ ହୋଇଛି । ଏନେଇ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲ୍ଲା ଉନ୍ନୟନ ଅଧିକାରୀ (ସିଡିଓ) ଅକ୍ଷୟ କୁମାର ଖେମୁଣ୍ଡୁ ରାୟଗଡ଼ା ଟାଉନ୍ ଥାନାରେ ଏତଲା ଦେଇଛନ୍ତି । ଏହାକୁ ଆଧାର କରି ଟାଉନ୍ ଥାନାରେ ମାମଲା ନମ୍ବର ୨୭୫/୨୬ ରୁଜୁ ହୋଇଥିବା ବେଳେ ପୁଲିସ ସରକାରୀ ଅର୍ଥ ଆତ୍ମସାତ, ଠକେଇ, ଜାଲ ଦସ୍ତଖତ ଓ ଅପରାଧିକ ଷଡ଼ଯନ୍ତ୍ର ଭଳି ବିଭିନ୍ନ ଦଫାରେ ତଦନ୍ତ ଆରମ୍ଭ କରିଛି । ଅଭିଯୋଗ ଅନୁସାରେ ବିନୟ ହରିଜନ ଗତ ପ୍ରାୟ ପାଞ୍ଚ ବର୍ଷ ଧରି ସରକାରୀ ଗାଡ଼ିର ଇନ୍ଧନ ଖର୍ଚ୍ଚ, କର୍ମଚାରୀଙ୍କ ଦରମା ଓ ଅନ୍ୟାନ୍ୟ ପ୍ରଶାସନିକ ବ୍ୟୟ ବାବଦରେ ଜାଲ ଦସ୍ତଖତ କରି ପର୍ଯ୍ୟାୟକ୍ରମେ ସରକାରୀ ଅର୍ଥ ନିଜ ଆକାଉଣ୍ଟ ଓ ରାଜ ରାମେଶ୍ୱର ସାହୁଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିଥିଲେ । ଘଟଣା ସାମ୍ନାକୁ ଆସିବା ପରେ ବିନୟ ହରିଜନ ଫେରାର ହୋଇଯାଇଥିବା ଜଣାପଡ଼ିଛି । ତାଙ୍କ କାର୍ଯ୍ୟାଳୟ କୋଠରୀରେ ତାଲା ଝୁଲୁଥିବା ବେଳେ ମୋବାଇଲ୍ ଫୋନ୍ ମଧ୍ୟ



ବନ୍ଦ ରହିଛି । ଫଳରେ ଡୁଡା କାର୍ଯ୍ୟାଳୟର ଦୈନନ୍ଦିନ କାର୍ଯ୍ୟକଳାପ ମଧ୍ୟ ପ୍ରଭାବିତ ହୋଇଥିବା ସୂଚନା ମିଳିଛି ।

ସୂଚନା ଅନୁଯାୟୀ ବିନୟ ହରିଜନ ଜଣେ ଆଉଟସୋର୍ସିଂ କର୍ମଚାରୀ ହୋଇଥିଲେ ମଧ୍ୟ ଡୁଡାରେ କ୍ୟାସିୟର ସମ୍ବନ୍ଧୀୟ କାର୍ଯ୍ୟ ମଧ୍ୟ ଦେଖୁଥିଲେ । ସେ ସହରାଞ୍ଚଳର ଷ୍ଟ୍ରିଟ୍ ଲାଇଟ୍ ଓ ଏଲଇଡି ଟିଭି ପରିଚାଳନା ଦାୟିତ୍ୱରେ ମଧ୍ୟ ଥିଲେ । ଗତ ଦୁଇ ବର୍ଷ ଧରି ଡୁଡାକୁ କୌଣସି ଯୋଜନା ଅନୁଦାନ ଆସିନଥିବା ବେଳେ କେବଳ ଦରମା ଓ କଣ୍ଟିଜେନ୍ସି ଫଣ୍ଡ ଆସୁଥିବା ସୂଚନା ମିଳିଛି । ଏପରି ପରିସ୍ଥିତିରେ ଦୀର୍ଘଦିନ ଧରି ଅର୍ଥ ଆତ୍ମସାତ୍ ହୋଇଥିବା ଅନୁମାନ କରାଯାଉଛି । ଏହି ଘଟଣା ପରେ ଅନେକ ପ୍ରଶ୍ନ ଉଠିଛି । ପ୍ରତିବର୍ଷ ଅଡିଟ୍ ହେଉଥିବା ସେ‰ ଏତେ ବଡ଼ ଆର୍ଥିକ ଅନିୟମିତତା କିପରି ଧରାପଡ଼ିଲା ନାହିଁ । ବିଭାଗୀୟ ଆର୍ଥିକ ତଦାରଖ ବ୍ୟବସ୍ଥା କେଉଁଠି ବିଫଳ ହେଲା ଏବଂ ସଂପୃକ୍ତ ବ୍ୟାଙ୍କ ମାଧ୍ୟମରେ ଏତେ ବଡ଼ ପରିମାଣର ଟଙ୍କା ସ୍ଥାନାନ୍ତର ହେବା ସେ‰ କାହିଁକି ସନ୍ଦେହ ସୃଷ୍ଟି ହେଲା ନାହିଁ । ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଏହି ଘଟଣାରେ ଅନ୍ୟ କୌଣସି କର୍ମଚାରୀଙ୍କ ସମ୍ପୃକ୍ତି ରହିଛି କି ନାହିଁ ତାହା ମଧ୍ୟ ତଦନ୍ତର ବିଷୟ । ରାୟଗଡ଼ା ଟାଉନ୍ ଥାନାର ଆଇଆଇସି ପ୍ରସନ୍ନ କୁମାର ବେହେରା କହିଛନ୍ତି ଯେ ମାମଲା ରୁଜୁ କରାଯାଇ ସମସ୍ତ ଦିଗକୁ ନେଇ ତଦନ୍ତ ଚାଲିଛି । ସେପଟେ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ସିଡିଓ ଅକ୍ଷୟ କୁମାର ଖେମୁଣ୍ଡୁ ସୂଚନା ଦେଇଛନ୍ତି । ପୁଲିସ ତଦନ୍ତ ଶେଷ ହେବା ପରେ ପ୍ରକୃତ ଘଟଣା ଅର୍ଥ ଆତ୍ମସାତ ସମ୍ପୂର୍ଣ୍ଣ ପରିମାଣ କେତେ ଏବଂ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ ତାହା ସ୍ପଷ୍ଟ ହେବ ।

## ଶାସ୍ତ୍ରୀନଗର ଦୁର୍ଘଟଣା : କାର୍ ଚାଳକ ଘର ପାଖେ ମୃତକ ପରିବାରର ଧାରଣା

ଭୁବନେଶ୍ୱର, (ସବ୍ୟୁ) : ଶାସ୍ତ୍ରୀନଗର ଛକରେ ୧୩ ତାରିଖରେ ଘଟିଥିବା ଦୁର୍ଘଟଣାରେ ବାଇକ୍ ଆରୋହୀ ଦେବୀପ୍ରସାଦ ରାଉତରାୟଙ୍କ ମୃତ୍ୟୁ ହୋଇଥିଲା । ଯେଉଁ କାର୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା ତା'ର ଚାଳକ ସୌମ୍ୟରଞ୍ଜନ ରଥକୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ମୃତକ ଦେବୀପ୍ରସାଦଙ୍କ ପରିବାର କ୍ଷତିପୂରଣ ଦାବିରେ ରବିବାର ଜୟଦେବବିହାର ସ୍ଥିତ ସୌମ୍ୟଙ୍କ ଘର ସାମ୍ନାରେ ଧାରଣାରେ ବସିଥିଲେ । ଏ ସମ୍ପର୍କରେ ଖବର ପାଇ ପୋଲିସ ଧାରଣାରେ ବସିଥିବା ଦେବୀପ୍ରସାଦ ପରିବାରକୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ତାଙ୍କ ଅଭିଯୋଗ ରଖିଥିଲେ । ପରିବାର ସଦସ୍ୟଙ୍କ କହିବା କଥା ମୃତ ଦେବୀପ୍ରସାଦ ପରିବାରର ଏକମାତ୍ର ରୋଜଗାରକ୍ଷମ ଥିଲା । ସେ ଏସି ମେକାନିକ୍ ଭାବେ ରାଜଧାନୀର ବିଭିନ୍ନ ଅଞ୍ଚଳରେ ବୁଲି କାମ କରି ପରିବାର ପ୍ରତିପୋଷଣ କରୁଥିଲେ । ବୃଦ୍ଧ ବାପ-ମା', କୁନିଝିଅ ଓ ସ୍ତ୍ରୀ କିପରି ଚଳିବେ ସେଥିନେଇ ସେ ପୋଲିସକୁ ପ୍ରଶ୍ନ କରିଥିଲେ । ପୋଲିସ କହିବାନୁଯାୟୀ ଦୁର୍ଘଟଣା ଘଟିଲେ ଆଇନ ଅନୁଯାୟୀ ଯାହା ପଦକ୍ଷେପ ନିଆଯିବା କଥା ତାହା ନିଆଯାଇଛି । ଦୁର୍ଘଟଣା ଘଟାଇଥିବା କାର୍ ଚାଳକଙ୍କ ଘର ପାଖରେ ଧାରଣାରେ ବସି ଜୁଲମ କରିବା ଠିକ୍ ନୁହେଁ । ଦେବୀ ପ୍ରସାଦଙ୍କ ପତ୍ନୀଙ୍କ କହିବା କଥା ସେ ରୋଜଗାର କରି ପରିବାର ଚଳାଉଥିଲେ । ତାଙ୍କର ମୃତ୍ୟୁ ହେବା ପରେ କିପରି ଆମେ ଚଳିବୁ । ସେଥିପାଇଁ ଆମକୁ କ୍ଷତିପୂରଣ ଦିଆଯାଇ ନ୍ୟାୟ ପ୍ରଦାନ କରାଯାଉ ।

### ଥାଳିରୁ ଉଭାନ ହେଉଛି ଅଣ୍ଡା

# ବଜାର ଦର ୯ ଟଙ୍କା, ବଢୁଛି ଖାଉଟିଙ୍କ ଚିନ୍ତା

ଭୁବନେଶ୍ୱର (ସବ୍ୟୁ) : ସାଧାରଣ ଲୋକଙ୍କ ପାଇଁ ଏବେ ଅଣ୍ଡା ଖାଇବା ବି କାଠିକର ପାଠ ହୋଇଗଲାଣି । ଯେଉଁ ଅଣ୍ଡାକୁ ଗରିବଙ୍କ ପ୍ରୋଟିନ୍ ବୋଲି କୁହାଯାଏ, ସେହି ଅଣ୍ଡା ଏବେ ପକେଟରେ ବୋଝ ବଢ଼ାଇଛି । ବର୍ତ୍ତମାନ ଖୁଚୁରା ବଜାରରେ ଗୋଟିଏ ଅଣ୍ଡା ୯ ଟଙ୍କାରେ ବିକ୍ରି ହେଉଥିବା ବେଳେ ପୋଲଟ୍ରି ଫାର୍ମରୁ ଏହା ମାତ୍ର ୭ ଟଙ୍କା ୧୫ ପଇସାରେ ବାହାରୁଛି । ଅର୍ଥାତ ଫାର୍ମରୁ ଆସି ଗ୍ରାହକଙ୍କ ହାତରେ ପହଞ୍ଚିବା ବେଳକୁ ଅଣ୍ଡା ପିଛା ପ୍ରାୟ ଦୁଇ ଟଙ୍କା ବଢ଼ିଯାଉଛି, ଯାହା ଖାଉଟିଙ୍କ ପକେଟକୁ ସିଧାସଳଖ ମାଡ଼ ହେଉଛି ।



ଅଣ୍ଡା ଦରବୃଦ୍ଧି ନେଇ ସରକାରଙ୍କ ପକ୍ଷରୁ ମଧ୍ୟ କାରଣ ସ୍ପଷ୍ଟ କରାଯାଇଛି । ସରକାରଙ୍କ କହିବା ଅନୁଯାୟୀ, ଚଳିତ ବର୍ଷ ପ୍ରଚଣ୍ଡ ଖରା ଯୋଗୁଁ ବ୍ୟାପକ କୁକୁଡ଼ା ମଡ଼କ ହୋଇଥିଲା । ଏହା ସହିତ ବିଦେଶକୁ ଅଣ୍ଡା ରପ୍ତାନି ବୃଦ୍ଧି ପାଇବା ଏବଂ ଖରାଛୁଟି ପରେ ସ୍କୁଲ୍ ଓ ଅଙ୍ଗନବାଡ଼ି ଖୋଲିବା ଫଳରେ ହଠାତ ଅଣ୍ଡାର ଚାହିଦା ବଢ଼ିଯାଇଛି । ଚାହିଦା ଅନୁସାରେ ଯୋଗାଣ ନଥିବାରୁ ଦର ଏବେ ଉପରମୁହାଁ ହୋଇଛି ଏବଂ ଉତ୍ପାଦନ ବଢ଼ିଲେ ହିଁ ଦର କମିବ ବୋଲି ବିଭାଗୀୟ ମନ୍ତ୍ରୀ ପ୍ରକାଶ କରିଛନ୍ତି । ରାଜ୍ୟରେ ଏବେ ଉତ୍ପାଦନ ଓ ଆବଶ୍ୟକତା ମଧ୍ୟରେ ଏକ ବଡ଼ ବ୍ୟବଧାନ ରହିଛି । ବର୍ତ୍ତମାନ ରାଜ୍ୟରେ ପ୍ରତିଦିନ ପ୍ରାୟ ୧ କୋଟି ୨୭ ଲକ୍ଷ ଅଣ୍ଡା ଉତ୍ପାଦନ ହେଉଛି ଏବଂ ବାର୍ଷିକ ଉତ୍ପାଦନ ୪୭୦ କୋଟି ରହିଛି । କିନ୍ତୁ ଏହା ବିପରୀତରେ ରାଜ୍ୟର ବାର୍ଷିକ ଆବଶ୍ୟକତା ୮୦୦ରୁ ୯୦୦ କୋଟି ଅଣ୍ଡା ରହିଛି । ଆବଶ୍ୟକତା ତୁଳନାରେ ଉତ୍ପାଦନ ଢେର୍ କମ୍ ଥିବାରୁ ବଡ଼ ଶୂନ୍ୟସ୍ଥାନ ହିଁ ଅଣ୍ଡା ଦର ବୃଦ୍ଧିର ସବୁଠାରୁ ମୁଖ୍ୟ କାରଣ ପାଲଟିଛି ।

ଏହି ସମସ୍ୟାର ସମାଧାନ ତଥା ଉତ୍ପାଦନ ବଢ଼ାଇବା ପାଇଁ ସରକାର ଏବେ ପୋଲଟ୍ରି ଫାର୍ମ ମାଲିକମାନଙ୍କ ସହ ଆଲୋଚନା ଜାରି ରଖିଛନ୍ତି । ତେବେ ଯେପର୍ଯ୍ୟନ୍ତ ଉତ୍ପାଦନ ବୃଦ୍ଧି ନପାଇଛି, ସେପର୍ଯ୍ୟନ୍ତ ବଢୁଥିବା ଦରର ବୋଝ କେବଳ ସାଧାରଣ ଖାଉଟିଙ୍କୁ ହିଁ ବୋହିବାକୁ ପଡ଼ିବ । ଗରିବଙ୍କ ପ୍ରୋଟିନ୍ କୁହାଯାଉଥିବା ଅଣ୍ଡା ଧୀରେ ଧୀରେ ସେମାନଙ୍କ ଥାଳିରୁ ଦୂରେଇ ଯାଉଥିବା ବେଳେ, ଖାଉଟିଙ୍କୁ କେବେ ଆଶ୍ୱସ୍ତି ମିଳିବ ତାହା ଏବେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

### ପୌରାଧ୍ୟକ୍ଷ ପଦ ଲାଗି ନାହିଁ ସଂରକ୍ଷଣ

# ଓବିସି ବର୍ଗଙ୍କୁ ଅଣଦେଖା

ଭୁବନେଶ୍ୱର (ସବ୍ୟୁ) : ବିରୋଧୀ ଆସନରେ ଥିବା ବେଳେ ପଛୁଆ ବର୍ଗ (ଓବିସି)ଙ୍କ ହକ୍ ପାଇଁ ବାରମ୍ବାର ସ୍ୱର ଉତ୍ତୋଳନ କରୁଥିବା ବିଜେପି କ୍ଷମତାକୁ ଆସିବା ପରେ ନିଜ ଆଭିମୁଖ୍ୟ ବଦଳାଇ ଦେଇଛି । ନିକଟରେ ରାଜ୍ୟର ୩୫ଟି ପୌରାଧ୍ୟକ୍ଷ ପଦ ପାଇଁ ପ୍ରକାଶ ପାଇଥିବା ପ୍ରସ୍ତାବିତ ସଂରକ୍ଷଣ ତାଲିକାରେ ଓବିସି ବର୍ଗଙ୍କ ପାଇଁ ଗୋଟିଏ ବି ସ୍ଥାନ ସଂରକ୍ଷିତ ନରହିବା ସରକାରଙ୍କ ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିର୍ବାଚନ ପୂର୍ବରୁ ଓବିସି ପ୍ରସଙ୍ଗକୁ ନେଇ ତତ୍କାଳୀନ ସରକାରଙ୍କୁ ଘେରୁଥିବା ଶାସକ ଦଳ ଏବେ ଏହି ପ୍ରସଙ୍ଗରେ ନିଜେ ବିରୋଧୀଙ୍କ ତୀବ୍ର ସମାଲୋଚନାର ଶିକାର ହୋଇଛି ।

ପ୍ରକାଶିତ ତାଲିକା ଅନୁଯାୟୀ, ୩୫ଟି ପୌରାଧ୍ୟକ୍ଷ ପଦ ମଧ୍ୟରୁ ୧୧ଟି ଅନୁସୂଚିତ ଜାତି (ମହିଳା), ୭ଟି ଅନୁସୂଚିତ ଜାତି, ୭ଟି ଅନୁସୂଚିତ ଜନଜାତି (ମହିଳା), ୪ଟି ଅନୁସୂଚିତ ଜନଜାତି, ୪ଟି ସାଧାରଣ ମହିଳା ଏବଂ ୨ଟି ଅଣସଂରକ୍ଷିତ ବର୍ଗ ପାଇଁ ପ୍ରସ୍ତାବିତ ହୋଇଛି । ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ଅଧାଅଧି ଲୋକ ଓବିସି ବର୍ଗର ହୋଇଥିଲେ ସୁଦ୍ଧା ସେମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି । ତେଣୁ ତୁରନ୍ତ ଜନଗଣନା କରି ସଂଖ୍ୟା ଭିତ୍ତିରେ ପଛୁଆ ବର୍ଗଙ୍କୁ ସେମାନଙ୍କ ନ୍ୟାଯ୍ୟ ହକ୍ ପ୍ରଦାନ କରିବାକୁ ବିରୋଧୀ ଦଳ ଦାବି କରିଛନ୍ତି ।

ଏହି ସଂରକ୍ଷଣ ବିବାଦ ପଛରେ ଥିବା ମୁଖ୍ୟ କାରଣ ହେଉଛି ଓବିସି କମିଶନଙ୍କ ରିପୋର୍ଟ । ୨୦୨୦ ମସିହାରେ ପୂର୍ବ ସରକାର ହାଇକୋର୍ଟର ପୂର୍ବତନ ବିଚାରପତି ରଘୁନାଥ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ପ୍ରଥମ ଓବିସି କମିସନ ଗଠନ କରିଥିଲେ । ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ପଛୁଆ ବର୍ଗଙ୍କ ସର୍ଭେ କରାଯିବା ସହ ସରକାରଙ୍କୁ ରିପୋର୍ଟ ମଧ୍ୟ ପ୍ରଦାନ କରାଯାଇଥିଲା । କିନ୍ତୁ ପୂର୍ବ ସରକାର ଏହା ଉପରେ କୌଣସି ନୀତିଗତ ନିଷ୍ପତ୍ତି ନନେଇ ଏହାକୁ ଶୀତଳ ଭଣ୍ଡାରରେ ପକାଇଦେଲେ ଏବଂ ବର୍ତ୍ତମାନର ସରକାର ମଧ୍ୟ ରିପୋର୍ଟ ସାର୍ବଜନୀନ କରିବା ଦିଗରେ କୌଣସି ତତ୍ପରତା ଦେଖାଉନାହାନ୍ତି ।

ବିଗତ ଦୁଇ ବର୍ଷ ଧରି କ୍ଷମତାରେ ଥିଲେ ମଧ୍ୟ ବିଜେପି ସରକାର ଓବିସିଙ୍କ ସଂରକ୍ଷଣ ନେଇ ନିରବ ରହିବା ସାଧାରଣରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି । କମିଶନଙ୍କ ରିପୋର୍ଟକୁ କାହିଁକି ଚପାଇ ରଖାଯାଇଛି ଏବଂ ନୂଆ ଓବିସି କମିଶନ କେବେ ନିଯୁକ୍ତ ହେବେ, ତାହା ଏବେ ଏକ ବଡ଼ ପ୍ରଶ୍ନ । ସବୁଠାରୁ ବଡ଼ କଥା ହେଉଛି, କେବଳ ରାଜନୈତିକ ଫାଇଦା ପାଇଁ ବ୍ୟବହୃତ ହେଉଥିବା ଓବିସି ବର୍ଗଙ୍କୁ କେବେ ପ୍ରକୃତ ନ୍ୟାୟ ମିଳିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

## ସ୍ୱୀକୃତିପ୍ରାପ୍ତ ନୂତନ ଅନୁଷ୍ଠାନକୁ ଅଗ୍ରାଧିକାର ଭିତ୍ତିରେ ଅନୁଦାନ ପ୍ରଦାନ ଦାବି

ସମ୍ବଲପୁର,(ସବ୍ୟୁ): ରାଜ୍ୟରେ ଗଢି ଉଠିଥିବା ସ୍ୱୀକୃତିପ୍ରାପ୍ତ ନୂତନ ଅନୁଷ୍ଠାନ ଗୁଡିକୁ ଅଗ୍ରାଧିକାର ଭିତ୍ତିରେ ଅନୁଦାନ ପରିସରଭୁକ୍ତ କରାଯାଉ । ସେହିପରି ବ୍ଲକ ଗ୍ରାଣ୍ଟ ପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ





ମାନଙ୍କୁ ଚାକିରୀ ସର୍ତ୍ତାବଳୀ ପ୍ରଦାନ ସହ କାର୍ଯ୍ୟରେ ଯୋଗଦାନ ତାରିଖକୁ ନେଇ ବରିଷ୍ଠତା ଗଣନା କରାଯିବା ଉଚିତ୍ । ଏଥିସହ ସେମାନଙ୍କୁ ପ୍ରତ୍ୟକ୍ଷ ଦରମାଭୁକ୍ତ କରି ପଦୋନ୍ନତି ଓ ଅବସରକାଳୀନ ସୁବିଧା ଦିଆଯିବା ନେଇ ଦାବି ହୋଇଛି । ରବିବାର ସମ୍ବଲପୁର ପ୍ରେସ୍ କ୍ଲବ୍ ଠାରେ ଓଡିଶା ରାଜ୍ୟ ପଛୁଆ ଅଞ୍ଚଳ ବେସରକାରୀ କଲେଜ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସାଧାରଣ ସମ୍ପାଦକ ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀ ଏହା କହିଥିଲେ । ସେ ଆହୁରି କହିଥିଲେ ଯେ, କେବିକେ ଓ ପଶ୍ଚିମ ଓଡିଶାରେ ଥିବା ମହିଳା କଲେଜ କ୍ଷେତ୍ରରେ ନିୟମ କୋହଳ କରି ଅନୁଦାନ ପ୍ରଦାନ, ଅବସରକାଳୀନ ବୟସ ସୀମା ୬୫କୁ ବୃଦ୍ଧି, ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଅଧ୍ୟାପକଅଧ୍ୟାପିକା ମାନଙ୍କୁ ୧୮ ବର୍ଷରେ ପ୍ରାଧ୍ୟାପକ ପଦବୀରେ ଅବସ୍ଥାପିତ,ୟୁଜିସି ଦରମାର ପୁନଃ ପ୍ରଚଳନ, ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ, ସପ୍ତମ ବେତନ ବକେୟା ଦରମା ପ୍ରଦାନ, ସହାୟକ ଚୟନ ବୋର୍ଡ ମାଧ୍ୟମରେ ନିଯୁକ୍ତି, ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି, ସ୍ୱାସ୍ଥ୍ୟ ଭତ୍ତା ସହ ସ୍ୱାସ୍ଥ୍ୟ ବୀମା ପ୍ରଚଳନ ଓ ବଜେଟ୍‌ରେ ବ୍ୟୟ ବରାଦ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଆବାହକ ପ୍ରଫେସର ଅଶୋକ କୁମାର ବହିଦାର , କାର୍ଯ୍ୟକାରୀ ସଭାପତି ଡ. ଅଶ୍ୱିନୀ କୁମାର ସୁପକାର, କୋଷାଧ୍ୟକ୍ଷ ସୂର୍ଯ୍ୟନାରାୟଣ ଅଗସ୍ତି, ଉପସଭାପତି ଡ. ଦିପେନ କୁମାର ପଟ୍ଟନାୟକ, ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠ ଓ ବରିଷ୍ଠ ସଭ୍ୟ ଶଶିକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଛାତ୍ରଙ୍କ ସମସ୍ୟା ସଂସଦରେ ଆଲୋଚନା ହେଉ: ନବୀନ

ଭୁବନେଶ୍ୱର, (ସବ୍ୟୁ): ଦେଶର ଲକ୍ଷ ଲକ୍ଷ ଛାତ୍ରଙ୍କ ସମସ୍ତଙ୍କୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ଗଣତନ୍ତ୍ରର ମନ୍ଦିର ସଂସଦରେ ଆଲୋଚନା କରାଯାଉ। ବିଶେଷକରି ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗ ଏବଂ ବାରମ୍ବାର ବିଫଳତା ଯେଉଁଭଳି ପୁନରାବୃତ୍ତି ନହୁଏ ସେନେଇ ଆଲୋଚନା କରାଯିବା ସହ ଛାତ୍ରଙ୍କ ବିଶ୍ୱାସ ଭାଙ୍ଗିଥିବା ଲୋକଙ୍କୁ ଉତ୍ତରଦାୟୀ କରାଯାଉ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି।

ସୋସିଆଲ ମିଡ଼ିଆରେ ନବୀନ ଉଲ୍ଲେଖ କରିଛନ୍ତି ଯେ, ଆମ ଦେଶର ଲକ୍ଷ୍ୟ ଲକ୍ଷ୍ୟ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଗୋଟିଏ ରାଷ୍ଟ୍ର ହେଉଛି ଶିକ୍ଷା। ପ୍ରତି ବିକଶିତ ଦେଶ ଏକ ଦୃଢ଼ ଶିକ୍ଷା ବ୍ୟବସ୍ଥା ସ୍ୱଚ୍ଛ ପରୀକ୍ଷା ପ୍ରକ୍ରିୟାକୁ ଗ୍ରହଣ କରିଥାଏ। ଭାରତ ଏକ ଉଲ୍ଲେଖନୀୟ ପ୍ରଗତୀ କରିବାର କାରଣ ହେଉଛି ଯେ, ଦୃଢ଼ ଶିକ୍ଷା ବ୍ୟବସ୍ଥା। ଏହା ଡାକ୍ତର, ବୈଜ୍ଞାନିକ, ଇଞ୍ଜିନିୟର, ଶିକ୍ଷକ ଏବଂ ନବସୃଜନକୁ ସୃଷ୍ଟି କରିଥାଏ ଓ ଆଧୁନିକ ଭାରତର ରୂପରେଖ ପ୍ରସ୍ତୁତ କରିଥାଏ। ଏବେ ବ୍ୟବସ୍ଥା ଉପରେ ବିଶ୍ୱାସ ଭାଙ୍ଗି ଯାଇଛି। ପରୀକ୍ଷା ବ୍ୟବସ୍ଥା ବିଫଳ ହେବା ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଶିକ୍ଷା ବ୍ୟବସ୍ଥା ଉପରେ ଥିବା ବିଶ୍ୱାସ ଦୋହଲିଯାଇଛି। ଏହା ଏକ ଚିନ୍ତାଜନକ ପ୍ରସଙ୍ଗ ଓ ସମଗ୍ର ଦେଶରେ ଲକ୍ଷ୍ୟ ଲକ୍ଷ୍ୟ ଛାତ୍ରଙ୍କୁ ପ୍ରଭାବିତ କରିଛି। ସଂସଦରେ ସର୍ବାଧିକ ପ୍ରାଥମିକତା ଦିଆଯାଇ ଏହାର ଆଲୋଚନା କରାଯାଉ। ଖୋଲା ମନର ଆଲୋଚନା ସହ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିବା ଯୁବକଙ୍କୁ ଗଣତନ୍ତ୍ର ଉପରେ ପୂର୍ଣ୍ଣ ବିଶ୍ୱାସ ପ୍ରତିଷ୍ଠା ଲାଗି ସହାୟକ ହେବ ଏବଂ ସେମାନେ ସେମାନଙ୍କ ଭବିଷ୍ୟତ ଗଢ଼ି ପାରିବେ ବୋଲି ନବୀନ ଉଲ୍ଲେଖ କରିଛନ୍ତି।



## ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ଲାଗି ମାର୍ଗଦର୍ଶିକା ଜାରି

# ସୂଚିରେ ଅସଙ୍ଗତି ଥିବାରୁ ଶିକ୍ଷକ ଦ୍ୱନ୍ଦରେ

ଭୁବନେଶ୍ୱର (ସବ୍ୟୁ): ଭାରତ ସରକାରଙ୍କ ନୂତନ ଶିକ୍ଷା ନୀତି-୨୦୨୦ ଏବଂ ପିଲାଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ-୨୦୦୯ ଆଧାରରେ ରାଜ୍ୟର ପ୍ରତ୍ୟେକ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା, ପରିଚାଳନାରେ ସ୍ୱଚ୍ଛତା ସହିତ ଦକ୍ଷତା ବୃଦ୍ଧି, ଉତ୍ତରଦାୟିତ୍ୱ ସ୍ଥିର କରିବା, ପରିଚାଳନାରେ ସ୍ଥାନୀୟ ଲୋକଙ୍କ ଯୋଗଦାନ ସକାଶେ, ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପିତା, ମାତା, ଅଭିଭାବକ, ପୁରାତନ ଛାତ୍ର, ଶିକ୍ଷାବିତ, ଶିକ୍ଷା ବିଶେଷଜ୍ଞ, ବରିଷ୍ଠ ଛାତ୍ରଛାତ୍ରୀ, ଶିକ୍ଷକ ପ୍ରତିନିଧି, ସ୍ଥାନୀୟ ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀ ପ୍ରଭୃତିଙ୍କୁ ନେଇ ଏକ ବିଦ୍ୟାଳୟ ମାର୍ଗଦର୍ଶିକା ପଠାଇଥିଲେ । ଚଳିତମାସ ୨୨ ତାରିଖ ସୁଦ୍ଧା କମିଟି ଗଠନର ପ୍ରକ୍ରିୟା ଶେଷ କରିବାକୁ ଏକ ନିର୍ଦ୍ଦେଶ ଜାରି କରିଛନ୍ତି । ଉକ୍ତ ମାର୍ଗଦର୍ଶିକାରେ କମିଟି ଗଠନ କାଳରେ ଅଧ୍ୟୟନରତ ଛାତ୍ର ଛାତ୍ରୀଙ୍କ ସଂଖ୍ୟା ଆଧାରରେ କମିଟିର ଆକାର ସ୍ଥିର କରିବାକୁ କୁହାଯାଇଛି । କମିଟିରେ ପିତା, ମାତା ଅବା ଅଭିଭାବକଙ୍କ ସଂଖ୍ୟା ୭୫% ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ପିତା ମାତାଙ୍କ ମଧ୍ୟରେ ୫୦% ମହିଳା ସଦସ୍ୟା ସାମିଲ ହେବେ ବୋଲି କୁହାଯାଇଛି । ଏଥିରେ ତଫସିଲଭୁକ୍ତ ଜାତି, ଜନଜାତି, ଅନ୍ୟ ପଛୁଆବର୍ଗର ସଦସ୍ୟଙ୍କ ସମାନୁପାତିକ

### ୨୨ ସୁଦ୍ଧା ପରିଚାଳନା କମିଟି ଗଠନ କରିବାକୁ ନିର୍ଦ୍ଦେଶ

ଯୋଗଦାନକୁ ସୁନିଶ୍ଚିତ କରିବାକୁ ମଧ୍ୟ କୁହାଯାଇଛି ।

ଚୟନ ହୋଇଥିବା ପିତା ମାତା, ଅଭିଭାବକ ସଦସ୍ୟମାନେ ଅବଶିଷ୍ଟ ୫୦% ସଦସ୍ୟଙ୍କ ମଧ୍ୟରୁ ଏକ ତୃତୀୟାଂଶ ସଦସ୍ୟଙ୍କୁ ସ୍ଥାନୀୟ ଶାସନ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧି ଯଥା: ଓ୍ୱାର୍ଡ ମେମ୍ବର, ସମିତି ସଭ୍ୟ ଇତ୍ୟାଦିଙ୍କ ମଧ୍ୟରୁ ମନୋନୀତ କରିବେ । ସେହିପରି ଶିକ୍ଷାବିତ, ଶିକ୍ଷା ବିଶେଷଜ୍ଞ, ବରିଷ୍ଠ ଛାତ୍ର, ପୁରାତନ ଛାତ୍ର ଏବଂ ସ୍ଥାନୀୟ ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀଙ୍କ ମଧ୍ୟରୁ ଏକ ତୃତୀୟାଂଶ ସଦସ୍ୟ ଚୟନ କରିବେ । ଅବଶିଷ୍ଟ ଏକ ତୃତୀୟାଂଶ ସଦସ୍ୟ ବିଦ୍ୟାଳୟର ଶିକ୍ଷକମାନଙ୍କ ମଧ୍ୟରୁ ରହିବେ । କମିଟିର କାର୍ଯ୍ୟକାଳ ଦୁଇବର୍ଷ ରହିବ ବୋଲି ଧାର୍ଯ୍ୟ କରାଯାଇଛି ।

ଶିକ୍ଷକମାନେ ମାର୍ଗ ଦର୍ଶିକାର ମୂଳ ଆଇନ୍‌କୁ ନ ଦେଖି, କେବଳ ପରିଶିଷ୍ଟକୁ ଅନୁପାଳନ କରୁଥିବାରୁ କେତେକ ଅସଙ୍ଗତି ଦେଖାଦେଇଛି । ଏଥିପାଇଁ କମିଟି ଗଠନର ମୂଳ ଆଭିମୁଖ୍ୟ ବାଧାପ୍ରାପ୍ତ ହେଉଛି ବୋଲି ଅନେକ ବୁଦ୍ଧିଜୀବୀ, ଶିକ୍ଷାବିତ, ଶିକ୍ଷା ବିଶେଷଜ୍ଞ ଅଭିଯୋଗ କରିଛନ୍ତି । ଏହା ସହିତ ଆଉ ଏକ ବଡ ପ୍ରଶ୍ନ ମଧ୍ୟ ମୁଣ୍ଡ ଟେକିଛିଛ ତାହା ହେଉଛି: ଶିକ୍ଷାନୁଷ୍ଠାନ ରେ ଶିକ୍ଷାବିତ, ଶିକ୍ଷା ବିଶେଷଜ୍ଞ, ପୁରାତନ ଛାତ୍ରଙ୍କୁ ଅଣଦେଖା କରି ସେହି ସ୍ଥାନରେ ଅଙ୍ଗନବାଡି କର୍ମୀ, ଆଶା କର୍ମୀଙ୍କୁ କମିଟିକୁ ମନୋନୀତ କଲେ । ଏମାନେ ବିଦ୍ୟାଳୟ ପରିଚାଳନାକୁ କେମିତି ଏବଂ କେଉଁ ଜ୍ଞାନରେ ରୁଦ୍ଧିମନ୍ତ କରିପାରିବେ ? ଏତଦବ୍ୟତୀତ, କମିଟିର ସଦସ୍ୟ ଚୟନରେ ଶିକ୍ଷକମାନଙ୍କ ଭୂମିକାକୁ ମାର୍ଗଦର୍ଶିକା ବାରଣ କରିଥିବା ବେଳେ କମିଟି ଗଠନକୁ ଶିକ୍ଷକମାନେ ପ୍ରଭାବିତ କରୁଥିବାର ଅଭିଯୋଗ ଆସୁଛି । ରାଜ୍ୟ ସଚିବାଳୟର ଅବସରପ୍ରାପ୍ତ ଅନୁଶାସନ ସଚିବ ଡମ୍ବରୁଧର ଘଣାଙ୍କ କହିବା ଅନୁସାରେ, ଆଇନ୍ ଏବଂ ପରିଶିଷ୍ଟ ଉଭୟ ସମାନ ରହିବା ଉଚିତ । ଏଠାରେ ପରିଶିଷ୍ଟ ମୂଳ ଆଇନର ବିରୁଦ୍ଧାଚରଣ କରୁଛି । ଏହା ଏକ ବଡ ଅସଙ୍ଗତି । ଶିକ୍ଷାନୁଷ୍ଠାନର ସୁପରିଚାଳନା, ଶିକ୍ଷା ପ୍ରଦାନର ଗୁଣବତ୍ତା, ଶିକ୍ଷକଙ୍କ ଉତ୍ତରଦାୟିତ୍ୱ, ପରିଚାଳନାରେ ସ୍ୱଚ୍ଛତା ଏବଂ ସର୍ବୋପରି ପିତା, ମାତା, ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ଯୋଗଦାନକୁ ଧ୍ୟାନ ଦେଇ, ଏ' ଦ୍ୱନ୍ଦ୍ୱାତ୍ମକ ମାର୍ଗଦର୍ଶିକାର ଆବଶ୍ୟକ ସଂଶୋଧନ କରିବାକୁ ଦାବି ହେଉଛି ।

ପରିଚାଳନା କମିଟି ଗଠନର ମାର୍ଗଦର୍ଶିକା ସରକାର ଜାରି କରି ଏ ପ୍ରକ୍ରିୟାକୁ ଚଳିତ ମାସ ୨୨ତାରିଖ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏ ମାର୍ଗଦର୍ଶିକାରେ କମିଟିର ସଦସ୍ୟ ଚୟନ ପାଇଁ ଥିବା ସୂଚିରେ କେତେକ ଅସଙ୍ଗତି ଥିବାରୁ, ଅନେକ ବିଦ୍ୟାଳୟର ଶିକ୍ଷକମାନେ ଦ୍ୱନ୍ଦରେ ପଡ଼ିଛନ୍ତି । ଏଥିସହିତ କମିଟିର ଢାଞ୍ଚା ଉପରେ ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ, ସଚେତନ ପୁରାତନ ଛାତ୍ରଛାତ୍ରୀ ଉଦବେଗ ପ୍ରକାଶ ସଙ୍ଗେ ସଙ୍ଗେ କମିଟି ଗଠନର ସ୍ୱଛତା ଉପରେ ପ୍ରଶ୍ନ କରିଛନ୍ତି ।

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ଅଧିକାରୀଙ୍କ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସମସ୍ତ ଜିଲ୍ଲାର ଶିକ୍ଷା ଅଧିକାରୀମାନଙ୍କ ନିକଟକୁ ଗତ ମାସ ୨୬ ତାରିଖରେ ଏକ ପତ୍ର ମାଧ୍ୟମରେ ବିଦ୍ୟାଳୟ ପରିଚାଳନା କମିଟି ଗଠନର

## ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ ରାଜ୍ୟସ୍ତରୀୟ କର୍ମଶାଳା

# ସାଧାରଣ ଲୋକଙ୍କ ପ୍ରେରଣାର ଉତ୍ସ ସାଜିଛି 'ମନ୍ କି ବାତ' : ମନମୋହନ




ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଦେଶବାସୀଙ୍କ ହୃଦୟକୁ ଛୁଇଁ ପାରିଛି । ଦେଶବାସୀଙ୍କ ସହ ସିଧାସଳଖ ଯୋଡ଼ି ହେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମନ୍ କି ବାତ୍' କାର୍ଯ୍ୟକ୍ରମ ଜରିଆରେ ୨୦୧୪ ଅକ୍ଟୋବର ୩ରେ ଏକ ଐତିହାସିକ ପ୍ରୟାସ ଆରମ୍ଭ କରିଥିଲେ । ବିଶ୍ୱର ଏକମାତ୍ର ରାଷ୍ଟ୍ର ମୁଖ୍ୟଭାବେ ନିରବଚ୍ଛିନ୍ନ ଭାବେ ଗତ ୧୨ବର୍ଷ ମଧ୍ୟରେ ଏହି କାର୍ଯ୍ୟକ୍ରମର ସେ ୧୩୫ଟି ସଂସ୍କରଣ ଶେଷ କରିଛନ୍ତି । ପ୍ରତି ମାସର ଶେଷ ରବିବାର ପୂର୍ବାହ୍ନ ୧୧ଟା ସମୟରେ ପ୍ରଧାନମନ୍ତ୍ରୀ ରେଡିଓ, ଦୂରଦର୍ଶନ ଜରିଆରେ କଥା ହୋଇଥାନ୍ତି । ଚଳିତ ମାସ ଜୁଲାଇ ୨୬ ତାରିଖରେ ୧୩୬ତମ ମନ୍ କି ବାତ୍ କାର୍ଯ୍ୟକ୍ରମରେ ମୋଦିଜୀ ଦେଶବାସୀଙ୍କୁ ସମ୍ବୋଧିତ କରିବେ । ସାଧାରଣ ଲୋକଙ୍କ ପ୍ରେରଣାର ଉତ୍ସ ହୋଇଥିବା ଏହି 'ମନ୍ କି ବାତ୍' କାର୍ଯ୍ୟକ୍ରମ ଆଜି ଆନ୍ଦୋଳନରେ ପରିଣତ ହୋଇଛି । 'ମନ୍ କି ବାତ୍' ଦେଶବାସୀଙ୍କ ଠାରୁ ଆରମ୍ଭ କରି ପ୍ରବାସୀ ଭାରତୀୟ ତଥା ସମଗ୍ର ବିଶ୍ୱବାସୀଙ୍କ ଦ୍ୱାରା ଆଦୃତ ହେବା ସହ ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଓ ସର୍ବସମାବେଶୀ ହୋଇପାରିଛି । ଏହି କାର୍ଯ୍ୟକ୍ରମ ସବୁ ବିଷୟ ଉପରେ ପର୍ଯ୍ୟବେଶିତ ଯାହା ମାଧ୍ୟମରେ ମୋଦିଜୀ ତଳସ୍ତରରେ ଅସାଧାରଣ କାମ କରୁଥିବା ବ୍ୟକ୍ତି ବିଶେଷ ତଥା ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିଥାନ୍ତି । କେବଳ ସେତିକି ନୁହେଁ, ମୋଦିଜୀ ସାମାଜିକ ସମସ୍ୟା ସମ୍ପର୍କରେ ବି ଚର୍ଚ୍ଚା ଆଲୋଚନା କରିବା ସହ ସାରା ଦେଶକୁ ସାଙ୍ଗରେ ନେଇ ଚାଲିବାକୁ ପ୍ରୋତ୍ସାହିତ କରିଥାନ୍ତି । ଏହି ମନ୍ କି ବାତ୍ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ସାଧାରଣ ଲୋକଙ୍କ କୃତୀତ୍ୱକୁ ମୋଦିଜୀ ବହୁବାର ଦେଶର ୧୪୦ କୋଟି ଜନତାଙ୍କ ସମ୍ମୁଖକୁ ଆଣି ଓଡ଼ିଶାବାସୀଙ୍କୁ ଗୌରବାନ୍ୱିତ କରିଛନ୍ତି । ଏହି ଲୋକପ୍ରିୟ କାର୍ଯ୍ୟକ୍ରମ ରାଜ୍ୟର ଘରେ ଘରେ ପହଞ୍ଚାଇବାକୁ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଆହ୍ୱାନ ଦେଇଥିଲେ । ରବିବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ 'ମନ୍ କି ବାତ୍ ରାଜ୍ୟସ୍ତରୀୟ କର୍ମଶାଳା'ରେ ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ ମହାନ୍ତି, କନ୍ଧମାଳ ସାଂସଦ ତଥା 'ମନ୍ କି ବାତ୍' କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ସୁକାନ୍ତ ପାଣିଗ୍ରାହୀ, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, କଳାହାଣ୍ଡି ସାଂସଦ ଶ୍ରୀମତୀ ମାଳବିକା ଦେବୀ, ବିଧାୟକ ସନ୍ତୋଷ ଖଟୁଆ, ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଂଚଳ ଖଟେଇ, ରାଜ୍ୟ ସମ୍ପାଦିକା ଶ୍ରୀମତୀ ମମତା ସିଂ, ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡା, ବରିଷ୍ଠ ନେତା ଠାକୁର ରଞ୍ଜିତ ଦାସଙ୍କ ସମେତ ସମସ୍ତ ଜିଲ୍ଲା ଏବଂ ନିର୍ବାଚନମଣ୍ଡଳୀର 'ମନ୍ କି ବାତ୍' ସଂଯୋଜକମାନେ ଯୋଗଦେଇଥିଲେ ।

# ଆନ୍ତଃଜିଲ୍ଲା ମହାଠକ ଶଶଧର ଗିରଫ

କଟକ,(ସବ୍ୟୁ): କଟକ ମଙ୍ଗଳାବାଗ ଥାନା ପୁଲିସକୁ ମିଳିଛି ଏକ ବଡ଼ ସଫଳତା । ଜମି କିଣାଇଦେବା ଓ ପୁଅ ପାଠପଢ଼ା ନାଁରେ କୋଟି କୋଟି ଟଙ୍କା ଠକେଇ କରି ଫେରାର ଥିବା ଜଣେ କୁଖ୍ୟାତ ଆନ୍ତଃଜିଲ୍ଲା ମହାଠକକୁ ପୁଲିସ ଗିରଫ କରିଛି । ଗିରଫ ହୋଇଥିବା ଏହି ବହୁରୂପୀ ଠକ ଜଣକ ହେଉଛନ୍ତି ଭଦ୍ରକ ଜିଲ୍ଲା ଧୁସୁରୀ ଥାନା ଅନ୍ତର୍ଗତ ପଣ୍ଡାପାଟଣା ଗ୍ରାମର ଶଶଧର ପଣ୍ଡା । ସେ କଟକ ସିଡିଏ ସେକ୍ଟର-୧୩ ଅଞ୍ଚଳରେ ରହୁଥିଲେ । ଦୀର୍ଘ ଦିନର ଖୋଜାଖୋଜି ଏବଂ ବୈଷୟିକ ଜ୍ଞାନକୌଶଳର ସହାୟତା ନେଇ ମଙ୍ଗଳାବାଗ ଥାନା ପୋଲିସ ବାଲେଶ୍ୱର ଜିଲ୍ଲାର ଖଇରା ଅଞ୍ଚଳରୁ ତାଙ୍କୁ କାବୁ କରିବାରେ ସଫଳ ହୋଇଛି ।

କଟକ ମଙ୍ଗଳାବାଗ ଫ୍ରେଣ୍ଡସ କଲୋନୀର ଦୀପାରାଣୀ ପଟ୍ଟନାୟକ ନାମକ ଜଣେ ମହିଳା ଗତ ୨୦୨୫ ମସିହା ଜାନୁଆରୀ ମାସରେ ନଖରାଠାରେ ଆୟୋଜିତ ଏକ ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେଠାରେ ତାଙ୍କର ଦେଖା ଏହି ଠକ ଶଶଧରଙ୍କ ସହ ହୋଇଥିଲା । ଏହାପରେ ଶଶଧର ନିଜ ପରିବାର ସହ ଦୀପାରାଣୀଙ୍କ ଘରକୁ ଯିବା ଆସିବା କରି ସେମାନଙ୍କ ସହ ନିବିଡ଼ ସମ୍ପର୍କ ଗଢ଼ି ତୋଳିଥିଲେ । ସେ ନିଜକୁ ଜଣେ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ବୋଲି ପରିଚୟ ଦେଇଥିଲେ । ପରେ ନିଜ ପୁଅର ଉଚ୍ଚଶିକ୍ଷା ପାଇଁ ଅର୍ଥର ଆବଶ୍ୟକତା ଥିବା ଦର୍ଶାଇ ଦୀପାରାଣୀଙ୍କୁ ୨୦ ଲକ୍ଷ ଟଙ୍କାର ଋଣ ମାଗିଥିଲେ । ପ୍ରଥମେ ଦୀପାରାଣୀ ଏତେ ଟଙ୍କା ଦେବାକୁ ମନା କରିଥିଲେ ମଧ୍ୟ ଶଶଧର ତାଙ୍କୁ ବିଶ୍ୱାସ ଜନ୍ମାଇବା ପାଇଁ ଏକ ନୂଆ ଚାଲ୍ ଖେଳିଥିଲେ । ସେ କହିଥିଲେ ଯେ ଋଣ ବଦଳରେ ସେ ତାଙ୍କ ସ୍ତ୍ରୀଙ୍କ ନାଁରେ କଟକ ସିଡିଏ ସେକ୍ଟର-୧୩ରେ ଥିବା ଏକ ପ୍ଲଟକୁ ଦୀପାରାଣୀଙ୍କ ନାମରେ ରେଜିଷ୍ଟ୍ରି କରିଦେବେ । ଏହି କଥାରେ ବିଶ୍ୱାସ କରି ଦୀପାରାଣୀ ନଗଦ ଏବଂ ମୋବାଇଲ ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ସେହି ଠକକୁ ସମୁଦାୟ ୨୦ ଲକ୍ଷ ଟଙ୍କା ଦେଇଥିଲେ । ତେବେ ଟଙ୍କା ପାଇବା ପରେ ଶଶଧର ଜମି ରେଜିଷ୍ଟ୍ରି କରିନଥିଲେ କି ଟଙ୍କା ଫେରସ୍ତ କରିନଥିଲେ । ଓଲଟା ଟଙ୍କା ମାଗିବାରୁ ଦୀପାରାଣୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗଳା ଚିପି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ଏବଂ ନିଜ ମୋବାଇଲ ଫୋନ ବନ୍ଦ କରି ଫେରାର ହୋଇଯାଇଥିଲେ । ଏ ନେଇ ଗତ ମେ ମାସରେ ମଙ୍ଗଳାବାଗ ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ ଶଶଧର ଜଣେ ପେଶାଦାର ଏବଂ ଅଭ୍ୟାସଗତ ମହାଠକ । ସେ କେବଳ କଟକରେ ନୁହେଁ, ବରଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଲୋକଙ୍କୁ ଏଭଳି ପ୍ରଲୋଭନ ଦେଖାଇ କୋଟି କୋଟି ଟଙ୍କା ଲୁଟିଛନ୍ତି । ତାଙ୍କ ନାମରେ ବାଲିଅନ୍ତା ଥାନାରେ ୨ କୋଟି ୨୪ ଲକ୍ଷ ଟଙ୍କା, ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ପ୍ରାୟ ୬୪ ଲକ୍ଷ ଟଙ୍କା, ନିମାପଡ଼ା ଥାନାରେ ୫୮ ଲକ୍ଷ ଟଙ୍କା ଏବଂ ରାଜ୍ୟ ଅର୍ଥନୈତିକ ଅପରାଧ ଶାଖା ବା ଇଓଡବ୍ଲ୍ୟୁଓରେ ୩ କୋଟି ୫୦ ଲକ୍ଷ ଟଙ୍କାର ଠକେଇ ମାମଲା ସମେତ ବନ୍ଧମୁଣ୍ଡା ଓ ଭଦ୍ରକ ଟାଉନ ଥାନାରେ ମଧ୍ୟ ଏକାଧିକ ସଙ୍ଗିନ ମାମଲା ରହିଛି । ଲୋକଙ୍କୁ ଠକି ଆଦାୟ କରିଥିବା କୋଟି କୋଟି ଟଙ୍କାରେ ଶଶଧର ଅତି ବିଳାସପୂର୍ଣ୍ଣ ଜୀବନ ବିତାଉଥିଲେ ।

# ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼

ପୁରୀ, (ସବ୍ୟୁ): ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଅଧିଷ୍ଠିତ ବିଗ୍ରହମାନେ ଭକ୍ତଙ୍କୁ ଚଳିତ ବର୍ଷର ପ୍ରଥମ ଦର୍ଶନ ଦେଇଛନ୍ତି । ବିଗ୍ରହମାନେ ଙ୍କୁ ଆଡ଼ପମଣ୍ଡପରେ ଦର୍ଶନ କରି ଆତ୍ମ ବିଭୋର ହୋଇଛନ୍ତି ଭକ୍ତମାନେ । ବିଗ୍ରହ ମାନଙ୍କର ଦୁର୍ଲଭ ଦର୍ଶନ ପାଇଁ ରାତି ୩ ଟା ରୁ ଗୁଣ୍ଡିଚା ମନ୍ଦିର ନିକଟରେ ଲାଗି ଥିଲା ଲମ୍ବା ଲାଇନ୍ । ଦ୍ୱାର ଫିଟା ନେଇ ପୂର୍ବ ସୂଚନା ସତ୍ତ୍ୱେ, ଅମାନିଆ ଭକ୍ତ ମନ,ଘଣ୍ଟା ଘଣ୍ଟାର ପ୍ରତୀକ୍ଷା ସତ୍ତ୍ୱେ ବେଶ୍ ଭାବବିହ୍ୱଳ ହୋଇ ଥିଲେ ଶ୍ରଦ୍ଧାଳୁ । ଅସହ୍ୟ ଗୁଳୁଗୁଳିରେ କିଛି ଭକ୍ତ ମଧ୍ୟ ଅସୁସ୍ଥ ହୋଇଥିବା ଦେଖିବାକୁ ମିଳିଛି ।ତେବେ ଭିତରେ ଉଭୟ ଟିକେଟ ଧାରୀ ଓ ସର୍ବସାଧାରଣ ଦର୍ଶନ ପାଇଁ ହୋଇଛି ସୁଲଭ ବ୍ୟବସ୍ଥା ।ଶୀତତାପ ନିୟନ୍ତ୍ରିତ ନାଟ ମଣ୍ଡପରେ ନୂଆ ଅନୁଭୂତି ପାଇଛନ୍ତି ଭକ୍ତ । ଆଜି ଶ୍ରୀଅଙ୍ଗ ଚମକ ପାଇଁ ହେବ ବନକଲାଗି ନୀତି । ରାତ୍ର ୯ ଟାରୁ ୩ ଟା ପର୍ଯ୍ୟନ୍ତ ୬ ଘଣ୍ଟା ବନ୍ଦ ରହିବ ଜଗନ୍ନାଥ ଦର୍ଶନ । ସେପଟେ ପ୍ରଥମ ଆଡ଼ପ ଅବଢ଼ା ପାଇ କୃତାର୍ଥ ହେଲା ଭକ୍ତ ଜୀବନ । ନବଦିନାତ୍ମକ ଯାତ୍ରାର ଚତୁର୍ଥ ଦିନରେ ଆଡ଼ପ ମଣ୍ଡପରେ ଦର୍ଶନ ଦେଉଛନ୍ତି ଶ୍ରୀଜିଉ । ଶୀତତାପ ନିୟନ୍ତ୍ରିତ ନାଟ ମଣ୍ଡପ ରୁ ନୂଆ ଅନୁଭୂତି ନେଉଛନ୍ତି ଭକ୍ତ ।

ପୂର୍ବାହ୍ନ ୧୦ଟାରେ ଦ୍ୱାରଫିଟା ନେଇ ପୂର୍ବ ସୂଚନା ସତ୍ତ୍ୱେ,ରାତି ୩ ରୁ ଦୁର୍ଲଭ ଦର୍ଶନ ପାଇଁ ଲାଗିଛି ଲମ୍ବା ଲାଇନ୍ ।୯ ଟା ୪୩ ରୁ ଦ୍ୱାରଫିଟା ହୋଇ ଆରମ୍ଭ ହୋଇଛି ଦୁର୍ଲଭ ଆଡ଼ପ ଦର୍ଶନ । ଘଣ୍ଟା ଘଣ୍ଟାର ପ୍ରତୀକ୍ଷା ସତ୍ତ୍ୱେ ବେଶ ଭାବବିହ୍ୱଳ ଶ୍ରଦ୍ଧାଳୁ ।ଭକ୍ତଙ୍କ ଶ୍ରଦ୍ଧାରେ ଉଛୁଳୁଛି ଶରଧାବାଲି ।ଆଜି ସକାଳ ୯ ଟା ୪୩ ରେ ଦ୍ୱାରଫିଟା ହେବା ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବାସହ ୯ ଟା ୫୫ ରେ ହୋଇଥିଲା ମଙ୍ଗଳ ଆଳତୀ ।୧୧ଟା ୪୦ ରେ ପଥ କ୍ଳେଶ ମହାପ୍ରଭୁଙ୍କ ଅଧର ପୋଛା ନୀତି ହୋଇଥିବା ବେଳେ ଦର୍ଶନ ପାଇଁ ଲାଗିଛି ଲମ୍ବା ଲାଇନ୍ । ଶୀତତାପ ନିୟନ୍ତ୍ରିତ ନାଟ ମଣ୍ଡପରେ ନୂଆ ଅନୁଭୂତି ପାଇଛନ୍ତି ଭକ୍ତ ।ଦର୍ଶନରେ ଜର୍ମାନ ହ୍ୟାଙ୍ଗର ବ୍ୟବସ୍ଥା ମଧ୍ୟ ଯୋଡା ଯାଇଥିବା ବେଳେ ଟିକେଟ ଧାରୀ ଓ ସର୍ବସାଧାରଣଙ୍କ ପାଇଁ ସ୍ୱତନ୍ତ୍ର ଲାଇନ୍ କରାଯାଇଛି ।ଦଇତାପତି ନିଯୋଗ ପରାମର୍ଶରେ ହୋଇଥିବା ପିଢା ସଦୃଶ ରାମ୍ପ ମାଧ୍ୟମରେ ଦୂରରୁ ଦର୍ଶନ କରୁଥିବା ଭକ୍ତ ମଧ୍ୟ ଚକା ଆଖି ମନ ପୁରାଇ ଦେଖୁଛନ୍ତି ।

ପ୍ରଥମ ଶ୍ରୀଗୁଣ୍ଡିଚା ମନ୍ଦିରରେ ଥର ଅନ ସାଇଟ୍ କଣ୍ଟ୍ରୋଲ ରୁମ୍ ଜରିଆରେ ଶୃଙ୍ଖଳା ଓ ସୁରକ୍ଷା ନିୟନ୍ତ୍ରିତ କରାଯାଉଛି ।ତେବେ ପୂର୍ବ ସୂଚନା ସତ୍ତ୍ୱେ ୬ ରୁ ୭ ଘଣ୍ଟା ପୂର୍ବରୁ ଭକ୍ତ ଲାଇନ୍ ରେ ଛିଡା ହୋଇଥିବା ଯୋଗୁଁ,ଅସହ୍ୟ ଗୁଳୁଗୁଳିରେ ଅଚେତ୍ ହେବା ଦେଖିବାକୁ ମିଳିଛି । ସେପଟେ ଚଳିତ ବର୍ଷର ପ୍ରଥମ ଆଡ଼ପ ଅବଢ଼ା ମହାପ୍ରସାଦ ପାଇ କୃତାର୍ଥ ହୋଇଛି ଭକ୍ତ ପ୍ରାଣ ।ଅପରାହ୍ନ ୧୨ ଟା ୨୫ ରେ ଅବକାଶ ପୂଜା ପରେ ୧୨ ଟା ୩୦ ରେ ରୋଷହୋମ ହୋଇଥିଲା । ମହାପ୍ରସାଦ ବାହାରିବାରେ ବିଳମ୍ବ ସତ୍ତ୍ୱେ ଆଡ଼ପ ଅବଢ଼ାର କାଣିଚାଏ ପାଇଲେ, ବି ବେଶ୍ ଭାବବିହ୍ୱଳ ହୋଇଛନ୍ତି ଶ୍ରଦ୍ଧାଳୁ ।ଭକ୍ତଙ୍କୁ ୫ ଦିନର ଆଡ଼ପ ମଣ୍ଡପ ଦର୍ଶନରେ,ନୀତିକୁ ନଜରରେ ରଖି,ସଠିକ୍ ସମୟରେ ମହାପ୍ରସାଦ ଯୋଗାଇଦେବାକୁ ଅଣ୍ଟା ଭିଡିଛି ସୁଆର ମହାସୁଆର ନିଯୋଗ ।ସେପଟେ ପହଣ୍ଡି ଓ ଯାତ୍ରା ପରେ ମଳିନ ପଡ଼ିଛି ମହାପ୍ରଭୁଙ୍କ ଶ୍ରୀଅଙ୍ଗ ।ଶ୍ରୀଅଙ୍ଗରେ ଚମକ ଫେରାଇବା ପାଇଁ ଆଜି ଲମ୍ବା ସମୟର ବନକ ଲାଗି କରିବେ ଦତ୍ତ ମହାପାତ୍ର ସେବକ ।ଗୁପ୍ତ ନୀତି ହୋଇଥିବାରୁ ରାତି ୯ ଟା ଠାରୁ ରାତି ୩ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ।ସେପଟେ ଆସନ୍ତାକାଲି ହେରାପଞ୍ଚମୀ ପାଇଁ ମଧ୍ୟ ସମସ୍ତ ପ୍ରସ୍ତୁତି ହୋଇଛି ଏବଂ ୫ ଦିନର ଆଡ଼ପ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ।

# ସାରଳା ପୀଠ ଗୁରୁଚରଣ ଜେନାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ



ତିର୍ତ୍ତୋଲ (ସବ୍ୟୁ): ପ୍ରସିଦ୍ଧ ଝଙ୍କଡ଼ ସାରଳାମନ୍ଦିର ସମ୍ମୁଖସ୍ଥ କନକପୁର ସ୍ଥିତ ବାସଭବନରେ ଗତ ରବିବାର ଦିନ ବ୍ରାହ୍ମମୁହୂର୍ତ୍ତରେ ମା ସାରଳାଙ୍କ ଭକ୍ତ ତଥା ପୂର୍ବତନମନ୍ତ୍ରୀ ସ୍ୱର୍ଗତ ପ୍ରତାପଚନ୍ଦ୍ର ମହାନ୍ତିଙ୍କ ଘନିଷ୍ଠ ସହଯୋଗୀ ଗୁରୁଚରଣ ଜେନା (୮୧) ଙ୍କର ହୃଦଘାତରେ ପରଲୋକ ହୋଇଯାଇଛି । ସେ ଦୀର୍ଘବର୍ଷ ଧରି ସାରଳାଦାସ ଶ୍ରାଦ୍ଧଉତ୍ସବ କମିଟିର ସାଧାରଣ ସମ୍ପାଦକ ଭାବରେ, ସାରଳାପୀଠରେ ସାରଳାଦାସଙ୍କ ଶ୍ରାଦ୍ଧଉତ୍ସବ ପାଳନର ପ୍ରମୁଖ ଦାୟିତ୍ୱ ବହନ କରିଥିଲେ । ତାଙ୍କର ପରଲୋକ ଖବର ପ୍ରଚାରିତ ହେବା ପରେ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ସାଂସଦ ରଞ୍ଜିବ ବିଶ୍ୱାଳ, ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତି, ସାଂସଦ ମାନସ ମଙ୍ଗରାଜ, ପୂର୍ବତନ ସାଂସଦ ଡଃ ରାଜଶ୍ରୀ ମଲ୍ଲିକ, ବିଜେଡି ର ରାଜ୍ୟଗଣମାଧ୍ୟମ ସଂଯୋଜକ ଲେଲିନ ମହାନ୍ତି, ପ୍ରିୟବ୍ରତ ମାଝୀ , ତ୍ରୁମ୍ଭନାଥ ପଣ୍ଡା, ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ସଭାପତି ଇପ୍ସିତା ସାହୁ, ରାଜ୍ୟ ର ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷ ଡଃ ମିନତୀ ବେହେରା, ଜଗତସିଂହପୁର ଜିଲ୍ଲା ବିଜେଡିର ବରିଷ୍ଠ ଉପସଭାପତି ଅଶ୍ୱିନୀ ଦାସ, ଜିଲ୍ଲାପରିଷଦ ସୁନୀଲ କୁମାର ବେହେରା, କୃଷକମୋର୍ଚ୍ଚା ରାଜ୍ୟ ଉପସଭାପତି ଅଶୋକ କୁମାର ମହାନ୍ତି ଓ ଛାତ୍ରନେତା ବିମଳ ମହାପାତ୍ରଙ୍କ ସମେତ ବହୁ ଜନପ୍ରତିନିଧି ଓ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି । ନାମସଂକୀର୍ତ୍ତନ ଶୋଭାଯାତ୍ରା ରେ ମାଆଙ୍କ ସିଂହଦ୍ୱାର ସମ୍ମୁଖରୁ ବାହାରି ଗ୍ରାମ୍ୟପରିକ୍ରମା କରିଥିଲା । ଏଥିରେ ସ୍ଥାନୀୟ ଅଞ୍ଚଳର ସତ୍ୟଭୂଷଣ ଦାସ, ସଞ୍ଜୟ ମହାନ୍ତି, ବ୍ରଜକିଶୋର ମଲ୍ଲିକ, ପ୍ରତାପ ପରିଡା, ପ୍ରକାଶ ଚନ୍ଦ୍ର ମହାନ୍ତି, ଅଜୟ କୁମାର ରାଉଳ, ଦେବୀପ୍ରସାଦ ରାଉଳ, ଗୁରୁଚରଣ ବ୍ରହ୍ମ, ରବିନାରାୟଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ବିଜୟ ନାୟକ, ଶୁଭନାରାୟଣ ନାୟକ, ରଶ୍ମୀରଞ୍ଜନ ପରିଡା, ଅଶୋକ ସାହୁ, ମନୋରଞ୍ଜନ କୁଅଁର ଓ ସାରଦା ପ୍ରସାଦ ମହାନ୍ତି ଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଅଂଶ ଗ୍ରହଣ କରିଥିଲେ । ଶୋକାକୁଳ ପରିବେଶ ମଧ୍ୟରେ, ବସନ୍ତବଗିଚା ଗ୍ରାମ୍ୟଶ୍ମଶାନ ରେ ଅନ୍ତେଷ୍ଟିକ୍ରିୟା ସମୟରେ ତାଙ୍କର ସାନପୁଅ ଅରୁଣ ପ୍ରସାଦ ଜେନା ଉପସ୍ଥିତ ଥିଲାବେଳେ ବଡ଼ପୁଅ ତଥା ରାଜ୍ୟବିଜେଡିର ମୁଖପାତ୍ର ନାରାୟଣ ପ୍ରସାଦ ଜେନା ମୁଖାଗ୍ନି ଦେଇଥିଲେ ।

## ପ୍ରଭାତଙ୍କ ନେତୃତ୍ୱକୁ ସମର୍ଥନ

# ବିଜେପିରେ ମିଶିବା ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ମିଳୁଛି ସମ୍ବର୍ଦ୍ଧନା



କଟକ, (ସ୍ୱପ୍ର) : ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ପ୍ରତି ଜନ ସମର୍ଥନ ଅତୁଟ ରହିଛି । ଏଠାରେ ଦଳ ବଡ ନୁହେଁ ବରଂ ପ୍ରଭାତଙ୍କ ନେତୃତ୍ୱ ବଡ ବୋଲି ସାବ୍ୟସ୍ତ ହେବାରେ ଲାଗିଛି । ପ୍ରଭାତ ବିଶ୍ୱାଳ ବିଜେଡିକୁ ବାଏ ବାଏ କରି ବିଜେପିରେ ମିଶିବା ଦିନ ଠାରୁ ତାଙ୍କ ନେତୃତ୍ୱ ପ୍ରତି ସମର୍ଥନ ଜଣାଇ ପ୍ରତ୍ୟେକ ଦିନ ବିଭିନ୍ନ ୱାର୍ଡର ନେତୃମଣ୍ଡଳୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସଂଘ, ପୂଜା କମିଟି ଓ ଶହଶହ ଲୋକେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମ୍ବର୍ଦ୍ଧନା କରୁଥିବା ଦେଖିବାକୁ ମିଳୁଛି ।

ରବିବାର ତାଙ୍କ ମହାନଦୀବିହାର ସ୍ଥିତ ବାସଭବନରେ ମଙ୍ଗଳାବାଗ ପୂଜା କମିଟି, କଟକ ମହାନଗର ଏକତା କମିଟି, ଓଡିଶା ପାଇପ୍ ଜଳ କର୍ମଚାରୀ ସଂଘ ଓ ଚାଉଳିଆଗଞ୍ଜ ରାଧାକାନ୍ତ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଡଃ ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମଙ୍ଗଳାବାଗ ପୂଜା କମିଟିର ମୁଖ୍ୟ ଉପଦେଷ୍ଟା-ଭିକାରୀ ବେହେରା, ସଭାପତି-ନୃସିଂହ ଚରଣ ଚୌଧୁରୀ, ସମ୍ପାଦକ-ଗଣେଶ ଚନ୍ଦ୍ର ଦାସ, ଉପଦେଷ୍ଟା ରାଜେନ୍ଦ୍ର ପରିଡା, ସଦାନନ୍ଦ ଚୌଧୁରୀ, ସଂଗ୍ରାମ ବେହେରା, ସତ୍ୟନାରାୟଣ ପ୍ରଧାନ, ଜୋସେଫ ନାୟକ, ସଂଜୟ କୁମାର ସାହୁ, ଦିନବନ୍ଧୁ ସାମଲ, ସତ୍ପେଶ୍ୱର ଜେନା, କଟକ ମହାନଗର ଏକତା କମିଟି ତରଫରୁ ସଭାପତି-ପ୍ରକାଶ ମହାନ୍ତି, ସଂପାଦକ-ପରିକ୍ଷୀତ ମହାରଣା, ସହ-ସମ୍ପାଦକ-ପିଣ୍ଟୁ ମାହାର, ଉପସଭାପତି-ନୀଳକଣ୍ଠ ମହାନ୍ତି, ମହିଳା ସଭାନେତ୍ରୀ-ବାସନ୍ତୀ ସାହୁ, ସଞ୍ଜୟ ସ୍ୱାଇଁ, ସୂର୍ଯ୍ୟମଣୀ ବେହେରା, ସନ୍ତୋଷ ସାହୁ, ଚନ୍ଦନ ସେଠୀ, ନୂତନ ବେହେରା, ଆନନ୍ଦ ନାୟକ, ତପନ ମୁଖି, ସୁମିତ୍ ନାୟକ ପ୍ରମୁଖଙ୍କ ସହଳ ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘ ପକ୍ଷରୁ ସଭାପତି କ୍ଷୀରୋଦ କୁମାର ବେଉରା, ସମ୍ପାଦକ-ଯଯାତି କେଶରୀ ନାୟକ, କଟକଖଣ୍ଡ ସମ୍ପାଦକ ଶରତ ଚନ୍ଦ୍ର ରାଉତରାୟ, ତ୍ରିଲୋଚନ ଖୁଣ୍ଟିଆ, ଗୁରୁଚରଣ ପାତ୍ର, ଲାଲ ମୋହନ ବିଶ୍ୱାଳ ଓ ଚାଉଳିଆଗଞ୍ଜ ରାଧାକାନ୍ତ ମନ୍ଦିର ପରିଚାଳନା କମିଟି ସଭାପତି ଜିତେନ୍ଦ୍ର ସ୍ୱାଇଁ, ସମ୍ପାଦକ-ଶିଶିର କୁମାର ପାତ୍ର, କୋଷାଧ୍ୟକ୍ଷ-ଉମେଶ ଚନ୍ଦ୍ର ପୃଷ୍ଟି, ଶ୍ରୀଧର ପୃଷ୍ଟି, କେଦାରନାଥ ପାଟରା, ସୁରେନ୍ଦ୍ର ବେହେରା, ପ୍ରମୋଦ କୁମାର ସାହୁ, ବସନ୍ତ କୁମାର ପାତ୍ର, ରଂଜନ କୁମାର ପାତ୍ର, ରବି ନାରାୟଣ ସାହୁ, ନିରଂଜନ ପୃଷ୍ଟି, ଅଭିଜିତ୍ ସାହୁ, ଦେବେନ୍ଦ୍ର ପାତ୍ର, ଦୀପକ ପାତ୍ର, ଲୋକନାଥ ମହଲା, ଜୀବନ ମହଲାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ସମ୍ବର୍ଦ୍ଧନାରେ ସାମିଲ ହୋଇ ପ୍ରଭାତଙ୍କ ନେତୃତ୍ୱକୁ ସମର୍ଥନ ଜଣାଇଛନ୍ତି ।

### ଡାକ୍ତରଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

ତିହିଡି,(ସବ୍ୟୁ): ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତରଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ ଘଟଣାରେ ପୋଲିସ ସ୍ଥାନୀୟ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଗିରଫ ଅଭିଯୁକ୍ତଙ୍କ ନାଁ ହେଉଛି ଅଭିମନ୍ୟୁ ଯେନା । ତାଙ୍କ ଘର ହେଉଛି ଏହି ଥାନା ଅନ୍ତର୍ଗତ ହରିପୁର ଗାଁରେ ବୋଲି ଜଣାଯାଇଛି । ପ୍ରକାଶ ଯେ,ଶନିବାର ରାତିରେ ଅଭିମନ୍ୟୁତାଙ୍କ ମାଆଙ୍କୁ ଚିକିତ୍ସା କରିବାକୁ ଡାକ୍ତରଖାନାକୁ ଆଣିଥିଲେ । ତେବେ ସେହି ସମୟରେ ଡାକ୍ତର ସିଦ୍ଧାନ୍ତ ରାଉତ ଡାକ୍ତରଖାନାରେ ରୋଗୀସେବା ଦାୟିତ୍ୱରେ ଥିଲେ । ଅଭିମନ୍ୟୁ କୁଆଡ଼େ ତାଙ୍କ ମାଆକୁ ଦେଖିବାକୁ ସମ୍ପୃକ୍ତ ଡାକ୍ତରଙ୍କୁ ଡାକିଥିଲେ । ତେବେ ଡାକ୍ତର ରାଉତ ଆସୁ ଆସୁ ଅଭିମନ୍ୟୁଉତ୍ତେଜିତ ହୋଇ ତାଙ୍କୁ ଗାଳିଗୁଲଜ କରିବା ସହ କୁଆଡ଼େ ଆକ୍ରମଣ କରିଥିଲେ । ଏହି ଘଟଣା ପରେ ଡାକ୍ତର ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏଥିନେଇ ଏକ ମାମଲା ନଂ -୨୯୪/୨୬ ରୁଜୁ କରିବା ସହିତ ଅଭିଯୁକ୍ତ ଅଭିମନ୍ୟୁଙ୍କୁ ରବିବାର ଦିନ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଲୋକସେବା ଭବନ'ପ୍ରବେଶ କଟକଣାକୁ ସାମ୍ବାଦିକଙ୍କ 'ବିରୋଧ



ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଅଧିସ୍ୱୀକୃତି ପ୍ରାପ୍ତ ସାମ୍ବାଦିକ ମାନେ ନିଜର ବୃତ୍ତି ଗତ କାର୍ଯ୍ୟ ସମ୍ପାଦନ ପାଇଁ ଲୋକସେବା ଭବନକୁ ଯିବାରେ କଟକଣାକୁ ଯଥା " ଅଧିସ୍ୱୀକୃତିପ୍ରାପ୍ତ କାର୍ଡକୁ " ବରଣ କରିବା ଏକ ଦୁର୍ଭାଗ୍ୟ ଜଣକ ଘଟଣା, ଏଥିନେଇ ସାମ୍ବାଦିକ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି , ତଥା ସରକାର ଏହି ବରଣକୁ ତୁରନ୍ତ ପ୍ରତ୍ୟାହାର ନକଲେ ରାଜ୍ୟବ୍ୟାପି ଆନ୍ଦୋଳନ କରାଯିବା ବୋଲି ନିଷ୍ପତ୍ତି ନିଆଯାଇଛି ।

ଓଡିଶା ପ୍ରେସ୍ କ୍ଲବ ପରିସରରେ ଅଧିସ୍ୱୀକୃତି ପ୍ରାପ୍ତ ସାମ୍ବାଦିକ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସରକାରଙ୍କର ଏହିଭଳି ସାମ୍ବାଦିକ ବିରୋଧୀ ଆଚରଣକୁ ନେଇ ଗୋଟିଏ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା ଓ ତୁରନ୍ତ ଏଭଳି ପଦକ୍ଷେପକୁ ପ୍ରତ୍ୟାହାର କରିବାକୁ ବୈଠକରେ ଦାବି ଉପସ୍ଥାପନା କରାଯାଇଥିଲା । ଆଗାମୀ ଦିନରେ ଏହା ଉପରେ ତୁରନ୍ତ ପଦକ୍ଷେପ ନ ନିଆଯାଏ ତେବେ ସାମ୍ବାଦିକମାନେ ରାଜ୍ୟ ବ୍ୟାପି ଆନ୍ଦୋଳନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯିବାସହ ସମୂହ ଅଧିସ୍ୱୀକୃତି କାର୍ଡକୁ ସରକାରଙ୍କୁ ଫେରସ୍ତ କରିବାସହ ସରକାରୀ କାର୍ଯ୍ୟକ୍ରମକୁ ବର୍ଜନ କରିବାକୁ ବୈଠକରେ ନିଷ୍ପତି ନିଆଯାଇଛି । ରାଜ୍ୟର ଅଧିସ୍ୱୀକୃତି ସାମ୍ବାଦିକ ମାନେ ନିଜର ବୃତ୍ତିଗତ କାର୍ଯ୍ୟ ସମ୍ପାଦନ ପାଇଁ ଲୋକ ସେବା ଭବନକୁ ଯିବା ଏକ ନିୟମିତ ବ୍ୟାପାର ଅଟେ, ଦୀର୍ଘ ଦିନର ପ୍ରଚଳିତ ଏଇ ବ୍ୟବସ୍ଥା ଦେଶର ଅନ୍ୟ ରାଜ୍ୟ ମାନଙ୍କରେ ମଧ୍ୟ ଲାଗୁ କରାଯାଉଛି,ଲୋକ ସେବା ଭବନକୁ ପ୍ରବେଶ ହେବା ପାଇଁ ଅଧିସ୍ୱୀକୃତି ପରିଚୟ ପତ୍ର ଏଯାବତ ବ୍ୟବହାର ହୋଇ ଆସୁଥିଲା ମାତ୍ର ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଦୀର୍ଘ ପ୍ରଚଳିତ ଏଇ ବ୍ୟବସ୍ଥାକୁ ସରକାର ଉଚ୍ଛେଦ କରିଦେଇଛନ୍ତି । ଗୃହ ବିଭାଗ ଅନୁମୋଦିତ ଏକ ଭିନ୍ନ ପରିଚୟ ପତ୍ରକୁ ବ୍ୟବହାର କରିବାକୁ କୁହାଯାଉଛି ।

ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ପ୍ରତିବାଦ ଲେଖା ପଠାଯିବାର ନିଷ୍ପତି ହୋଇଛି । ଉକ୍ତ ବୈଠକରେ ବରିଷ୍ଠ ସାମ୍ବାଦିକ ସଞ୍ଜୟ ପ୍ରଧାନ, ପ୍ରସନ୍ନ ମହାନ୍ତି, ଅବିନାଶ ମିଶ୍ର, ବିବେକାନନ୍ଦ ଜେନା , ପ୍ରିୟରଞ୍ଜନ ସାହୁ, ପାର୍ଥ ସାରଥୀ ଜେନା , ସର୍ବେଶ୍ୱର ବର୍ଦ୍ଧନ, ମହେଶ୍ୱର ରଥ, ସନ୍ଦୀପ ମିଶ୍ର, ମାଧବାନନ୍ଦ ବେଉରା, ବିଭୁତି ଭୂଷଣ କର, ଦେବ କାନ୍ତ ମହାପାତ୍ର, ବଳରାମ ପ୍ରସାଦ ନନ୍ଦ, ଦିଲୀପ ବିଶୋଇ, ରମେଶ ମହାନ୍ତି, ସନାତନ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# କଏରାପାରୀରେ ରଥଯାତ୍ରା



କଟକ, (ସ୍ୱପ୍ର) : ଟାଙ୍ଗୀର କଏରାପାରୀରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟୁଷରୁ ବିଧି ଅନୁଯାୟୀ ଠାକୁରଙ୍କ ନୀତିକାନ୍ତି ଅନୁଷ୍ଠିତ ହେବା ସହିତ ଅପରାହ୍ନରେ ଚତୁର୍ଦ୍ଧା ବିଗ୍ରହ ପହଣ୍ଡିରେ ଆସି ସୁସଜ୍ଜିତ ରଥରେ ବିରାଜମାନ କରିଥିଲେ । ରଥାରୂଢ ଦିଅଁଙ୍କୁ ଭୋଗ, କର୍ପୁର ଆଳତୀ ଓ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ଏହାପରେ ଘଣ୍ଟ ବାଦ୍ୟ ସହ ଶ୍ରଦ୍ଧାଳୁ, ଭକ୍ତମାନେ ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନି ଦେଇ ରଥ ଟାଣିଥିଲେ । ରଥ ୧୬ନଂ ଜାତୀୟ ରାଜପଥରେ କନ୍ଦରକଣା ଗଡା ଏବଂ ସେଠାରୁ ଟାଙ୍ଗୀ-ଭଟିମୁଣ୍ଡା ରାସ୍ତାରେ ପଦ୍ମିନୀ କେୟାରମୁଖ୍ୟ ଫାଟକ ଦେଇ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ସଂକଟମୋଚନ ହନୁମାନଜୀଉଙ୍କ ମନ୍ଦିର ନିକଟକୁ ଆସିଥିଲା। ପଥପ୍ରାନ୍ତରେ ଶ୍ରଦ୍ଧାଳୁ ଓ ଶିକ୍ଷାନୁଷ୍ଠାନର ଶହଶହ ଛାତ୍ରଛାତ୍ରୀ ଓ କର୍ମଚାରୀ ଠାକୁରଙ୍କୁ ଭୋଗ ଓ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ଗୀତାଞ୍ଜଳି ରଥ, ନିୟମିତା ରଥ,ଲୋରାମିତ୍ରା ରଥ, ଚିନ୍ମୟୀ ରଥ, ଇଂ ଦୁର୍ଗାପ୍ରସାଦ ରଥ, ପ୍ରଭାତ କୁମାର ଦାଶ, ଜଗମୋହନ ରଥ, ଶିବ ପ୍ରସାଦ ରଥ, ସୁବ୍ରତ କୁମାର ରଥ, ମୋହିନୀମୋହନ ରଥ, ଆଶୁତୋଷ ଦ୍ୱିବେଦୀଙ୍କ ସମେତ ସ୍ଥାନୀୟ ଜଗନ୍ନାଥପ୍ରେମୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଡ୍ରିମ୍ସ ଫାଣ୍ଡି ପୁଲିସ ଓ ସୁରକ୍ଷା କର୍ମୀମାନେ ରାଜପଥରେ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ । ଆରମ୍ଭରୁ ପାଗ ପ୍ରତିକୂଳ ଥିଲେହେଁ ରଥ ଟଣା ବେଳେ ମହାପ୍ରଭୁଙ୍କ କୃପାରୁ ବର୍ଷା ହୋଇନଥିଲା ।

## ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀ

# ମହିଳାଙ୍କ ବିକାଶ ନୁହେଁ ମହିଳା ନେବେ ବିକାଶର ନେତୃତ୍ୱ : ଉପମୁଖ୍ୟମନ୍ତ୍ରୀ




ବାରିପଦା, (ସବ୍ୟୁ): ରାଜ୍ୟରେ ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ, ସ୍ୱାବଲମ୍ବନ ଏବଂ ମହିଳା ନେତୃତ୍ୱାଧୀନ ବିକାଶକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ 'ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀ' ବାରିପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ବିଭାଗର ମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ବ୍ଲକ୍ ସ୍ତରୀୟ ମହାସଂଘ (ବିଏଲ୍ଏଫ୍)ର ସଦସ୍ୟ ଏବଂ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ଙ୍କ ସହ ପୃଥକ୍ ପୃଥକ୍ ବାର୍ତ୍ତାଳାପ କରାଯିବା ସହ ମହିଳା ସଶକ୍ତୀକରଣ, ଉଦ୍ୟୋଗ ବିକାଶ ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ, ମହିଳାଙ୍କ ବିକାଶ ନୁହେଁ, ମହିଳା ନେବେ ବିକାଶର ନେତୃତ୍ୱ । ରାଜ୍ୟ ସରକାରଙ୍କ ଲକ୍ଷ୍ୟ କେବଳ ମହିଳାମାନଙ୍କ କଲ୍ୟାଣ ସୁନିଶ୍ଚିତ କରିବା ନୁହେଁ, ବରଂ ସେମାନଙ୍କୁ ରାଜ୍ୟର ବିକାଶ ପ୍ରକ୍ରିୟାର ଅଗ୍ରଣୀ ଭାଗୀଦାର ଭାବେ ଗଢ଼ି ତୋଳିବା । 'ସୁଭଦ୍ରା' ଯୋଜନା ମହିଳାମାନଙ୍କ ଆର୍ଥିକ ସ୍ୱାବଲମ୍ବନ ଓ ଆତ୍ମବିଶ୍ୱାସ ବୃଦ୍ଧି ସହ ସେମାନଙ୍କୁ ଉଦ୍ୟୋଗୀ ଓ ନିଷ୍ପତ୍ତି ଗ୍ରହଣକାରୀ ଭାବେ ସଶକ୍ତ କରିବାର ଏକ ଯୁଗାନ୍ତକାରୀ ପଦକ୍ଷେପ ।ଛ ସେ କହିଥିଲେ ଯେ, ବ୍ଲକ୍ ସ୍ତରୀୟ ମହାସଂଘ ଓ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ତୃଣମୂଳ ସ୍ତରରେ ଏହି ପରିବର୍ତ୍ତନର ପ୍ରମୁଖ ବାହକ। ସ୍ଥାନୀୟ ସମ୍ଭାବନାକୁ ଚିହ୍ନଟ କରି ଅଧିକରୁ ଅଧିକ ମହିଳାଙ୍କୁ 'ଲକ୍ଷପତି ଦିଦି' ଭାବେ ଗଢ଼ି ତୋଳିବା, ମହିଳା ଉଦ୍ୟୋଗ ସୃଷ୍ଟି, ଡିଜିଟାଲ୍ ଆର୍ଥିକ କାରବାରକୁ ପ୍ରୋତ୍ସାହନ, ସ୍ଥାନୀୟ ଉତ୍ପାଦର ବ୍ରାଣ୍ଡିଂ ଓ ବଜାର ସଂଯୋଗକୁ ସୁଦୃଢ଼ କରିବା ସହ ପୁଷ୍ଟିସାଧନ, ପରିମଳ, ବୃକ୍ଷରୋପଣ, ବାଲ୍ୟ ବିବାହ ନିରାକରଣ, ନିଶାମୁକ୍ତ ସମାଜ ଗଠନ ଏବଂ କୁପୋଷଣମୁକ୍ତ ଓଡ଼ିଶା ନିର୍ମାଣରେ ମହିଳାମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ସେ ଆହ୍ୱାନ ଜଣାଇଥିଲେ । ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ରାଜ୍ୟ ସରକାର ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ଓ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବାକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି । ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସୁଫଳ ପ୍ରତ୍ୟେକ ମହିଳାଙ୍କ ନିକଟରେ ପହଞ୍ଚାଇବାରେ ସୁଭଦ୍ରା ଶକ୍ତି ଏକ ସଶକ୍ତ ମାଧ୍ୟମ ବୋଲି ସେ ପ୍ରକାଶ କରିଥିଲେ। ବୈଠକରେ ବି.ଏଲ୍.ଏଫର ସାଙ୍ଗଠନିକ ସୁଦୃଢ଼ୀକରଣ, 'ଲକ୍ଷପତି ଦିଦି' ସୃଷ୍ଟି, ସୁଭଦ୍ରା ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ, ବ୍ୟାଙ୍କିଙ୍ଗ୍ ଓ ଡିଜିଟାଲ୍ ଆର୍ଥିକ କାରବାରର ସମ୍ପ୍ରସାରଣ, ସ୍ଥାନୀୟ ଉତ୍ପାଦର ବ୍ରାଣ୍ଡିଂ ଓ ବଜାର ସଂଯୋଗ, ପୁଷ୍ଟିସାଧନ, ପରିମଳ, ବୃକ୍ଷରୋପଣ, ବାଲ୍ୟ ବିବାହ ନିରାକରଣ ଏବଂ କୁପୋଷଣମୁକ୍ତ ଓଡ଼ିଶା ଗଠନ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ସମୀକ୍ଷା କରାଯାଇଥିଲା । ଏହା ସହ ଆଗାମୀ ୬ ମାସ ପାଇଁ ଏକ ସମନ୍ୱିତ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରି ମୟୂରଭଞ୍ଜ ଓ ବାଲେଶ୍ୱରର ପ୍ରତ୍ୟେକ ପଞ୍ଚାୟତରେ ଅତିକମରେ ଗୋଟିଏ ସଫଳ ସ୍ୱୟଂ ସହାୟକ ଗୋଷ୍ଠୀ ଉଦ୍ୟୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ସମ୍ମିଳନୀର ପ୍ରଥମ ଅଧିବେଶନରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ପ୍ରାୟ ୫୦୦ରୁ ଅଧିକ ବ୍ଲକ୍ ସ୍ତରୀୟ ମହାସଂଘ (ବି.ଏଲ୍.ଏଫ୍)ର ସଦସ୍ୟ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ସହ ସଂଗଠନର ଭୂମିକା, ମହିଳା ଉଦ୍ୟୋଗ ବିକାଶ ଏବଂ ଭବିଷ୍ୟତ କାର୍ଯ୍ୟଯୋଜନା ସମ୍ପର୍କରେ ସିଧାସଳଖ ବିସ୍ତୃତ ବାର୍ତ୍ତାଳାପ ଉପମୁଖ୍ୟମନ୍ତ୍ରୀ ଓ ଉପସ୍ଥିତ ସଦସ୍ୟ ମଧ୍ୟରେ ହୋଇଥିଲା । ସେହିପରି ଦ୍ୱିତୀୟ ଅଧିବେଶନରେ ମୟୂରଭଞ୍ଜ ଜିଲ୍ଲାର ପ୍ରାୟ ୮୦୦ରୁ ଅଧିକ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ (ସି.ଏସ୍.ଏସ୍.)ଙ୍କ ସହ ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ତୃଣମୂଳ ସ୍ତରରେ ମିଶନ ଶକ୍ତି କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିରନ୍ତର ସହଯୋଗ, ମହିଳାମାନଙ୍କ ଆର୍ଥିକ ଓ ସାମାଜିକ ସଶକ୍ତୀକରଣ ଏବଂ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାର ସୁଫଳ ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଦିଗରେ ଅଧିକ ନିଷ୍ଠା, ସମନ୍ୱୟ ଓ ସକ୍ରିୟତାର ସହ କାର୍ଯ୍ୟ କରିବାକୁ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ମାନଙ୍କୁ ଆହ୍ୱାନ ଜଣାଯାଇଥିଲା। ଉକ୍ତ ସମ୍ମିଳନୀରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ୍ ନାଏକ, ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ମିଶନ ଶକ୍ତି ବିଭାଗର ଅତିରିକ୍ତ ସଚିବ ଶୈଳେନ୍ଦ୍ର କୁମାର ଜେନା ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସଂଯୁକ୍ତା ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ ।

## ଚର୍ଚ୍ଚାରେ ଭଞ୍ଜନଗର ରାଜନୀତି

# ବିଜେଡିରେ ଥିଲି, ଅଛି, ରହିବି : ବିକ୍ରମ ଆରୁଖ



ଭଞ୍ଜନଗର, (ସବ୍ୟୁ) : ପୂର୍ବତନ ମନ୍ତ୍ରୀ, ଭଂଜନଗରର ୬ ଥରର ବିଧାୟକ ବିକ୍ରମ କେଶରୀ ଆରୁଖ ତଥା ବରିଷ୍ଠ ବିଜେଡି ନେତାଙ୍କୁ ନେଇ ଏବେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି । ଏ ସଂକ୍ରାନ୍ତରେ ଗଣ ମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ କହିଛନ୍ତି, ମୁଁ ବିଜେଡି ଦଳରେ ଥିଲି, ଅଛି ଏବଂ ରହିବି । ଅନ୍ୟ ଦଳକୁ ଯିବାପାଇଁ କେବେ ଚିନ୍ତା କରିନି। ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ରହି ଆସୁଛି। କେତେକ କ୍ଷେତ୍ରରେ ବ୍ୟକ୍ତିଗତ ଅସୁବିଧା ହେତୁ ଦଳୀୟ ବୈଠକରେ ଉପସ୍ଥିତ ରହିପାରିନି । ମୋତେ ନେଇ ହେଉଥିବା ଆଲୋଚନା, ଆମୂଳକ ଏବଂ ଉଦ୍ଦେଶ୍ୟ ମୂଳକ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ଶ୍ରୀ ଆରୁଖ ।

## ଗାଈଗୋରୁଙ୍କୁ ଖୋଲାରେ ଛାଡୁଛନ୍ତି ମାଲିକ

# ରାଜରାସ୍ତାରେ ଟ୍ରାଫିକ୍ ସମସ୍ୟା

ବୁଗୁଡା, (ସବ୍ୟୁ) : ଗାଈଗୋରୁ ରଖିଛନ୍ତି, ହେଲେ କାର୍ଯ୍ୟ ହାସଲ ପରେ ସେମାନଙ୍କ ଯତ୍ନ ନନେଇ ଖୋଲା ଛାଡ଼ି ଦେଉଛନ୍ତି ମାଲିକ । ଏହା ବୁଗୁଡ଼ା ସହରର ନିତିଦିନିଆ ଘଟଣାଛ ରାସ୍ତା ଉପରେ ଗାଈଗୋରୁ ଛିଡ଼ା ହୋଇ ରହୁଥିବା ବେଳେ ଟ୍ରାଫିକ୍ ସମସ୍ୟା ଦେଖାଦେବା ସହ ଛୋଟ ମୋଟ ଦୁର୍ଘଟଣା ଘଟୁଛି। ଏଥିସହ ଅନ୍ୟର ଜମିରେ ପଶି ତଳି ଖାଇ ନଷ୍ଟ କରୁଛନ୍ତି । ଫଳରେ ଚାଷୀଙ୍କ ସମସ୍ୟା ମଧ୍ୟ ବଢୁଛି। ଏପରିକି ପରିବା କିଣି ଗାଡିରେ ଲଗାଇଥିଲେ ତାହାକୁ ଟାଣି ଖାଇବା ସହ ଗାଡିକୁ ଓଲଟାଇ ଦେଉଛନ୍ତି ଏବଂ ରାସ୍ତାକଡ ଦୋକାନରୁ ଜଳଖିଆ ଖାଉଥିବା ଲୋକେ ଟିକିଏ ଅନ୍ୟମନସ୍କ ରହିଲେ ହାତରୁ ଜଳଖିଆ ପ୍ଲେଟକୁ ଟାଣି ନେଉଛନ୍ତି। ଫଳରେ ଏହି ବୁଲା ଗାଈଗୋରୁଙ୍କ ଦୌରାତ୍ମ୍ୟ ଯୋଗୁଁ ଲୋକେ ପ୍ରତ୍ୟେକ କ୍ଷେତ୍ରରେ ହଇରାଣ ହେଉଛନ୍ତି। ଏନ୍ଏସି ପ୍ରଶାସନ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ବୁଗୁଡାରେ କାଞ୍ଜିଆ ହୁଦା କାମ କରୁନଥିବାରୁ ଏଭଳି ସ୍ଥିତି ଉପୁଜୁଥିବା ଲୋକ ଅଭିଯୋଗ କରିଛନ୍ତି। ବୁଗୁଡା ସହରର ବସଷ୍ଟାଣ୍ଡ ଛକ, ହାଇସ୍କୁଲ ଛକ, ମଦନମୋହନ ଛକ, ମେଡିକାଲ ଛକ, ବ୍ଲକ ଛକ ଏବଂ ବଡଦାଣ୍ଡ ଆଦି ବିଭିନ୍ନ ସ୍ଥାନ ସମେତ ବିଭିନ୍ନ ସାହିରେ ଗୋରୁ ପଲଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ବୁଗୁଡା ଦେଇ ଯାଇଥିବା ରାଜ୍ୟ ରାଜପଥରେ ମାଳମାଳ ଗାଈଗୋରୁ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ଏଥିଯୋଗୁଁ ଅନେକ ସମୟରେ ଜରୁରୀ କାମରେ ଯାଉଥିବା ଲୋକେ ଫସି ରହୁଛନ୍ତି। ମାଲିକମାନେ କ୍ଷୀର ବାହାର କରିବା ପରେ ଖୋଲା ଛାଡ଼ି ଦେଉଛନ୍ତି । ଫଳରେ ସେମାନେ ବାହାରେ ବୁଲି ଏଭଳି କରୁଛନ୍ତି। ଏନେଇ ବାରମ୍ବାର ଗଣମାଧ୍ୟମ ଖବର ପ୍ରକାଶ ପରେ ମଧ୍ୟ ଏହି ସମସ୍ୟାର ସମାଧାନ ହୋଇପାରୁନାହିଁ । ତୁରନ୍ତ ଏହି ସମସ୍ୟାର ସମାଧାନ ସହ ମାଲିକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ବଳାତ୍କାର ଅଭିଯୋଗରେ ଦୁଇ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଝିଆରୀକୁ ବଳାତ୍କାର କରିଥିବା ଅଭିଯୋଗରେ ଗୋଶାଣି ନୂଆଗାଁ ପୋଲିସ ପୀଡିତାଙ୍କ ଦାଦା ଓ ବଡ଼ବାପାଙ୍କୁ ଗିରଫ କରିଛି। ସେମାନେ ହେଲେ ନାରାୟଣ ନାହାକ ଓ ବାମଦେବ ନାହାକ। ମାମଲା ନଂ ୨୭୧/୨୬ ରେ ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ପୀଡ଼ିତା ଏବଂ ଦୁଇ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇ ନମୁନା ସଂଗ୍ରହ କରାଯାଇଛି। ସେମାନଙ୍କ ଜାମିନ୍ ନାମଞ୍ଜୁର ହେବାରୁ ବ୍ରହ୍ମପୁର ସର୍କଲ୍ ଜେଲକୁ ପଠାଇ ଦିଆଯାଇଛି। ଜଣୈକା ୧୭ ବର୍ଷର ନାବାଳିକା ଉକ୍ତ ଥାନା ଅଞ୍ଚଳରେ ରହୁଥିଲେ। ନିକଟରେ ତାଙ୍କ ବାପାଙ୍କଦୁଇ ଭାଇ ମଧ୍ୟ ରହୁଥିଲେ। ଯେତେବେଳେ ଘରେ କେହି ରହୁନଥିଲେ ସେହି ସମୟରେ ସେମାନେ ସେଠାକୁ ଆସି ତାଙ୍କୁ ଯୌନ ଶୋଷଣ କରୁଥିଲେ । ତାଙ୍କ ଦାଦା ( ବାପାଙ୍କ ସାନ ଭାଇ) ମଧ୍ୟ ତାଙ୍କୁ ଯୌନ ଶୋଷଣ କରି ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ । ଏ ସମ୍ପର୍କରେ ପୀଡିତା ଗୋଶାଣିନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ବାନ୍ଧିଥିଲା।



ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ମାଉସୀ ମା'ମନ୍ଦିରରେ ମହାପ୍ରଭୁଙ୍କ ମତ୍ସ୍ୟ-କୁର୍ମ ବେଶ
ଫଟୋ : ସୌମ୍ୟ ରଞ୍ଜନ ପଟ୍ଟନାୟକ

# ଯାତ୍ରୀଙ୍କୁ ଆକ୍ରମଣ, ଦୁଇ ଗିରଫ



ବ୍ରହ୍ମପୁର, (ସବ୍ୟୁ): ରାସ୍ତାରେ ଯାଉଥିବା ବାଇକ ଚାଳକଙ୍କୁ ଅଟକାଇ ଟଙ୍କା ମାଗିବା ସହ ଆକ୍ରମଣ କରିଥିବା ଅଭିଯୋଗରେ ନିମଖଣ୍ଡି ପୋଲିସ ଦୁଇଜଣଙ୍କୁ ବାନ୍ଧିଛି। ଅଭିଯୁକ୍ତମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଗୁରୁଣ୍ଟି ଗ୍ରାମର ଚିଣ୍ଟୁ ଦାସ (୨୪) ଓ କେ. ବାବୁଲି ପାତ୍ର (୩୦)। ଘଟଣାରେ ବ୍ୟବହୃତ ପଥରକୁ ପୋଲିସ ଜବତ କରିଛି। ଥାନା କେସ୍ ନଂ-୨୧୫/୨୬ ରେ ଉଭୟ ଅଭିଯୁକ୍ତଙ୍କୁ ପୋଲିସ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, , ୬ ଜୁଲାଇ ଅପରାହ୍ନ ପ୍ରାୟ ୩ଟା ବେଳେ ଅଭିଯୋଗକାରୀ ଶିବାନନ୍ଦ ପାଢ଼ୀ (୨୫) ଓ ତାଙ୍କ ସାଙ୍ଗ ଜିଲୁ ଗୌଡ଼ା ମୋଟରସାଇକେଲରେ ପୁରୁଷୋତ୍ତମପୁରରୁ ବ୍ରହ୍ମପୁର ଆସୁଥିଲେ। ଗୁରୁଣ୍ଟି ରାସ୍ତାରେ ଅଭିଯୁକ୍ତମାନେ ସେମାନଙ୍କୁ ଅଟକାଇ ବାଇକର ଚାବି ଛଡ଼ାଇ ନେବା ସହ ମୋବାଇଲ ଫୋନ୍ ଓ ଟଙ୍କା ଦେବାକୁ ଦାବି କରିଥିଲେ। ଉଭୟ ଯୁବକ ଏଥିରେ ରାଜି ନହେବାରୁ ଅଭିଯୁକ୍ତମାନେ ସେମାନଙ୍କ ଉପରକୁ ପଥର ଫିଙ୍ଗି ହତ୍ୟା ଉଦ୍ୟମ କରିଥିଲେ। ଫଳରେ ଶିବାନନ୍ଦ ଓ ଜିଲୁଙ୍କ ମୁଣ୍ଡ, ହାତ, କହୁଣି ଓ ପେଟରେ ଗୁରୁତର ଆଘାତ ଲାଗି ସେମାନେ ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲେ। ସୁସ୍ଥ ହୋଇ ମେଡିକାଲରୁ ଫେରିବା ପରେ ଶିବାନନ୍ଦ ପାଢ଼ୀ ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୋଲିସ ଘଟଣାରୁ ତଦନ୍ତ କରି ପୋଲିସ ଉକ୍ତ ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲା ବୋଲି କହିଛି ।

# ୩୩% ମହିଳା ଆରକ୍ଷଣ ବିଲ୍ କାର୍ଯ୍ୟକାରୀ ଦାବିରେ କଂଗ୍ରେସର ପୋଷ୍ଟକାର୍ଡ ଅଭିଯାନ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବାରିପଦାସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏବଂ ନାରୀ ନେତ୍ରୀ ଭୁବନେଶ୍ୱରୀ ଜେନାଙ୍କ ସଂଯୋଜନାରେ ୩୩ ପ୍ରତିଶତ ମହିଳା ଆରକ୍ଷଣ ବିଲ୍କୁ ତୁରନ୍ତ କାର୍ଯ୍ୟକାରୀ କରିବା ଦାବିରେ ଏକ ପୋଷ୍ଟକାର୍ଡ ଅଭିଯାନ ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା କଂଗ୍ରେସର କାର୍ଯ୍ୟକାରିଣୀ ସଦସ୍ୟା ସୁନିତା ନାୟକ, ସବିତା ସୋରେନ, ଭାରତୀ ପାତ୍ର, ଗୌରୀ ନାୟକ ଓ ସସ୍ମିତା ବେହେରା ବର୍ତ୍ତମାନର କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେମାନେ କହିଥିଲେ ଯେ, ସଂସଦରେ ମହିଳା ଆରକ୍ଷଣ ବିଲ୍ ପାରିତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରାଯାଇ ନଥିବାରୁ ଦେଶର ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ତୁରନ୍ତ ବିଲ୍କୁ ଲାଗୁ କରି ମହିଳାମାନଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ପ୍ରଦାନ କରିବାକୁ ସେମାନେ ଦାବି କରିଥିଲେ। ପୋଷ୍ଟକାର୍ଡ ଅଭିଯାନ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ମହିଳା ଆରକ୍ଷଣ ବିଲ୍କୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଦାବି ଜଣାଇଥିଲେ ମହିଳା କର୍ମୀମାନେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଆଦିବାସୀ କଂଗ୍ରେସର ଉପାଧ୍ୟକ୍ଷ ଚୈତନ ହାଁସଦାଃ, ଜିଲ୍ଲା ଉପସଭାପତି ନାରାୟଣ ପଟ୍ଟନାୟକ, ଶେଖ ରକିମ, ଅସିତ ଦାସ, ଅଭିଷେକ ଯାଦବ, ବନମାଳୀ ବାରିକ, ଉତ୍ତମ ବେହେରା, ପ୍ରତାପ ନାୟକ, ଶଶୀ ଯାଦବ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ କଥିତ ମହିଳା ବିରୋଧୀ ଚିନ୍ତାଧାରାକୁ ଘୋର ବିରୋଧ କରିଥିଲେ ଏବଂ ମହିଳାଙ୍କୁ ରାଜନୈତିକ କ୍ଷେତ୍ରରେ ସମାନ ପ୍ରତିନିଧିତ୍ୱ ଦେବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ର ସରକାରଙ୍କୁ ଆହ୍ୱାନ ଜଣାଇଥିଲେ।

# ଭକ୍ତଙ୍କୁ ଟଙ୍କତୋରାଣି ବଣ୍ଟନ

ବାରିପଦା, (ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରା ଅବସରରେ ଦୁଇଦିନଧରି ଓଡିଶା ରାଜ୍ୟ ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖା ତରଫରୁ ଯାତ୍ରାରେ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ପୁରୀର ପ୍ରସିଦ୍ଧ 'ଟଙ୍କତୋରାଣି ବଣ୍ଟନ କରାଯାଇଥିଲା । ସ୍ଥାନୀୟ ଶୀତଳା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ଦୁଇଦିନିଆ କାର୍ଯ୍ୟକ୍ରମକୁ ମହାସଭାର ସାଧାରଣ ସମ୍ପାଦକ ପଣ୍ଡିତ ଭାଗବତ ପଣ୍ଡା ଉଦଘାଟନ କରିଥିଲେ । ମହାସଭା କାର୍ଯ୍ୟକାରୀ ସଭାପତି ସୁଦର୍ଶନ ଦିୱେଦି, ଉପସଭାପତି ସାରଥୀ ଦାଶ, ସମ୍ପାଦକ ସଞ୍ଜୟ କୁମାର ଗୋସ୍ୱାମୀ, ସହସମ୍ପାଦକ ବିଭୁତି ଭୂଷଣ ମିଶ୍ର, ଯୁଗ୍ମ ସମ୍ପାଦକ ନରୋତ୍ତମ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସୁରେଶ କୁମାର ପାଣିଗ୍ରାହୀ, ଅଚ୍ୟୁତ୍ ପ୍ରସାଦ ମହାପାତ୍ର, ସମ୍ବିତ ମହାପାତ୍ର ଓ ବାପୁ ଶତପଥୀ ପ୍ରମୁଖଙ୍କ ନେତୃତ୍ୱରେ ଅନୁଷ୍ଠିତ କାଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଖୁସିରେ ଟଙ୍କତୋରାଣି ପାନ କରିଥିଲେ । ଆସନ୍ତା ବାହୁଡା ଯାତ୍ରାରେ ମଧ୍ୟ ଭକ୍ତଙ୍କୁ ସେହିଠାରେ ଟଙ୍କତୋରାଣି ବଣ୍ଟନ କରାଯିବ ।

# ବିଦ୍ୟୁତ୍ ଆଘାତରେ ଯୁବକ ଆହତ



ବୁଗୁଡ଼ା, (ସବ୍ୟୁ) : ବିଦ୍ୟୁତ୍ଧକ୍କାରେ ଆହତ ହୋଇ ଜୈନେକ ଯୁବକ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ଆହତ ଯୁବକ ଜଣକ ହେଲେ କଇମ ଗ୍ରାମର ସନ୍ତୋଷ ନାଇକ (୩୫)। ଘଟଣାରୁ ପ୍ରକାଶ ଯେ, ରବିବାର ସକାଳେ ସନ୍ତୋଷ ମୋଟର ଲଗାଇ ବିଲକୁ ପାଣି ଉଠାଉଥିବା ବେଳେ ଅସାବଧାନତା ବଶତଃ ବିଦ୍ୟୁତ ସଂସ୍ପର୍ଶରେ ଆସି ଧକ୍କା ଖାଇ ଆହତ ହୋଇଥିଲେ। ଆଖପାଖରେ ଥିବା ଲୋକେ ତାଙ୍କୁ ସେଠାରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ମେଡିକାଲକୁ ଆଣିଥିଲେ । ମେଡିକାଲରେ ପ୍ରାଥମିକ ଉପଚାର ପରେ ତାଙ୍କର ଅବସ୍ଥାରେ ସୁଧାର ଆସିଥିବା ଜଣାଯାଇଛି।

## ନରେନ୍ଦ୍ରପୁରର ଗଙ୍ଗେଶ୍ୱର ଯୁଗଳଙ୍କ ଶଙ୍ଖ ବାଦ୍ୟ

# ନୂଆଦିଲ୍ଲୀରେ ପାଇଲେ ଭବ୍ୟ ପ୍ରଶଂସା



ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ସହର ଉପକଣ୍ଠ ନରେନ୍ଦ୍ରପୁରର ଗଙ୍ଗେଶ୍ୱର ଯୁଗଳ ଶଙ୍ଖ ବାଦ୍ୟର ପରିଚାଳକ ଶରତ ଚନ୍ଦ୍ର ମହାପାତ୍ର ଏବଂ ପବିତ୍ର କୁମାର ମହାପାତ୍ରଙ୍କ ଦଳକୁ ନୂଆଦିଲ୍ଲୀ ସ୍ଥିତ ହାଉଜଖାସ ଜଗନ୍ନାଥ ମନ୍ଦିରରେ ପୂର୍ବତନ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ତଥା ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ପ୍ରିନ୍ସପାଲ ସେକେରଟାରୀ ଥିବା ଶକ୍ତିକାନ୍ତ ଦାସ ଭବ୍ୟ ସ୍ୱାଗତ କରିବା ସହ ଉଚ୍ଚ ପ୍ରଶଂସା କରିଛନ୍ତି। ଶ୍ରୀଯୁକ୍ତ ଶକ୍ତିକାନ୍ତ ଦାସ ଏବଂ ତାଙ୍କ ସହ ଧର୍ମଣୀ ଚମତ୍କାର ଯୋଡି ଶଙ୍ଖର ବାଦନ ଶୈଳୀ ଦେଖି ଆତ୍ମ ବିଭୋର ହେବା ସହ ଆପଣ ମାନେ କେଉଁଠୁ ଆସିଛନ୍ତି ବୋଲି ପଚାରି ବୁଝିଥିଲେ। ଯେତେବେଳେ ସେ ଜାଣିଲେ ଆମ ଓଡିଶାର ଗଞ୍ଜାମ ଜିଲ୍ଲାର ନରେନ୍ଦ୍ରପୁରରୁ ଆସିଛନ୍ତି, ସେତେବେଳେ ସେ ଖୁସିରେ ନାଚି ଉଠିବା ସହ ମୁଁ ଜଣେ ଓଡ଼ିଆ ପୁଅ ହିସାବରେ ଆପଣ ମାନଙ୍କ ପାଇଁ ଗର୍ବିତ ବୋଲି କହିଥିଲେ। ପରେ ଉଭୟେ ପତି, ପତ୍ନୀ କଳାକାର ମାନଙ୍କୁ ନିଜ ବାସଭବନକୁ ନିମନ୍ତ୍ରଣ କରି ଆତିଥେୟତା ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ, ଶ୍ରୀ ଗଙ୍ଗେଶ୍ୱର ଯୁଗଳ ଶଙ୍ଖ ବାଦ୍ୟ ଭାରତ ବ୍ୟତୀତ ବିଦେଶରେ ମଧ୍ୟ ନିଜର କଳାକୁ ପଦର୍ଶନ କରି ପ୍ରାୟ ପାଞ୍ଚ ସହରୁ ଉର୍ଦ୍ଧ୍ୱ ପୁରସ୍କାର ପାଇଛନ୍ତି ।

# ସାଇ ବିଦ୍ୟା ମନ୍ଦିର ଶ୍ୟାମ କ୍ଲାସେସ୍‌ରେ ସଫଳତାର ଅଧ୍ୟାୟମାରମ୍ଭ




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ମାଟିର ଜ୍ଞାନ କାନନର ମହାଦ୍ରୁମ, ଐତିହାସିକ କୀର୍ତ୍ତିରାଜିର ସ୍ୱର୍ଣ୍ଣିମ ସୂର୍ଯ୍ୟରଶ୍ମି ସାଇ ବିଦ୍ୟା ମନ୍ଦିର ସୃଷ୍ଟି କରିଛି ତାର ସଫଳତାର ନୂତନ ଦିଶା। ଏସ.ଭି.ଏମ ଶ୍ୟାମ କ୍ଲାସେସରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନେ ୨୦୨୬ ମସିହାରେ ପ୍ରକାଶିତ ସର୍ବଭାରତୀୟ ନିଟ୍,ଜେଇଇ ମେନ୍, ଓୟୁଏଟି, ନାଇଜର,ଆଇଜର ଆଦି ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରି ଅନୁଷ୍ଠାନରେ ଏକ ବିରଳ କୃତିତ୍ୱ ହାସଲ କରିଛନ୍ତି। ଓମ୍ପ୍ରକାଶ ନାୟକ ୫୬୩, ଦେବ୍ରାଜ ସିଂ ୫୨୪, କାପୁରା ହାଁସଦାଃ ୪୧୦ ନମ୍ବର ରଖି ଡାକ୍ତରୀ ବିଦ୍ୟା ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ସାଇଜ୍ୟୋତି ମହାନ୍ତି, ଶୁଭମ ମହାନ୍ତି, କମଲ ଲଚନ ମହାନ୍ତ ଓ ପ୍ରୀତି ପ୍ରିୟମ୍ବଦା ଦାସବାବୁ ଓୟୁଏଟି ପଢିବା ପାଇଁ ସଫଳତା ହାସଲ କରିଛନ୍ତି। ଅବିନାଶ ବେହେରା ସିୟୁଇଟି(ୟୁଜି)ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉତ୍ତର ଓଡିଶାର ଉପସଚିବ ରାଜେଶ କୁମାର ପ୍ରଧାନ ଯୋଗଦାନ କରି ତାଙ୍କର ସମର୍ପିତ ଭାବନା, ପ୍ରେରଣା ପଦ ଅଭିଭାଷଣ ଦ୍ୱାରା ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ମଞ୍ଚାସୀନ ସାଇ ବିଦ୍ୟା ମନ୍ଦିରର ନିର୍ମାତା ନିର୍ଦ୍ଦେଶକ ଡଃ ପ୍ରଭଞ୍ଜନ ରାଉତ, ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ, ମହାପ୍ରବନ୍ଧକ ଦେବାଶିଷ ମୁଦୁଲି, ପରିଚାଳନା ସମ୍ପାଦକ ବିଶ୍ୱେନ୍ଦୁ ଦାସ, ଅଧ୍ୟକ୍ଷ ଅକ୍ଷୟ ଖୁଲାର, ପ୍ରଧାନ ଶିକ୍ଷକ ରାଜୀବ ଗାନ୍ଧୀ, ସିବିଏସଇ ପ୍ରିନ୍ସିପାଲ ଅଞ୍ଜଳି ପଣ୍ଡିତ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦ୍ୱାରା ସମ୍ବର୍ଦ୍ଧିତ କରିବା ସହିତ ସେମାନଙ୍କର ଉଜ୍ଜ୍ୱଳ ତଥା ନିରାମୟ ଭବିଷ୍ୟତ କାମନା କରିଥିଲେ।

# ଅନୁଗୋଳ ବାଣିଜ୍ୟ ମେଳା ଉଦ୍‌ଘାଟିତ



ଅନୁଗୋଳ, (ସବ୍ୟୁ) : ଆଜି ସ୍ଥାନୀୟ ବିଜୁ ମଇଦାନ ଠାରେ ଦ୍ୱିତୀୟ ଅନୁଗୋଳ ବାଣିଜ୍ୟ ମେଳା ଉଦଘାଟିତ ହୋଇଯାଇଛି। ଅନୁଗୋଳ ପୌର ପରିଷଦର ନଗରପାଳ ଅକ୍ଷୟ କୁମାର ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜି ସନ୍ଧ୍ୟାରେ ଏହି ମେଳାକୁ ଉଦଘାଟନ କରିଥିଲେ। ଅନୁଗୋଳ ପୌର ପରିଷଦର ୧୩ ନମ୍ବର ୱାର୍ଡ କାଉନସିଲର ସୁଜାତା ପୋଲାର ଓ ୧୪ ନମ୍ବର ୱାର୍ଡ କାଉସିଲର ସୁଲୋଚନା ଦ୍ୱିବେଦୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦଘାଟନୀ ଉତ୍ସବରେ ଆୟୋଜକ ସଂଜୀବ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳା ଅନୁଗୋଳବାସୀଙ୍କ ମନୋରଞ୍ଜନ କରିବା ସହିତ ସ୍ଥାନୀୟ ହସ୍ତତନ୍ତ୍ର ହସ୍ତଶିଳ୍ପର ବିକାଶରେ ଏକ ପ୍ରମୁଖ ମାଧ୍ୟମ ହୋଇପାରିଛି ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଓଡିଶା ତଥା ଓଡ଼ିଶା ବାହାରର ହସ୍ତତନ୍ତ୍ର ହସ୍ତଶିଳ୍ପ ସାମଗ୍ରୀର ବିକ୍ରୟ ଓ ପ୍ରଦର୍ଶନୀ ହେଉଛି ଏହି ବାଣିଜ୍ୟକ ମେଳାର ଉଦ୍ଦେଶ୍ୟ। ପବିତ୍ର ରଥଯାତ୍ରା ଅବସରରେ ଏହି ମେଳାରେ ଭାରତ ସରକାରଙ୍କ ଲଘୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସହଯୋଗରେ ଓଡ଼ିଶା ଓ ରାଜ୍ୟ ବାହାର ମହିଳା ଉଦ୍ୟୋଗୀଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ୍ର ହସ୍ତଶିଳ୍ପ ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରୟ କରାଯାଉଛି। ଏମଏମଏସଏମଇ ପକ୍ଷରୁ ୬୦ ଟି ଷ୍ଟଲ ପ୍ରଦର୍ଶିତ କରାଯାଉଥିବା ବେଳେ ଘରକରଣା ଓ ମନୋହାରୀ ଦୋକାନ ସହ ସୁସ୍ୱାଦ ଖାଦ୍ୟର ୧୦୦ ଟି ଷ୍ଟଲ ସହିତ ମୋଟ ୧୬୦ ଟି ଷ୍ଟଲ ଏହି ମେଳାର ଶୋଭା ବଢ଼ାଉଛି। ଏହା ସହିତ ଛୋଟ ପିଲାଙ୍କ ପାଇଁ ଛୋଟ ବଡ ବିଭିନ୍ନ ପ୍ରକାର ଦୋଳି ରହିଛି। ପ୍ରତିଦିନ ସନ୍ଧ୍ୟାରେ ଓଡିଶାର ସୁନାମଧନ୍ୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଲୋକକଳା ଲୋକନୃତ୍ୟ ପ୍ରଦର୍ଶିତ କରାଯିବାର ବ୍ୟବସ୍ଥା ରହିଛି। ଏହି ମେଳା ୧୫ ତାରିଖ ଠାରୁ ଆରମ୍ଭ ହୋଇ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଦୂଷିତ ପାନୀୟ ଜଳ ପିଉଛନ୍ତି ପୌରାଞ୍ଚଳବାସୀ

# ସଂକ୍ରମଣର ଶିକାର ହେବା ସମ୍ଭାବନା

ତାଳଚେର, (ସବ୍ୟୁ) : ୧୯୯୯ ମସିହା ଠାରୁ ତାଳଚେର ବ୍ଲକ ଅନ୍ତର୍ଗତ ବଲଣ୍ଡା ଗ୍ରାମର ୩୨୧ ପରିବାରକୁ ହାଣ୍ଡିଧୂଆଁ ନିକଟରେ ଥଇଥାନ କରାଯାଇଛି। ଯାହାକି ୨୦୦୬ ମସିହାରୁ ତାଳଚେର ପୌରପାଳିକା ୱାର୍ଡ଼ ୧୯ରେ ଅନ୍ତର୍ଭୂକ୍ତ। ବିସ୍ଥାପନ ଦିନଠାରୁ ସମସ୍ତ କୌଳିକ ସୁବିଧାରୁ ବଂଚିତ ଥିଲେ ହେଁ ଆଜି ପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ସେମାନଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ହୋଇପାରିଲା ନାହିଁ ବୋଲି ୱାର୍ଡ଼ବାସୀମାନେ ଅଭିଯୋଗ କରିଛନ୍ତି। ପ୍ରଥମରୁ ଏମସିଏଲ ହାଣ୍ଡିଧୂଆଁ ଭୂ-ତଳ କୋଇଲା ଖଣିରୁ ବିନା ବିଶୋଧନ ଦ୍ୱାରା ୧୯୯୨ ମସିହାରୁ ବିଛାଯାଇଥିବା ଜିଆଇ ପାଇପ ଦ୍ୱାରା ପାନୀୟଜଳ ବ୍ୟବସ୍ଥା ଅଛି ଯାହାକି, ଆଜି ଦିନରେ ପାଇପ ଗୁଡ଼ିକ ନଷ୍ଟ ହେବା ସହ ଗ୍ରାମ ଭିତରେ ଓ ବାହାରେ ପ୍ରାୟ ୫୦ରୁ ୬୦ସ୍ଥାନରେ ଫାଟିବା ସହ ଡ୍ରେନପାଣି, ତଥା କୁକୁର ଓ ଗାଈଗୋରୁ ବ୍ୟବହାର କରୁଥିବା ଜଳ ସେହି ଫଟା ପାଇପରେ ଗ୍ରାମବାସୀମାନଙ୍କୁ ଯୋଗାଇ ଦିଆଯାଉଛି। ନିକଟରେ ମଧ୍ୟପ୍ରଦେଶର ଇନ୍ଦୋର ତଥା ଓଡ଼ିଶାରେ ଏହାର କୁପରିମଣାମ ଦେଖିବାକୁ ମିଳିଛି। ସରକାରୀ ତଥ୍ୟ ଅନୁଯାୟୀ ଡ଼ିଏମ ଫଣ୍ଡରୁ ୧୫ଲକ୍ଷ ଟଙ୍କା ବିନିଯୋଗ କରାଯାଇ ଘରେ ଘରେ ନଳ ଘରେ ଘରେ .ଜଳ ବ୍ୟବସ୍ଥା ହୋଇଛି, କିନ୍ତୁ ବିଶୁଦ୍ଧ ପାନୀୟଜଳ ସଂଯୋଗର କୌଣସି ଗନ୍ଧ ସମ୍ପୂର୍ଣ୍ଣ୍ ୱାର୍ଡ଼ବାସୀ ଜାଣିନାହାନ୍ତି ବୋଲି ଏହା ପ୍ରକାଶ କରିଛନ୍ତି। ତାଳଚେରରେ ବଡ଼ବଡ଼ ରାଜନେତା ନିଜକୁ ଜନତାଙ୍କ ବଡ଼ ସେବକ କହୁଥିବା ବେଳେ ୧୯ନଂ ୱାର୍ଡ଼ରୁ ଦୀର୍ଘ ୧୫ବର୍ଷ ହେବ ବିଧାୟକ ବ୍ରଜକିଶୋର ପ୍ରଧାନ ପ୍ରତିନିଧିତ୍ୱ କରୁଥିବା ବେଳେ କଳିଙ୍ଗରତ୍ନ କେନ୍ଦ୍ର ଶିକ୍ଷା ଓ ଦକ୍ଷତାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସରକାରଙ୍କ ଜଣେ ଟାଣୁଆ ନେତାଭାବେ ନିଜ ଜନ୍ମସ୍ଥାନ ୱାର୍ଡ଼ ନଂ-୧୮କୁ କେନ୍ଦ୍ରକୁ ପ୍ରତିନିଧିତ୍ୱ କରୁଛନ୍ତି। ତେବେ ଏହି ଦୁଇଜଣ ଟାଣୁଆ ନେତା ରହିଥିବା ବେଳେ ଦୀପତଳ ଅନ୍ଧାର ସଦୃଶ୍ୟ ଆଜି ୱାର୍ଡ଼ବାସୀ ପିଇବା ପାଣିଟୋପାଏ ପାଇଁ ଡ଼ହକବିକଳ ହେଉଛନ୍ତି ବୋଲି ୱାର୍ଡ଼ବାସୀ ଏହା କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଟରେ ୪ଥର ଦେଖା କରିଥିଲେ ହେଁ ଏହାର କୌଣସି ସୁଫଳ ମିଳିପାରି ନାହିଁ ବୋଲି ସେମାନେ ଏହା ଅତି ଦୁଃଖର ସହିତ କହିଛନ୍ତି। ପ୍ରକାଶ ଥାଉକି, ଏହି ବଲଣ୍ଡା ଗ୍ରାମ ତାଳଚେରରେ ପ୍ରଥମେ ଖୋଲାମୁହଁ ଖଣି ନିମନ୍ତେ ୧୯୬୦, ୧୯୬୨ ଏବଂ ୧୮୯୪ ମସିହାରେ ୧ ହଜାର ଏ୧ଶହ ୭୨ଏକର ଘରବାଡ଼ି, ଜମି ହରାଇଥିବା ବେଳେ ସାମାନ୍ୟ ପାଣିଟୋପାଏ ପାଇଁ ଦହଗଞ୍ଜ ହେଉଥିବା କେତେ ଦୁଃଖଦାୟକ। ତେବେ ଅନ୍ୟ ୱାର୍ଡ଼ ଗୁଡ଼ିକର ଦୃଶ୍ୟ କଣ ହୋଇଥାଏ ପାରେ ତାହା କହିବା ସମ୍ଭବପର ନୁହେଁ। ଜିଲ୍ଲା ଖଣିଜପାଣ୍ଠିରେ ପ୍ରଚୁର ଅର୍ଥ ପଡ଼ି ରହିଥିଲେ ମଧ୍ୟ ତାହା କାହାସ୍ୱାର୍ଥରେ ବୋଲି ଏକ ବଡ଼ପ୍ରଶ୍ନ ସୃଷ୍ଟି କରୁଛି।



### ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୩୯ତମ ସଂସ୍କରଣ

# ସାଧୁ ସନ୍ଥଙ୍କ ଗହଣରେ ଜକା ମହିମା ଆଶ୍ରମ ପରିଦର୍ଶନ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୩୯ତମ ସଂସ୍କରଣ କାମାକ୍ଷାନଗର ଉପଖଣ୍ଡରେ ଅବସ୍ଥିତ ଜକା ମହିମା ଆଶ୍ରମ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଆଶ୍ରମ ପରିସରରେ ଥିବା ଜ୍ୟୋତି ମନ୍ଦିର, ବତି ମନ୍ଦିର,ସାଧୁସନ୍ଥଙ୍କ ରହଣି ପାଇଁ ଥିବା ଟୁଙ୍ଗି ଗୃହ, ସେଠାରେ ଥିବା ଛୋଟ ଏକ ସୁନ୍ଦର ପୁଷ୍କରିଣୀ ଓ ଆଶ୍ରମ ପରିସରର ସବୁଜିମାମୟ ମନୋରମ ପ୍ରାକୃତିକ ପରିବେଶ ବୁଲି ଦେଖିବା ପରେ ଭଜନ ମଣ୍ଡପ ଠାରେ ଜକା ଆଶ୍ରମର ଇତିହାସ, ପରମ୍ପରା, ରୀତି, ନୀତି ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ଆଶ୍ରମର ମୁଖ୍ୟ ପରିଚାଳକ ସାଧୁ ବୀରବର ଦାସ ମହିମା ଧର୍ମରେ ଜକା ଆଶ୍ରମର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ । ମହିମା ଧର୍ମରେ ବିଖ୍ୟାତ ପଞ୍ଚ ତୀର୍ଥ ମଧ୍ୟରେ ଜକା ଆଶ୍ରମ ହେଉଛି ଅନ୍ୟତମ । ଏହି ଆଶ୍ରମକୁ ମହିମା ଧର୍ମର ପ୍ରତିଷ୍ଠାତା ପ୍ରବୁଦ୍ଧ ଗୁରୁ ମହିମା ସ୍ୱାମୀ ସ୍ୱୟଂ ପ୍ରତିଷ୍ଠା କରିଥିଲେ । ପ୍ରବ୍ରଜ୍ୟାରେ ଧର୍ମ ପ୍ରଚାର କାଳରେ ମହିମାସ୍ୱାମୀ ଅନେକ ବାର ଜକାରେ ଅବସ୍ଥାନ କରି ତାଙ୍କର ଅଲୌକିକ ଲୀଳା ପ୍ରକାଶ କରିଥିଲେ । କପିଳାସ ପର୍ବତ ମାଳାରେ ଦୀର୍ଘ ବର୍ଷ ତପସ୍ୟା କରି ସିଦ୍ଧି ଲାଭ ପରେ ମହିମା ସ୍ୱାମୀ ନିଜର ଏକେଶ୍ୱରବାଦ ,ବ୍ରହ୍ମ ଉପାସନା ତତ୍ତ୍ୱ ମାଧ୍ୟମରେ ମହିମା ଧର୍ମ ପ୍ରଚାର କରିଥିଲେ। ଯେଉଁ ମହିମା ଧର୍ମ ପରବର୍ତ୍ତୀ କାଳରେ ସମଗ୍ର ଓଡ଼ିଶାରେ ଏକ ସାମାଜିକ ଗଣ ଚେତନା ରୂପେ ଆପଣା ମହିମାରେ ମହିମାନ୍ୱିତ ହୋଇ ପାରିଥିଲା। ଏହି ଆଶ୍ରମଟି ପଞ୍ଚ ତୀର୍ଥର ଠିକ୍ ମଧ୍ୟ ସ୍ଥଳରେ ଥିବାରୁ ଏହା ମେରୁ ପୃଷ୍ଠ ଆଶ୍ରମ ଭାବରେ ପରିଚିତ ହେବବୋଲି ନିଜେ ମହିମାସ୍ୱାମୀ ଘୋଷଣା କରିଥିଲେ । ୧୮୭୨ ମସିହାରେ ନଡା ଛପରର ଗୋଟିଏ ଏକୋଇଶ ହାତିଆ ଟୁଙ୍ଗି ପ୍ରତିଷ୍ଠା କରାଯାଇ ଧୁନି ସ୍ଥାପନ କରା ଯାଇଥିଲା । ମହିମା ଧର୍ମର ଇତିହାସ ଅନୁଯାୟୀ ମହିମାସ୍ୱାମୀ ଏହିଠାରେ ତାଙ୍କର ଅନ୍ତିମ ଅନନ୍ତ ବିଶ୍ୱରୂପ ଭକ୍ତ ମାନଙ୍କୁ ପ୍ରଦର୍ଶନ କରିଥିଲେ । ମହିମା ସ୍ୱାମୀଙ୍କ ପଦରେଣୁ ପାଇ ଜକା ପବିତ୍ର ହୋଇଥିବାରୁ ଏହି ଆଶ୍ରମ ମହିମା ଧର୍ମରେ ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ବିଭିନ୍ନ ସମୟରେ ବହୁ ବିଦେଶୀ ଗବେଷକ ଏଠାକୁ ଆସି ମହିମା ଧର୍ମ ସମ୍ପର୍କରେ ଗବେଷଣା କରିଛନ୍ତି, ଯାହାର ତଥ୍ୟ ଏବେବି ଆଶ୍ରମରେ ଗଚ୍ଛିତ ଅଛି ବୋଲି ବୀରବର ବାବା ପ୍ରକାଶ କରିଥିଲେ । ସ୍ଥାନୀୟ ଜନତା ଓ ଭକ୍ତ ମାନଙ୍କ ଦ୍ୱାରା ପରିଚାଳିତ ଏହି ମଠର ସୌନ୍ଦର୍ଯ୍ୟିକରଣ ଓ ଉନ୍ନତି କରା ଯାଇଥିଲେ ମଧ୍ୟ ଏହାର ଯଥେଷ୍ଟ ପ୍ରଚାର ପ୍ରସାର କରାଯିବାର ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ଭକ୍ତବୃନ୍ଦ ମତ ପ୍ରକାଶ କରିଥିଲେ। ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ଏହି ପଦଯାତ୍ରାରେ ରମେଶ ଚନ୍ଦ୍ର ପତି, ଅକ୍ଷୟ କୁମାର ଦାସ, ପଦ୍ମନାଭ ଲେଙ୍କା, କୁମ୍ଭକର୍ଣ୍ଣ ରାଉଳ, ଅଞ୍ଜଳି ପଟ୍ଟନାୟକ, ସୁମିତ୍ରା ଦେବତା, ନାରାୟଣ ପଟ୍ଟନାୟକ, ଦୋଳ ଗୋବିନ୍ଦ ଜେନା ପ୍ରମୁଖ କୋଡିଏ ରୁ ଅଧିକ ସ୍ଥାନୀୟ ଭକ୍ତ ଯୋଗ ଦେଇଥିଲେ। ପଦଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ଭକ୍ତ ମାନଙ୍କ ଦ୍ୱାରା ମନୋଜ୍ଞ ଖଞ୍ଜଣି ଭଜନ ପରିବେଷଣ ପରିବେଶକୁ ଭକ୍ତିମୟ କରି ଦେଇଥିଲା ।

### ଦାୟିତ୍ୱ ଦେବାକୁ ଅମଙ୍ଗ ଭାରପ୍ରାପ୍ତ ପ୍ରଧାନଶିକ୍ଷକ

# ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

ଠାକୁରଗଡ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ପାଇକସାହି ଗ୍ରାମରେ ଥିବା ରାଧା ମାଧବ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରି ଗୁଣ୍ଡିଚାରାଣୀ ଖୁଣ୍ଟିଆଙ୍କୁ ସେହି ବିଦ୍ୟାଳୟର ପୂର୍ବରୁ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଜିତ କୁମାର ଖାଡିଆ ସଂପୂର୍ଣ୍ଣ ଦାୟିତ୍ୱ ଦେବାରେ ବିଳମ୍ବ କରୁଛନ୍ତି। ନୂତନ ପ୍ରଧାନ ଶିକ୍ଷକ ଭାବରେ ଗୁଣ୍ଡିଚା ରାଣୀ ଏକ ମାସ ହେବ ଦାୟିତ୍ୱ ନେଇଥିଲେ ମଧ୍ୟ ସଂପୂର୍ଣ୍ଣ ଦାୟିତ୍ୱ ଦେବାରେ ସୁଜିତ ଅମଙ୍ଗ ହେଉଥିବା ଅଭିଯୋଗ ହୋଇଛି । ଏନେଇ ଆଠମଲ୍ଲିକର ସାମାଜିକ କର୍ମୀ ପ୍ରିୟ ଦର୍ଶନି ସ୍ୱାଇଁ ରବିବାର ଦିନ ମେଲ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି । ଏହାର ଏକ ନକଲ ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଶିକ୍ଷା ସଚିବ, ଅନୁଗୋଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ରରେ ଉଲେଖ ଉକ୍ତ ବିଦ୍ୟାଳୟରେ ଦୀର୍ଘ ମାସ ହେବ ପ୍ରଧାନ ଶିକ୍ଷକ ପଦପି ଖାଲି ପଡିଥିଲା। ପରେ ରାଜ୍ୟ ସରକାର ନୂତନ ପ୍ରଧାନ ଶିକ୍ଷକ ନିଯୁକ୍ତି କରିଥିଲେ । ତା ୧୧/୬/୨୦୨୬ ରେ ନୂତନ ଭାବରେ ନିଯୁକ୍ତି ପାଇଥିବା ପ୍ରଧାନ ଶିକ୍ଷୟତ୍ରି ଗୁଣ୍ଡିଚା ରାଣୀ ଖୁଣ୍ଟିଆ ଦାୟିତ୍ୱ ନେଇଥିଲେ । ହେଲେ ଏକ ମାସ ବିତିଯାଇଥିଲେ ମଧ୍ୟ ସଂପୂର୍ଣ୍ଣ ଦାୟିତ୍ୱ ଦେବାରେ ସେ ବିଳମ୍ବ କରୁଥିବା ଅଭିଯୋଗ କରିଛନ୍ତି । ଏନେଇ ଜିଲ୍ଲା ଶିକ୍ଷା ବିଭାଗକୁ ମଧ୍ୟ ଅବଗତ କରାଇବି । ଏନେଇ ସୁଜିତ କୁହନ୍ତି ସଂପୂର୍ଣ୍ଣ ଦାୟିତ୍ୱ ଖୁବ ଶୀଘ୍ର ଦେଇଦେବି ବୋଲି କହିଥିଲେ ।

# ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଔଷଧ ପ୍ରଦାନରେ ଜାଲିଆତି

ତାଳଚେର, (ସବ୍ୟୁ) : ତାଳଚେର ସରକାରୀ ମଣ୍ଡପାଳ ଡାକ୍ତରଖାନାରେ ବିଭିନ୍ନ ରୋଗୀ ମାନଙ୍କ ରୋଗକୁ ଚିହ୍ନଟ କରିବା ସହ ଚିକିତ୍ସା ପତ୍ରରେ ଆବଶ୍ୟକକୁ ନେଇ ଡାକ୍ତରମାନେ ଯଥା କ୍ରମେ ଔଷଧ ନାମ ଓ ଏହାର ପରିମାଣ ଉଲ୍ଲେଖ କରିଥାନ୍ତି । ମାତ୍ର ଔଷଧ କାଉଣ୍ଟରରେ କାର୍ଯ୍ୟରତ କର୍ମଚାରୀ ଡାକ୍ତରଙ୍କ ତାଲିକାରେ ଉଲ୍ଲେଖ ଥିବା ସେହିସବୁ ସଂଖ୍ୟକ ଔଷଧ ନଦେଇ କିଛି କାଟ ଛାଟ କରି ଅଳ୍ପ ସଂଖ୍ୟକ ଔଷଧ ସଂପୃକ୍ତ ରୋଗୀ ମାନଙ୍କୁ ପ୍ରଦାନ କରି ଚାଲିଥିବା ସାଙ୍ଘାତିକ ଅଭିଯୋଗ ହୋଇ ଚାଲିଛି । ଯାହା ଆଦୌ ଗ୍ରହଣ ଯୋଗ୍ୟ ନୁହେଁ। କୁହାଯାଉଥିବା ଏହି ସାଙ୍ଘାତିକ ଜାଲିଆତି ଅଭିଯୋଗକୁ ନେଇ ସେଠାରେ କାର୍ଯ୍ୟରତ ଦୈନିକ ଔଷଧ ପ୍ରଦାନକାରୀ କର୍ମଚାରୀଙ୍କୁ ପଚାରିବାରୁ ସେ କୁହନ୍ତି, ରୋଗୀ ମାନଙ୍କୁ ଡାକ୍ତରଙ୍କ ତାଲିକା ଅନୁଯାୟୀ ମାଗଣାରେ ମେଡିସିନ ପ୍ରଦାନ କରିବା ଆଦୌ ସମ୍ଭବ ନୁହେଁ । ଏଣୁ ଏଥି ମଧ୍ୟରୁ କିଛି ଔଷଧ କାଟ ଛାଟ କରି ରୋଗୀ ମାନଙ୍କୁ ପ୍ରଦାନ କରାଯାଉଥିବା ନେଇ ସେ ଏହାକୁ ସ୍ୱୀକାର କରିଥିଲେ । ଯଦି ଏହା ସତ୍ୟ ହୋଇଥାଏ ତେବେ ଡବଲ ଇଞ୍ଜିନ ସରକାରଙ୍କ ପରିବା ପଣିଆ ଉପରେ ପ୍ରଶ୍ନବାଚି ସୃଷ୍ଟି କରିଛି । ତେବେ କଥା ଆସୁଛି ରାଜ୍ୟ ସରକାର ରୋଗୀଙ୍କ ଆରୋଗ୍ୟ ନିମନ୍ତେ କେତେ କଣ ସ୍ୱାଗତଯୋଗ୍ୟ ଯୋଜନା ମାନ ଗଢି ତୋଳିଥିବା ବେଳେ ସାଧାରଣ ରୋଗୀମାନଙ୍କ ନିମନ୍ତେ ଅନ୍ତତଃ ପକ୍ଷେ ସାମାନ୍ୟତମ ଔଷଧ କେତୋଟି ବିନା ମୂଲ୍ୟରେ ପ୍ରଦାନ କରିବାରେ କଟକଣା ଓ କାଟ ଛାଟକୁ ଆଦୌ ସହଜରେ ଗ୍ରହଣ କରି ହେଉନାହିଁ। ସମ୍ଭବତଃ ଏଥି ମଧ୍ୟରେ କିଛି ଜାଲିଆତି ହେଉଥିବା ଗନ୍ଧ ବାରି ହୋଇଯାଉଛି। ପୂର୍ବ ତୁଳନାରେ ଏବେ ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଆପାତତଃ ଠିକ୍ ଠାକ୍ ଭାବେ ଚାଲିଛି। ମୁଖ୍ୟତଃ ଡାକ୍ତରମାନେ ଠିକ ସମୟ ଅନୁଯାୟୀ ଆସି ନିଜର କର୍ତ୍ତବ୍ୟ କରିଚାଲିଛନ୍ତି । ଫଳରେ ବିଭିନ୍ନ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଡାକ୍ତରମାନେ ଔଷଧ ତାଲିକାରେ ଉଚିତ ରୋଗକୁ ଚିହ୍ନଟ କରି ଉପଯୁକ୍ତ ଔଷଧ ଉଲ୍ଲେଖ କରିଥାନ୍ତି ଏବଂ ସେଥି ମଧ୍ୟରୁ କେଉଁ ଔଷଧ ଡାକ୍ତରଖାନାରେ ବିନା ମୂଲ୍ୟରେ ପ୍ରଦାନ କରାଯିବ ଓ କେଉଁ ଔଷଧ ଦୋକାନରୁ କିଣିବାକୁ ହେବ ରୋଗୀଙ୍କୁ ସ୍ପଷ୍ଟ ଭାବେ ବୁଝାଇ କହିଥାନ୍ତି । ଏପରି ସ୍ଥଳେ କିପରିଭାବେ ରୋଗୀଟି ଡାକ୍ତରଖାନାରୁ ପାଇଥିବା ଔଷଧରେ କାଟ ଛାଟ କରାଯାଉଥିବା ଏହି ସାଙ୍ଘାତିକ ଜାଲିଆତି ଘଟଣାକୁ ନେଇ ରୋଗୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି । ଏହାକୁ ତୁରନ୍ତ ତଦନ୍ତ ପରିସରକୁ ଅଣାଯାଇ ଦୋଷୀ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କଠୋର କାର୍ଯ୍ୟାନୁଷ୍ଠାନ କରାଯିବାକୁ ନେଇ ବିଭିନ୍ନ ମହଲରେ ଦାବି ହେବା ସହ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି ।

# ଶ୍ରୀ ଶ୍ୟାମ ପରିବାର ପକ୍ଷରୁ ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ଓ ଚିକିତ୍ସା ସେବା

ଅନୁଗୋଳ, (ସବ୍ୟୁ): ପବିତ୍ର ଶ୍ରୀଜଗନ୍ନାଥ ରଥଯାତ୍ରା ଅବସରରେ ଶ୍ରୀ ଶ୍ୟାମ ପରିବାର, ଅନୁଗୋଳ ଓ ପଶ୍ଚିମ ବଜାରପଡ଼ାର ମିଳିତ ସହଯୋଗରେ ଲଗାତାର ଚତୁର୍ଥ ବର୍ଷ ବିଶାଳ ନିଶୁଳ୍କ ଅନ୍ନପ୍ରସାଦ ବଣ୍ଟନ ଏବଂ ପ୍ରାଥମିକ ଚିକିତ୍ସା ସେବା ଶିବିରର ଆୟୋଜନ କରାଯାଇଥିଲା। ଏହି ସେବା କାର୍ଯ୍ୟକ୍ରମରେ ପ୍ରାୟ ୪ ହଜାରରୁ ଅଧିକ ଭକ୍ତଙ୍କୁ ନିଶୁଳ୍କ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ରଥଯାତ୍ରା ଦେଖିବାକୁ ଆସିଥିବା ହଜାର ହଜାର ଭକ୍ତ ଶୃଙ୍ଖଳିତ ଭାବେ ପ୍ରସାଦ ଗ୍ରହଣ କରିଥିଲେ। ଶ୍ରୀ ଶ୍ୟାମ ପରିବାର ଓ ପଶ୍ଚିମ ବଜାରପଡ଼ାର ମିଳିତ ସହଯୋଗରେ ଅନ୍ନପ୍ରସାଦ ସେବା ସହିତ ପ୍ରାଥମିକ ଚିକିତ୍ସା କେନ୍ଦ୍ର ମଧ୍ୟ ପରିଚାଳନା କରାଯାଇଥିଲା। ରଥଯାତ୍ରା ସମୟରେ ଭିଡ଼ ମଧ୍ୟରେ ତଳେ ପଡ଼ି ଆହତ କିମ୍ବା ଖଣ୍ଡିଆ-ଖାବରା ହୋଇଥିବା ଭକ୍ତମାନଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ଗୁରୁତର ଆହତମାନଙ୍କୁ ତୁରନ୍ତ ମେଡିକାଲକୁ ପଠାଯାଇଥିଲା। ଆବଶ୍ୟକତା ଅନୁଯାୟୀ ସ୍ଥାନୀୟ ଅଞ୍ଚଳର ଭକ୍ତମାନଙ୍କୁ ସେମାନଙ୍କ ଘରେ ମଧ୍ୟ ସୁରକ୍ଷିତ ଭାବେ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଥିଲା। ଏହି ସେବା କାର୍ଯ୍ୟରେ ଶ୍ରୀ ଶ୍ୟାମ ପରିବାରର ସଭାପତି ରାମକିଶନ ବଂସଲ, ସମ୍ପାଦକ କୁନାଲ ଅଗ୍ରୱାଲ, କୋଷାଧ୍ୟକ୍ଷ ବାବୁଲାଲ ଅଗ୍ରୱାଲ, ଉପସଭାପତି ଜଗନ୍ନାଥ ଅଗ୍ରୱାଲ, ସହ-ସମ୍ପାଦକ ସୁମିତ ଅଗ୍ରୱାଲ ଓ ଶ୍ରୀ ଶ୍ୟାମ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ରହି ସେବା କାର୍ଯ୍ୟକୁ ସଫଳ କରିଥିଲେ।

# ପତ୍ନୀ ଓ ଦୁଇ ପିଲାଙ୍କୁ କାର୍‌ରୁ ପେଲି ଦେବା ଅଭିଯୋଗ

ଠାକୁରଗଡ, (ସବ୍ୟୁ) : ଠାକୁରଗଡ଼ ଥାନା ଘୋଡା ବାନ୍ଧୁଣି ଗ୍ରାମର ରୁନି ଭୋଇ ଓ ତାଙ୍କର ଦୁଇଟି ପିଲାଙ୍କୁ ତାଙ୍କ ସ୍ୱାମୀ ରୋହିତ ଦେହୁରୀ କାରରୁ ପେଲି ଦେଇଥିବା ରୁନି ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନମ୍ବର ୧୭୭/୨୬ରେ ଏକ ମାମଲା ରୁଜୁ କରିଛନ୍ତି । ପୋଲିସ କହିଛି ଯେ, ରୁନିଙ୍କ ସହ ରୋହିତଙ୍କ ଝଗଡା ସୃଷ୍ଟି ହୋଇଥିଲା । ପରେ ରୋହିତ ରୁନି ଓ ତାଙ୍କର ଦୁଇଟି ପିଲାଙ୍କୁ ଏକ କାର ରୁନିଙ୍କ ବାପା ଘର ରଇଡା ଗ୍ରାମକୁ ଆଣି କାରରୁ ତଳକୁ ପେଲି ଦେଇଥିବା ଅଭିଯୋଗ କରିଛନ୍ତି ।

# ଭାଇଙ୍କୁ ମାଡ଼ ଅଭିଯୋଗ

ଠାକୁରଗଡ, (ସବ୍ୟୁ) : ଠାକୁରଗଡ଼ ଥାନା ଗୁଣ୍ଠୁରୀ ଗ୍ରାମର ରାହାସ ଭୋଇଙ୍କୁ ତାଙ୍କ ଭାଇ କୁମର ଭୋଇ ଏକ ଇଟା ମାଧ୍ୟମରେ ଆକ୍ରମଣ କରିଥିବା ରାହାସ ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନମ୍ବର ୧୭୯/୨୬ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ, ରାହାସ ଘରେ ଥିବା ବେଳେ ଉଭୟଙ୍କ ଭାଇଙ୍କ ମଧ୍ୟରେ ପୂର୍ବରୁ ସାମାନ୍ୟ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା । ଏହାକୁ କେନ୍ଦ୍ର କରି ତାଙ୍କୁ ମାଡ଼ ମାରିବା ସହ ଏକ ଇଟାରେ ଆକ୍ରମଣ କରିଥିଲେ । ଏଥିସହ ତାଙ୍କ ପିଲା ମାନଙ୍କୁ ଗାଳି ଗୁଲଜ କରିଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ।

# ତ୍ରିବେଣୀ ଛକରେ ଦିଗ ନିର୍ଣ୍ଣୟ ଫଳକ ଲଗାଇବାକୁ ଦାବି

ଆଠମଲ୍ଲିକ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ କିଆକଟା ତ୍ରିବେଣୀ ଛକ, ଏନଏଚ ୧୫୩(ଇ) ଉପରେ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କ ସଂଯୋଗ ସ୍ଥଳ। ଏହି ଛକ ଦେଇ ପ୍ରତିଦିନ ବହୁ ଯାତ୍ରୀ ବିଭିନ୍ନ ଜିଲ୍ଲା ଓ ପର୍ଯ୍ୟଟନ ସ୍ଥଳୀକୁ ଯାତାୟାତ କରୁଥିବାବେଳେ ଏଠାରେ କୌଣସି ସ୍ଥାୟୀ ଦିଗନିର୍ଣ୍ଣୟ (ସୂଚନା) ଫଳକ ନଥିବାରୁ ଯାତ୍ରୀମାନେ ରାସ୍ତା ଜାଣିବାରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଆକଟା ଛକରୁ ସୋନପୁର, ବୌଦ୍ଧ, ଫୁଲବାଣୀ, ବାଲାଙ୍ଗୀର, ଆଠମଲ୍ଲିକ, ଅନୁଗୋଳ, ସମ୍ବଲପୁର, ରେଢ଼ାଖୋଲ ସମେତ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ଦେଉଳଝରି ଉଷ୍ଣ ପ୍ରସ୍ରବଣ ଏବଂ ମାନଜୋର ଜଳ ସେଚନ ପ୍ରକଳ୍ପ ସ୍ଥାନକୁ ଯିବା ପାଇଁ ଏହି ଛକ ଏକ ପ୍ରମୁଖ ସଂଯୋଗସ୍ଥଳ ହୋଇଥିଲେ ମଧ୍ୟ ସଠିକ୍ ଦିଗନିର୍ଣ୍ଣୟ ଫଳକର ଅଭାବରୁ ବାହାର ଜିଲ୍ଲା ଓ ଅନ୍ୟ ରାଜ୍ୟରୁ ଆସୁଥିବା ଯାତ୍ରୀମାନେ ବାରମ୍ବାର ସ୍ଥାନୀୟ ଲୋକଙ୍କୁ ରାସ୍ତା ପଚାରିବାକୁ ବାଧ୍ୟ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଦାବି ହେଉଛି, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ସମ୍ପୃକ୍ତ ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱ ଦେଇ କିଆକଟା ତ୍ରିବେଣୀ ଛକରେ ତୁରନ୍ତ ବଡ଼ ଏବଂ ସ୍ପଷ୍ଟ ଦିଗନିର୍ଣ୍ଣୟ ସୂଚନା ଫଳକ ସ୍ଥାପନ କରନ୍ତୁ, ଯାହାଦ୍ୱାରା ଯାତ୍ରୀମାନେ ସହଜରେ ନିଜ ଗନ୍ତବ୍ୟସ୍ଥଳର ରାସ୍ତା ଚିହ୍ନଟ କରିପାରିବେ ଏବଂ ଯାତାୟାତ ଅଧିକ ସୁରକ୍ଷିତ ଓ ସୁଗମ ହେବ ।

### ଉଜୁଡିଗଲାଣି ମହାତ୍ମା ଗାନ୍ଧୀ ଔଷଧୀୟ ଅରଣ୍ୟ

# ନଷ୍ଟ ହେଲାଣି ବୃକ୍ଷରାଜି, ହଜାର ହଜାର ଔଷଧୀୟ ବୃକ୍ଷ ଓ ଗୁଳ୍ମ




କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ସୋଗରସ୍ଥିତ ମହାତ୍ମାଗାନ୍ଧୀ ଔଷଧୀୟ ଅରଣ୍ୟ ଉଜୁଡି ଗଲାଣି ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇଗଲାଣି ହଜାରହଜାର ଔଷଧୀୟ ବୃକ୍ଷ ଓ ଗୁଳ୍ମ, ଭାଙ୍ଗିରୁଜି ଗଲାଣି ପାର୍କ, ୱାଟରପାର୍କ ଓ ସ୍ୱିମିଙ୍ଗ ପୁଲ ନଷ୍ଟ ହୋଇଗଲାଣି। ତଥାପି ରାଜନୈତିକ ପଶାପାଳିରେ ଏସିଆର ସର୍ବବୃହତ ଔଷଧୀୟ ଅରଣ୍ୟ ଏବେ ଜରାଜିର୍ଣ୍ଣ। ଯେଉଁଠାରେ ମାତ୍ର ଦୁଇ ବର୍ଷ ପୂର୍ବରୁ ପ୍ରତ୍ୟୋକ ଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଭିଡ଼ ଜମାଉଥିଲେ ଆଜି ସେହି ସ୍ଥାନ ପାଲଟିଯାଇଛି ମରୁଭୂମି।ଚାରିଆଡେ ନିସ୍ତବ୍ଧ ଓ ପରିବେଶ ସମ୍ପୂର୍ଣ୍ଣ ଶୁନଶାନ । କାଁଭା ଜଣେ ଅଧେ ବୁଲିବାକୁ ଯାଉଥିବା ବେଳେ ବର୍ତମାନ ପ୍ରାୟ ଉଜୁଡିଗଲାଣି ପରିବେଶ । ଆୟୁର୍ବେଦିକ ଚିକିତ୍ସା ପାଇଁ ଯେଉଁ ସ୍ଥାନରେ ହଜାରହଜାର ସଂଖ୍ୟାରେ ଔଷଧୀୟ ବୃକ୍ଷ ଓ ଗୁଳ୍ମ ଲାଗିଥିଲା ତାହା ଏବେ ଅଧାରୁ ଅଧିକ ନଷ୍ଟ ହୋଇଗଲାଣି । ପର୍ଯ୍ୟଟକ ଙ୍କୁ ଆକୃଷ୍ଟ କରୁଥିବା ପାର୍କ କଥା ନକହିବା ଭଲ। ଓଡିଶାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ ସ୍ଥାନ ଭାବେ ବିଶ୍ୱବିଦିତ ମହାତ୍ମାଗାନ୍ଧୀ ଔଷଧୀୟ ଅରଣ୍ୟ ଏବେ ଜରାଜୀର୍ଣ୍ଣ । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ସୋଗର ଠାରେ ପୂର୍ବ ସରକାର ସମୟରେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଅକ୍ଲାନ୍ତ ଉଦ୍ୟମ ରେ ନିର୍ମିତ ହୋଇଥିଲା। ମହାତ୍ମାଗାନ୍ଧୀ ଔଷଧୀୟ ଅରଣ୍ୟ । ପ୍ରାୟ ୭୦୦ ଏକର ପରିମିତ ସ୍ଥାନରେ ଏହା ନିର୍ମାଣ କରାଯାଇଥିଲା । ସେଥିରୁ ପ୍ରାୟ ୪୦୦ ଏକର ସ୍ଥାନରେ ବିଭିନ୍ନ ପ୍ରକାରର ଦୁର୍ମୂଲ୍ୟ ଔଷଧୀୟ ବୃକ୍ଷ ଓ ଗୁଳ୍ମ ଲଗାଯାଇଥିଲା । ଅନ୍ୟ ୩୦୦ ଏକର ସ୍ଥାନରେ ପର୍ଯ୍ୟଟନ ଭିତ୍ତିଭୂମିକୁ ଦୃଢ କରିବାପାଇଁ ପାର୍କ ନିର୍ମାଣ କରାଯାଇଥିଲା। ପ୍ରତ୍ୟେକ ଦିନ ଏହି ସ୍ଥାନକୁ ହଜାରହଜାର ସଂଖ୍ୟାରେ ପର୍ଯ୍ୟଟକ ବୁଲିବାକୁ ଆସୁଥିବା ବେଳେ ଔଷଧୀୟ ଅରଣ୍ୟ ଓ ପାର୍କର ମଜା ନେଉଥିଲେ। ମାତ୍ର ସରକାର ପରିବର୍ତନ ପରେ ପ୍ରକୃତି ର ଏହି ସୁନ୍ଦର ପରିବେଶ ଏବେ ଉଜୁଡିଗଲାଣି । ଅଁଳା, ବାହାଡା, ସିମାରୁଆ, ଫାର୍ଶାକୋଳି, କରଞ୍ଜ, ନିମ୍ବ, ଅର୍ଜୁନ, , କୁଙ୍କୁମ, ମଞ୍ଜୁଆତି, ଚନ୍ଦନ, ଖଇର ଇତ୍ୟାଦି ହଜାରହଜାର ସଂଖ୍ୟକ ଔଷଧୀୟ ବୃକ୍ଷ ଏବେ ନଷ୍ଟ ହୋଇଗଲାଣି । ଆୟୁର୍ବେଦିକ ଚିକିତ୍ସାକୁ ଆହୁରି ଉନ୍ନତ କରିବା ଉଦେଶ୍ୟରେ ଏଠାରେ ଔଷଧୀୟ ବୃକ୍ଷ ଓ ଗୁଳ୍ମ ଲଗାଯାଇଥିବା ବେଳେ ତାହା ଆଜି ଶ୍ରୀହୀନ । ଫଳରେ ଏହି ବିଶାଳ ପରିବେଶ ଯେଉଁଠି ପର୍ଯ୍ୟଟକଙ୍କ କୋଳାହଳରେ ସକାଳ ଠାରୁ ରାତି ଜଣା ପଡ଼େନାହିଁ ତାହା ଏବେ ଶୂନଶାନ ଓ ନିସ୍ତବ୍ଧ। କୋଟିକୋଟି ଟଙ୍କା ଖର୍ଚ୍ଚରେ ପୂର୍ବ ସରକାରଙ୍କ ଉଦ୍ୟମରେ ନିର୍ମାଣ ହୋଇଥିବା ଏହି ମହାତ୍ମାଗାନ୍ଧୀ ଔଷଧୀୟ ଅରଣ୍ୟ ଏବେ ପାଲଟିଯାଇଛି ମରୁଭୂମି । ଏହି ଔଷଧୀୟ ଅରଣ୍ୟ ମାତ୍ର ପାଞ୍ଚ, ଛଅ ବର୍ଷ ମଧ୍ୟରେ ସମଗ୍ର ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା । ଢେଙ୍କାନାଳ ଜିଲ୍ଲା ତଥା ଓଡିଶା ଓ ଓଡିଶା ବାହାରୁ ହଜାରହଜାର ସଂଖ୍ୟାରେ ପର୍ଯ୍ୟଟକ ଏହି ସ୍ଥାନର ଆନନ୍ଦ ଉପଭୋଗ କରିବାକୁ ଏଠାକୁ ଛୁଟି ଆସୁଥିଲେ। ଫଳରେ ପର୍ଯ୍ୟଟକ ମାନଙ୍କ ପାଇଁ ଏଠାରେ ଏକ ପାର୍କ ନିର୍ମାଣ କରାଯାଇଥିଲା କ୍ଷ ପାର୍କ ମଧ୍ୟରେ ୱାଟରପାର୍କ, ସ୍ୱିମିଙ୍ଗ ପୁଲ, ଛୋଟ ଛୋଟ ପିଲାଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାରର ଦୋଳି ଓ ଖେଳର ବ୍ୟବସ୍ଥା କରାଯାଇଥିଲ । ସେହିପରି ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ରହଣି ନିମନ୍ତେ ପାର୍କ ପରିସରରେ କ୍ୟାଣ୍ଟିନ, ଛଅଟି ରହଣିସ୍ଥଳ, ନିର୍ମାଣ କରାଯାଇଥିଲା । ଏପରିକି ଏଠାରେ କାଠଘର କଟେଜ ମଧ୍ୟ ପର୍ଯ୍ୟଟକ ମାନଙ୍କ ପାଇଁ ନିର୍ମାଣ କରାଯାଇ ସେମାନଙ୍କ ରହଣିକୁ ଆରାମଦାୟକ କରିବା ପାଇଁ ସୁବ୍ୟବସ୍ଥା କରାଯାଇଥିଲା ।ଏତେସବୁ ସୁବିଧା ଗୋଟିଏ ସ୍ଥାନରେ ମିଳୁଥିବା ଯୋଗୁବହୁ ଦୂର ଦୁରାନ୍ତରୁ ପର୍ଯ୍ୟଟକ ମାନେ ଏଠାକୁ ଆସି ଔଷଧୀୟ ଅରଣ୍ୟ ବୁଲିଦେଖିବା ସହ ୱାଟର ପାର୍କ, ସ୍ୱିମିଙ୍ଗ ପୁଲର ମଜା ନେବା ସହ ଏଠାରେ ବଣଭୋଜି କରୁଥିଲେ । ଯାହା ଫଳରେ ଅଳ୍ପକିଛି ବର୍ଷ ମଧ୍ୟରେ ଏହି ସ୍ଥାନ ରାଜ୍ୟ ତଥା ରାଜ୍ୟ ବାହାରେ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ସୁପରିଚିତ ହୋଇଥିଲା। ମାତ୍ର ଗତ ଦୁଇବର୍ଷ ମଧ୍ୟରେ ଏହି ସ୍ଥାନର ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି । ରକ୍ଷଣାବେକ୍ଷଣ ଅଭାବରୁ କାଠଘର କଟେଜ ଗୁଡିକ ଭାଙ୍ଗିରୁଜି ଯାଇଥିବା ବେଳେ ୱାର୍ଟର ପାର୍କ ମଧ୍ୟ ନଷ୍ଟ ହୋଇଗଲାଣି । ପିଲାଙ୍କ ମନୋରଞ୍ଜନ ପାଇଁ ହୋଇଥିବା ଦୋଳି ଗୁଡିକ ଭଗ୍ନ ଅବସ୍ଥାରେ ଥିବାବେଳେ ରାତ୍ରିଯାପନ ବିଶ୍ରାମସ୍ଥଳୀ ଗୁଡିକରେ ତାଲା ଝୁଲୁଛି । ଏପରିକି ପାର୍କ ମଧ୍ୟରେ ପାଚେରୀ ଭାଙ୍ଗିଯାଇଥିବା ବେଳେ ପାର୍କରେ ବସିବାପାଇଁ କରାଯାଇଥିବା ବେଞ୍ଚ ଗୁଡିକରେ ଅନାବନା ଘାସ ଓ ବୁଦା ମାଡି ଗଲେଣି । ପର୍ଯ୍ୟଟକଙ୍କ କୁଟୀର ଗୁଡିକ କେଉଁଠାରେ ଆଜବେଷ୍ଟସ ଭାଙ୍ଗିଗଲାଣି ତ ଆଉ କେଉଁଠାରେ ଗେଟ ଗୁଡିକରେ କଳଙ୍କି ଲାଗିଯାଇଛି। ଯାହା ଫଳରେ ଅଳ୍ପଦିନ ମଧ୍ୟରେ ସାରା ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ଔଷଧୀୟ ଅରଣ୍ୟ ଏବେ ଶ୍ମଶାନ ପାଲଟିଯାଇଥିବା ବେଳେ ଏହା ଏବେ ଉଜୁଡିଗଲାଣି । ଯାହାକୁ ନେଇ ତୁରନ୍ତ ସରକାର ଓ ପ୍ରଶାସନ ଏହାକୁ ଦୃଷ୍ଟି ଦେବାପାଇଁ ସ୍ଥାନୀୟ ବାସିନ୍ଦା ଦାବି ଜଣାଇଛନ୍ତି ।

# ହିନ୍ଦୋଳ ବ୍ଲକ ବିଜୁ ଜନତା ଦଳ ପଞ୍ଚାୟତ କାର୍ଯ୍ୟକର୍ତ୍ତା ବୈଠକ



ହିନ୍ଦୋଳ, (ସବ୍ୟୁ) : ଆଜି ହିନ୍ଦୋଳ ବ୍ଲକ ଅନ୍ତର୍ଗତ ସାତମାଇଲସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ହିନ୍ଦୋଳ ବ୍ଲକର ସମସ୍ତ ପଞ୍ଚାୟତର ଦୁଇ ଜଣ ଲେଖାଏଁ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ହିନ୍ଦୋଳ ବ୍ଲକ ବିଜେଡି ସଭାପତି ଦେବୀପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ପଞ୍ଚାୟତ ପ୍ରତିନିଧି ମାନଙ୍କ ସହ ଓଡାପଡା ବ୍ଲକ ସଭାପତି ଯତି ନାୟକ, ହିନ୍ଦୋଳ ଏନଏସି ବିଜେଡି ସଭାପତି ପ୍ରଦ୍ୟୁମ୍ନ ବେହେରା, ହିନ୍ଦୋଳ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଯୋଗମାୟା ଗଡନାୟକ, ଜିଲ୍ଲା ପରିଷଦ ସଭ୍ୟା ମମତାଞ୍ଜଳୀ ବେହେରା, ରାଜ୍ୟ ଯୁବ ବିଜେଡି ସମ୍ପାଦକ ତପନ ପରିଡା, ଜିଲ୍ଲା ବିଜେଡି ସମ୍ପାଦକ ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟ ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ତଥା ରାଜ୍ୟ ଅନୁସୂଚିତ ଜାତି ସଭାପତି ମହେଶ ସାହୁ ଯୋଗଦେଇ ଥିଲେ ଉକ୍ତ ବୈଠକରେ ସମସ୍ୟା ଭିତ୍ତିକ ପ୍ରସଙ୍ଗକୁ ସରକାରଙ୍କ ଦୃଷ୍ଟିକୁ ଆଣି ତାର ସମାଧାନ କରାଇବା ଏବଂ ଯଦି ସମାଧାନ କରିବାରେ ପ୍ରଶାସନ ବିଫଳ ହୁଏ ତେବେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଉକ୍ତ ବୈଠକରେ ଦୁଇଟି ରାଜନୈତିକ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ମହିଧରପୁରରୁ ଶଙ୍କରପୁର ରାସ୍ତା ଏବଂ ଗୁଡିଆକାଟେଣୀରୁ ହିନ୍ଦୋଳ ରାସ୍ତା ଯଥାଶୀଘ୍ର ମରାମତି କରିବା ସହ ହିନ୍ଦୋଳ ରେ ବିପଦ ସଂଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ ତାର ଖୁଣ୍ଟଗୁଡିକୁ ପରିବର୍ତ୍ତନ ନକଲେ ତୀବ୍ର ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ରାଜ୍ୟ ସରକାରଙ୍କ ଅପାରଗତା ବିରୋଧରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ହିନ୍ଦୋଳ ବ୍ଲକରେ ହେଉଥିବା ଦୁର୍ନୀତି ବିରୋଧରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ଦଳ ନିଷ୍ପତି ନେଇଛି। ଆଗାମୀ ଅଗଷ୍ଟ ୨ ତାରିଖ ପୂର୍ବରୁ ଓଡାପଡା ବ୍ଲକର ପ୍ରତି ପଞ୍ଚାୟତର ପ୍ରମୁଖ ଦୁଇ ଜଣ ଲେଖାଏଁ ମୋଟ ୫୬ ଜଣ ଏବଂ ହିନ୍ଦୋଳ ଏନଏସିର ୧୬ଟି ୱାର୍ଡ ୩୨ ଜଣଙ୍କୁ ନେଇ ବୈଠକ ଆୟୋଜନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଶେଷରେ ରାଜ୍ୟ ସରକାରଙ୍କ ଅପାରଗତାକୁ କଡା ଭର୍ତ୍ସନା କରାଯାଇ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଆନ୍ଦୋଳନାତ୍ମକ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

# ସଦର କଂଗ୍ରେସରେ ମିଶ୍ରଣ ପର୍ବ



ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ସଦର କଂଗ୍ରେସ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରବିବାରଦିନ ରାଜୀବ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ସରୋଜ କୁମାର ଲେଙ୍କା, ଜିଲ୍ଲା ଉପସଭାପତି ଗୋପୀନାଥ ପାତ୍ର,ଜିଲ୍ଲା ସମ୍ପାଦକ ଶ୍ରୀକାନ୍ତ ଦୁଗୁଡ଼ାର ଜିଲ୍ଲା ଯୁବ ସଭାପତି ଙ୍.ରଞ୍ଜନ ଦାସ, ଛାତ୍ର କଂଗ୍ରେସ ରାଜ୍ୟ ଉପସଭାପତି ଗୌତମ ସାହୁ,ତାଳନ ସଭାପତି ଅତୁଟ କୁମାର ସ୍ୱାଇଁ, ଜିଲ୍ଲା ସଂଖ୍ୟା ଲଘୁ ସେଲ ର ଜିଲ୍ଲା ସଭାପତି ଅସଗର ଅଲ୍ଲୀ,ଜିଲ୍ଲା ସମ୍ପାଦକ ଶେଖ ନିଜାମୁଦ୍ଦିନ ଓ ଚନ୍ଦ୍ରେଶ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ। ଆଜି ବିଜୁ ଛାତ୍ର ଜନତା ଦଳର ପୂର୍ବତନ ଜିଲ୍ଲା ସମ୍ପାଦକ ହର୍ଷ ଖଣ୍ଡେଲ ୱାଲ ଓ ତାଙ୍କର ସହଯୋଗୀମାନଙ୍କୁ ଦଳ ରେ ସାମିଲ କରାଯାଇଛି।ସଦର ନିର୍ବାଚନ ମଣ୍ଡଳୀ ର ଯୁବ ନେତା ତଥା ଜିଲ୍ଲା ଉପସଭାପତି ସରୋଜ ଲେଙ୍କା ପୌରହିତ୍ୟ କରିଥିଲେ।

# ଆଦିବାସୀ ହଷ୍ଟେଲ ନିର୍ମାଣ କାମ ନିମ୍ନମାନର : କାମ ବନ୍ଦ କଲେ ଗ୍ରାମବାସୀ

କେନ୍ଦୁଝର,(ବ୍ୟୁ): କେନ୍ଦୁଝର ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ର ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତରା ଯୋଗୁଁ ଆଦିବାସୀ ପିଲାଙ୍କ ଭବିଷ୍ୟତ ଏବେ ବିପଦରେ । ବ୍ଲକର ଉଚାର ପଡ଼ାଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରାୟ ୪ କୋଟି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ନିର୍ମାଣ ଚାଲିଥିବା ଦୁଇଟି ଆଦିବାସୀ ଛାତ୍ରାବାସ ଗୃହ କାମରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ନିର୍ମାଣ ଆରମ୍ଭରୁ ହିଁ ନିମ୍ନ ଦୁର୍ବଳ ହୋଇ ଲୁଣ୍ଠିତିବାରୁ ବସିଥିବାରୁ ଏହାକୁ ନେଇ ସ୍ଥାନୀୟ ପଡ଼ାଙ୍ଗ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ଏକତ୍ରିତ ହୋଇ ବର୍ତ୍ତମାନ ହଷ୍ଟେଲ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଛନ୍ତି। ପଡ଼ାଙ୍ଗ ଅଞ୍ଚଳରେ ପ୍ରାଥମିକ ଶିକ୍ଷା ପରେ ଆଦିବାସୀ ପିଲାମାନେ ରହିବା ସୁବିଧା ଅଭାବରୁ ପାଠ ଛାଡି ଦେଉଥିଲେ। ଗ୍ରାମବାସୀ ବହୁବାର ସ୍ଥାନୀୟ ନେତା ଓ ପ୍ରଶାସନ ପାଖରେ ଗୁହାରି କରିବା ପରେ କେନ୍ଦୁଝର ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ୨୦୨୫ ମସିହାରେ ୨୦୦ ଛାତ୍ରଛାତ୍ରୀଙ୍କ ରହିବା ପାଇଁ ହଷ୍ଟେଲ ନିର୍ମାଣ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିରେ ଆଦିବାସୀ ଛାତ୍ରୀମାନଙ୍କ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ପାଇଁ ୨ କୋଟି ୨୪ ଲକ୍ଷ ୯୨ ହଜାର ୨୨ ଟଙ୍କା ଏବଂ ଛାତ୍ରମାନଙ୍କ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ପାଇଁ ସମାନ ପରିମାଣର ଅର୍ଥ ରାଶି ବ୍ୟୟ ବରାଦ କରାଯାଇଥିଲା। ସରକାର କୋଟି କୋଟି ଟଙ୍କା ମଞ୍ଜୁର କରିଥିଲେ ହେଁ ଆଦିବାସୀ ଉନ୍ନୟନ ସଂସ୍ଥା ଯନ୍ତ୍ରୀମାନଙ୍କ ଖାମଖିଆଲି ମନୋଭାବ ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ କାମ ଅତ୍ୟନ୍ତ ନିମ୍ନମାନର ହେଉଛି। ଫାଉଣ୍ଡେସନ ବା ନିଅଁ ସ୍ଥାୟୀ ହେବା କଥା, କିନ୍ତୁ ଏଠାରେ ସବୁ ଓଲଟା ଚାଲିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଯେଉଁଠି ୬ଟି ଲୁହା ଛଡ଼ ଲାଗିବା କଥା, ସେଠାରେ ମାତ୍ର ୪ଟି ଛଡ଼ ଦିଆଯାଉଛି। ଖମ୍ବରୁ ଖମ୍ବକୁ ଯୋଡୁଥିବା କାଢ଼ ଗୁଡ଼ିକ ସମ୍ପୂର୍ଣ୍ଣ ବଙ୍କା ରହିଛି। ନିଅଁର ଓସାର ୧୫ ଇଞ୍ଚ ହେବା ବଦଳରେ ମାତ୍ର ୭ ଇଞ୍ଚ କରାଯାଉଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା, ବାଲି ବଦଳରେ ମାତ୍ର ୭ ଇଞ୍ଚ କରାଯାଉଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା, ବାଲି ବଦଳରେ ନିଅଁ ଭିତରେ ମାଟି ପକାଇ ସମତୁଲ କରାଯାଉଛି, ଯାହା ଫଳରେ ନିର୍ମାଣ ସ୍ଥାନରୁ କାଛ ଓ ନିଅଁ ଏବେଠାରୁ ଭାଙ୍ଗିବା ଆରମ୍ଭ କଲାଣି। ଏପରି ସ୍ଥିତିରେ ଦୁଇ ମହଲା ବିଶିଷ୍ଟ କୋଠା ଘର କିଭଳି ସୁରକ୍ଷିତ ରହିବ ଏବଂ ଭବିଷ୍ୟତରେ ଏଠାରେ ରହିବାକୁ ଥିବା ୨୦୦ ପିଲାଙ୍କ ଶିକ୍ଷାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମନ ଚିନ୍ତା କରି ପ୍ରାଙ୍ଗଣରେ ଦୁଇଟି ଛାତ୍ରାବାସ ନିର୍ମାଣ ପାଇଁ ପଦକ୍ଷେପ ନେଇଛନ୍ତି। କିନ୍ତୁ ଏଠାରେ ନିମ୍ନମାନର କାମ ହେଉଥିବା ବିଷୟ ଆମ ନଜରକୁ ଆସିଛି। ସରକାରୀ ଅର୍ଥର ଅବ୍ୟୟ ଏବଂ ପିଲାଙ୍କ ସୁରକ୍ଷା ସହ ଖେଳୁଥିବା ଦୋଷୀଙ୍କ ବିରୋଧରେ ତୁରନ୍ତ ଦୃଢ଼ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପୁଣି ଜଣେ ବ୍ରାଉନସୁଗର ବେପାରୀ ଗିରଫ

ଆଗରପଡ଼ା,(ସବ୍ୟୁ) :ବର୍ତ୍ତମାନ ଆକ୍ସନ ମୋଡ଼ରେ ଆଗରପଡ଼ା ପୋଲିସ। ପୁଣି ଜଣେ ଧନ୍ଦା ଜଙ୍ଗଲ ବେପାରୀ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛି। ଥାନାଧିକାରୀ ରାକେଶ ସେଠୀଙ୍କ ଉଦ୍ୟମ ଯୋଗୁଁ ପ୍ରଥମଥର ପାଇଁ ଏହି ଥାନା ଅଂଚଳରେ ବ୍ରାଉନସୁଗାର ଜବତ୍ ହେବା ସହ ଏଥିରେ ସଂପୃକ୍ତ ୭ଜଣ ମାଫିଆ ଗିରଫ ହୋଇଛନ୍ତି। ଥାନା ସୂତ୍ରରୁ ଜଣାପଡ଼ିଛି,ଆଗରପଡ଼ା କଲେଜ ନିକଟରୁ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ଆଗରପଡ଼ା ବଜାର ସଂଲଗ୍ନ ଭବାନୀପାଟଣ ଗ୍ରାମର ଭୁଷ ସେନାପତିଙ୍କ ପୁଅ ରାଜେନ୍ଦ୍ର ସେନାପତି ଓରଫ ରାଜୁ(୪୧)କୁ କୌଶଳକ୍ରମେ ପୋଲିସ ଗିରଫ କରିଥିଲା। ୨୪ ଘଣ୍ଟା ନପୁରୁଣୁ ଏହି ବ୍ରାଉନସୁଗାର ବେପାରରେ ସଂପୃକ୍ତ ଅନ୍ୟଜଣେ ଅଭିଯୁକ୍ତ ଭଦ୍ରକ ପୁରୁଣା ବଜାର ଥାନା ଅନ୍ତର୍ଗତ ଚରମ୍ପା ବୁଧବାରହାଟ ଗ୍ରାମର ଶେଖ ଖାଁଙ୍କ ପୁଅ ମୋହାଦ ଖାଁ(୨୭)କୁ ପୋଲିସ ଗିରଫ କରିଛି। ପୂର୍ବରୁ ତହସିଲଦାର ଓ ମାଜିଷ୍ଟ୍ରେଟ ସାରା ହେମ୍ବ୍ରମ,ବନ୍ତ ଥାନାଧିକାରୀ ସୁପ୍ରକାଶ ମହାନ୍ତିଙ୍କ ଉପସ୍ଥିତିରେ ଅଭିଯୁକ୍ତଙ୍କୁ ନେଇ ଘଟଣାସ୍ଥଳରେ ସିନ ରିକ୍ରିଏସନ କରାଯାଇଥିଲା। ଥାନାଧିକାରୀ ଓ ଏଏସଆଇ ଭଞ୍ଜାରାଣୀ ପରିଡ଼ା କରିଥିଲେ। ଥାନା କେସ ନଂ୧୩୦/୨୬,୨୧( ବି )୯ ଏନଡିପିଏସ ଆକ୍ଟରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଛି। ୧୧ଗ୍ରାମ ୬୦ମିଲିଗ୍ରାମ ବ୍ରାଉନସୁଗାର,୨ଟି ମୋବାଇଲ ଜବତ୍ ହୋଇଥିବାର ଜଣାପଡ଼ିଛି।ଜବତ ବ୍ରାଉନସୁଗାର ମୂଲ୍ୟ ପ୍ରାୟ ୧ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

## ୬୪ ହିତାଧିକାରୀଙ୍କୁ ବନ ଅଧିକାର ଜମିପଟ୍ଟା ବଣ୍ଟନ

ବେତନଟୀ, ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜଙ୍ଗଲଜମି ଅଧିକାର ଆଇନ -୨୦୦୬ ମୁତାବକ ୬୪ଜଣ ଯୋଗ୍ୟ ଆଦିବାସୀ ହିତାଧିକାରୀଙ୍କୁ ଜଙ୍ଗଲଜମି ପଟ୍ଟା ଆବଣ୍ଟନ କରାଯାଇଛି । ବେତନଟୀ ତହସିଲ କାର୍ଯ୍ୟାଳୟର ଜଙ୍ଗଲ ଜମି ଅଧିକାର ଆଇନ ବିଭାଗର ଶାଖା ସହାୟକ ସନ୍ତୋଷ କୁମାର ଦାଶଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ତହସିଲଦାର ଚନ୍ଦ୍ରକାନ୍ତ ବେହେରା, ଅତିରିକ୍ତ ତହସିଲଦାର ପି.କେ.ହିତାଂଶୁ ଜେନା, ଶାଖାଧିକାରୀ ସଞ୍ଜୀବ କୁମାର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଆଦିବାସୀ ହିତାଧିକାରୀମାନଙ୍କୁ ବନ ଜମିପଟ୍ଟା ପ୍ରଦାନ କରିଥିଲେ । ଏହି ଅବସରରେ ତହସିଲଦାର ଶ୍ରୀଯୁକ୍ତ ବେହେରା ଆଦିବାସୀ ହିତାଧିକାରୀ ମାନଙ୍କୁ ବନ ଅଧିକାର ଆଇନ-୨୦୦୬ ଅନୁଯାୟୀ ପ୍ରଦତ୍ତ ଅଧିକାର ଏବଂ ବିଭିନ୍ନ ସୁବିଧା ବାବଦରେ ଅବଗତ କରାଇବା ସହିତ ପ୍ରଦତ୍ତ ପଟ୍ଟାପ୍ରାପ୍ତ ଜମିର ସଂରକ୍ଷଣ, ସଦୁପଯୋଗ ଏବଂ ଆଇନର ସମସ୍ତ ନିୟମାବଳୀ ପାଳନକରି ଏହାର ବିକାଶ କରିବାକୁ ପରାମର୍ଶ ଦେଇଥିଲେ ।ଏନେଇ ବେତନଟୀ ତହସିଲଦାରଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ୬୪ଜଣ ହିତାଧିକାରୀ ଉପସ୍ଥିତ ରହିଥିଲେ । ଶେଷରେ ବେତନଟୀ ତହସିଲ କାର୍ଯ୍ୟାଳୟର ଜଙ୍ଗଲ ଜମି ଅଧିକାର ଆଇନ ବିଭାଗର ଶାଖା ସହାୟକ ସନ୍ତୋଷ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚାଷଜମିରେ ଲହରୀ ଭାଙ୍ଗୁଛି ବନ୍ୟାପାଣି

ବାସୁଦେବପୁର,(ସବ୍ୟୁ): :ଝଡ଼ୁଛି ଉପର ମୁଣ୍ଡର ବର୍ଷା ପାଣି। ଚକମୁଣ୍ଡର ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି। ଚାଷ ଜମିରେ ଭାଙ୍ଗୁଛି ଛଅ ଫୁଟ ଉଚ୍ଚତାର ପାଣି ଲହରୀ ଭାଙ୍ଗୁଛି। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକର ବରଣ୍ଡୁଆ ଓ ସୁବର୍ଣ୍ଣପୁର ପଂଚାୟତରେ। ଉପର ମୁଣ୍ଡର ବନ୍ୟା ଜଳକବଳକୁ ଗତିବାରୁ ଫୁଲୁଛି କାଂସବଂଶ ଓ ଗମେଇ ନଦୀ ଫୁଲିବାରେ ଲାଗିଛି। ଆଖପାଖ ଚାଷ ଜମିର ବନ୍ୟାର ଦୁର୍ଦ୍ଦଶା ଦେଖିବାକୁ ମିଳୁଛି। ବରଣ୍ଡୁଆ ପଂଚାୟତର ରତାଙ୍ଗ,ବରଣ୍ଡୁଆ ଅଂଚଳର ଚାଷ ଜମି ବୁଡିଥିବାବେଳେ ସୁବର୍ଣ୍ଣପୁର ପଂଚାୟତର ସୁଆଁ ଓ ସୁବର୍ଣ୍ଣପୁର ଅଂଚଳର ତଳିଆ ଚାଷ ଜମି ବୁଡି ରହିଛି। ଗମେଇ ନଦୀର ଚକମୁଣ୍ଡ ପୋତି ଯାଇଥିବାରୁ ଜଳନିଷ୍କାସନ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି ହେଉଛି। ବରଣ୍ଡୁଆ ପଂଚାୟତର ଅଧିକାଂଶ ତଳିଆ ଅଂଚଳର ଚାଷ ଜମିରେ ବୁଣା ଯାଇଥାଏ। ଅଳ୍ପ କିଛି ଚାଷ ଜମିରେ ତଳି ପକାଇଛନ୍ତି। ବନ୍ୟା ପାଣି ତଳି ଉପରେ ଜମି ରହିଥିବାରୁ ତଳି ନଷ୍ଟ ହୋଇ ଯାଇଛି। ବରଣ୍ଡୁଆ ପଂଚାୟତର ରତାଙ୍ଗ ଅଂଚଳର ଚାଷ ଜମି ସମୁଦ୍ରର ଭ୍ରମ ସୃଷ୍ଟି କରିଛି। ଯାହାକୁ ନେଇ ଚାଷୀଙ୍କ ମୁଣ୍ଡରେ ପଡିଛି ଚଡକ। ଉଜୁଡି ଯିବାକୁ ବସିଛି ବର୍ଷକର ଭାତ ହାଣ୍ଡି। ପ୍ରତିବର୍ଷ ବନ୍ୟା ଦେଖା ଦେଉଥିବାରୁ ସ୍ଥାୟୀ ପ୍ରତିକାର ପାଇଁ ଦାବୀ କରୁଛି ଚାଷୀମାନେ।

## ପ୍ରଫୁଲ ସାମଲଙ୍କ ଆରୋଗ୍ୟ ଲାଗି ଦୀପଦାନ

ଆଗରପଡ଼ା,(ସବ୍ୟୁ): ଆଗରପଡ଼ା ଡ଼.ହରେକୃଷ୍ଣ ମହତାବ ୟୁଥ୍ କ୍ଲବ ପକ୍ଷରୁ ପ୍ରାକ୍ତନ ମନ୍ତ୍ରୀ ତଥା ବିଜେଡି ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲଙ୍କ ଆଶୁ ଆରୋଗ୍ୟ କାମନା କରି କ୍ଲବ ପ୍ରାଙ୍ଗଣରେ ଥିବା ମାଅଗ୍ନି ବାସୁଳୀ ମନ୍ଦିରରେ ସମୂହ ଦୀପ ଦାନ କରାଯାଇଛି । ମୁଣ୍ଡରେ ଆଘାତ ଲାଗିପାରୁ ଗତ ତିନି ଦିନ ହେବ ପ୍ରାକ୍ତନ ମନ୍ତ୍ରୀ ତଥା ବିଧାୟକ ଶ୍ରୀସାମଲଙ୍କ ଦେହ ଅସୁସ୍ଥ ହୋଇ ଭୁବେନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ତେଣୁ ତାଙ୍କ ସ୍ୱାସ୍ଥ୍ୟର ଉନ୍ନତି ଏବଂ ଦୀର୍ଘାୟୁ କମାନା କରି ମନ୍ଦିରରେ ପୂଜାର୍ଚ୍ଚନା କରି ସମୂହ ସଦସ୍ୟମାନଙ୍କ ଦ୍ୱାରା ଏକ ନୀରବ ପ୍ରାର୍ଥନା କରି ଦୀପ ପ୍ରଜ୍ଜଳନ କରାଯାଇଥିଲା। ଏଥିରେ କ୍ଲବର ସଭାପତି ସୁରେଶ ପୃଷ୍ଟି,ସମ୍ପାଦକ ଜିତେନ୍ଦ୍ର କୁମାର ଶତପଥୀ,କୋଷାଦକ୍ଷ ସୁଶାନ୍ତ ଦାସ,ସଭ୍ୟ ତଥା ସରପଂଚ ପ୍ରକାଶ ବିଶ୍ୱାଳ,ରାଧାକାନ୍ତ ସାମଲ,ଚିନ୍ମୟ ସିଂହ,ରାଜେନ୍ଦ୍ର ବେହେରା,ନୃସିଂହ ଖୁଣ୍ଟିଆ,ଅଶୋକ ପାଣିଗ୍ରାହୀ,ଶରତ ଘୋଷ,ଶୁଭେନ୍ଦୁ ସିଂହ,ମୁକ୍ତିକାନ୍ତ ପଣ୍ଡା,ଅଶୋକ ଭୋଳ,କାଶୀନାଥ ବେହେରା,ରେସାଲ ଖାଁ,ରାମଚନ୍ଦ୍ର ଦାସ,ରାୟ କୁମାର ପାଲ ପ୍ରମୁଖ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ଶିଶୁପୁତ୍ର ମୃତ

ବାଲେଶ୍ୱର,(ସବ୍ୟୁ):ଖଇରାପଦା ଥାନା କୁଳିଗାଁର ବରୁଣ ବାରିକଙ୍କ ୮ ମାସର ଶିଶୁପୁତ୍ର ଶୁଭମ୍ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି । ସାପ କାମୁଡ଼ାରେ ଗୁରୁତର ହୋଇ ଶୁଭମ୍‌କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସନ୍ଧ୍ୟା ସାଢ଼େ ୬ଟାରେ ମୃତ୍ୟୁ ହୋଇଥିଲା । ଶନିବାରଦିନ ଶୁଭମ୍ ଘରେ ବିଛଣା ରେ ଶୋଇଥିବା ବେଳେ ଏକ ବିଷ ସାପ କାମୁଡ଼ିଥିଲା।

## ବାଲିଆପାଳରେ ମିଳିତ ଜନଶୁଣାଣି

ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ଜିଲ୍ଲାର ବାଲିଆପାଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୩୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ପତ୍ର ଉପସ୍ଥାପନ କରିଥିଲେ। ସେଥିମଧ୍ୟରୁ ୧୨୯ ଗୋଟି ବ୍ୟକ୍ତିଗତ ଓ ୪ ଗୋଟି ସାମୂହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୨ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣି କାର୍ଯ୍ୟକ୍ରମରେ ୭ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ବିଜ୍ଞାପ କୁମାର ଜେନା, ବିଡିଓ, ବାଲିଆପାଳ ରାଧା ରଞ୍ଜନ ଦାସ, ତହସିଲଦାର, ବାଲିଆପାଳ ଶ୍ରୀମତୀ ସସ୍ମିତା ମୁର୍ମୁଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ବିଷପିଇ ଯୁବକଙ୍କ ଆତ୍ମହତ୍ୟା

ବେତନଟୀ, ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଉପକଣ୍ଠ କେରକସାହିରେ ରହୁଥିବା ଜଣେ ଯୁବକ ବିଷପିଇ ଆତ୍ମହତ୍ୟା କରିଛନ୍ତି । ମୃତକ ଜଣକ ହେଉଛନ୍ତି କେରକସାହି ଗ୍ରାମର ଲୁସା ହାଁସଦାଙ୍କ ପୁଅ ଜିତେନ ହାଁସଦା(୨୫) । ସୂଚନା ମୁତାବକ ଶୁକ୍ରବାର କୌଣସି କାରଣରୁ ଜିତେନ ନିକଟସ୍ଥ ବେତନଟୀ ସାପ୍ତାହିକ ହାଟରୁ କୀଟନାଶକ ଔଷଧ ଆଣି ପିଇ ଦେଇଥିଲେ ।ଘରଲୋକେ ଗୁରୁତର ଅବସ୍ଥାରେ ପ୍ରଥମେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରୁ ଶଙ୍କାଟାପନ୍ନ ଅବସ୍ଥାରେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନା ନିଆଯାଇଥିଲେ ସୁଦ୍ଧା ସେଠାରେ କାର୍ଯ୍ୟରତ ଡାକ୍ତର ଜିତେନଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସୂଚନାକ୍ରମେ ବେତନଟୀ ଥାନା ଏଏସଆଇ ମିନତୀ ମହାକୁଡ଼ ଶନିବାର ୩୭/୨୬ ନମ୍ବରରେ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରାଇବା ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି । ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ପୋଖରୀରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ହାତିଡିହି,(ସବ୍ୟୁ): ହାତିଡିହି ବ୍ଲକ ସୋରୋ ଥାନା ଅଧିନସ୍ଥ ପଥରଗଡା ଗାଁ ନିକଟ ଏକ ପୋଖରୀ ଭିତରୁ ନିଖୋଜ ଲକ୍ଷ୍ମଣ ମୁଣ୍ଡା(୩୫)ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସୁନ୍ଦରାପାଳ ଗ୍ରାମର ଲକ୍ଷ୍ମଣ ମୁଣ୍ଡା ଗତ ଶୁକ୍ରବାରରୁ ନିଖୋଜ ଥିଲେ। ପରିବାର ଲୋକେ ଅନେକ ଖୋଜା ଖୋଜି କରିଥିଲେ ବି ତାଙ୍କର ସନ୍ଧାନ ପାଇ ପାରି ନଥିଲେ। ରବିବାର ସକାଳେ ନିକଟସ୍ଥ ପୋଖରୀରେ ଲକ୍ଷ୍ମଣଙ୍କ ମୃତ ଦେହ ଭାସୁଥିବା ଗ୍ରାମବାସୀ ଦେଖିଥିଲେ। ଖବର ପାଇ ସୋରୋ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ହାତଡିହି ଅଗ୍ନିଶମ ବାହିନୀ ସହଯୋଗରେ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ନିମନ୍ତେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ତଦନ୍ତ ଆରମ୍ଭ କରିଛି। ଶୌଚ ପାଇଁ ଯାଇଥିବା ବେଳେ ଅସାବଧାନତାରୁ ପୋଖରୀରେ ବୁଡି ଯାଇ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି।

## ହରିଣ ଉଦ୍ଧାର

ଆନନ୍ଦପୁର,(ସବ୍ୟୁ) : ଆନନ୍ଦପୁର ଟ୍ରିଙ୍କ ଛକ ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟାଳୟ ନିକଟରେ ଏକ ହରିଣ ଜଙ୍ଗଲରୁ ଖସି ଆସିଥିବା ସ୍ଥାନୀୟ ଲୋକେ ଦେଖିବାପରେ ଆନନ୍ଦପୁର ଜଙ୍ଗଲ ବିଭାଗକୁ ସଙ୍ଗେ ସଙ୍ଗେ ଖବର ଦେବାରୁ ଆନନ୍ଦପୁର ଡିଏଫଓ ପ୍ରଶାନ୍ତ କୁମାର ପଣ୍ଡାଙ୍କ ନିର୍ଦ୍ଦେଶରେ ଯୁବକାମୀନ ଭିତ୍ତିରେ ଜଙ୍ଗଲ ବିଭାଗ କର୍ମଚାରୀ ମାନେ ତୁରନ୍ତ ସେଠାରେ ପହଞ୍ଚିବା ସହ ତତ୍ପରତା ଏବଂ ସମସ୍ତଙ୍କ ସହଯୋଗରେ ହରିଣଟିକୁ ସୁରକ୍ଷିତ ଭାବେ ରେସକ୍ୟୁ କରାଯାଇଛି।

## ମାଙ୍କଡ଼ା ଖଣିରେ ପଡି ଯୁବକ ମୃତ

ଆଗରପଡ଼ା,(ସବ୍ୟୁ): ଆଗରପଡ଼ା ନିକଟସ୍ଥ ସୋସୋ ଥାନା ଅନ୍ତର୍ଗତ ସୁନ୍ଦରାପାଳ ଗ୍ରାମର ଲକ୍ଷ୍ମଣ ମୁଣ୍ଡା (୩୬) ନାମକ ଯୁବକ ମାଙ୍କଡ଼ା ଖଣିରେ ଖସିପଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ,ଗତ ଶନିବାର ମୃତ ଯୁବକ ଜଣକ ନିକଟସ୍ଥ ସଢା ଗ୍ରାମକୁ କୌଣସି କାର୍ଯ୍ୟପାଇଁ ଘରୁ ବାହାରି ଯାଇଥିଲେ। ରାତ୍ର ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ଆଜି ସକାଳୁ ପଥରଗଡ଼ାସାହି ମାଙ୍କଡ଼ା ଖଣିରେ ତାଙ୍କ ମୃତ ଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ଘଟଣାସ୍ଥଳରେ ପହଂଚି ମୃତଦେହ ଚିହ୍ନଟ କରିଥିଲେ। ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ଓ ଥାନା ଏଏସଆଇ ମୂରଲୀଧର ମାଝୀ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି।

## ଆଡ଼ପ ମଣ୍ଡପରେ ଦର୍ଶନ ଦେଲେ ଶ୍ରୀଜୀଉ

ନୀଳଗିରି,(ସବ୍ୟୁ): - ନୀଳଗିରିରେ ପବିତ୍ର ଘୋଷଯାତ୍ରା ଅବସରରେ ଆଡ଼ପମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ପ୍ରଥମ ଦିନରେ ଶ୍ରୀଜୀଉଙ୍କ ମତ୍ସ୍ୟ ଓ କଚ୍ଛପ ଅବତାର ଦେଖିବାକୁ ମିଳିଛି ।। ସନ୍ଧ୍ୟା ସାଢ଼େ୭ଟାରେ ପରେ ଦର୍ଶନାର୍ଥୀଙ୍କ ପାଇଁ ଦ୍ୱାର ଖୋଲାହେବା ପରେ ଶହ ଶହ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥିଲେ। ଧାଡ଼ିରେ ଭକ୍ତମାନେ ମତ୍ସ୍ୟ ଓ କଚ୍ଛପ ଅବତାରରେ ମହାବାହୁଙ୍କୁ ଦର୍ଶନ କରିବା ସହିତ ଆଶିଷ ଭିକ୍ଷା କରିଥିଲେ।

## ପୁଣି ମାତିଲେ ଦନ୍ତା : ମାଡ଼ି ଦଳି ନଷ୍ଟ କଲେ ଧାନ ତଳି

ଠାକୁରମୁଣ୍ଡା ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡର ଠାକୁରମୁଣ୍ଡା ବନାଞ୍ଚଳରେ ପୁଣି ମାତିଲେ ହାତୀ । ଘଟଣାରୁ ପ୍ରକାଶ ଶନିବାର ବିଳମ୍ବିତ ରାତିରେ ଶିମିଳିପାଳ ଅଭୟାରଣ୍ୟରୁ ଦୁଇଟି ଦନ୍ତାହାତୀ ତରାମରା ଗ୍ରାମ ପଞ୍ଚାୟତ ହାଣ୍ଡିଫୁଟା ଏଂ ବାଘମୁଣ୍ଡା ଗ୍ରାମରେ ପଶି ଗୌରହରି ମହାନ୍ତଙ୍କ ପରିବା ବାଡ଼ିରେ ପଶି ଫସଲ ଖାଇବା ସହିତ ଧାନ ତଳିକୁ ମାଡ଼ି ଦଳି ନଷ୍ଟ କରିଥିବା ଜଣାପଡିଛି।କାଲୁ ମହାନ୍ତଙ୍କ ଧାନ ତଳି ଖାଇବା ସହିତ ମାଡ଼ି ନଷ୍ଟ କରିଥିବା ଜଣାପଡିଛି। ସେହିପରି ଜଗଦୀଶ ମହାନ୍ତଙ୍କ ମକା ବାଡ଼ିରେ ପଶି ମକା ଖାଇଥିବା ଅଭିଯୋଗ କରିଛନ୍ତି। ଏବିଷୟରେ ବନବିଭାଗକୁ ପଚାରିବାରୁ ଦୁଇଟି ହାତୀ ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବା ତାଙ୍କ ପାଖରେ ଖବର ଅଛି। ନବିଭାଗ କର୍ମଚାରୀ ହାତୀର ଗତିବିଧି ଉପରେ ନଜର ରଖିଥିବା ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି।

## ବୃଦ୍ଧଙ୍କ ଆତ୍ମହତ୍ୟା

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସଦର ଥାନା ଫକୀରମୋହନ ନଗର ଠାରେ ଜଣେ ବୃଦ୍ଧ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ବୃଦ୍ଧ ହେଲେ ଚାନ୍ଦିପୁର ଥାନା ଅଞ୍ଚଳର ମାନସ କୁମାର ବେରା। ଶନିବାର ବିଳମ୍ବିତ ରାତିରେ ଫକୀରମୋହନ ନଗରରେ ଏକାକୀ ରହୁଥିବା ବୃଦ୍ଧ ବେକରେ ଫାଶୀ ଲଗାଇ ଥିଲେ । ଖବର ପାଇ ତାଙ୍କର ଝିଅ ଜ୍ୱାଇଁ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ରବିବାର ପୂର୍ବାହ୍ନ ୧୦ ଟାରେ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଛି।

## ଘରକୁ ଫେରୁଥିଲେ : କଚାଡ଼ି ମାରିଦେଲା ହାତୀ

ଯୋଡ଼ା,(ସବ୍ୟୁ):କେନ୍ଦୁଝର ଜିଲା ଯୋଡ଼ା ନିକଟସ୍ଥ ବାଂଶପାଳ ବ୍ଲକ ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜ ତଳରଡୁଆଁ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନରୋତ୍ତମ ଜୁଆଙ୍ଗ (୪୮)।, ସେ ଶନିବାର ରାତିରେ କାମ ସାରି ଘରକୁ ଫେରୁଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଧରି କଚାଡ଼ି ଦେଇଥିଲା। ଫଳରେ ସେ ଏକ ବିଲ ଭିତରେ ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଅଣାଯାଇଥିଲା ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।ଉକ୍ତ ଅଞ୍ଚଳରେ ୧୨ ଟିକିଆ ହାତୀପଲ ଦୀର୍ଘଦିନ ହେଲା ବୁଲୁଥିବାରୁ ଲୋକମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି।ରେଞ୍ଜ ଅଧିକାରୀ ନୟନ କାନ୍ତ ସାହୁ କହିଛନ୍ତି ଯେ, ସରକାରୀ ନିୟମାନୁଯାୟୀ କ୍ଷତପୂରଣ ପ୍ରଦାନ କରାଯିବ। ହାତୀମାନଙ୍କ ଗତିବିଧି ନିରୀକ୍ଷଣ କରାଯିବା ସହ ଲୋକଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଉଛି। ଏହାକୁ ମିଶାଇ ଏକ ସପ୍ତାହ ମଧ୍ୟରେ ହାତୀ ଆକ୍ରମଣରେ ଦୁଇ ଜଣଙ୍କ ମୃତ୍ୟୁ ଚିନ୍ତାର ବିଷୟ ହୋଇଛି। ତୁରନ୍ତ ହାତୀଙ୍କୁ ଘଉଡ଼ାଇବାକୁ ଦାବି କରିଛନ୍ତି ଗ୍ରାମବାସୀ।

## ପ୍ଲାଣ୍ଟ ଫର ଲାଇଫ’ ଅଭିଯାନରେ ଶତାଧିକ ସାମିଲ

କେନ୍ଦୁଝର,(ସବ୍ୟୁ): ରୋଟାରୀ କ୍ଲବ ଅଫ କେନ୍ଦୁଝରଗଡ଼ ପକ୍ଷରୁ ଆୟୋଜିତ ‘ପ୍ଲାଣ୍ଟ ଫର ଲାଇଫ’ ସାଇକ୍ଲୋଥନ ସହରବାସୀଙ୍କ ମଧ୍ୟରେ ପରିବେଶ ସୁରକ୍ଷାର ବାର୍ତ୍ତା ପହଞ୍ଚାଇଥିଲା। କେନ୍ଦୁଝର ଡିଏଫଓ ଏଚ.ଡି ଧନରାଜ ଙ୍କ ଉପସ୍ଥିତି ସହ ଡି.ଡି. ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀ ସଞ୍ଜୟ ପାତ୍ର, ରୋଟାରୀ କ୍ଲବ ସଭାପତି ଶ୍ରୀମତୀ ନିରୁପମା ସ୍ୱାଇଁ, ସମ୍ପାଦିକା ଡା. ମମତାରାଣୀ ଜେନା, ଇନରହ୍ୱିଲ କ୍ଲବ ସଭାପତି ଶ୍ରୀମତୀ ଶର୍ବାଣୀ ମହାପାତ୍ର ଓ ସମ୍ପାଦିକା ଶ୍ରୀମତୀ ମିନତି ମହାପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଇନରହ୍ୱିଲ କ୍ଲବ ସଦସ୍ୟମାନଙ୍କ ସକ୍ରିୟ ଅଂଶଗ୍ରହଣ ରାଲିକୁ ଆକର୍ଷଣୀୟ କରିଥିଲା। ରାଲିର ସୁଚାରୁ ପରିଚାଳନାରେ କେନ୍ଦୁଝର ପୋଲିସର ଭୂମିକା ପ୍ରଶଂସନୀୟ ରହିଥିଲା। ବର୍ଷା ଋତୁ ସାରା ବୃକ୍ଷରୋପଣ ଓ ପରିବେଶ ସଚେତନତା ଅଭିଯାନ ଜାରି ରଖିବାକୁ ରୋଟାରୀ କ୍ଲବ ସଂକଳ୍ପବଦ୍ଧ ବୋଲି ସଦସ୍ୟମାନେ ପ୍ରକାଶ କରିଛନ୍ତି।

## ଜିଲ୍ଲା ମହିଳା ମୋର୍ଚ୍ଚା ଟିମ୍ ଘୋଷଣା

ବାଲେଶ୍ୱର,(ସବ୍ୟୁ): ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅନୁମୋଦନ କ୍ରମେ ଭାରତୀୟ ଜନତା ମହିଳା ମୋର୍ଚ୍ଚା ସାଂଗଠନିକ ଜିଲ୍ଲା ବାଲେଶ୍ୱରର ଜିଲ୍ଲା ସଭାପତି ଶ୍ରୀମତୀ ସୁସ୍ମିତା ପଣ୍ଡା ତାଙ୍କର ପୂର୍ଣ୍ଣାଙ୍ଗ ଜିଲ୍ଲା ଟିମ୍ ଏବଂ ୩୩ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଜିଲ୍ଲା କମିଟିରେ ୬ ଉପସଭାପତି, ୨ ସାଧାରଣ ସମ୍ପାଦକ, ୬ ସମ୍ପାଦକ, ୧ କୋଷାଧ୍ୟକ୍ଷ, ୧ ଗଣମାଧ୍ୟମ ସଂଯୋଜକ, ୧ ସାମାଜିକ ଗଣମାଧ୍ୟମ, ୧ ସାମାଜିକ ଗଣମାଧ୍ୟମ ସହସଂଯୋଜକ ଓ ୧୫ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ରହିଛନ୍ତି।

## ଚୋରା କରତ କଳ ଉପରେ ଚଢ଼ାଉ

ବାଲେଶ୍ୱର , (ସବ୍ୟୁ): ବେଆଇନ ଭାବେ ରାତିରେ ଚାଲୁଥିଲା କରତକଳ ଉପରେ ବନବିଭାଗ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇ ଜଣକୁ ଗିରଫ କରାଯିବାସହ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସମେତ ମୂଲ୍ୟବାନ କାଠ ଓ ଏକ ଟାଟା ଏସି ଗାଡି ଜବଦ କରାଯାଇଛି । ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ବାଙ୍ଗର ଗଡିଆ ଗ୍ରାମରେ ବେଆଇନ ଭାବେ ରାତିରେ କରତ କଳ ଚାଲୁଥିବା ନେଇ ଔପଦା ରେଞ୍ଜର ଭାଗ୍ୟଶ୍ରୀ ଦାସ ବିଶେଷ ସୂତ୍ରରୁ ଖବର ପାଇ ତାଙ୍କ ନେତୃତ୍ୱରେ କୁପାରୀ ଫରେଷ୍ଟର ଦୁଷ୍ମନ୍ତ ଜେନା ସମେତ ଅନ୍ୟ ବନକର୍ମଚାରୀଙ୍କ ସହଯୋଗ ରେ ଅଚାନକ ଚଢ଼ାଉ କରି ଜଣଙ୍କୁ ଗିରଫ କରିବା ସହିତ ଏକ ଟାଟାଏସି ଗାଡି ରେ ଲୋଡ଼ ହୋଇଥିବା କାଠ ସମେତ ଗାଡି କୁ ଜବଦ ରଖିଥିଲେ କ୍ଷ ମାଲିକ ଫେରାର ହୋଇଯାଇଥିବା ବେଳେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବନ ବିଭାଗ।

## ଦୁଇ ବାଇକ୍ ଧକ୍କା, ୩ ଗୁରୁତର

ହାଟଡିହି ,(ସବ୍ୟୁ): ବଞ୍ଚୋ ଛକରୁ ବଞ୍ଚୋ ଗାଁ ଭିତରକୁ ଯାଇଥିବା ରାସ୍ତାରେ ଦୁଇ ବାଇକ ମୁହାଁ ମୁହିଁ ଧକ୍କା ହେବା ଫଳରେ ୩ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାଇ ଗାଁର ତନ୍ମୟ ନାୟକ ଓ ଅଭିଷେକ ରାଉତ ନିଜର ଜଣେ ସମ୍ପର୍କୀୟ ମହିଳାଙ୍କୁ ଧରି ବଞ୍ଚୋ ଛକରୁ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ସମ୍ମୁଖରୁ ବାଇକରେ ଆସୁଥିବା ସତ୍ୟନାରାୟଣ ରାଉତଙ୍କ ସହିତ ତାଙ୍କର ମୁହାଁ ମୁହିଁ ଧକ୍କା ହୋଇଥିଲା। ତିନି ଜଣ ଯାକ ରକ୍ତ ଜୁଡୁବୁଡୁ ହୋଇ ରାସ୍ତା କ ଛିଟିକି ପଡ଼ିଥିଲେ। ହାଟଡିହି ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ସ୍ଥାନୀୟ ଯୁବକଙ୍କ ସହ ମିଶି ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ରାଜ୍ୟ ବିଜେଡି ସମ୍ପାଦକ ରତିକାନ୍ତ ରାଉତ ଡାକ୍ତରଖାନାରେ ପହଞ୍ଚି ଡାକ୍ତରଙ୍କ ସହିତ ଆଲୋଚନା କରି ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରାଇଥିଲେ। ଗୁରୁତର ଥିବା ତନ୍ମୟ, ଅଭିଷେକ ଓ ସତ୍ୟନାରାୟଣଙ୍କ ଅବସ୍ଥା ଶଙ୍କଟାପର୍ଣ୍ଣ ଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା।

## ଜିଲ୍ଲା ପରିଷଦର ବୈଠକ

ବାଲେଶ୍ୱର, (ସବ୍ୟୁ) :ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିୟମ ଠାରେ ବାଲେଶ୍ୱର ଜିଲ୍ଲାର ଷଷ୍ଠ ଜିଲ୍ଲା ପରିଷଦର ନବମ ବୈଠକ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ, ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି, ଜନସାଧାରଣଙ୍କ ସମସ୍ୟା ଓ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା। ଜିଲ୍ଲାର ଭିତ୍ତିଭୂମି ବିକାଶ, ଶିକ୍ଷା, କୃଷି, ସମାଜ ମଙ୍ଗଳ ପରି ଅନ୍ୟାନ୍ୟ ଜନହିତକର ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ସାଂସଦ ବାଲେଶ୍ୱର ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ବିଧାୟକ ପଦ୍ମଲୋଚନ ପଣ୍ଡା, ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ସଦର ବିଧାୟକ ମାନସ କୁମାର ଦତ୍ତ, ବିଧାୟିକା, ବସ୍ତା ଶ୍ରୀମତୀ ସୁବାସିନୀ ଜେନା, ମାନ୍ୟବର ବିଧାୟକ ଜଳେଶ୍ୱର ଅଶ୍ୱିନୀ କୁମାର ପାତ୍ର, ବିଧାୟକ ଭୋଗରାଇ ଗୌତମ ବୁଦ୍ଧ ଦାସ, ଉପ ସଭାପତି ଶ୍ରୀମତୀ ଅନୁସୟା ପ୍ରଧାନ, ସମ୍ମାନୀୟ ଜିଲ୍ଲାପାଳ, ବାଲେଶ୍ୱର ସୂର୍ଯ୍ୟବଂଶୀ ମୟୂର ବିକାଶ, ସାଂସଦ ଭଦ୍ରକର ପ୍ରତିନିଧି ଈଶ୍ୱର ଚନ୍ଦ୍ର ବେହେରା, ବିଧାୟକ, ସୋରୋର ପ୍ରତିନିଧି ଅଶ୍ୱିନୀ ମହାପାତ୍ର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକରେ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକର ଅଧ୍ୟକ୍ଷ/ଅଧ୍ୟକ୍ଷା, ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା, ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ) ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ ।ବୈଠକରେ ଜନସାଧାରଣଙ୍କୁ ଉନ୍ନତ ସେବା ପ୍ରଦାନ, ବିକାଶମୂଳକ କାର୍ଯ୍ୟରେ ଗତି ଆଣିବା ଏବଂ ସମନ୍ୱିତ ପ୍ରୟାସ ମାଧ୍ୟମରେ ବାଲେଶ୍ୱର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ରୟାଲ ଏନଫିଲର କ୍ଲାସିକ୍ ୩୫୦ ଉନ୍ମୋଚନ

ଭଦ୍ରକ,(ସବ୍ୟୁ) ବିଶ୍ୱର ଅଗ୍ରଣୀ ବ୍ରାଣ୍ଡ ରୟାଲ ଏନଫିଲ୍ଡ ଏହାର ଲୋକପ୍ରିୟ କ୍ଲାସିକ୍ ୩୫୦ ମୋଟରସାଇକେଲରେ ଚାଳକ-କେନ୍ଦ୍ରିତ ଦୁଇଟି ନୂତନ ସୁବିଧା ଯୋଡ଼ିଛି । ଏହି ଚାଳକ-କେନ୍ଦ୍ରିତ ନୂତନ ସୁବିଧା ସହିତ କ୍ଲାସିକ୍ ୩୫୦ ସମସ୍ତ ଅନୁମୋଦିତ ରୟାଲ ଏନଫିଲ୍ଡ ଶୋରୁମରେ ଡୁଆଲ୍-ଚ୍ୟାନେଲ୍ ଭାରିଆଣ୍ଟରେ ଉପଲବ୍ଧ ହେବ । ଏହି ମୋଟରସାଇକେଲ୍ ନଅଟି ଆକର୍ଷଣୀୟ ରଙ୍ଗ ବିକଳ୍ପରେ ଉପଲବ୍ଧ ହେଉଥିବା ବେଳେ ଏହାର ପ୍ରାରମ୍ଭିକ (ଏକ୍ସ-ଶୋରୁମ୍) ମୂଲ୍ୟ ୧,୮୭,୪୩୪ ଟଙ୍କା ରଖାଯାଇଛି ।ପ୍ରତ୍ୟେକ ଯାତ୍ରାକୁ ଅଧିକ ସହଜ ଓ ଆରାମଦାୟକ କରିବା ଉଦ୍ଦେଶ୍ୟରେ ୨୦୨୬ କ୍ଲାସିକ୍ ୩୫୦ରେ ବର୍ତ୍ତମାନ ଆସିଷ୍ଟ ଏବଂ ସ୍ଲିପର୍ କ୍ଲଚ୍ ସୁବିଧା ଦିଆଯାଇଛି ।ଦୈନନ୍ଦିନ ବ୍ୟବହାରକୁ ଆହୁରି ସୁବିଧାଜନକ କରିବା ପାଇଁ କ୍ଲାସିକ୍ ୩୫୦ରେ ବର୍ତ୍ତମାନ ୟୁଏସବି ଟାଇପ୍-ସି ଫାଷ୍ଟ ଚାର୍ଜିଂ ପୋର୍ଟ ମଧ୍ୟ ଯୋଡ଼ାଯାଇଛି ।

## ବିଶ୍ୱ ଯୁବ କୌଶଳ ଦିବସ ବିକାଶ କାର୍ଯ୍ୟକ୍ରମ ୩୦ ଶୀର୍ଷ ପ୍ରଦର୍ଶନକାରୀ ସମ୍ମାନିତ

ଯୋଡା,(ସବ୍ୟୁ): ବିଶ୍ୱ ଯୁବ କୌଶଳ ଦିବସ ଅବସରରେ ସାମସଙ୍ଗ ଇଣ୍ଡିଆ ୨୦୨୫ରେ ପ୍ରଶିକ୍ଷଣ ନେଇଥିବା ୯୪୦୦ ଯୁବକ ଯୁବତୀଙ୍କ ମଧ୍ୟରୁ ଚୟନ ହୋଇଥିବା ୩୦ ଜଣ ସାମସଙ୍ଗ ଦୋସ୍ତ ସେଲ୍ସ ଶୀର୍ଷ ପ୍ରଦର୍ଶନକାରୀଙ୍କ ସଫଳତାକୁ ପାଳନ କରିଛି । ଏହି ଶୀର୍ଷ ପ୍ରଦର୍ଶନକାରୀଙ୍କୁ ସାମସଙ୍ଗ ଦୋସ୍ତ ଅଧୀନରେ ସମ୍ମାନିତ କରାଯାଇଛି । ଅଂଶଗ୍ରହଣକାରୀମାନେ ସରକାରୀ ମାନ୍ୟତାପ୍ରାପ୍ତ ପ୍ରମାଣପତ୍ର, ପ୍ରକୃତ ରିଟେଲ ପରିବେଶରେ ପ୍ରାୟୋଗିକ ଅଭିଜ୍ଞତା ଓ କାର୍ଯ୍ୟକ୍ଷେତ୍ରର ବ୍ୟବହାରିକ ଅନୁଭବ ପାଇଥାନ୍ତି । ଭାରତ ସରକାରଙ୍କ ସ୍କିଲ ଇଣ୍ଡିଆ ମିଶନ ସହ ସମନ୍ୱୟରେ ସାମସଙ୍ଗ ଦୋସ୍ତ କାର୍ଯ୍ୟକ୍ରମ ଏକ ମିଶ୍ରିତ ଶିକ୍ଷା ମଡେଲ ପ୍ରଦାନ କରିଥାଏ । ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସାମସଙ୍ଗ ସାଉଥୱେଷ୍ଟ ଏସିଆର ଅଧ୍ୟକ୍ଷ ଓ ସିଇଓ ଜେବିପାର୍କ କହିଛନ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କାର୍ଯ୍ୟର ଅନେକ ଦିଗକୁ ପରିବର୍ତ୍ତନ କରିପାରିବ । ଟେକ୍ନୋଲୋଜି ଟାକିଂକୁ ପରିବର୍ତ୍ତନ କରିପାରେ, କିନ୍ତ ବିଶ୍ୱାସ ସର୍ବଦା ଲୋକଙ୍କ ଦ୍ୱାରା ସ୍ଥାପନ କରାଯିବ । ଗୁରୁଗ୍ରାମସ୍ଥିତ ସାମସଙ୍ଗ ଇଣ୍ଡିଆ ମୁଖ୍ୟ କାର୍ଯ୍ୟାଳୟରେ ଗତ ଜୁଲାଇ ୧୫ ତାରିଖରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୩୦ ଜଣ ଶୀର୍ଷ ପ୍ରଦର୍ଶନକାରୀଙ୍କୁ ସମ୍ମାନିତ କରାଯାଇଥିଲା ।

## ବିଜେପି ବରିଷ୍ଠ କର୍ମୀ ରଘୁନାଥ ଦଳେଇଙ୍କ ମାତୃ ବିୟୋଗ

ବାଲେଶ୍ୱର,(ସବ୍ୟୁ): ରେମୁଣା ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତା, ଦୁର୍ଗାଦେବୀ ପଞ୍ଚାୟତର ରଘୁନାଥ ଦଳେଇଙ୍କ ମାତାଙ୍କ ବିୟୋଗ ଘଟିଛି । ଖବର ପାଇ ଆଜି ରବିବାର ପ୍ରାୟ ୭ଟାରେ ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ତାଙ୍କ ବାସଭବନରେ ପହଞ୍ଚି ଦିବଙ୍ଗତ ମାତାଙ୍କ ପାର୍ଥିବ ଶରୀରରେ ପୁଷ୍ପାର୍ଘ୍ୟ ଅର୍ପଣ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ନେତୃମଣ୍ଡଳୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଦେବଦୀପ ଫାଉଣ୍ଡେସନର ରେନକୋଟ୍ ବଣ୍ଟନ




ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଦେବଦୀପ ଫାଉଣ୍ଡେସନ ପକ୍ଷରୁ ରବିବାର ଦିନ ଶୁଭାରମ୍ଭ ହୋଇଛି ବର୍ଷା ସୁରକ୍ଷା ଅଭିଯାନ ବର୍ଷାର ସାଥୀ। ବର୍ଷାଦିନରେ ଖୋଲା ଆକାଶ ତଳେ ରହୁଥିବା ନିରାଶ୍ରୟ ଓ ଦୁଃସ୍ଥ ବ୍ୟକ୍ତିମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ରବିବାର ଦିନ ବାଲେଶ୍ୱର ସ୍ଥିତ ଷ୍ଟେସନ କ୍ଲବ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୧୦ ଜଣ ଅସହାୟ ବ୍ୟକ୍ତିଙ୍କୁ ରେନକୋଟ ପ୍ରଦାନ କରି ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଦେବଦୀପ ଫାଉଣ୍ଡେସନର ସଭାପତି ଧିରେନ ନାୟକ କହିଛନ୍ତି ଯେ, ସମାଜର ଗରିବ, ଅଭାବୀ, ରିକ୍ସା ଚାଳକ, ଶ୍ରମିକ, ଚାଷୀ ଓ ଦିନ ମଜୁରିଆମାନେ ଯେପରି ବର୍ଷା ଦିନରେ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ଫାଉଣ୍ଡେସନ ପକ୍ଷରୁ ଏକ ବୃହତ୍ ଯୋଜନା ହାତକୁ ନିଆଯାଇଛି। ସୂଚନାଯୋଗ୍ୟ ଯେ, ସଂଗଠନ ପକ୍ଷରୁ ଜିଲ୍ଲାର ଆଠଟି ନିର୍ବାଚନ ମଣ୍ଡଳୀରେ ପର୍ଯ୍ୟାୟ କ୍ରମେ ମୋଟ ୧୫ ହଜାର ଲୋକଙ୍କୁ ରେନକୋଟ ବଂଟନ କରାଯିବାର ଲକ୍ଷ୍ୟ ରଖାଯାଇଛି। ପ୍ରଥମ ପର୍ଯ୍ୟାୟରେ ବାଲେଶ୍ୱର ସହରର ୩୧ଟି ୱାର୍ଡ ଓ ସଦର ବ୍ଲକର ୩୭ଟି ପଞ୍ଚାୟତରେ ଏହି ବଂଟନ କାର୍ଯ୍ୟ ଚାଲିବ। ଏହି ମହତ କାର୍ଯ୍ୟକୁ ସଫଳ କରିବା ପାଇଁ ଦଳମତ ନିର୍ବିଶେଷରେ ସମସ୍ତ ବାଲେଶ୍ୱରବାସୀଙ୍କ ସହଯୋଗ କାମନା କରିଛନ୍ତି ଫାଉଣ୍ଡେସନ ସଭାପତି। ଉକ୍ତ କାର୍ଯ୍ୟକ୍ରମରେ ବିଭୁଦତ୍ତ ପରିଡା, ଯୋଗେନ୍ଦ୍ର ମାଇତି, ଅଦ୍ୟା ଆଶୁତୋଷ, ହୃଷିକେଶ ବେହେରା, ଦୀପକ କୁମାର ଜେନା ଓ ତପନ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିନା ସୂଚନା ଫଳକରେ ଚାଲିଛି କୋଟିକୋଟି ଟଙ୍କାର ରାସ୍ତା କାମ

କେନ୍ଦୁଝର,(ସବ୍ୟୁ): ଗ୍ରାମ୍ୟ ନିର୍ମାଣ ବିଭାଜନ ବାଂଶପାଳ ଅଧିନସ୍ଥ କଣ୍ଟାକୋଳି-ମେଦିନୀପୁର ରାସ୍ତାର ପ୍ରଶସ୍ତିକରଣ କାମ ଚାଲିଛି । ଏହି ୪ କିଲୋମିଟର ରାସ୍ତା କାମ ପାଇଁ ପ୍ରାୟ ୬ କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତା ର ପ୍ରଶସ୍ତିକରଣ କାମ ଚାଲିଥିବାବେଳେ ସୂଚନା ଫଳକ ଲଗାଯାଇନାହିଁ । ଦୀର୍ଘଦିନ ହେବ କାମ ଚାଲିଥିଲେ ହେଁ ସୂଚନା ୩ଫଳକ ନଥିବାରୁ ଲୋକମାନେ କାମ ସମ୍ପର୍କରେ ସୂଚନା ପାଇପାରୁନାହାଁନ୍ତି । ସବୁଠାରୁ ବଡକଥା ହେଲା କାମ ଟି ବର୍ଷା ଦିନେ ଚାଲିଥିବାବେଳେ ରାସ୍ତାର ଉଭୟ ପାଶ୍ୱର୍ରେ ମୋରମ ବଦଳରେ ମାଟି ପଡୁଛି । ମାଟି କୁ ଠିକ ଭାବରେ ରୋଲିଂ ପରେ ସମତୁଲ ନ କରାଯାଇ ତା ଉପରେ ଅଳ୍ପ ମେଟାଲ ଗୁଣ୍ଡ ପକାଇ ରାସ୍ତା ପ୍ରଶସ୍ତିକରଣ କାମ ଚାଲିଛି । କାମର ମାନ ନିମ୍ନମାନର ଅଭିଯୋଗ ହେଉଥିବାବେଳେ ବିଭାଗୀୟ ଯନ୍ତ୍ରୀ ତଦାରଖ କରୁନଥିବା ଅଭିଯୋଗ ହୋଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ କାମଟିକୁ ଟେଣ୍ଡର ଦେଇ ଚୁପ ହୋଇ ବସିଥିବାବେଳେ ଠିକାଦାର ନିଜ ଇଚ୍ଛାରେ କାମ କରୁଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗର ଅନେକ କାମ ଏଭଳି ନିମ୍ନମାନର ହେଉଥିବାରୁ ରାସ୍ତା ଶେଷ ହେବାର ଅଳ୍ପ ଦିନରେ ରାସ୍ତା ଅବସ୍ଥା ଖରାପ ହୋଇ ଶୋଚନୀୟ ହୋଇପଡୁଛି । କଣ୍ଟାକୋଳି-ମେଦିନପୁର ରାସ୍ତାର ପ୍ରଶସ୍ତିକରଣ କାମ ପାଇଁ ବ୍ୟବହୃତ ମାଟି ସରକାରୀ ଜମିରୁ ଅଣାଯାଉଥିବା ଅଭିଯୋଗ ହୋଇଛି । ଲଘୁ ଖଣି ବିଭାଗ,ରାଜସ୍ୱବିଭାଗ ଏବଂ ଜଙ୍ଗଲ ବିଭାଗ ଏହାର ଯାଂଚ କରି ପଦକ୍ଷେପ ନେବାକୁ ଦାବୀ ହୋଇଛି । ରାସ୍ତାର ଉଭୟ ପାର୍ଶ୍ୱ ଜଙ୍ଗଲ ଜମି ଥିବାରୁ ରାସ୍ତା ପ୍ରଶସ୍ତିକରଣ ପାଇଁ ବନ ବିଭାଗ ଡାଇଭରର୍ସନ କରିଛି କି ନାହିଁ ତାହାର ଯାଂଚ କରି ପଦକ୍ଷେପ ନେବାକୁ କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କ ନିକଟରେ ଦାବୀ ହୋଇଛି । ସୂଚନାଯୋଗ୍ୟଯେ, ରାସ୍ତା ମରାମତି ଏବଂ ଉନ୍ନତିକରଣ ପାଇଁ ପ୍ରତ୍ୟେକ ବର୍ଷ କୋଟି କୋଟି ଖର୍ଚ୍ଚ ହେଉଥିଲେ ହେଁ ତଦାରଖ ଅଭାବରୁ ସରକାରୀ ଅର୍ଥ ଲୋକଙ୍କ ସଠିକ ଭାବେ କାମରେ ଲାଗି ପାରୁନାହିଁ । ଏ ନେଇ ବାଂଶପାଳ ଡିଭିଜନ ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଇଂ ହିମାଂଶୁ ସେଠୀଙ୍କ ସହ ଯୋଗାଯୋଗ କରିବାରୁ କାମର ମାନ ଠିକ ହେଉଛି କି ନାହିଁ ତାହାର ଯାଂଚ କରାଯିବ ବୋଲି କହିଛନ୍ତି । କେବଳ ବାଂଶପାଳ ଡିଭିଜନ ନୁହେଁ ଆନନ୍ଦପୁର ଗ୍ରାମ୍ୟ ନିର୍ମାଣ ବିଭାଜନ,କେନ୍ଦୁଝର ଗ୍ରାମ୍ୟ ନିର୍ମାଣ ବିଭାଜନ(୧) ଏବଂ ଗ୍ରାମ୍ୟ ନିର୍ମାଣ ବିଭାଜନ (୨) ଡିଭିଜନରେ ହୋଇଥିବା ସମସ୍ତ କାମ ର ଏକ ଉଚ୍ଚସ୍ତରୀୟ ଟେକନିକାଲ ଟିମ ଦ୍ୱାରା ଯାଂଚ କରିବାକୁ ଦାବୀ ହେଉଛି । ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧିନରେ ହେଉଥିବା ଅଧିକାଂଶ କାମ କାମ ନିମ୍ନମାନର ହେଉଥିବାରୁ ଅଳ୍ପ ଦିନରେ ନଷ୍ଟ ହେଉଛି । ଫଳରେ ସେ ଅଚଂଳର ଲୋକେ ରାସ୍ତାଟିରୁ ଯେତିକି ଉପକାର ପାଇବା କଥା ସେତିକି ଉପକାର ପାଇ ପାରୁନାହାଁନ୍ତି । ବିଭାଗୀୟ ଅଧିକାରୀ ମାନଙ୍କର ତଦାରଖ ଅଭାବ ଏବଂ ଦାୟିତ୍ୱରେ ରହୁଥିବା ଯନ୍ତ୍ରୀ ମାନଙ୍କର ତଦାରଖ ଅଭାବରୁ ନିମ୍ନମାନର ହେଉଛି ।

## ସମ୍ପାଦକୀୟ

# ସ୍ୱଚ୍ଛତା ଅଭିଯାନରେ ଆମେ ଏବେ କେଉଁଠି ?

ମହାତ୍ମା ଗାନ୍ଧିଙ୍କ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୮ରେ ଏକ ଅଭିଯାନରେ ପରିଣତ କରିଥିଲେ । ସେହି ବର୍ଷ ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସମଗ୍ର ଭାରତରେ ଏ ଯେଉଁ ସାମାଜିକ ଅଭିଯାନ ପ୍ରଧାନମନ୍ତ୍ରୀ ଆରମ୍ଭ କରିଥିଲେ, ତାହାର ସୁଫଳ ଦେଶବାସୀ ପାଇଛନ୍ତି । ଏପରିକି ଭାରତୀୟମାନଙ୍କୁ ଏ ବିଷୟରେ ସଚେତନ କରିବାକୁ ଅତୀତରେ ସରକାରମାନେ ଆଗ୍ରହ ପ୍ରକାଶ କରି ନଥିଲେ । କାରଣ ବିରୋଧୀ ଦଳଗୁଡ଼ିକଙ୍କର ରାଜନୀତିକ ଫାଇଦା ସେଥିରେ ନଥିଲା । ବିଭିନ୍ନ ସମ୍ବାଦପତ୍ରମାନଙ୍କରେ, 'ସ୍ୱଚ୍ଛତା ହିଁ ସେବା' ଅଭିଯାନର ପୂରା ପୃଷ୍ଠା ବିଜ୍ଞାପନ ଦିଆ ଯାଇଥିଲା । ଏଥିରେ ଗାନ୍ଧିଜୀଙ୍କ ଏକ ଫଟୋ ରହିଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କର 'ହମ୍ ସବ୍‌କା ହେ ଏକ ହି ନାରା / ସ୍ୱଚ୍ଛ ବନେଗା ଦେଶ ହମାରା ।' ଧ୍ୱନି ମଧ୍ୟ ଉଲ୍ଲେଖ କରା ଯାଇଥିଲା । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଭାରତୀୟମାନଙ୍କର ଫଟୋ ସବୁ ମଧ୍ୟ ସେହି ଧ୍ୱନିର ତଳେ ସ୍ଥାନିତ କରା ଯାଇଥିଲା । ବିଭିନ୍ନ ଶ୍ରମଦାନ କାର୍ଯ୍ୟକଳାପ ପାଇଁ ବିଭିନ୍ନ ସ୍ଥାନରେ ସଚିତ୍ର ସ୍ଥାନଗୁଡ଼ିକର ନାମୋଲ୍ଲେଖ ମଧ୍ୟ କରା ଯାଇଥିଲା । ସେଗୁଡ଼ିକ ଥିଲା ସାର୍ବଜନିକ ସ୍ଥାନରେ ସାମୂହିକ ସଫେଇ, ଆବର୍ଜନା ସଂଗ୍ରହ କାର୍ଯ୍ୟ, ଘର-ଘର ସ୍ୱଚ୍ଛତା ବୈଠକ, ପ୍ରାଚୀରରେ ଚିତ୍ର ମାଧ୍ୟମରେ ପ୍ରଦର୍ଶନ, ଗ୍ରାମ ଓ ବିଦ୍ୟାଳୟ ସ୍ତରରେ ର୍ୟାଲିର ଆୟୋଜନ, ପଥପ୍ରାପ୍ତ ନାଟକ, ଲୋକସଙ୍ଗୀତ ଓ ନୃତ୍ୟ, ଆବର୍ଜନା ହସ୍ତାନ୍ତରୀକରଣ, ଶୌଚାଳୟ ପାଇଁ ଗର୍ତ୍ତ ନିର୍ମାଣ ଓ ଶୌଚାଳୟ ନିର୍ମାଣରେ ସହଯୋଗ ଓ କମ୍ପୋଷ୍ଟ ଖତ ସଂଗ୍ରହ ।

ସାରା ଭାରତରେ ୨୦୧୮ ମସିହା ୧୫ ସେପ୍ଟେମ୍ବର ସକାଳ ୯ଟା ୩୦ରେ ଏହି ଅଭିଯାନର ଶୁଭାରମ୍ଭ ହୋଇଥିଲା । ଏହାର ପ୍ରଭାବ ମଧ୍ୟ ସର୍ବତ୍ର ଅନୁଭୂତ ହୋଇଥିଲା । ମାତ୍ର ଦୀର୍ଘ ଆଠ ବର୍ଷ ପରେ ଆମ ଲୋକେ ସ୍ୱଚ୍ଛତା ଆଡ଼କୁ ଆଉ ଆକର୍ଷିତ ନ ହେବାରୁ ଆମେ ଏବେ ଦୁର୍ଦ୍ଦଶାରେ ରହିଛୁ । 'ନମାମୀ ଗଙ୍ଗା' ଅଭିଯାନରେ ମୋଦିଜୀ ମଧ୍ୟ ସଫଳତା ଅର୍ଜନ କରିଥିଲେ । ଯେଉଁ ଗଙ୍ଗା ପାଣିକୁ ପବିତ୍ର ମନେ କରି ଆମେ ଶୁଭ କାର୍ଯ୍ୟରେ ଶିଞ୍ଚି ହୋଇଥାଉଁ ଓ ବ୍ୟବହାର କରିଥାଉଁ, ସେହି ଗଙ୍ଗା ନଦୀର ଜଳକୁ ସ୍ୱଚ୍ଛ କରିବା ଲାଗି ଭାରତ ସରକାରଙ୍କ ଉଦ୍ୟମକୁ ପ୍ରଶଂସା ନ କରି ରହି ହୁଏ ନାହିଁ । ଅବଶ୍ୟ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଭାରତ ସରକାର ତାଙ୍କର ପ୍ରାଥମିକ କାର୍ଯ୍ୟକ୍ରମ ଭାବେ ଜୁନ୍ ୨୦୧୪ରୁ ଆରମ୍ଭ କରିଥିଲେ ଏବଂ ବଜେଟରେ ଏଥିପାଇଁ ୨୦ ହଜାର କୋଟି ଟଙ୍କାର ବ୍ୟୟବରାଦ କରା ଯାଇଥିଲା । ଗଙ୍ଗାକୁ ପ୍ରଦୂଷଣ ମୁକ୍ତ କରି ଗଙ୍ଗା ନଦୀର ଜଳକୁ ଭଲ ଭାବେ ସଂରକ୍ଷିତ କରି ରଖାଯିବାକୁ ମଧ୍ୟ ବ୍ୟବସ୍ଥା ହୋଇଥିଲା ।

୨୦୧୯-୨୦ରେ ଭାରତରେ କରୋନା ମହାମାରୀ ବେଳେ ଆମେମାନେ ବେଶୀ ରୋଗଗ୍ରସ୍ତ ହୋଇନାହୁଁ । ତାହାର କାରଣ ୨୦୧୮ର ସ୍ୱଚ୍ଛତା ଅଭିଯାନ ହିଁ ଆମକୁ ସେହି ରୋଗ ଠାରୁ ପ୍ରାୟ ଉଦ୍ଧାର କରିଥିଲା । ମାତ୍ର ଆମେମାନେ ଗାନ୍ଧିଜୀ ବା ମୋଦିଜୀଙ୍କ କଥାକୁ ଗୁରୁତ୍ୱ ଦେଲୁ ନାହିଁ କିମ୍ବା ଏହି ସ୍ୱଚ୍ଛତା ଅଭିଯାନକୁ ମଧ୍ୟ କ୍ରିୟାଶୀଳ କରି ପାରିଲୁ ନାହିଁ । ଏବେ ସେଥିପାଇଁ ଆମେ ପଛରେ ପଡ଼ି ଯାଇଛୁଁ । କେବଳ ପୌର ବା ପଞ୍ଚାୟତ ସଂସ୍ଥା ଉପରେ ଦୋଷ ଲଦି ଦେଇ ଲାଭ ନାହିଁ । ଆମମାନଙ୍କ ମାନସିକତା ଏଥିପାଇଁ ଦାୟୀ । ଏବେ ସହର ଓ ଗ୍ରାମାଞ୍ଚଳରେ ଆମେ ଯେଉଁ ଥଣ୍ଡା, ଡେଙ୍ଗୁ ଜ୍ୱର, ମିଳିମିଳା ବା ପେଟ ରୋଗରେ ବହୁ ସଂଖ୍ୟାରେ ଆକ୍ରାନ୍ତ ହୋଇ ପଡୁଛୁଁ, ଏଥିପାଇଁ ଏହି ସ୍ୱଚ୍ଛତା ଅଭିଯାନର ବିଫଳତା ହିଁ ଦାୟୀ ।

ଏବେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଆଉ ଛୋଟ ସହର ହୋଇ ନାହିଁ । ଏହା ଏକ ମହାନଗରରେ ପରିଣତ ହୋଇଛି ଏବଂ ଭୁବନେଶ୍ୱରର ଆୟତନ ମଧ୍ୟ ବଢ଼ି ଚାଲିଛି । ସେହି ତୁଳନାରେ ଏହାର ଜନସଂଖ୍ୟା ମଧ୍ୟ ବଢ଼ିଛି । ଭୁବନେଶ୍ୱର ମହାନଗର ନିଗମ ଆବର୍ଜନା ଉଠାଇବାରେ ବିଶେଷ ସଫଳତା ହାସଲ କରି ପାରିନାହିଁ । କୁଢ଼ କୁଢ଼ ଆବର୍ଜନା ସହର ମଧ୍ୟରେ ଦୀର୍ଘ ଦିନ ଧରି ପଡ଼ି ରହୁଛି । 'ଜାଗୃତି' ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଆବର୍ଜନା ସଂଗ୍ରହ କରି ଯେଉଁ ସ୍ଥାନରେ ବା ଡମ୍ପିଂୟାର୍ଡରେ ପକାଇବା କଥା ତାହା ନିୟମିତ କରୁ ନାହିଁ ବୋଲି ଅଭିଯୋଗ ହେଉଛି । ଫଳରେ ମଶା ଓ ମାଛିଙ୍କ ଉପଦ୍ରବ ରାଜଧାନୀବାସୀଙ୍କୁ ଅତିଷ୍ଠ କଲାଣି । ଆମେମାନେ ସେଥିରୁ ରକ୍ଷା ପାଇବା କିପରି ? ସରକାର, ପୌର ବା ପଞ୍ଚାୟତ ସଂସ୍ଥା ଏପରିକି ଜନସାଧାରଣ ଏ ଦିଗରେ ସହଯୋଗ ନ କଲେ, ସ୍ୱଚ୍ଛତା ଅଭିଯାନ ତା' ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ ନାହିଁ । କେବଳ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବା ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଚାହିଁଲେ ମଧ୍ୟ ଏହା ସମ୍ଭବ ହେବ ନାହିଁ । ଆମର ସହଯୋଗ ଏଥିପାଇଁ ନିହାତି ଜରୁରୀ ।

**ଏବେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଆଉ ଛୋଟ ସହର ହୋଇ ନାହିଁ । ଏହା ଏକ ମହାନଗରରେ ପରିଣତ ହୋଇଛି ଏବଂ ଭୁବନେଶ୍ୱରର ଆୟତନ ମଧ୍ୟ ବଢ଼ି ଚାଲିଛି । ସେହି ତୁଳନାରେ ଏହାର ଜନସଂଖ୍ୟା ମଧ୍ୟ ବଢ଼ିଛି । ଭୁବନେଶ୍ୱର ମହାନଗର ନିଗମ ଆବର୍ଜନା ଉଠାଇବାରେ ବିଶେଷ ସଫଳତା ହାସଲ କରି ପାରିନାହିଁ । କୁଢ଼ କୁଢ଼ ଆବର୍ଜନା ସହର ମଧ୍ୟରେ ଦୀର୍ଘ ଦିନ ଧରି ପଡ଼ି ରହୁଛି । 'ଜାଗୃତି' ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଆବର୍ଜନା ସଂଗ୍ରହ କରି ଯେଉଁ ସ୍ଥାନରେ ବା ଡମ୍ପିଂୟାର୍ଡରେ ପକାଇବା କଥା ତାହା ନିୟମିତ କରୁ ନାହିଁ ବୋଲି ଅଭିଯୋଗ ହେଉଛି । ଫଳରେ ମଶା ଓ ମାଛିଙ୍କ ଉପଦ୍ରବ ରାଜଧାନୀବାସୀଙ୍କୁ ଅତିଷ୍ଠ କଲାଣି । ଆମେମାନେ ସେଥିରୁ ରକ୍ଷା ପାଇବା କିପରି ? ସରକାର, ପୌର ବା ପଞ୍ଚାୟତ ସଂସ୍ଥା ଏପରିକି ଜନସାଧାରଣ ଏ ଦିଗରେ ସହଯୋଗ ନ କଲେ, ସ୍ୱଚ୍ଛତା ଅଭିଯାନ ତା' ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ ନାହିଁ । କେବଳ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବା ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଚାହିଁଲେ ମଧ୍ୟ ଏହା ସମ୍ଭବ ହେବ ନାହିଁ । ଆମର ସହଯୋଗ ଏଥିପାଇଁ ନିହାତି ଜରୁରୀ ।**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ପ୍ରକାଶିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ଚାପମୁକ୍ତ ଶିକ୍ଷାର୍ଥୀ



**କିଶୋର ଚନ୍ଦ୍ର ବେହେରା**

ଭାରତୀୟ ଶିକ୍ଷା ବ୍ୟବସ୍ଥା ବିଶ୍ୱର ଅନ୍ୟତମ ବୃହତମ ବ୍ୟବସ୍ଥା, ଯାହା ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ଏବଂ ଉଚ୍ଚଶିକ୍ଷା ସ୍ତରରେ ବିଭକ୍ତ । ବର୍ତ୍ତମାନ ଏହା ଜାତୀୟ ଶିକ୍ଷାନୀତି - ୨୦୨୦ ଦ୍ୱାରା ପରିଚାଳିତ, ଯାହା ଶିକ୍ଷାକୁ ବ୍ୟବହାରିକ ଏବଂ ରୋଜଗାରକ୍ଷମ କରିବା ଉପରେ ଗୁରୁତ୍ୱ ଦେଇଥାଏ । ଯେଉଁ ଦେଶରେ ଶିକ୍ଷାର ଅଗ୍ରଗତି ଯେତିକି ଅଧିକ, ସେ ଦେଶ ସେତିକି ବିକଶିତ ବୋଲି ଗଣାଯାଏ । ଶିକ୍ଷା ହିଁ ବ୍ୟକ୍ତିକୁ ପୂର୍ଣ୍ଣତା ପ୍ରଦାନ କରିଥାଏ । ଏକ ସର୍ବସ୍ପର୍ଶୀ ଶିକ୍ଷା ବ୍ୟବସ୍ଥା ସମାଜରେ ସମ୍ପୂର୍ଣ୍ଣତା ଆଣିବାରେ ସହାୟକ ହୋଇଥାଏ । ଶିକ୍ଷା ହେଉଛି ସେହି ମୂଳଦୁଆ, ଯାହା ଉପରେ ଏକ ପ୍ରଗତିଶୀଳ, ସମବେଶୀ ଏବଂ ସମୃଦ୍ଧ ସମାଜ ଗଠନ କରାଯାଏ ।

ପ୍ରାଥମିକ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ପୁଞ୍ଜି ନିବେଶ ହେଉଛି ରାଜ୍ୟର ଭବିଷ୍ୟତ ପାଇଁ ଏକ ବିଶେଷ ବିନିଯୋଗ, ଯାହାକି ଜ୍ଞାନ, ନବସୃଜନ, ନିଯୁକ୍ତି ସୁଯୋଗ ଏବଂ ସାମାଜିକ ସଶକ୍ତିକରଣକୁ ପ୍ରୋତ୍ସାହିତ କରିଥାଏ । ଏହା ହେଉଛି ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ, ଯାହାଦ୍ୱାରା ସରକାର ସମତାଗତ ସୁଯୋଗ ସୃଷ୍ଟି କରିପାରିବେ ଏବଂ ପ୍ରତ୍ୟେକ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣତା ହାସଲ କରିବାରେ ସକ୍ଷମ କରିପାରିବେ । ଦେଶର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅନେକ ଯୋଜନା କାର୍ଯ୍ୟକାରୀ କରୁଛି, ଯେଉଁଥିରେ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର (ଆର୍ ଟି ଇ) ଏବଂ ଓଡ଼ିଶାରେ 'ମୋ ସ୍କୁଲ୍' ଭଳି ସଂପ୍ରତି ଚଳିତ ଶିକ୍ଷା ବର୍ଷରୁ ଜ୍ଞାନୋଦୟ - ଶିକ୍ଷାରୁ ସମୃଦ୍ଧି ଯୋଜନା ମାଧ୍ୟମରେ କେ.ଜି.ରୁ ପି.ଜି. ପର୍ଯ୍ୟନ୍ତ ଦେୟମୁକ୍ତ ଶିକ୍ଷା ଅଭିଯାନ ସାମିଲ କରାଯାଇଛି । ଜ୍ଞାନର ଶକ୍ତିଦ୍ୱାରା ସଶକ୍ତ ଯୁବପିଢ଼ି ଗଢ଼ିବା ଓ ସମୃଦ୍ଧ ଓଡ଼ିଶା ନିର୍ମାଣ ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ ହେବ । ଫଳରେ ପ୍ରତିବର୍ଷ ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ୩୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏହି ଯୋଜନାରେ ଉପକୃତ ହେବେ । ଆର୍ଥିକ ଅଭାବରୁ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ହାର ହ୍ରାସ କରିବା ପାଇଁ ସରକାର ଏଭଳି ଗୁରତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । କୌଣସି ଛାତ୍ରଛାତ୍ରୀ ଯେପରି ଆର୍ଥିକ ଅବସ୍ଥାରେ ଶିକ୍ଷାରୁ ଦୂରେଇ ନଯିବେ, ସେଥିପାଇଁ ଏହି ଯୋଜନା କରଯାଇଛି । ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତାଭିତ୍ତିକ ଏବଂ ସୁଲଭ କରିବା ପାଇଁ ରାଜ୍ୟ ସରକାରଙ୍କର ଏହା ଏକ ଐତିହାସିକ ପଦକ୍ଷେପ ।

ଜ୍ଞାନୋଦୟ - ଶିକ୍ଷାରୁ ସମୃଦ୍ଧି ମାର୍ଗଦର୍ଶିକା ପରିଚାଳନା ନିୟମାବଳୀ ଓଡ଼ିଶା ସରକାରଙ୍କ ଉଭୟ ଗଣଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗର ପ୍ରଶାସନିକ ନିୟନ୍ତ୍ରଣାଧୀନ ସମସ୍ତ ଯୋଗ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ଅଟେ । ଏହି ଯୋଜନାଟି ୨୦୨୬-୨୭ ଶିକ୍ଷାବର୍ଷରୁ କାର୍ଯ୍ୟକାରୀ ହୋଇ ୨୦୩୦-୩୧ ଶିକ୍ଷାବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେବ, ଯାହାକି ପ୍ରାରମ୍ଭିକ ଭାବେ ୫ ବର୍ଷ ନିମନ୍ତେ ବଳବତ୍ତର ରହିବ । ଓଡ଼ିଆରେ ଏକ ପ୍ରବାଦ ରହିଛି 'କାହାରି ପୁଷ ମାସ ହୋଇଥିଲା ବେଳେ କାହାରି ସର୍ବନାଶ'ର ପରିସ୍ଥିତି ସୃଷ୍ଟି ହୋଇଛି ।

ଗୋଟିଏ ପାର୍ଶ୍ୱରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ଖୁସିର ସମୟ ହୋଇ ଥିବାବେଳେ, ଅନ୍ୟ ପାର୍ଶ୍ୱରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ପାଇଁ ତାହା ସମ୍ପୂର୍ଣ୍ଣ ବିନାଶକାରୀ ବା ଦୁଃଖଦାୟକ ପରିସ୍ଥିତି ସୃଷ୍ଟି ହବାକୁ ଯାଉଛି । ରାଜ୍ୟରେ ଅଙ୍ଗନବାଡ଼ିରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପୂର୍ବରୁ ଦେୟମୁକ୍ତ ଥିବାରୁ ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ପ୍ରଦାନର ସ୍ୱପ୍ନକୁ ସାକାର କରିଛନ୍ତି । ଆର୍ଥିକ ଅଭାବ ଅନାଟନ ଯୋଗୁଁ ଯେପରି କୌଣସି ଯୋଗ୍ୟ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ତାହା ନିଶ୍ଚିତ କରିବା ପାଇଁ ଏହି ଯୋଜନାର ପରିକଳ୍ପନା କରାଯାଇଛି । ସମାଜରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ପଛୁଆ ବର୍ଗର ପରିବାରଗୁଡ଼ିକ ଉପରୁ ଆର୍ଥିକ ବୋଝ ହ୍ରାସ କରି ଏହି ଯୋଜନା ନାମଲେଖା କ୍ଷେତ୍ରରେ ବୃଦ୍ଧି କରିବ । ବିଦ୍ୟାଳୟ ଓ ମହାବିଦ୍ୟାଳୟ ଉପସ୍ଥାନରେ ସୁଧାର ଆସିବ । ପାଠପଢ଼ା ଅଧାରୁ ଛାଡ଼ିବା ହାର ହ୍ରାସ ହେବ । ଅଧିକରୁ ଅଧିକ ଛାତ୍ରଛାତ୍ରୀ ବିନା କୌଣସି ବାଧାରେ ଉଚ୍ଚଶିକ୍ଷା ଜାରି ରଖିବାରେ ସକ୍ଷମ ହେବେ ।

ଉଚ୍ଚଶିକ୍ଷା କ୍ଷେତ୍ରରେ ରାଜ୍ୟରେ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ, ଅଣ-ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ, ଘରୋଇ (ଅନୁଦାନବିହୀନ / ସ୍ୱ-ଅର୍ଥଲଗାଣ) ଉଚ୍ଚ ଶିକ୍ଷାନୁଷ୍ଠାନ କାର୍ଯ୍ୟ କରୁଛି । ଏହି ଯୋଜନାର ସୀମିତ ଉଦ୍ଦେଶ୍ୟ ନିମନ୍ତେ, ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ କହିଲେ ସମୟ ସମୟରେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ବିଭିନ୍ନ ଗ୍ରାଣ୍ଟ-ଇନ୍-ଏଡ୍ ବା ଅନୁଦାନ-ପ୍ରଦାନ ନିର୍ଦ୍ଦେଶନାମା ଅଧୀନରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଭାବରେ ଘୋଷିତ ହୋଇଥିବା ମହାବିଦ୍ୟାଳୟଗୁଡିକୁ ବୁଝାଇଥାଏ । ଏହି ମହାବିଦ୍ୟାଳୟକୁ ସରକାରଙ୍କ ଠାରୁ କେବଳ ଅଧ୍ୟାପକ ଓ କର୍ମଚାରୀଙ୍କ ଦରମା ମିଳିଥାଏ । ମହାବିଦ୍ୟାଳୟର ଦୈନନ୍ଦିନ ପରିଚାଳନା କରିବା, ଅତିଥି ଅଧ୍ୟାପକ ଓ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଦରମା ପୈଠ କରିବା ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କ ନାମଲେଖା ଶୁଳ୍କ ଓ ଉନ୍ନୟନ ଶୁଳ୍କ ବାବଦରେ ଯେଉଁ ଅର୍ଥ ନିଆଯାଇଥାଏ, ସେହି ଅର୍ଥ ସଠିକ୍ ସମୟରେ ଭରଣ କରାଯାଇ ପରିଚାଳନା କରାଯାଇଥାଏ । ରାଜ୍ୟ ସରକାରଙ୍କ ଶିକ୍ଷାନୁଷ୍ଠାନକୁ ଟଙ୍କା ଫେରସ୍ତ ୧୦ ଶତକଡା , ୧୫ ଶତକଡା ଓ ବକେୟା ୭୫ ଶତକଡା (ପ୍ରତ୍ୟେକ ତ୍ରୈମାସିକରେ ୨୫ ଶତକଡା) ମାର୍ଗଦର୍ଶୀକା ନିର୍ଦ୍ଦେଶାବଳି ଅତ୍ୟନ୍ତ ନିରୁତ୍ସାହିତ, ଶିକ୍ଷାନୁଷ୍ଠାନ ପରିଚାଳନା କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେବ । ସରକାରଙ୍କ ମାଗଣା ଶିକ୍ଷାନୀତି ଏବେ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଗଲାଣି ।

ଅନୁଦାନପ୍ରାପ୍ତ ବିଦ୍ୟାଳୟ, ଉଭୟ ୬୬୨ ଓ ୪୮୮ବର୍ଗର ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ବିଭିନ୍ନ ସମସ୍ୟା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସମାଧାନର ସୂତ୍ର ସରକାର ବାହାର ନକରି, ହଠାତ୍ ଏପରି ଦେୟମୁକ୍ତ ଶିକ୍ଷା ଘୋଷଣା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶିକ୍ଷାବିତମାନେ ମତ ପ୍ରକାଶ କରିଛନ୍ତି । ଏହି ବର୍ଗରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ, ଅବସର ପରେ ଅବସରକାଳୀନ ସୁବିଧା ସୁଯୋଗ ଓ ଭତ୍ତା ପ୍ରଦାନ କରିବାକୁ ଉଚ୍ଚନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶନାମା ଜାରି କରିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେଉ ନାହିଁ । ନ୍ୟାୟାଳୟର ଆଦେଶନାମାକୁ ଭ୍ରମରେ ପକାଇବା ପାଇଁ ଏକ ମାଧ୍ୟମ ହୋଇପାରେ ବୋଲି କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷକ ଓ ଅଣଶିକ୍ଷକ ସଂଘର କର୍ମଚାରୀମାନେ ଅଭିଯୋଗ କରିଛନ୍ତି ।

ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ବୃହତ୍ତମ ପୁଞ୍ଜିନିବେଶ ମଧ୍ୟରୁ ଏହା ଅନ୍ୟତମ । ଏହା ଦ୍ୱାରା ପ୍ରତିବର୍ଷ ୩୨ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହେବେ । ସେମାନଙ୍କ ପରିବାରର ଆର୍ଥିକ ବୋଝ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବ । ଏହି ପ୍ରୟାସ ଜାତୀୟ ଶିକ୍ଷା ନୀତି ୨୦୨୦, ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ଉଦ୍ଦେଶ୍ୟକୁ ପୂରଣ କରିବାରେ ସହାୟକ ହେବ । ଜ୍ଞାନୋଦୟ - ଶିକ୍ଷାରୁ ସମୃଦ୍ଧି କେବଳ ଏକ ଶୁଳ୍କ ଛାଡ଼ କାର୍ଯ୍ୟକ୍ରମ ନୁହେଁ ବରଂ ଆର୍ଥିକ ପୃଷ୍ଠଭୂମି ନିର୍ବିଶେଷରେ ଓଡ଼ିଶାର ପ୍ରତ୍ୟେକ ଶିଶୁ ଏବଂ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଗ୍ରହଣର ସମାନ ସୁଯୋଗ ମିଳିବ ।

ଏହାକୁ ନିଶ୍ଚିତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ପ୍ରୟାସ ଶିକ୍ଷା ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ସଶକ୍ତ କରିବ । ଜ୍ଞାନ, ସୁଯୋଗ ଓ ସାମଗ୍ରିକ ବିକାଶ ଉପରେ ଆଧାରିତ ଏକ ବିକଶିତ ଓଡ଼ିଶାର ସଂକଳ୍ପକୁ ସାକାର କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ ଦେଇଛନ୍ତି । ରାଜ୍ୟରେ ପ୍ରାଥମିକ ଏବଂ ଉଚ୍ଚଶିକ୍ଷାକୁ ବିକଶିତ କରିବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ତଥାପି, ଆଦିବାସୀ ଅଞ୍ଚଳରେ ଶିକ୍ଷାର ଗୁଣବତ୍ତା ଏବଂ ଭିତ୍ତିଭୂମି ବିକାଶ ଏବଂ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମଧ୍ୟରେ ଶିକ୍ଷାଗତ ପାର୍ଥକ୍ୟ ଏକ ବଡ଼ ଆହ୍ୱାନ ରୂପେ ଦେଖା ଦେଇଛି ।

**ଅଧ୍ୟାପକ,
ରାଜନୀତି ବିଜ୍ଞାନ ବିଭାଗ,
ସିଦ୍ଧେଶ୍ୱରୀ ସ୍ନାତକ ମହାବିଦ୍ୟାଳୟ,
ନନ୍ଦପୁର, କୋରାପୁଟ,
ମୋ-୯୪୩୭୯୫୫୫୬୮**

# ଜଗନ୍ନାଥଙ୍କ ଭକ୍ତ ଗରୁଡ଼



**ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)**

କେବଳ ଶ୍ରୀଜଗନ୍ନାଥ ମନ୍ଦିରରେ କାହିଁକି ପ୍ରତିଟି ବିଷ୍ଣୁ ମନ୍ଦିର ସାମ୍ନାରେ ପକ୍ଷୀରାଜ ଗରୁଡ଼ କୃତାଞ୍ଜଳିପୁଟ ଭାବରେ ହସ୍ତଯୋଡ଼ି ପ୍ରଭୁ ପରମେଶ୍ୱର ଭଗବାନ ବିଷ୍ଣୁଙ୍କୁ ପ୍ରଣାମ ଭଙ୍ଗୀରେ ଗରୁଡ଼ ସ୍ତମ୍ଭରେ ଆଣ୍ଠେଇ ରହିଥିବାର ଛବି ଦୃଷ୍ଟିଗୋଚର ହୁଏ । ଆମ ଧର୍ମ ସଂସ୍କୃତିର ଶାସ୍ତ୍ରମାନଙ୍କରେ ଭଗବାନଙ୍କର ଭକ୍ତ ଭାବରେ ହନୁମାନ, ଗରୁଡ଼ ଓ ନାରଦଙ୍କୁ ଦେଖିବାକୁ ମିଳେ । ଭକ୍ତର ଭଗବାନ ଅର୍ଥରେ ଏହି ଦିବ୍ୟଚେତନା ତେଜୋଦୀପ୍ତ ଭକ୍ତମାନଙ୍କର ଭକ୍ତି ଭାବକୁ ନିଜ ଭକ୍ତି ସହ ତୁଳନା କରି ଠାକୁରଙ୍କ ଭଜନ ଓ ଦର୍ଶନ କରି ପାରିଲେ ଜୀବନ ଧନ୍ୟ ହୋଇଯାଏ, କିନ୍ତୁ ବହୁଳ ଭାବରେ ଆଜିକାଲିକା ଭକ୍ତମାନଙ୍କ ଠାରେ ଏହି ଏକନିଷ୍ଠ ଭକ୍ତିଭାବ ଦେଖିବାକୁ ମିଳେ ନାହିଁ । ଏହା ମଧ୍ୟ ସମ୍ପୂର୍ଣ୍ଣ ସମର୍ପିତ ଆତ୍ମାର ସହ ନ'କରି ପାରିଲେ ଭକ୍ତି ପ୍ରାପ୍ତ କରିବା ଆଦୌ ସହଜ ନୁହେଁ । ଗରୁଡ଼ ହେଉଛନ୍ତି ବିଷ୍ଣୁଙ୍କର ବାହନ । ଋଷି କଶ୍ୟପଙ୍କ ଔରସରେ ଦକ୍ଷ ପ୍ରଜାପତିଙ୍କ କନ୍ୟା ବିନତା ନାମକ ପତ୍ନୀଙ୍କ ଗର୍ଭରୁ ଗରୁଡ଼ଙ୍କର ଜନ୍ମ । ସେ ହେଉଛନ୍ତି ପକ୍ଷୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ପକ୍ଷୀ, ଏଣୁ ସେ ପକ୍ଷୀରାଜ । କଶ୍ୟପଙ୍କ ଅନ୍ୟତମ ପତ୍ନୀଙ୍କ ନାମ କଦ୍ରୁ । ସେ ଏକ ସହସ୍ର ସର୍ପକୁ ଜନ୍ମ ଦେଇ ସର୍ପମାନଙ୍କର ମାତା ଭାବରେ ଖ୍ୟାତ ।

ଥରେ କଶ୍ୟପଙ୍କ ଏହି ଉଭୟ ପତ୍ନୀ ବିନତା ଓ କଦ୍ରୁ ଦୁଇ ସଉତୁଣୀଙ୍କ ମଧ୍ୟରେ ବିବାଦ ଦେଖା ଦେଲା । ଏଥିରେ କଦ୍ରୁ ନିଜ ସର୍ପ ସନ୍ତାନମାନଙ୍କ ସହାୟତା ନେଇ ସତ୍ୟକୁ ମିଥ୍ୟା ପ୍ରତିପାଦିତ କରି ଏହି ବିବାଦରେ ବିଜିତ ହୋଇ ଉଭୟଙ୍କ ପୂର୍ବ ଚୁକ୍ତି ଅନୁଯାୟୀ ବିନତା ସଉତୁଣୀ କଦ୍ରୁଙ୍କର ଦାସୀ ହୋଇ ରହିଲେ । ଗରୁଡ଼ ମାତାଙ୍କର ଏହି ଦାସୀ ସ୍ଥିତିକୁ ମୁକ୍ତି କରାଇବା ପାଇଁ ସ୍ୱର୍ଗରୁ ଦେବତାମାନଙ୍କଠାରୁ ଅମୃତ କଳସୀକୁ ନିଜ ପାଖକୁ ଆଣି ପାରିଥିଲେ । ଅବଶ୍ୟ ଏଥିପାଇଁ ସ୍ୱର୍ଗପୁରରେ ଦେବରାଜ ଇନ୍ଦ୍ରଙ୍କ ସହ ଗରୁଡ଼ଙ୍କର ଯୁଦ୍ଧ ହୋଇଥିଲା । ସେ ଶ୍ୟେନ ପରି ଚକ୍ଷୁ, ପକ୍ଷ ଓ ପଞ୍ଝା ବିଶିଷ୍ଟ ହୋଇଥିଲେ ମଧ୍ୟ ତାଙ୍କରି ମୁଖ୍ୟ ଅବୟବ ମନୁଷ୍ୟ ଆକୃତିର ଥିଲା । ଗରୁଡ଼ଙ୍କର ମୁଖ ଶୁକ୍ଳ । ପକ୍ଷ ଦୁଇ ରକ୍ତ ବର୍ଣ୍ଣ ଥିଲା ବେଳେ ଶରୀରର ରଙ୍ଗ ସ୍ୱର୍ଣ୍ଣବର୍ଣ୍ଣ । ରାମାୟଣରେ ବର୍ଣ୍ଣିତ ସମ୍ପାତି ଏହାଙ୍କ ପୁତ୍ର । ପିତାମାତାଙ୍କ ଅନୁମତି ବଳରେ ସେ ବ୍ରାହ୍ମଣ ବ୍ୟତୀତ ଅନ୍ୟ ସମସ୍ତ ମନୁଷ୍ୟଙ୍କୁ ଗିଳି ଦେଇ ପାରୁଥିଲେ । ଥରେ ଭ୍ରମ କ୍ରମେ ଏକ ବ୍ରାହ୍ମଣ ଦମ୍ପତିଙ୍କୁ ଗିଳି ଦେଇଥିଲେ ବୋଲି ତାଙ୍କର କଣ୍ଠ ଦେଶରେ ଜ୍ୱାଳା ଅନୁଭବ କରି ଅବଶେଷରେ ଉକ୍ତ ଦମ୍ପତି ଦ୍ୱୟଙ୍କୁ ଉଦର ମଧ୍ୟରୁ ବାନ୍ତି କରି ବାହାର କରିବାକୁ ପଡ଼ିଥିଲା ।

ଚରିତ ଚିନ୍ତା ମଣି ଗ୍ରନ୍ଥ ଏବଂ ଗରୁଡ଼ ପୁରାଣ ଆଦିରେ ଗରୁଡ଼ ସ୍ୱର୍ଗରୁ ଅମୃତ ଆଣିବା ଓ ବିଷ୍ଣୁଙ୍କ ବାହନ ହେବା ବିଷୟରେ ଏକ ସୁନ୍ଦର ଆଖ୍ୟାୟିକାର ଅବତାରଣା କରାଯାଇଛି । ଅମୃତ ଆଣିବାକୁ ଗରୁଡ଼ ସ୍ୱର୍ଗକୁ ଗମନ କଲାବେଳେ ଗରୁଡ଼ଙ୍କୁ ଭୀଷଣ ଭୋକ ଲାଗିଲା । କ୍ଷୁଧା ନିବାରଣ କରିବା ପାଇଁ ପିତା କଶ୍ୟପଙ୍କ ଠାରେ ଆହାର ଦେବା ପାଇଁ ସେ ପ୍ରାର୍ଥନା କଲେ । ପିତା କଶ୍ୟପ ପାଖରେ ଥିବା ଏକ ଜଳାଶୟରେ ଯୁଦ୍ଧରତ ଥିବା ଗଜ ଓ କଚ୍ଛପଙ୍କୁ ଦେଖାଇ କହିଲେ ଆହାର କରିବାକୁ । ଗଜ, କଚ୍ଛପ ଦିହେଁ ପୂର୍ବେ ବିଭାବସୁ ଓ ସୁପ୍ରତୀକ ନାମରେ ଦୁଇ ସହୋଦର ଥିଲେ । ବିଭାବସୁ ଥିଲେ ଜ୍ୟେଷ୍ଠ ଓ କ୍ରୋଧୀ ଗୁଣର କିନ୍ତୁ କନିଷ୍ଠ ସୁପ୍ରତୀକ ଶାନ୍ତ, ଶିଷ୍ଟ ଓ ମୃଦୁ ସ୍ୱଭାବର । ସେମାନଙ୍କ ପୈତୃକ ସମ୍ପତ୍ତି ବିଭାଗ ନିମିତ୍ତ ସୁପ୍ରତୀକ ଜ୍ୟେଷ୍ଠ ଭାଇ ବିଭାବସୁଙ୍କୁ ଅନୁରୋଧ କରିନ୍ତେ ବିଭାବସୁ କ୍ରୋଧିତ ହୋଇ ସୁପ୍ରତୀକଙ୍କୁ ହସ୍ତୀରୂପ ଧାରଣ କରିବାକୁ ଅଭିଶାପ ଦେଲେ । ଏହା ଦେଖି କନିଷ୍ଠ ସୁପ୍ରତୀକ ମଧ୍ୟ ଜ୍ୟେଷ୍ଠ ଭାଇଙ୍କୁ କଚ୍ଛପ ପାଇଁ ଅଭିଶାପ ଦେଲେ । ସେହି ଦିନଠାରୁ ଉଭୟେ ଉଭୟଙ୍କର ଶତ୍ରୁ ରୂପେ ଅଧିଷ୍ଠିତ ହୋଇ ପରସ୍ପରର ବିନାଶ ପାଇଁ ଯୁଦ୍ଧ କରିବାକୁ ଲାଗିଲେ । ପିତାଙ୍କ ନିର୍ଦ୍ଦେଶ ପାଇ ଗରୁଡ଼ ଗୋଟିଏ ନଖରେ ବାଜକୁ ଓ ଆଉ ଗୋଟିଏ ନଖରେ କଚ୍ଛପକୁ ଧରି ଜଳାଶୟରୁ ଉଠାଇ ଆକାଶରେ ଉଡ଼ିବାକୁ ଲାଗିଲେ । କେଉଁଠି ଏକ ବଡ଼ ବୃକ୍ଷର ଅନ୍ୱେଷଣରେ ରହି ତାରି ଉପରେ ଏ ଦିହିଁଙ୍କୁ ରଖି ଭକ୍ଷଣ କରି କ୍ଷୁଧା ନିବାରଣ କରିବାକୁ ଚେଷ୍ଟା କରୁଥିଲେ । ଏ ସମୟରେ ଏକ ବୃହତ୍ତକାୟ ବଟବୃକ୍ଷକୁ ଦେଖୁ ତା'ରି ଉପରେ ବସି ସେମାନଙ୍କୁ ଭକ୍ଷଣ କରିବାକୁ ସଂକଳ୍ପ କରି ବୃକ୍ଷ ଉପରେ ଓହ୍ଲାଇ ପଡ଼ିଲେ, କିନ୍ତୁ ବିଚିତ୍ର ଗଜ ଓ କଚ୍ଛପଙ୍କ ଭାର ସମ୍ଭାଳି ନପାରି ବଟବୃକ୍ଷର ଡାଳଟି ଭାଙ୍ଗିଗଲା ।

ଏହି ଡାଳରେ ଅଂଗୁଷ୍ଠ ପ୍ରମାଣ ବାଳମୂଲ୍ୟ ଋଷିମାନେ ତପସ୍ୟା କରୁଥିଲେ । ଗରୁଡ଼ ଏହାଙ୍କୁ ଦେଖିବାରୁ ଡ଼ାଳଟି ଭୂମିରେ ପଡ଼ିଲେ ଋଷିମାନେ ଅଭିଶାପ ଦେବେ, ତେଣୁ ଡ଼ାଳଟିକୁ ମଧ୍ୟ ଥଣ୍ଟରେ ଧରି ପିତା କଶ୍ୟପଙ୍କ ନିକଟକୁ ଗଲେ । କଶ୍ୟପଙ୍କ ଅନୁରୋଧରେ ବାଳଖୁଲ୍ୟମାନେ ଏହି ଭଗ୍ନ ବୃକ୍ଷ ଶାଖା ପରିତ୍ୟାଗ କରି ଅନ୍ୟତ୍ର ଗମନ କଲେ । ଗରୁଡ଼ ବୃକ୍ଷ ଶାଖାଟିକୁ ଗୋଟିଏ ସୁଉଚ୍ଚ ପର୍ବତ ଉପରେ ପକାଇ ଦେଇଥିଲେ ଓ ନିଜେ ସୁମେରୁ ପର୍ବତ ଶୃଙ୍ଗରେ ବସି ଗୋଡ଼ ନଖରେ ବୋହି ଆଣିଥିବା ଗଜ ଓ କଚ୍ଛପ ଦୁଇ ଭ୍ରାତାଙ୍କୁ ଭକ୍ଷଣ କରି ଉଦରର କ୍ଷୁଧା ନିବାରଣ କରିଥିଲେ । ଆହାର ସମାପନାନ୍ତେ ତୃପ୍ତ ମନରେ ଅମୃତ ଆଣିବା ପାଇଁ ସ୍ୱର୍ଗକୁ ଗମନ କଲେ । ସେଠାରେ ଇନ୍ଦ୍ରାଦି ଦେବତାମାନଙ୍କୁ ଯୁଦ୍ଧରେ ପରାସ୍ତ କରି ଅମୃତ ଆଣି ମାତା ବିନତାଙ୍କୁ ଦାସୀ ପଣରୁ ମୁକୁଳାଇ ଥିଲେ ।

ଇନ୍ଦ୍ରସାରଥୀ ମାତଳିଙ୍କ କନ୍ୟା ଗୁଣକେଶୀଙ୍କୁ ସୁମୁଖ ନାମକ ନାଗ (କଦ୍ରୁପୁତ୍ର) ବିବାହ କରିଥିଲେ । ମାତଳିଙ୍କ ପ୍ରାର୍ଥନାରେ ଶ୍ରୀକୃଷ୍ଣ ଏହି ସୁମୁଖକୁ ଅଭୟ ବର ଦାନ କରି ଦୀର୍ଘଜୀବୀ କରାଇଥିଲେ । ଗରୁଡ଼ ଏହି ସୁମୁଖ ନାଗକୁ ଭକ୍ଷଣ କରି ଦେଇଥିବାରୁ ଅତୀବ ଦୁଃଖିତ ହୋଇ ସ୍ୱର୍ଗକୁ ଯାଇ ନାରାୟଣ ଓ ଇନ୍ଦ୍ରଙ୍କ ଆଗରେ ଆସ୍ଫାଳନ (ଅନୁତାପ) କରିବାକୁ ଲାଗିଲେ । ଏହା ଦେଖି ଶ୍ରୀକୃଷ୍ଣ ଗରୁଡ଼ଙ୍କ ମସ୍ତକ ସ୍ପର୍ଶ କରି ସାନ୍ତ୍ୱନା ଦେବା ବେଳେ ଗରୁଡ଼ଙ୍କ ମନ ନମ୍ରତାରେ ଭରି ଯାଇଥିଲା । ଗରୁଡ଼ ପ୍ରଭୁଙ୍କୁ ନିବେଦନ କଲେ ଯେ, ସେ ସଦା ଶ୍ରୀକୃଷ୍ଣ ନାରାୟଣଙ୍କ ବାହନ ହୋଇ ରହିବେ । ଏହି ବରପ୍ରାପ୍ତର ପରେ ଗରୁଡ଼ ହେଲେ ବିଷ୍ଣୁଙ୍କର ବାହନ ଓ ଗରୁଡ଼ଙ୍କ ପୃଷ୍ଠ ଆରୋହଣ କରି ସୃଷ୍ଟି ବିଚରଣ କରିବାକୁ ଲାଗିଲେ । ସେହି ଦିନରୁ ଶ୍ରୀବିଷ୍ଣୁଙ୍କ ରଥରେ ଗରୁଡ଼ ଧ୍ୱଜ ରୂପରେ ସ୍ଥାନିତ ହୋଇ ମହାଭାରତର ଆଦିପର୍ବରେ କଶ୍ୟପ ପତ୍ନୀ ବିନତା ଯିଏକି ଗରୁଡ଼ଙ୍କର ମାତା, ସେ କିଭଳି ସଉତୁଣୀ କଦ୍ରୁଙ୍କର ୫୦୦ ବର୍ଷ କାଳ ଦାସୀ ଜୀବନ ଅତିବାହିତ କରିଥିଲେ ଓ ଶେଷରେ ନିଜ ପୁତ୍ର ଗରୁଡ଼ ଦ୍ୱାରା ସେଥିରୁ ନିବୃତ ହେଲେ ସେହି ବିଷୟରେ ଉଲ୍ଲେଖ ଅଛି ।

ଏହି ଆଖ୍ୟାୟିକାଟି ହେଉଛି, ଏକଦା ଇନ୍ଦ୍ରଙ୍କ ଅଶ୍ୱ ଉଚ୍ଚୈଶ୍ରବା କଦ୍ରୁ ଓ ବିନତାଙ୍କ ନିକଟ ଦେଇ ଯିବାର ଦେଖି କଦ୍ରୁ ବିନତାଙ୍କୁ ପଚାରିଲେ ଏବେ ଯେଉଁ ଉଚ୍ଚୈଶ୍ରବା ଅଶ୍ୱ ଗଲା ତା'ର ପୃଷ୍ଠ ଲାଙ୍ଗୁଳଟି ବର୍ଣ୍ଣ କ'ଣ ଥିଲା । ବିନତା କହିଲେ ଯେ, ଲାଙ୍ଗୁଳର ରଙ୍ଗ ଥିଲା ନିପଟ କଳା । ଆଉ ତୁମେ କିଭଳି ଧଳା ବୋଲି କହୁଛ । ଏଥିରେ ଦିହେଁ ସତ୍ୟା-ସତ୍ୟ ଜାଣିବା ପାଇଁ ପଣ ରଖିଲେ ଯେ, ଯାହାରି କଥା ମିଥ୍ୟା ପ୍ରମାଣିତ ହେବ ସେ ଅପର ଠାରେ ଦାସୀ ହୋଇ ରହିବ । କଦ୍ରୁ ପୁତ୍ରମାନଙ୍କଠାରୁ ବୁଝି ଜାଣିଲେ ଯେ, ବିନତା କହିବା କଥା ସତ୍ୟ ହେଲେ ତା ପଣରେ ସେ ହାରିଯିବେ ଓ ଦାସୀ ହେବାକୁ ହେବ । ଏଥିରୁ ସେ ନିଜକୁ କିଭଳି ବଞ୍ଚାଇବେ ଏହା ଚିନ୍ତାକରି ଖଳବୁଦ୍ଧି ପ୍ରୟୋଗ କରାଇବା ପାଇଁ ନିଜ ନାଗ ପୁତ୍ରମାନଙ୍କୁ ଡ଼ାକି ସେହି ଉଚ୍ଚୈଶ୍ରବା ଅଶ୍ୱର ଲାଙ୍ଗୁଳର ଉପରେ ଘୋଡ଼େଇ ରହିବାକୁ କହିଲେ । ସର୍ପମାନଙ୍କ ଦ୍ୱାରା ଆବୃତ ହୋଇଥିବା ଅଶଶ୍ୱ ପୁଚ୍ଛଟି ଦୂରରୁ କୃଷ୍ଣ ବର୍ଣ୍ଣ ଦେଖାଯିବାରେ ବିନତା କଦ୍ରୁଙ୍କ ଦାସତ୍ୱ କଲେ । କଦ୍ରୁ ମଧ୍ୟ ସଉତୁଣୀ ପୁତ୍ର ଗରୁଡ଼ଙ୍କ ସହିତ ଦାସୀ ପୁତ୍ର ଭଳି ଅପମାନଜନକ ବ୍ୟବହାର କରିବାକୁ ଲାଗିଲେ ।

କଦ୍ରୁଙ୍କ ନିର୍ଦ୍ଦେଶରେ ସାପମାନଙ୍କୁ ନିଜ ପିଠିରେ ବସାଇ ନେବା ଆଣିବା କଲେ । ଏଥିରେ ମାତା ଓ ପୁତ୍ର ଉଭୟ ଅତିଶୟ ଦୁଃଖିତ ଓ ଲଜ୍ୟା ଅନୁଭବ କରିବାରୁ ଗରୁଡ଼ ଏଥୁରୁ କିଭଳି ମୁକ୍ତି ଲଭିବେ ଏହାର ଚିନ୍ତା କରି ସାପମାନଙ୍କ ପାଖକୁ ଯାଇ ପଚାରିଲେ- ହେ ମୋର ଭାଇମାନେ ! ମୁଁ ତୁମମାନଙ୍କର କି କାର୍ଯ୍ୟ କରି ପାରିଲେ ଆମେ ଦିହେଁ ଏହି ଦାସତ୍ୱରୁ ମୁକ୍ତି ଲଭିବୁ । ଏହା ଶୁଣି ନାଗମାନେ କହିଲେ, ତୁମେ ଯଦି ଆମମାନଙ୍କ ପାଇଁ ସ୍ୱର୍ଗରୁ ଅମୃତ ଆଣି ଦେଇ ପାରିବ, ତା ହେଲେ ଆମମାନଙ୍କ ଦାସତ୍ୱରୁ ମୁକ୍ତି ପାଇବ । ଏହା ଶୁଣି ଗରୁଡ଼ ମାତାଙ୍କଠାରୁ ଅନୁମତି ନେଇ ଅମୃତ ଭାଣ୍ଡ ଆଣିବା ପାଇଁ ଚନ୍ଦ୍ରଲୋକକୁ ଗମନ କଲେ । ଅମୃତ ଭାଣ୍ଡର ସୁରକ୍ଷା ଦାୟିତ୍ୱରେ ଥିବା ଦେବତା ଓ ସ୍ୱର୍ଗରାଜ ଇନ୍ଦ୍ର ଗରୁଡ଼ଙ୍କୁ ପ୍ରତିରୋଧ କଲେ କିନ୍ତୁ ଯୁଦ୍ଧରେ ଗରୁଡ଼ଙ୍କଠାରୁ ପରାଜିତ ହୋଇ ପଛକୁ ଫେରି ଆସିଲେ । ଗରୁଡ଼ ଅମୃତ କଳଶକୁ ଚନ୍ଦ୍ରଲୋକରୁ ପ୍ରାପ୍ତ କରି ସଭାଗୃହକୁ ଫେରିଲା ବେଳେ ପୁଣି ଇନ୍ଦ୍ରଙ୍କ ସହ ଦେଖା ହେଲା । ଇନ୍ଦ୍ର ଅନୁନୟ ହୋଇ ନାଗମାନଙ୍କୁ ଅମୃତ ଖୁଆଇ ସୃଷ୍ଟିର ଅକଲ୍ୟାଣ ନ କରିବାକୁ ପ୍ରବର୍ତ୍ତାଇ ଏକ ପ୍ରସ୍ତାବ ରଖିଲେ ଯେ, ଗରୁଡ଼ ଅମୃତ କଳଶ ନେଇ ଗୃହକୁ ଯିବେ ଓ ସର୍ପମାନଙ୍କୁ ସ୍ନାନ ସମ୍ପନ୍ନ କରାଇ ଶୁଦ୍ଧ ମନରେ ଅମୃତ ଗ୍ରହଣ କରିବାକୁ କହିଲା ସମୟରେ ଇନ୍ଦ୍ର ପୁଣି ଅମୃତ ଭାଣ୍ଡଟିକୁ ଚୋରି କରି ପୁନଃ ନେଇ ଆସିବେ । ଠିକ୍ ସେୟା ହେଲା । ଗରୁଡ଼ ସର୍ପମାନଙ୍କ ଆଗରେ ଅମୃତ କଳଶଟିକୁ କୁଶ ଉପରେ ରଖି କହିଲେ, ତୁମେମାନେ ସ୍ନାନାଦି ସାରି ପବିତ୍ର ହୋଇ ଆସ, ଅମୃତ ସେବନ କରିବ । ସର୍ପମାନେ କଦ୍ରୁଙ୍କ ଦ୍ୱାରା ଦାସୀ ପଣିଆରୁ ବିନତା ମୁକ୍ତ ହେଲେ । ଏଣେ ଦେବରାଜ ଇନ୍ଦ୍ର ସାପମାନେ ସ୍ନାନ କରିବାକୁ ଗଲା କାଳରେ ଇନ୍ଦ୍ର ଲୁଚି କୁଶାସନରେ ଥିବା ଅମୃତ କଳଶଟିକୁ ସର୍ଗପୁରକୁ ପୁଣି ଫେରାଇ ନେଇ ଆସିଲେ । ଏ କଥାକୁ ଗରୁଡ଼ ଜାଣିଥିଲେ କିନ୍ତୁ ସୃଷ୍ଟି କଲ୍ୟାଣ ଅର୍ଥରେ ରହିଥିଲେ । ସର୍ପମାନେ ସ୍ନାନ ସାରି ଅମୃତ ଖୋଜି ନ ପାଇ ଶେଷରେ ଅମୃତ କଳଶ ରଖିଥିବା କୁଶ ଆସନଟିକୁ ଅମୃତ କଣିକାର ଲୋହରେ ଜିଭରେ ଚାଟିବାକୁ ଲାଗିଲେ । ଏଥିରୁ ଅମୃତ ପାଇବେ କ'ଣ ଶେଷରେ ସର୍ପମାନଙ୍କ ଜିହ୍ୱା କୁର୍ଶର ଦାଢ଼ରେ କର୍ତ୍ତିତ ହୋଇ ଦୁଇ ଫାଳ ହୋଇଗଲା ସିନା ଅମୃତ ପ୍ରାପ୍ତ କରି ଅମର ରହିବାର ଆଶା ପୂର୍ଣ୍ଣ ହୋଇ ପାରିଲା ନାହିଁ ।

ବିନତା ଥିଲେ ସତ୍ୟାଶ୍ରୟୀ ଓ ସତ୍ୟବାଦିନୀ କିନ୍ତୁ ସର୍ପମାନଙ୍କର ମାତା କଦ୍ରୁ ମିଥ୍ୟାଚାରିଣୀ । ଛଳନା, କୂଟ, କପଟ କରି ନିଜ ସଉତୁଣୀଙ୍କ ଦାସୀ ଭାବରେ ଓ ଗରୁଡ଼ଙ୍କୁ ଦାସୀ ପୁତ୍ର ଭାବରେ ବ୍ୟବହାର କରି ଘୋର ଅନ୍ୟାୟ ଅପକର୍ମ କରିଥିଲେ । ଫଳସ୍ୱରୂପ ସମସ୍ତ ସର୍ପକୁଳର କଥା କହି ହେଉଥିବା ବାକ୍ ଯନ୍ତ୍ର ଜିହ୍ୱାଟି ଛିଣ୍ଡିଗଲା । ଜିହ୍ୱା ଭଳି ଏତେ ମାର୍ମିକ କଥା କହିବାରେ ସାହାଯ୍ୟ କରୁଥିବା ଯନ୍ତ୍ରଟି ଦୁଇ ଫାଳ ହୋଇଗଲା । ସେ ଦିନରୁ କୁହାଯାଏ, ମିଛ କହିଲେ ଜିଭ ସାପଜିଭ ଭଳି ଛିଣ୍ଡି ଦୁଇ ଫାଳ ହୋଇଯିବ । ଏଣୁ ଏହି ପୌରାଣିକ ଗାଥା ସମସ୍ତଙ୍କୁ ସତ୍ୟାଶ୍ରୟୀ ହେବାକୁ ଶିକ୍ଷା ଦେଇଥାଏ । ଗରୁଡ଼ ହେଲେ ପକ୍ଷୀମାନଙ୍କର ରାଜା ଓ ଆପଣା ଗୁଣରେ ବିଷ୍ଣୁଙ୍କର ବାହନ । ପ୍ରତିଟି ବିଷ୍ଣୁ ମନ୍ଦିରରେ ଗରୁଡ଼ଙ୍କ ଆସ୍ଥାନ ରହିଥାଏ । ଭାଇ ଅରୁଣଙ୍କ ଭଳି ଗରୁଡ଼ ମଧ୍ୟ ସଦାସର୍ବଦା ଏକ ସ୍ତମ୍ଭ ଉପରେ ବିରାଜିତ । ବିଷ୍ଣୁ, ନାରାୟଣ ଜଗତର ନାଥ ଜଗନ୍ନାଥ, ନୃସିଂହନାଥ ଆଦି ମନ୍ଦିରମାନଙ୍କରେ ରତ୍ନସିଂହାସନର ଉଚ୍ଚତାରେ ରହିଥିବା ଗରୁଡ଼ସ୍ତମ୍ଭ ରହିଥାଏ ଓ ଗରୁଡ଼ ଦେବତା ନିଜ ପୃଷ୍ଠ ପକ୍ଷକୁ ଅର୍ଦ୍ଧ ନିର୍ମିଳିତ କରି କୃତାଞ୍ଜଳିପୁଟରେ ଆଣ୍ଠୁଭାଙ୍ଗି ହସ୍ତଯୋଡ଼ି ବିଷ୍ଣୁଙ୍କୁ ପ୍ରଣାମ କରିଥିବାର ମୁଦ୍ରାରେ ରହିଥିବାର ଦେଖାଯାଏ ।

**ସଂସ୍କୃତି ସଦନ, ବୟାଳୀ, ମନ୍ତ୍ରିଡ଼ି,
ମୋ- ୯୩୩୭୯୬୦ ୬୮୮**

# ମିଳୁନି ପାନୀୟ ଜଳ : ମହିଳା କଲେ ରାସ୍ତାରୋକ

ନିମାପଡ଼ା, (ସବ୍ୟୁ) : ପିଇବା ପାଣି ନ ମିଳିବାରୁ ନିମାପଡ଼ା ବ୍ଲକ ଅନ୍ତର୍ଗତ ସଲଙ୍ଗ ଗ୍ରାମ ପଞ୍ଚାୟତର ଜଅଁରା ଗ୍ରାମର ମହିଳାମାନେ ରବିବାର ଦିନ ରାସ୍ତାରୋକ କରିଛନ୍ତି । ଏହି ଗ୍ରାମରେ ୫ଶହରୁ ଉର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଛନ୍ତି । ସରକାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ତେବେ ଆଜି ବି ଉକ୍ତ ଗ୍ରାମରେ ପାନୀୟ ଜଳ ସମସ୍ୟା ଦୂର ହୋଇପାରିନି । ଓଭରହେ ଟାଙ୍କି ଅଛି କିନ୍ତୁ ପାଇପ ଯୋଗେ ଗ୍ରାମରେ ପିଇବା ପାଣି ପହଁଞ୍ଚି ପାରୁ ନାହିଁ । ଅନ୍ୟ ଉପାୟ କିଛି ନ ପାଇ ଗ୍ରାମବାସୀ ମାନେ ନିକଟରେ ଥିବା ପୋଖରୀ ପାଣିକୁ ପିଇବା ପାଇଁ ବ୍ୟବହାର କରିଥାଆନ୍ତି । ଲଗାଣ ବର୍ଷା କାରଣରୁ ପୋଖରୀ ପାଣି ଦୁଷିତ ହେବାରୁ ପାନୀୟ ଜଳର ଉତ୍କଟ ସ୍ଥିତି ଦେଖାଦେଇଥିଲା । ଏହି ସମାସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମର ଶତାଧିକ ମହିଳା ଗରା, ବାଲିଟି ଧରି ରବିବାରଦିନି ଜଅଁରା ଗ୍ରାମ ଠାରେ ନିମାପଡ଼ା- ବାମନାଳ ମୁଖ୍ୟ ରାସ୍ତାକୁ ସକାଳ୬ରୁ ୫ ଘଣ୍ଟା ଧରି ଅବରୋଧ କରିଥିଲେ । ଗ୍ରାମର କବିତା ପରିଡା,ରସାନନ୍ଦ ପରିଡା, ସଞ୍ଜୟ ସ୍ୱାଇଁ,ରଶ୍ମି ରଞ୍ଜନ ସ୍ୱାଇଁ,ଉତମ ପରିଡା,ସଂଯୁକ୍ତା ନାୟକଙ୍କ ସହିତ ଗ୍ରାମର ଓଓ୍ୱାର୍ଡସଭ୍ୟ ଗଙ୍ଗାଧର ପରିଡ଼ାଙ୍କ ସମେତ ମହିଳା ମାନେ ପାନୀୟଜଳ ଯୋଗାଣ ଦାୟୀତ୍ୱରେ ଥିବା ଏସ ଇ ଏମ ଙ୍କୁ ତାଙ୍କର ଅବହେଳା ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ଖାମଖିଆଲ ନୀତି ବିରୁଦ୍ଧରେ ପୁରୀ ଜିଲ୍ଲାପାଳଙ୍କୁ ଲିଖିତ ଜଣାଇଥିଲେ । ସ୍ଥାନୀୟ ନେତୃତ୍ୱମାନେ ଓଭରହେ ଟାଙ୍କିରୁ ଜଅଁରା ଗ୍ରାମକୁ ଅତିରିକ୍ତ ସମୟ ପାଣି ଯୋଗାଣ ହେବ ବୋଲି ପ୍ରତିଶ୍ରୁତି ଦେବାରୁ ରାସ୍ତା ଅବରୋଧ ହଟିଥିଲା ।

# ଖଲର୍ଦ୍ଦାରେ ଗୋପୀନାଥ ଟ୍ରଷ୍ଟର ବାର୍ଷିକ ଉତ୍ସବ

ଫୁଲନଖରା (ସବ୍ୟୁ) :ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗର ସହଯୋଗରେ କଟକ ଜିଲ୍ଲାର ଖଲର୍ଦ୍ଦା ଗ୍ରାମସ୍ଥିତ ଗୋପୀନାଥ ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ଟ୍ରଷ୍ଟର ପ୍ରଥମ ଜନ୍ମବାର୍ଷିକୀ ଉତ୍ସବ ଆଡ଼ମ୍ବରପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଡାକ୍ତର ସୁବାଶିଷ ଶତପଥୀ ମୁଖ୍ୟ ଅତିଥି, ଭଏସ ଅଫ ମିଡିଆର ଜିଲ୍ଲା ସଭାପତି ଅନିଲ ଦାସ ମୁଖ୍ୟବକ୍ତା ଏବଂ ଖାଉଟି ସମବାୟ ସୁରକ୍ଷା ସଂଘର ନିର୍ଦ୍ଦେଶକ ବାବାଜୀ ଚରଣ ଭୋଇ, ଦିଲ୍ଲୀପ ବେହେରା, ପଶୁପ୍ରେମୀ ନାରାୟଣ ଭୋଇ ଓ ସୁବୋଧ କୁମାର ରାଉତରାୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ । ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ସୁମଧୁର ସ୍ୱାଗତ ସଙ୍ଗୀତ ପରିବେଷଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସଭାରେ ଅନୁଷ୍ଠାନର ସଭାପତି ସଦାନନ୍ଦ ଓଝା ସଭାପତିତ୍ୱ କରିଥିବା ବେଳେ ସମ୍ପାଦିକା ରମାମଣି ଓଝା ଅତିଥି ଓ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଖଣ୍ଡପଡ଼ା ନ୍ୟୁଜ ଟୁଡେର ବାର୍ଷିକ ଉତ୍ସବ



ଖଣ୍ଡପଡ଼ା ,(ସବ୍ୟୁ): ଖଣ୍ଡପଡ଼ା ସହରର ୧୩ ନଂ ଓ୍ୱାର୍ଡ ସ୍ଥିତ ପୂର୍ତ୍ତବିଭାଗ ବଙ୍ଗଳା ପରିସରରେ ଖଣ୍ଡପଡ଼ା ନ୍ୟୁଜ ଟୁଡେର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ଦିନ ଅନୁଷ୍ଠିତ ହୋଇ ଯାଇଛି । କଟକ ଜିଲ୍ଲା ଅଧୀନ ନରସିଂହପୁର ପ୍ରେସ କ୍ଲବର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଦେବୀ ପ୍ରସାଦ ରଥ ଅତିଥି ରୁପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ସମାଜର କଲ୍ୟାଣ ନିମନ୍ତେ ସାମ୍ବାଦିକମାନେ ନିର୍ଭୀକ ଭାବେ କଲମ ଚାଳନା କରିବା ସହ ସତ୍ୟ ଓ ତଥ୍ୟ ଭିତ୍ତିକ ଖବର ପରିବେଷଣ ଉପରେ ସମସ୍ତେ ଗୁରୁତ୍ୱ ଦେବାକୁ ବରିଷ୍ଠ ସାମ୍ବାଦିକ ଅଖିଳ ବିହାରୀ ପାଣିଗ୍ରାହୀ, ଶରତ ଚନ୍ଦ୍ର ସାହୁ,ସରୋଜ କୁମାର ମିଶ୍ର ପ୍ରମୁଖ ମତ ଦେଇଥିଲେ । ଏ ଅବସରରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା ।ବରିଷ୍ଠ ସାମ୍ବାଦିକ ଭବାନୀଶଙ୍କର ସିଂହସାମନ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସାମ୍ବାଦିକ ଶରତ ଚନ୍ଦ୍ର ସାହୁ,ଶିବ ନାରାୟଣ ମହାନ୍ତି ଓ ଦେବୀପ୍ରସାଦ ରଥଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।ସେହିପରି ଖଣ୍ଡପଡ଼ା ସହରର କୃତି ଛାତ୍ରୀ ଶ୍ରଦ୍ଧା ସୋହାନୀ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।କାର୍ଯ୍ୟକ୍ରମରେ ଛାପା, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମର ୨୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ ।

# ୧୨ଶହ ଟଙ୍କା ଲାଗି , ମାଆପୁଅଙ୍କୁ ମରଣାନ୍ତକ ଆକ୍ରମଣ

ବାଲିପାଟଣା ,(ସବ୍ୟୁ):। ଲିପାଟଣା ଥାନା ଅନ୍ତର୍ଗତ ଅଚ୍ୟୁତପୁର ଗ୍ରାମରେ ଧାର ୧୨ଶହ ଟଙ୍କା ମାଗିବାରୁ ସେହି ଗ୍ରାମର ଜୈନିକ ବ୍ୟକ୍ତି ସାଥୀଙ୍କ ସହ ମାରଣା ଅସ୍ତ୍ର ଧରି ମାଆ ପୁଅଙ୍କୁ ଅତର୍କିତ ଆକ୍ରମଣ କରିଥିଲେ ।ଫଳରେ ମାଆ ପୁଅ ଗୁରୁତର ହୋଇଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତି କରାଯାଇ ଥିଲା ।ଖବର ପାଇ ବାଲିପାଟଣା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।ଅଚ୍ୟୁତପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଦେବାଶିଷ କର ତାଙ୍କ ଗ୍ରାମର ନିରଞ୍ଜନ ନାୟକ ନାମକ ଜଣେ ଯୁବକଙ୍କୁ ଧାର ଦେଇଥିବା ୧୨ଶହ ଟଙ୍କା ଫେରାଇ ଦେବାକୁ କହିଥିଲା ।ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗି ଯାଇଥିଲା ।ଏଥିରେ ଉତକ୍ଷିପ୍ତ ହୋଇ ନିରଞ୍ଜନ ରାଗ ତମ ତମ ହୋଇ ଚାଲିଯାଇଥିଲା । କିଛି ସମୟ ପରେ ଏକ କୋଦାଳ ଧରି ତାଙ୍କ କବାଟକୁ ବଡ଼ାଇ ଥିଲା ।କବାଟ ଖୋଲିବା ମାତ୍ରେ କିଛି ନ ବୁଝି ହଠାତ ଦେବାଶିଷଙ୍କୁ ଆକ୍ରମଣ କରିଥିଲା ।ଦେବାଶିଷଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା, ତାଙ୍କ ମାଆ ଛଡ଼ାଇ ବାକୁ ଆସି ଗୁରୁତର ହୋଇଥିଲେ । ମାଆଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତ ସ୍ରାବ ହୋଇଥିଲା ।ଦେବାଶିଷଙ୍କ ଅଭିଯୋଗକୁ ଆଧାର କରି ବାଲିପାଟଣା ପୋଲିସ ଏକ ମାମଲା ନଂ ୩୨୪/୨୦୨୬ ରୁଜୁ କରି ରବିବାରି ଅପରାହ୍ନରେ ଅଭିଯୁକ୍ତ ନିରଞ୍ଜନ ନାୟକକୁ ଡ଼ାକ୍ତରୀ ପରୀକ୍ଷା କରି କୋର୍ଟ ଚାଲାଣ କରିଛି । ଦୁହେଁ ପରସ୍ପର ଭଲ ସାଙ୍ଗ ଥିଲେ ।କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ।

# ପ୍ରାଚୀଧାରାର ବାର୍ଷିକ ସାରସ୍ୱତୀ ମହୋତ୍ସବ



ବାଲିପାଟଣା ,(ସବ୍ୟୁ): ସାହିତ୍ୟ ପତ୍ରିକା ସମୟର ପ୍ରାଚୀଧାରାର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଅବସରରେ ରବିବାର ପୂର୍ବାହ୍ନ ରେ ବାଲିପାଟଣା ସ୍ଥିତ ଦୁର୍ଗାମାଧବ କଲ୍ୟାଣ ମଣ୍ଡପ ପରିସରରେ ରାଜ୍ୟସ୍ତରୀୟ ସାରସ୍ୱତ୍ର ମହୋତ୍ସବ ଆୟୋଜିତ ହୋଇଯାଇଛି ।ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସାହିତ୍ୟିକ ମାନେ ଯୋଗ ଦେଇଥିଲେ ।ପ୍ରଥମ ଅଧିବେଶନରେ ଗୀତାଶ୍ରୀ ପ୍ରିୟମ୍ବଦା,ଆଶୁତୋଷ ଦାଶ ଓ କ୍ଷଣପ୍ରଭା ମହାନ୍ତିଙ୍କ ସଂଯୋଜନାରେ କବିତା ପାଠୋତ୍ସବରେ ବହୁ ପ୍ରତିଷ୍ଠିତ କବି ସ୍ୱରଚିତ କବିତା ପାଠ କରିଥିଲେ ।ଏହାପରେ ଅବସରପ୍ରାପ୍ତ ଅଧକ୍ଷ କ୍ଷୀରୋଦ କୁମାର ରାୟ ମହାପାତ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ପୂର୍ବତନ ଦୂରଦର୍ଶନ ନିର୍ଦ୍ଦେଶକ ଗୋପାଳ କୃଷ୍ଣ ମହାପାତ୍ର,ମୁଖ୍ୟବକ୍ତା ଲେଖକ ବାବାଜୀ ଚରଣ ପଟ୍ଟନାୟକ ଓ ସାହିତ୍ୟିକା ସୁଷମା ମିଶ୍ର , ପ୍ରାଚୀଧାରାର ସଂପାଦକ କବି ଭଗବାନ ସାହୁ ପ୍ରମୁଖ ଯୋଗ ଦେଇ ସାମାଜିକ ଅବକ୍ଷୟରେ ଗ୍ରାମୀଣ ସାହିତ୍ୟର ସ୍ଥିତି ଓ ଦୁର୍ଗତି ସମ୍ପର୍କରେ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରି ଆଉ ଗାଁ କୁ ନେଇ ସାହିତ୍ୟ ସୃଷ୍ଟି ସମ୍ଭବ ନୁହେଁ ବୋଲି କହିଥିଲେ ।କାରଣ ଆଉ ଗା ର ମୌଳିକ ଚିତ୍ର ଉପସ୍ଥାପିତ କଲେ ଆଧୁନିକ ପିଲାମାନେ ତାକୁ ବୁଝି ପାରିବେ ନାହିଁ ।ଗାଁରେ ସରଳ ନିରାଡ଼ମ୍ବର ଜୀବନ ଯାପନ ସହିତ ପରସ୍ପର ଭିତରେ ଥିବା ସ୍ନେହ ସଦ୍ଭାବକୁ ମିଛ ଆଧୁନିକତା ପ୍ରଭାବ ଆମଠାରୁ ଆମ ଗାଁକୁ ଛଡ଼ାଇ ନେଇଛି ।କାର୍ଯ୍ୟକ୍ରମକୁ କବି ବିପିନ ମହାନ୍ତି ଉପସ୍ଥାପନା ଓ ବରିଷ୍ଠ କବି ତଥା ସମବାୟବିତ ଅଭିମନ୍ୟୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାଚୀଧାରାର ସମ୍ପାଦକ ଶ୍ରୀ ସାହୁ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା, ଝୁନି ଦେଇ , ସଞ୍ଜୁ ଦେଇ ,ସୁଚରିତା ପାଇଟାଳ , ରୋଜାଲିନ ସାହୁ ଓ ଅନ୍ୟମାନେ ସହଯୋଗ କରିଥିଲେ ।ଏହି ଅବସରରେ ଡ ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ ପ୍ରାଚୀ ଧାରା ସାହିତ୍ୟ ସମ୍ମାନ,ଡ ତୋଫାନ ଜେନା ଗୀତିକବି ସମ୍ମାନ,ମନୋରଞ୍ଜନ ରାୟୁ ସମାଜ ସେବା ସମ୍ମାନ,ରାଜୀବ ଗୋପାଳ ସ୍ୱାଇଁ ଙ୍କୁ ଗଳ୍ପ ସମ୍ମାନ,ସଞ୍ଜୟ କୁମାର ବରାଳଙ୍କୁ ସଂସ୍କୃତି ସମ୍ମାନ,ଶ୍ୱେତା ରାଉତଙ୍କୁ କବିତା ସମ୍ମାନ,ବିପିନ ଦଳାଇଙ୍କୁ ପ୍ରାଚୀଧାରା ସମ୍ପାଦକ ସମ୍ମାନ ଓ ଦେବୀ ଲତା ଶତପଥୀଙ୍କୁ ରେବତୀ ଦେବୀ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା ।ବରିଷ୍ଠ ଲେଖକ ଡ ଆଦିକନ୍ଦ ସାହୁ,ଲିଙ୍ଗରାଜ ମହାନ୍ତି,ସୁରଞ୍ଜନ ପାତ୍ର,ରନିପ୍ରଭା ବାରିକ,ଭବାନୀ ଶଙ୍କର ଦାଶ,ବ୍ୟଙ୍ଗ କବି ସତ୍ୟାନାଶ,ପୂର୍ଣ୍ଣଚନ୍ଦ୍ର ମହାରଣା , ବିଚିତ୍ର ମହାପାତ୍ର,ବୈଜୟନ୍ତୀ ସାହୁ,ରାମହରି ମହାରଣା,ଲକ୍ଷ୍ମୀ ଧର ଦାସ,ମାଗୁଣୀ ସେଠୀ ପ୍ରମୁଖଙ୍କ ସହିତ ଶତାଧିକ ସାହିତ୍ୟ ଅନୁରାଗୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅପମାନଜନକ ଭାଷା...

ବଜାୟ ରଖିଛନ୍ତି । ମାମଲାରେ ଅଭିଯୁକ୍ତ ଆକ୍ରମଣ କରି ଅଭିଯୋଗକାରୀଙ୍କ ନାକର ହାଡ଼ ଭାଙ୍ଗିଦେଇଥିବା ପ୍ରମାଣିତ ହୋଇଥିଲା । କିନ୍ତୁ ତାଙ୍କ ବୟସ ଓ ସ୍ୱାସ୍ଥ୍ୟାବସ୍ଥାକୁ ବିଚାରକୁ ନେଇ ସୁପ୍ରିମକୋର୍ଟ ଦଣ୍ଡରେ କିଛି କୋହଳ କରିଛନ୍ତି ଏବଂ ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆଜିଠାରୁ...

ସମଗ୍ର ବିରୋଧୀ ଦଳ ସର୍ବଦଳୀୟ ବୈଠକରୁ ଉଠି ପଳାଇଥିଲେ । ସେ ଅଭିଯୋଗ କରିଥିଲେ ଯେ ଅଣସ୍ୱୀକୃତିପ୍ରାପ୍ତ ଏନସିପିଆଇକୁ ବୈଠକକୁ ନିମନ୍ତ୍ରଣ କରାଯାଇଥିଲା ଯଦିଓ ଏହାର ୨୦ ବିଦ୍ରୋହୀ ସାଂସଦଙ୍କ ମିଶ୍ରଣ ଏପର୍ଯ୍ୟନ୍ତ ଲୋକସଭା ବାଚସ୍ପତିଙ୍କ ଦ୍ୱାରା ଅନୁମୋଦନ କରାଯାଇ ନାହିଁ ଏବଂ ସେମାନଙ୍କର ଅଯୋଗ୍ୟତା ଆବେଦନ ବିଚାରାଧୀନ ଅଛି । ମହୁଆ ପ୍ରଶ୍ନ କରିଥିଲେ ଯେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏହି ସାଂସଦମାନଙ୍କୁ କେଉଁ ଆଧାରରେ ବୈଠକକୁ ନିମନ୍ତ୍ରଣ କରିଥିଲେ ।

ଝାମୁମୋର ରାଜ୍ୟସଭା ସାଂସଦ ମହୁଆ ମାଝୀ ବିଜେପି ଉପରେ ବର୍ଷି କହିଛନ୍ତି ଯେ ବିଜେପି ନିରନ୍ତର ଅନ୍ୟ ଦଳର ସାଂସଦମାନଙ୍କୁ ହଡ଼ପ କରିବାକୁ ଚେଷ୍ଟା କରୁଛି ଏବଂ ଏବେ ବି କିଛି ଆସନ ଆବଶ୍ୟକ କରୁଛି । ସେ କହିଛନ୍ତି ଯେ ବିରୋଧୀ ମହିଳା ସଂରକ୍ଷଣ ସପକ୍ଷରେ ଅଛନ୍ତି, କିନ୍ତୁ ସରକାର ଏହାକୁ ସୀମା ନିର୍ଦ୍ଧାରଣ ସହିତ ଯୋଡ଼ିଛନ୍ତି । ସେ ଆଶଙ୍କା କରିଛନ୍ତି ଯେ ଯଦି ୨୦୧୧ ଜନଗଣନା ଆଧାରରେ ସୀମା ନିର୍ଦ୍ଧାରଣ କରାଯାଏ, ତେବେ ଝାଡ଼ଖଣ୍ଡରେ ଅନୁସୂଚିତ ଜନଜାତି (ଏସଟି) ପାଇଁ ସଂରକ୍ଷିତ ଆସନ ହ୍ରାସ ପାଇପାରେ । ସେ କହିଛନ୍ତି ଯେ ଯଦି ସରକାର ପ୍ରତିଶ୍ରୁତି ଦିଅନ୍ତି ଯେ ଆସନ ହ୍ରାସ କରାଯିବ ନାହିଁ ଏବଂ ବିରୋଧୀ ରାଜି ହୁଅନ୍ତି, ତେବେ ତାଙ୍କ ଦଳ ନିଜର ମତକୁ ନେଇ ପୁନର୍ବିଚାର କରିପାରେ ।ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି ଯେ ସୋମବାରଠାରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେଉଛି, ଏବଂ ଏଥିପାଇଁ ସମସ୍ତ ଦଳର ନେତାମାନଙ୍କର ଏକ ବୈଠକ ଡକାଯାଇଛି । ସେ ସଂସଦର ସୁଗମ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ସମସ୍ତ ରାଜନୈତିକ ଦଳକୁ ସହଯୋଗ ପାଇଁ ନିବେଦନ କରିଛନ୍ତି । ରିଜିଜୁ କହିଛନ୍ତି ଯେ, ସରକାର ବିରୋଧୀଙ୍କ କଥା ଶୁଣିବେ ଏବଂ ଆଶା କରୁଛନ୍ତି ଯେ ବିରୋଧୀ ମଧ୍ୟ ସରକାରଙ୍କ କଥା ଶୁଣିବେ, କାରଣ ସଂସଦ ଯେତେ ଭଲ ଭାବରେ କାର୍ଯ୍ୟ କରିବ, ଦେଶ ସେତେ ଅଧିକ ଲାଭବାନ ହେବ ।

## ୩ ୟୁରୋପୀୟ...

ଗଣରାଜ୍ୟ ଏବଂ ରୋମାନିଆର ଏକ ସରକାରୀ ଗସ୍ତ ଆରମ୍ଭ କରିଛନ୍ତି । ଏହା ଜଣେ ଭାରତୀୟ ରାଷ୍ଟ୍ରପତିଙ୍କ ମାଲଡୋଭା ଏବଂ ଉତ୍ତର ମାସିଡୋନିଆର ପ୍ରଥମ ଗସ୍ତ ଏବଂ ତିନି ଦଶନ୍ଧି ମଧ୍ୟରେ ରୋମାନିଆକୁ ଭାରତୀୟ ରାଷ୍ଟ୍ରପତିଙ୍କ ପ୍ରଥମ ଗସ୍ତ । ଗସ୍ତ ଏହି ତିନୋଟି ଦେଶର ରାଷ୍ଟ୍ରପତିଙ୍କ ନିମନ୍ତ୍ରଣରେ ଅନୁଷ୍ଠିତ ହେଉଛି । ଏହି ଗସ୍ତ ଜୁଲାଇ ୧୯ ରୁ ୨୫ ପର୍ଯ୍ୟନ୍ତ ଜାରି ରହିବ । ଏହି ଗସ୍ତର ଲକ୍ଷ୍ୟ ଏହି ୟୁରୋପୀୟ ଦେଶଗୁଡ଼ିକ ସହିତ ଭାରତର ରାଜନୈତିକ, ଅର୍ଥନୈତିକ, ବାଣିଜ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ସମ୍ପର୍କକୁ ମଜବୁତ କରିବ ।

## ୯୦ଲକ୍ଷ...

ସମରଜିତ ଜାଣିଥିଲେ । ନିଳିମା ଓ ମନୋଜ ୬ମାସ ମଧ୍ୟରେ ଅଧିକ ଲାଭର ପ୍ରତିଶ୍ରୁତି ଦେଇ ଅନ୍‌ଲାଇନ୍ ଡଲାର ଟ୍ରେଡିଂ ବ୍ୟବସାୟରେ ନିବେଶ କରିବାକୁ ଅଭିଯୋଗକାରୀ ଓ ତାଙ୍କ ପନୀଙ୍କୁ ପ୍ରବର୍ତ୍ତାଇ ଥିଲେ । ଏହାକୁ ବିଶ୍ୱାସ କରି ସେମାନେ ୨୦୨୫ ଫେବ୍ରୁଆରୀରୁ ଜୁଲାଇ ମଧ୍ୟରେ ମୋଟ ୯୬ଲକ୍ଷ ୨୮ ହଜାର ୭୦୦ ଟଙ୍କା ନିବେଶ କରିଥିଲେ । ଦମ୍ପତି ତାଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ୬ଲକ୍ଷ ୯୫ ହଜାର ଫେରସ୍ତ କରି ଅଭିଯୋଗକାରୀଙ୍କ ବିଶ୍ୱାସ ଜିତିଥିଲେ । ଅବଶିଷ୍ଟ ୮୯ଲକ୍ଷ ୩୩ ହଜାର ୭୦୦ଟଙ୍କା ଫେରସ୍ତ କରିନଥିଲେ । ବ୍ୟାଙ୍କ ସମସ୍ୟାର ବାହାନା କରି ତାଙ୍କୁ ଭୁଲାଇ ଚାଲିଥିଲେ । ସେମାନଙ୍କ ମଧ୍ୟରେ ଆପାଷ ବୁଝାମଣା ହେବା ସହ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ୬ଟି ପୋଷ୍ଟଡେଟେଡେ ଚେକ୍ ଦେଇଥିଲେ । ଯାହାକୁ ପୋଲିସ ଜବତ କରିଛି । ଅଭିଯୋଗକାରୀ ଓ ତାଙ୍କ ପନୀଙ୍କ ବୟାନ ସହ ଦସ୍ତାବିଜ୍ ଓ ଇଲୋକ୍ଟ୍ରୋନିକ୍ସ ପ୍ରମାଣରୁ ପୋଲିସ ସ୍ପଷ୍ଟ ହୋଇଥିଲା ଯେ, ଉଭୟଙ୍କ ମଧ୍ୟରେ ବଡଧରଣର ଆର୍ଥିକ କାରବାର ହୋଇଥିଲା । ଦମ୍ପତିଙ୍କୁ ଗିରଫ କରିବା ପରେ ପୋଲିସ ରବିବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଆସନ୍ତା ସପ୍ତାହରୁ...

ବଙ୍ଗୋପସାଗରରେ ଏକ ନୂଆ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହି ବ୍ୟବସ୍ଥା ହିଁ ମୌସୁମୀର ପୁନର୍ଜୀବନର ମୁଖ୍ୟ କାରଣ ହେବ । ଲଘୁଚାପ ସୃଷ୍ଟି ହେଲେ ବାୟୁ ଉପରକୁ ଉଠେ ଏବଂ ସମୁଦ୍ରରୁ ଆର୍ଦ୍ରତାଭରା ପବନକୁ ଭିତରକୁ ଟାଣି ଆଣେ । ଏହା ଦ୍ୱାରା ବର୍ଷା ଆଣୁଥିବା ମେଘ ସୃଷ୍ଟି ହୁଏ । ଏହି ଲଘୁଚାପ ମଧ୍ୟ ଭାରତ ଆଡ଼କୁ ଅଗ୍ରସର ହେବା ସହ ମୌସୁମୀ ଅକ୍ଷରେଖା ପୁଣି ତା'ର ସାଧାରଣ ସ୍ଥିତିକୁ ଫେରିବ । ମୌସୁମୀ ଅକ୍ଷରେଖା ହେଉଛି ଉତ୍ତର ଭାରତରେ ବିସ୍ତାରିତ ଏକ ଲମ୍ବା ଲଘୁଚାପ ପଟ୍ଟି, ଯାହା ମୌସୁମୀ ଋତୁରେ କେଉଁଠି ବର୍ଷା ହେବ ତାହା ନିର୍ଣ୍ଣୟ କରିବାରେ ପ୍ରମୁଖ ଭୂମିକା ନିଭାଏ । ଗତ କିଛି ସପ୍ତାହ ଧରି ଏହି ଅକ୍ଷରେଖା ହିମାଳୟ ପାଦଦେଶ ଆଡ଼କୁ ଉତ୍ତରକୁ ଲମ୍ବିଥିଲା । ଫଳରେ ପାହାଡ଼ିଆ ଅଞ୍ଚଳରେ ଅଧିକ ବର୍ଷା ହୋଇଥିବାବେଳେ ସମତଳ ଅଞ୍ଚଳ ପ୍ରାୟ ଶୁଷ୍କ ରହିଥିଲା । ଏବେ ଏହା ପୁଣି ଦକ୍ଷିଣକୁ ଫେରିଲେ ବଙ୍ଗୋପସାଗର ଓ ଆରବ ସାଗରରୁ ଆର୍ଦ୍ରତାଭରା ପବନ ଦେଶର ଭିତରକୁ ପ୍ରବେଶ କରିବ ଏବଂ ବ୍ୟାପକ ବର୍ଷାର ପରିସ୍ଥିତି ସୃଷ୍ଟି କରିବ ।

## ନାଗାଲାଣ୍ଡରେ...

କମିଶନର ୱେନ୍ନେଇ କୋନ୍ୟାକ୍ କହିଛନ୍ତି । ଭୂସ୍ଖଳନ ଯୋଗୁଁ ଅନେକ ଘର ଭାସି ଯାଇଛି । ଉଦ୍ଧାରକାରୀ ଦଳ ଭଗ୍ନାବଶେଷ ତଳେ ଫସି ରହିଥିବା ଲୋକମାନଙ୍କୁ ସନ୍ଧାନ କରୁଛନ୍ତି । ଭୂସ୍ଖଳନ ପରେ ବିଭିନ୍ନ ଅଞ୍ଚଳରେ ପ୍ରବଳ ମାତ୍ରାରେ ପାଣି ପ୍ରବାହିତ ହେଉଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ସ୍ୱେଚ୍ଛାସେବୀ, ପୁଲିସ ଓ ସେନା ସହିତ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏସଡିଆର୍‌ଏଫ୍) ଟିମ୍ ଘଟଣା ସ୍ଥଳରେ ପହଞ୍ଚିଛି । ନାଗାଲାଣ୍ଡ ସରକାର ଏକ ବିବୃତିରେ ଏହି ଦୁଃଖଦ ଭୂସ୍ଖଳନ ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସରକାର କହିଛନ୍ତି ଯେ, ରାଜ୍ୟର ବିଭିନ୍ନ ଅଂଶକୁ ପ୍ରଭାବିତ କରୁଥିବା ପ୍ରତିକୂଳ ପାଣିପାଗ ସ୍ଥିତି ଉପରେ ନଜର ରଖାଯାଇଛି । ମୋନ୍ ଜିଲ୍ଲା ବ୍ୟତୀତ ମୋକୋକଚୁଙ୍ଗ ଜିଲ୍ଲାର ତୁଲି ଉପଖଣ୍ଡ ଓ ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳରେ ମଧ୍ୟ ଭୂସ୍ଖଳନ, ବନ୍ୟା, ରାସ୍ତା ଅବରୋଧ ଓ ସାର୍ବଜନୀନ ଭିତ୍ତିଭୂମି ଏବଂ ବ୍ୟକ୍ତିଗତ ସମ୍ପତ୍ତିର କ୍ଷତି ସମେତ ଗମ୍ଭୀର ପ୍ରଭାବ ଦେଖିବାକୁ ମିଳିଛି । ମୁଖ୍ୟମନ୍ତ୍ରୀ ନେଫ୍ୟୁ ରିଓ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁର ଅନୁକମ୍ପା ସହାୟତା ଘୋଷଣା କରିଛନ୍ତି । ଆହତଙ୍କ ପାଇଁ ୭୪,୦୦୦ ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଛି । ସରକାର ସମସ୍ତ ସମ୍ପୃକ୍ତ ବିଭାଗକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

9001/106/2627

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

*****

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ତା.୨୦.୦୭.୨୦୨୬ ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 9001/9001/1/26-27/0048

**Government of Odisha**
25001/752/2627
**"e" Procurement Notice**

**Bid Identification No.: Online-AGL-12 of 2026-2027**

1. Name of the Work : Building Works
2. Estimated Cost. : Rs. 50.42 to 94.38 Lakhs
3. Period of Completion : 4(Four) Calendar Months
4. Date & time of availability of : From 24.07.2026. to 07.08.2026 upto 5.00 P.M
5. Last Date/time for receipt of bids In the portal : 07.08.2026 upto 05.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website **www.tendersorissa.gov.in**

Sd/- Executive Engineer
R.W. Division, Angul.

OIPR : 25001/25096/1/26-27/0010

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁର, ଗାୟତ୍ରୀ ସେଣ୍ଟ୍ରାଲ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୫, ଯୋଗାଯୋଗ ନଂ.: ୯୦୭୮୦୮୨୧୮୯**

**ଲିଜ୍ ସୂତ୍ରରେ ଗୃହ ଆବଶ୍ୟକ**

ବ୍ୟାଙ୍କ, ଏହାର ଶାଖା ନିମନ୍ତେ (୧) ବାଉଁଶଲୁଣ୍ଡି, ଭଞ୍ଜନଗର (ଏନ୍.ଏ.ସି.), ସା/ପୋ: ମେନ୍ ରୋଡ୍, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୨୬, (୨) ପୁଟିଗୋପାଳପୁର, ସା/ପୋ: ପୁଟିଗୋପାଳପୁର, ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୨୦ ଅଞ୍ଚଳରେ ପରିମିତ ୧୪୦୦ ବର୍ଗଫୁଟ ± ୧୦% ପାର୍ଥକ୍ୟ କାର୍ପେଟ ଏରିଆ ବିଶିଷ୍ଟ ଉତ୍ତମ ଭାବେ ନିର୍ମିତ, ସଙ୍ଗେ ସଙ୍ଗେ ଅଧିଗ୍ରହଣ କରିପାରୁଥିବା / ନିର୍ମାଣାଧୀନ ବାଣିଜ୍ୟିକ ଆର୍‌ସିସି ଗୃହ ଆବଶ୍ୟକ କରୁଅଛି । ପ୍ରମୁଖ ସ୍ଥାନରେ ଥିବା ଗୃହଟି ତଳ ମହଲା ବିଶିଷ୍ଟ ହୋଇଥିବା ସହିତ ଗୃହରେ ସମସ୍ତ ଆନୁଷଙ୍ଗିକ ସୁବିଧା, ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ ଏବଂ ଟେଣ୍ଡର ଡକ୍ୟୁମେଣ୍ଟରେ ଉଲ୍ଲେଖ ଥିବା ବୈଶିଷ୍ଟ୍ୟତା ଅନୁଯାୟୀ ଏକ ଷ୍ଟ୍ରଙ୍ଗ ରୁମ୍ ଥିବା ଆବଶ୍ୟକ । ବିଡ୍ ଫର୍ମାଟ ଆମ କ୍ଷେତ୍ରୀୟ କାର୍ଯ୍ୟାଳୟରେ ମଧ୍ୟ ଉପଲବ୍ଧ । ଅଧିକ ବିବରଣୀ ନିମନ୍ତେ, ଦୟାକରି ବ୍ୟାଙ୍କର ୱେବସାଇଟ୍ **www.unionbankofindia.bank.in** / ଇ-ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ **eprocure.gov.in** କୁ ଅନୁଧ୍ୟାନ କରନ୍ତୁ । ଧାର୍ଯ୍ୟ ଫର୍ମାଟରେ ବିଡ୍ ଦାଖଲ କରିବାର ଆରମ୍ଭ ତାରିଖ: ୨୦.୦୭.୨୦୨୬, ପୂର୍ବାହ୍ନ ୧୧:୦୦ ଘଟିକା । ଧାର୍ଯ୍ୟ ଫର୍ମାଟରେ ବିଡ୍ ଦାଖଲ କରିବାର ଅନ୍ତିମ ତାରିଖ: ୧୦.୦୮.୨୦୨୬, ଅପରାହ୍ନ ୪:୩୦ ଘଟିକା ପର୍ଯ୍ୟନ୍ତ । ବୈଷୟିକ ବିଡ୍ ଖୋଲିବା ତାରିଖ: ୧୧.୦୮.୨୦୨୬, ଅପରାହ୍ନ ୪:୩୦ ଘଟିକା । ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ବିଡ୍‌କୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି ।

ଉପ କ୍ଷେତ୍ରୀୟ ମୁଖ୍ୟ (କ୍ଷେତ୍ରୀୟ ଆଶ୍ୱାସନା ମୁଖ୍ୟ)
କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁର

**TPWODL**

**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/PG/O/SITC/ 2500001245- RC for supply of Remote operated motorized AB switch (400A & 200A) along with accessories in 11kv network in TPWODL.**
2. **TPWODL/PG/O/SU/2500001246 - RC for Supply of 33kV & 11kV V-Cross Arm with Back clamp, F-Clamp and Pole top bracket in TPWODL.**
3. **TPWODL/PG/O/SU/ 2500001247 - RC for supply of Accessories of LT AB cables.**

Interested bidders are to submit Tender Participation Fee and Authorization Letter through email on or before **27th July 2026,** (for Srl.no-1), **28th July 2026,** (for Srl.no-2) **& 29th July 2026,** (for Srl.no-3), **18:00 Hrs,** respectively, after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

**Sd/- Chief- TS, Contracts & Stores**

11001/222/2627

**Government of Odisha**
**Higher Education Department**

**Timeline for e-Admission into 3-Year LLB Course under SAMS in the Higher Education Institutions for the Academic Session 2026-27**

Timeline for e-Admission into 3-Year LLB Courses of the State under Student Academic Management System (SAMS) is given below. Any changes in the timeline will be published in the newspapers as well as in the website **www.samsodisha.gov.in.** Kindly refer the Common Prospectus (CP) before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) on the website www.samsodisha.gov.in | **18-July-2026 (04:00 PM)** |
| 2 | Last date for applying online CAF through www.samsodisha.gov.in | **30-July-2026 (11:45 PM)** |
| 3 | ***Editing & Correction of Common Application Form (if required) by applicants*** | **31-July-2026 (10:00 AM to 11:45 PM)** |
| 1st Round of Selection & Admission Allotment | | |
| 4 | Publication of Provisional Allotment of Seats **(For First Round Selection)** | **06-Aug-2026 (02:00 PM)** |
| 5 | Selection of **Slide** / **Freeze Option** and **Online payment** of admission fees by the selected students through SAMS **[Student's Account]** portal | 06-Aug-2026 (04:00 PM) to 11-Aug-2026 (02:00 PM) |
| 6 | Reporting of the applicants at allotted Institutions for taking admission **(for First Round Selection)** | 07-Aug-2026 (10:00 AM) to 11-Aug-2026 (04:00 PM) (Except Holiday) |
| 7 | Data updation of admitted students in the e-space by the respective Institutions **(for First Round Admission)** | 07-Aug-2026 (10:00 AM) to 11-Aug-2026 (09:00 PM) (Except Holiday) |
| 2nd Round of Selection/Final Round Selection & Admission Allotment | | |
| 8 | Publication of Provisional Allotment of Seats **(for Second/Final Round Selection)** | 17-Aug-2026 (02:00 PM) |
| 9 | **Online payment** of admission fees by the selected students through SAMS **[Student's Account]** portal | 17-Aug-2026 (04:00 PM) to 20-Aug-2026 (02:00 PM) |
| 10 | Reporting of the applicants at allotted Institutions for taking admission (**for Second Round Selection)** | 18-Aug-2026 (10:00 AM) to 20-Aug-2026 (04:00 PM) |
| 11 | Data updation of admitted students in the e-space by the respective Institutions (**for Second Round/Final Admission)** | **18-Aug-2026 (10:00 AM) to 20-Aug-2026 (09:00 PM)** |
| Waiting Round/ Sport Round of Selection & Admission Allotment | | |
| 12 | Publication of the list of waitlisted applicants (for the remaining upper choice HEIs Waiting Rank Wise) in HEI's e- Space as well as in the student's login as per the actual vacancy as on **20-August-2026** | **24-Aug-2026 (02:00 PM)** |
| 13 | Physical Reporting of interested waitlisted applicants for submission of CAF along with relevant documents in their respective HEIs for participating in the waiting list admission Round. The interested applicants must appear in person; however, a representative with valid ID proof may also be permitted to report on their behalf | **28-Aug-2026 (11:00 AM) to 29-Aug-2026 (04:00 PM)** |
| 14 | Publication of merit list among the reported waitlisted applicants at the Notice Board / Website of the HEIs & communicate to the selected applicants via phone call/ SMS | **31-Aug-2026 (02:00 PM)** |
| 15 | Reporting of the waitlisted applicants for Validation of documents, Final Admission, Collection of Admission Fees directly by the HEIs in online mode **(Net Banking/ Bank Challan/NEFT/UPI etc.)** & Admission updation of the waitlisted applicants in the e-space of the HEIs | **01-Sep-2026 (10:00 AM) to 02-Sep-2026 (05:00 PM)** |
| **16** | **Commencement of 1st Year Classes** | **21-August-2026** |

**For more details please contact: e-Admission Helpline (Toll Free) Number 155335 / 1800-345-6770**

**Officer on Special Duty**
**PTC Section**

OIPR : 11001/11001/1/26-27/0028

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୬୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଓପିଜିସି ପକ୍ଷରୁ 'ଏକ ପେଡ଼ ମା' କେ ନାମ' ଅଭିଯାନ




ଭୁବନେଶ୍ୱର (ସବ୍ୟୁ): ପରିବେଶ ସୁରକ୍ଷା ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇ ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ (ଓପିଜିସି) ପକ୍ଷରୁ ଇବ ଥର୍ମାଲ ପାୱାର ଷ୍ଟେସନ (ଆଇଟିପିଏସ୍) ହେଲିପ୍ୟାଡ୍ ପଡ଼ିଆରେ 'ବନ ମହୋତ୍ସବ' ଅବସରରେ ଦେଶବ୍ୟାପୀ 'ଏକ ପେଡ଼ ମା' କେ ନାମ' ଅଭିଯାନ ଅଧୀନରେ ଏକ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓପିଜିସିର ନିର୍ଦ୍ଦେଶକ (ପରିଚାଳନା) ଶ୍ରୀ ଏ. ଆର୍. ଦାଶ ନେତୃତ୍ୱ ପ୍ରଦାନ କରିଥିବା ବେଳେ ଓପିଜିସିର ପରିବେଶ ବିଭାଗ ଏହାର ପରିଚାଳନା କରିଥିଲା । ଏଥିରେ ଓପିଜିସିର କର୍ମଚାରୀଙ୍କ ସହ ଇବ ଥର୍ମାଲ ଡିଏଭି ସ୍କୁଲ ର ଛାତ୍ରଛାତ୍ରୀ ଏବଂ ଆଇଟିପିଏସ୍ ଲେଡିଜ୍ କ୍ଲବ୍ର ସଦସ୍ୟମାନେ ଉତ୍ସାହର ସହ ଅଂଶଗ୍ରହଣ କରି ବୃକ୍ଷ ରୋପଣ କରିଥିଲେ । ଏହି ଅବସରରରେ ୨,୫୦୦ଟି ଚାରା ରୋପଣ କରାଯାଇଥିଲା। ଏଥିରେ ନିମ୍ବ, କରଞ୍ଜ, ଜାମୁ, ଶିଶୁ (ସିସୁ), ଆଁଳା ଏବଂ ଅର୍ଜୁନ ପ୍ରଜାତିର ଚାରା ସାମିଲ ଥିଲା। ସବୁଜିମା ବୃଦ୍ଧି, ଜୈବ ବିବିଧତାର ସୁରକ୍ଷା ଏବଂ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ।

ଏହି ଅବସରରେ ନିର୍ଦ୍ଦେଶକ ଏ. ଆର୍. ଦାଶ ବୃକ୍ଷରୋପଣର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ପରିବେଶୀୟ ସନ୍ତୁଳନ ରକ୍ଷା ପାଇଁ ବୃକ୍ଷରୋପଣ ଅତ୍ୟନ୍ତ ଆବଶ୍ୟକ। ସେ ସମସ୍ତଙ୍କୁ ରୋପଣ କରାଯାଇଥିବା ଚାରାଗୁଡ଼ିକର ଯତ୍ନ ନେବା ଏବଂ ଏହି ଅଭିଯାନକୁ ଆହୁରି ବ୍ୟାପକ କରିବାକୁ ଆହ୍ୱାନ କରିଥିଲେ। ଓପିଜିସି ୨୦୨୬-୨୭ ଆର୍ଥିକ ବର୍ଷରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେଇଛି। ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫଡିସି) ଅଞ୍ଚର ସହଯୋଗରେ ଚଳିତ ଆର୍ଥିକ ବର୍ଷରେ ମୋଟ ୨୧,୦୦୦ଟି ଚାରା ରୋପଣ କରିବାର ଲକ୍ଷ୍ୟ ରଖାଯାଇଛି। ଏଥିମଧ୍ୟରୁ ୫,୦୦୦ଟି ଚାରା ପ୍ଲାଣ୍ଟ ଏବଂ ଟାଉନଶିପ୍ ପରିସରରେ ରୋପଣ କରାଯିବାକୁ ଥିବା ବେଳେ ଅବଶିଷ୍ଟ ୧୬,୦୦୦ଟି ଚାରା ଆଖ ପଖ ଅଞ୍ଚଳରେ ରୋପଣ କରାଯିବ। ଏହି ସମ୍ପୂର୍ଣ୍ଣ ବୃକ୍ଷରୋପଣ କାର୍ଯ୍ୟକ୍ରମ ଓଏଫଡିସି ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି। 'ବନ ମହୋତ୍ସବ' ଏବଂ 'ଏକ ପେଡ଼ ମା' କେ ନାମ' ପରି ଅଭିଯାନ ମାଧ୍ୟମରେ ଓପିଜିସି ପରିବେଶ ସୁରକ୍ଷାରେ ଜନସହଭାଗିତାକୁ ପ୍ରୋତ୍ସାହିତ କରିବା ସହ ଏକ ସବୁଜ, ସ୍ୱଚ୍ଛ ଓ ନିରନ୍ତର ଭବିଷ୍ୟତ ଗଠନ ଦିଗରେ ନିରନ୍ତର କାର୍ଯ୍ୟ କରୁଛି।

## ବନସ୍ତା ନଦୀବନ୍ଧ ଅସ୍ଥାୟୀ ମରାମତି ପ୍ରସଙ୍ଗ, ଥାନାରେ ଅଭିଯୋଗ

ଭଣ୍ଡାରିପୋଖରୀ, (ସବ୍ୟୁ): :ଆଖୁଆପଦା ଜଳସମ୍ପଦ ବିଭାଗ ଅନ୍ତର୍ଗତ ତେସିଙ୍ଗା ପଞ୍ଚାୟତ ବଡବନସ୍ତା ଓ ସାନବନସ୍ତା ଗ୍ରାମ ଦ୍ୱୟ ମଧ୍ୟଭାଗରେ ଅବସ୍ଥିତ ଅଧିକାରୀ ଗଡା ନିକଟରେ ଧସିଥିବା ୨ଶହ ଫୁଟ ନଦୀବନ୍ଧର ଅସ୍ଥାୟୀ ନିର୍ମାଣକୁ କେତେକ ଗ୍ରାମବାସୀ ଶନିବାର ବିରୋଧ କରିବା ବିରୋଧରେ ଠିକାଦାର ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି । ରବିବାର ଆଖୁଆପଦା ସହକାରୀ ଯନ୍ତ୍ରୀ ପରମାନନ୍ଦ ରାଉତ, ଭଦ୍ରକ ସହକାରୀ ଯନ୍ତ୍ରୀ ନରସିଂହ ସୋରେନ ଓ କାର୍ଯ୍ୟକୁ ବିରୋଧ କରୁଥିବା ଗ୍ରାମବାସୀ ଥାନାରେ ପହଞ୍ଚି ଆପୋଷ ବୁଝାମଣା ପାଇଁ ଉଦ୍ୟମ ଚଳାଇଥିଲେ । ବନ୍ଧର ସ୍ଥାୟୀ ମରାମତି ପାଇଁ ବିଭାଗ ପଦକ୍ଷେପ ନେବ ଓ ବନ୍ଧର ଅପରପାର୍ଶ୍ୱରେ ମଧ୍ୟ ଆବଶ୍ୟକୀୟ ନିର୍ମାଣ ହାତକୁ ନିଆଯିବ ବୋଲି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ଫଳରେ ସୋମବାର ଠାରୁ ନିର୍ମାଣ କାର୍ଯ୍ୟ ହେବ ବୋଲି ସହକାରୀ ଯନ୍ତ୍ରୀ ଶ୍ରୀ ରାଉତ ସୂଚନା ଦେଇଛନ୍ତି । ୩୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗତ ମଇ ମାସରେ ବୈତରଣୀ ନଦୀ ବନ୍ଧ ପଥର ପଯାଚିଂ କରାଯାଇଥିଲା । ବନ୍ଧ ପୃଷ୍ଠଭାଗରେ ଥିବା ଗଭୀର ନୟନଯୋରୀରେ ବର୍ଷା ଦିନେ ପାଣି ଜମି ରହିବା ଦ୍ୱାରା ୨ ଶହ ଫୁଟ ପଥର ଧସିଯାଇଥିଲା ।

### ନିଟ ୟୁଜି ୨୦୨୬ରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି

# ଆକାଶ ଏଜୁକେସନାଲ ସର୍ଭିସେସ୍ ଭୁବନେଶ୍ୱରର ୧୧ ଛାତ୍ରଛାତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ପରୀକ୍ଷା ପ୍ରସ୍ତୁତି କ୍ଷେତ୍ରରେ ଦେଶର ଅଗ୍ରଣୀ ସଂସ୍ଥା ଆକାଶ ଏଜୁକେସନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସଏଲ), ଏହାର ଭୁବନେଶ୍ୱର କ୍ଲାସରୁମ୍ ପ୍ରୋଗ୍ରାମର ୧୧ ଜଣ ଛାତ୍ରଛାତ୍ରୀ ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ ୟୁଜି) ୨୦୨୬ ରେ ଶୀର୍ଷ ମାନ୍ୟତା ପାଇଥିବା କହିଛି । ଏହି ଅସାଧାରଣ ସଫଳତା ପଛରେ ରହିଛି ଛାତ୍ରଛାତ୍ରୀମାନଙ୍କର ନିରନ୍ତର ପରିଶ୍ରମ, ଦୃଢ଼ ସଂକଳ୍ପ ଏବଂ ଶୃଙ୍ଖଳିତ ପ୍ରସ୍ତୁତି, ଯାହାକୁ ଆକାଶର ଶିକ୍ଷାଗତ ମାର୍ଗଦର୍ଶନ ଏବଂ ସୁସଂଗଠିତ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ସାହାଯ୍ୟ କରିଛି । ଏହି ତାଲିକାର ଶୀର୍ଷରେ ଅଛନ୍ତି ଅମାନ କୁମାର ନାୟକ, ଯିଏ କି ସର୍ବଭାରତୀୟ ସ୍ତରରେ ୮୦ ତମ ସ୍ଥାନ ହାସଲ କରିଛନ୍ତି । ଅନ୍ୟ ସଫଳ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅଛନ୍ତି ଅଭିଲାଷା ପଣ୍ଡା (୨୨୫ତମ ସ୍ଥାନ), ଦେବେଶ କୁମାର ସାହୁ (୨୭୩ତମ ସ୍ଥାନ), ପିୟୂଷ ପ୍ରିୟମ୍ବଦ (୫୧୫ତମ ସ୍ଥାନ) ଏବଂ ପ୍ରୟାସ ପ୍ରତୀକ ମହାନ୍ତି (୬୩୬ତମ ସ୍ଥାନ) । ଏଥି ସହିତ




ପିହୁ ଶିଙ୍ଘାଣିଆ (୬୫୩ ସ୍ଥାନ ), ଶ୍ରେୟନ ଖୁଣ୍ଟିଆ (୯୫୯ ସ୍ଥାନ ) ଅଧିକାର କରିଛନ୍ତି । ୧୧ ଜଣ ବିଦ୍ୟାର୍ଥୀ ୬୫୦ ରୁ ଅଧିକ ସ୍କୋର କରିଥିବାବେଳେ ୫୩ ଜଣ ରୁ ଅଧିକ ୬୦୦ ରୁ ଅଧିକ ଏବଂ ୧୫୫ ଜଣ ୫୫୦ ରୁ ଅଧିକ ସ୍କୋର କରିଛନ୍ତି । ନିଟ ୟୁଜି ୨୦୨୬ରେ ଏଭଳି ଚମତ୍କାର ସଫଳତା ଦେଇ ଏଇଏସଏଲ ମେଡିକାଲ ପ୍ରବେଶିକା ପରୀକ୍ଷା ପ୍ରସ୍ତୁତି ପାଇଁ ଭାରତର ସବୁଠାରୁ ବିଶ୍ୱାସଯୋଗ୍ୟ ଅନୁଷ୍ଠାନ ଭାବେ ନିଜର ସ୍ଥାନକୁ ପୁଣି ଥରେ ପ୍ରମାଣିତ କରିଛି । ଚଳିତ ବର୍ଷ ସାରା ଦେଶରେ ଆକାଶର ୪ ଜଣ ଛାତ୍ରଛାତ୍ରୀ ଟପ୍ ୧୦ ରେ, ୧୮ ଜଣ ଛାତ୍ରଛାତ୍ରୀ ଟପ୍ ୫୦ ରେ ଏବଂ ୪୧ ଜଣ ଛାତ୍ରଛାତ୍ରୀ ଟପ୍ ୧୦୦ ରେ ସ୍ଥାନ ପାଇଛନ୍ତି ଏବଂ ଏହି ସଂଖ୍ୟା ଆଗକୁ ଆହୁରି ବଢୁଛି । ଏହି ଉଲ୍ଲେଖନୀୟ ଫଳାଫଳ ଇଉଏଖ ର ଶିକ୍ଷାଗତ ଶ୍ରେଷ୍ଠତାର ପରମ୍ପରା, ଛାତ୍ରଛାତ୍ରୀମାନଙ୍କୁ ପ୍ରାଧାନ୍ୟ ଦେବାର ଶୈଳୀ ଏବଂ ଦକ୍ଷ ଶିକ୍ଷକ, ସମ୍ପୂର୍ଣ୍ଣ ପାଠ୍ୟ ବ୍ୟବସ୍ଥା, ନିୟମିତ ପରୀକ୍ଷା ଓ ବ୍ୟକ୍ତିଗତ ମାର୍ଗଦର୍ଶନ ଜରିଆରେ ଦେଶସାରା ଟପ୍-ରାଙ୍କର ମେଡିକାଲ ଆଶାୟୀ ତିଆରି କରିବାର କ୍ଷମତାକୁ ଦର୍ଶାଉଛି । ଏଇଏସଏଲ ର ଆଞ୍ଚଳିକ ନିର୍ଦ୍ଦେଶକ (ରିଜିଓନାଲ ଡିରେକ୍ଟର) ଅଜୟ ବାହାଦୁର ସିଂ କହିଛନ୍ତି ଛାତ୍ରଛାତ୍ରୀମାନଙ୍କର ଏହି ସଫଳତା ସମଗ୍ର ଆକାଶ ପରିବାର ପାଇଁ ଏକ ଗର୍ବର ମୁହୂର୍ତ୍ତ । ସେମାନଙ୍କର ଶୃଙ୍ଖଳା, ନିରନ୍ତର ପ୍ରୟାସ ଏବଂ ଶିଖିବାର ଇଚ୍ଛା ସେମାନଙ୍କୁ ପ୍ରସ୍ତୁତି ସମୟରେ ସମସ୍ତଙ୍କଠାରୁ ଆଗରେ ରଖିଥିଲା । ଆମେ ସେମାନଙ୍କୁ ଏବଂ ସେମାନଙ୍କ ପରିବାରକୁ ଏହି ଯୋଗ୍ୟ ସଫଳତା ପାଇଁ ଅଭିନନ୍ଦନ ଜଣାଉଛୁ ।

## ଲିଫ୍ଟ ବାହାନାରେ ଅପହରଣ, ଜଙ୍ଗଲରୁ ଯୁବତୀ ଉଦ୍ଧାର

ଭୁବନେଶ୍ୱର, (ସବ୍ୟୁ) : ଲିଫ୍ଟ ବାହାନାରେ ଜଣେ ଯୁବତୀଙ୍କୁ ବାଇକ୍ ଆରୋହୀ ଖୋର୍ଦ୍ଧାରୁ ଅପହରଣ କରିଆଣି ଇଟ୍ଟୋଭାଲି ଥାନା ଅନ୍ତର୍ଗତ ପିତାପଲ୍ଲୀ ଜଙ୍ଗଲ ଭିତରକୁ ନେଇଯାଇଥିଲା । ଯୁବତୀ ଭୁବନେଶ୍ୱର ଆସିବା କଥା ହେଲେ ଜଙ୍ଗଲ ଭିତରକୁ ବାଇକ୍ ଆରୋହୀ ତାଙ୍କୁ ନେଇଯିବା ଫଳରେ ସେ ଭୟଭୀତ ହୋଇ ଗାଡିରୁ ଡେଇଁ ପଡିବା ସହ ଜଙ୍ଗଲ ଭିତରକୁ ଦଉଡି ପଳାଇଥିଲେ । ନିଜକୁ ରକ୍ଷା କରିବା ପାଇଁ ପୋଲିସ କଣ୍ଟ୍ରୋଲ ରୁମ୍କୁ ସେ ଫୋନ୍ କରିଥିଲେ । ଏହାପରେ ୫ଟି ଥାନା ଅଫିସର, ୫ ପିସିଆର୍ ଓ ଇଟ୍ଟୋଭାଲି ଥାନା ପୋଲିସ ଜଙ୍ଗଲରେ ଯୁବତୀଙ୍କୁ ୩ଘଣ୍ଟା ଖୋଜଖବର କରିବା ପରେ ଉଦ୍ଧାର କରିବାରେ ସମର୍ଥ ହୋଇଥିଲେ । ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ପୋଲିସ ଆଣିଥିବା ବେଳେ ଅଭିଯୁକ୍ତ ବାଇକ୍ ଚାଳକକୁ ଗିରଫ ପାଇଁ ବିଭିନ୍ନ ଅଞ୍ଚଳରେ ଛାନ୍‌ଭିନ୍ କରୁଛି । ପୋଲିସ କହିବାନୁଯାୟୀ ଯୁବତୀ ଜଣକ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସିବା ପାଇଁ ବାଇକ୍ ଚାଳକଙ୍କୁ ଲିଫଫ ମାଗିଥିଲେ । ସେ ପ୍ୟାସେଞ୍ଜର ଗାଡିରେ ନଆସି ବାଇକ୍ ଆରୋହୀଙ୍କୁ କାହିଁକି ଲିଫଫ ମାଗିଲେ ସେଥିନେଇ ପୋଲିସର ସନ୍ଦେହ ସୃଷ୍ଟି ହୋଇଛି । ଯୁବତୀଙ୍କ ବୟାନ ରେକର୍ଡ ହେବା ସହ ଅଭିଯୁକ୍ତ ବାଇକ୍ ଆରୋହୀ ଗିରଫ ହେଲେ ଘଟଣାର ରହସ୍ୟ ଉନ୍ମୋଚନ ହେବ ବୋଲି ପୋଲିସ କହିଛି ।

## ବିଶ୍ୱକର୍ମା ମହାରଣାଙ୍କୁ ଅଭିବାଦନ ଜଣାଇଲା 'ଆଶୀର୍ବାଦ'



ଭୁବନେଶ୍ୱର (ସବ୍ୟୁ): ପ୍ରସିଦ୍ଧ ପୁରୀ ରଥ ଯାତ୍ରା ସହିତ ଗଭୀର ଭାବରେ ସଂପୃକ୍ତିକୁ ନିରନ୍ତର ଜାରି ରଖି ଭାରତର ନମ୍ବର ୧ ପ୍ୟାକେଜଡ୍ ଅଟା ବ୍ରାଣ୍ଡ 'ଆଶୀର୍ବାଦ', ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ରଥର ଅଭିଜ୍ଞ କାରିଗର 'ବିଶ୍ୱକର୍ମା ମହାରଣା ସମୁଦାୟ'ଙ୍କର ଦୀର୍ଘସ୍ଥାୟୀ ପରମ୍ପରାରେ ଅନୁପ୍ରେରିତ ହୋଇ ଏକ ତଲ୍ଲିନକାରୀ ସାଂସ୍କୃତିକ ଅନୁଭୂତିରେ 'ଗୁଣାତ୍ମକ ପରମ୍ପରା'କୁ ଉପସ୍ଥାପନ କରୁଛି। ପ୍ରତିବର୍ଷ ପରମପୂଜ୍ୟ ରଥଗୁଡିକ ବିଶ୍ୱକର୍ମା ମହାରଣା ସମୁଦାୟଙ୍କ ଦ୍ୱାରା ନିର୍ମାଣ କରାଯାଇଆସୁଛି, ଯାହାଙ୍କର ଉତ୍ସର୍ଗୀକୃତ ଭାବ ଏବଂ ବିଦ୍ୱତ୍ତା ଏହି ପବିତ୍ର ପରମ୍ପରାକୁ ପିଢି ପରେ ପିଢି ସଂରକ୍ଷିତ କରି ରଖିଆସିଛି। ଏହି ଅନୁଭୂତିର କେନ୍ଦ୍ର ସ୍ଥଳରେ ରହିଛି ରଥ ଚକ ଏବଂ ପାରମ୍ପରିକ ପଥର ଚକ୍କି ମଧ୍ୟରେ ଥିବା ପ୍ରତୀକାତ୍ମକ ସମ୍ପର୍କ। ଏହି ଅନୁଭୂତି ବିଶିଷ୍ଟ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଏଲିନା ସାମନ୍ତରାୟଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା।

### ଆଜି ଠାରୁ ମୌସୁମୀ ଅଧିବେଶନ

# ଓଡିଶାର ବିଭିନ୍ନ ପ୍ରସଙ୍ଗରେ ସଂସଦରେ ଦାବି ଉପସ୍ଥାପନ କରିବ ବିଜେଡି

ଭୁବନେଶ୍ୱର, (ସବ୍ୟୁ): ସଂସଦରେ ଜୁଲାଇ ୨୦ରୁ ମୌସୁମୀକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏନେଇ ଦିଲ୍ଲୀରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା ତଥା ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଯୋଗଦାନ କରିଛନ୍ତି। ଏହାସହିତ ବିଜୁ ଜନତା ଦଳର ସଂସଦରେ କାର୍ଯ୍ୟକାରିତା ନେଇ ମତପ୍ରକାଶ କରିଛନ୍ତି। ସାଂସଦ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ, ଦିଲ୍ଲୀରେ ଆୟୋଜିତ ସର୍ବଦଳୀୟ ବୈଠକରେ ବିଜେଡି ପକ୍ଷରୁ ଯୋଗଦାନ କରି ବିଶେଷ ଦାବି ଉପସ୍ଥାପନ ନେଇ ଆଲୋଚନା କରାଯାଇଛି। ଦକ୍ଷିଣ ଏସିଆରେ ବର୍ତ୍ତମାନ ଜାରି ଥିବା ଯୁଦ୍ଧ ପରିସ୍ଥିତି, ଅହେତୁକ ଦରଦାମ ବୃଦ୍ଧି, ପେଟ୍ରୋଲରେ ଇଥାନାଲ ମିଶାଇବା ଦ୍ୱାରା ଗାଡି ମୋଟରରେ ସୃଷ୍ଟି ହୋଇଥିବା ସମସ୍ୟା ବାବଦରେ ଦାବି ଉପସ୍ଥାପନ ନେଇ ଆଲୋଚନା କରିଥିଲେ। ଏହାସହିତ ଓଡ଼ିଶାର ମାଳ ମାଳ ସମସ୍ୟା ପ୍ରସଙ୍ଗ ନେଇ ସଂସଦରେ କେନ୍ଦ୍ର ସରକାରଙ୍କୁ ବିଜେଡି ପକ୍ଷରୁ ପ୍ରଶ୍ନ ଉପସ୍ଥାପନ କରାଯିବ ବୋଲି କହିଛନ୍ତି। ଦୁଇ ବର୍ଷର ରାଜ୍ୟ ସରକାରଙ୍କ ବିଫଳତାକୁ ମୌସୁମୀ ଅଧିବେଶନରେ ମୁଖ୍ୟ ପ୍ରସଙ୍ଗ କରିବେ। ରାଜ୍ୟରେ ନୂତନ ଶିକ୍ଷା ନୀତି ଲାଗୁ କରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟ ପୁସ୍ତକ ପ୍ରକାଶ ପାଇଛି। ଯେଉଁଥିରେ କି ମାଳ ମାଳ ତ୍ରୁଟି ରହିଛି। ଯାହାକି ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ



କରିଛି। ଉକ୍ତ ତ୍ରୁଟି ଯୋଗୁଁ ରାଜ୍ୟର ୪୦ଲକ୍ଷର ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଶିକ୍ଷା ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଛି। ଉକ୍ତ ଗମ୍ଭୀର ପ୍ରସଙ୍ଗକୁ ରାଜ୍ୟ ସରକାର ଅତି ହାଲୁକା ଭାବେ ନେଉଛନ୍ତି। ଯାହାକୁ ରାଜ୍ୟସଭାରେ ବିଜେଡି ପକ୍ଷରୁ ଆଲୋଚନା କରିବା ନେଇ ଉପସ୍ଥାପନ କରାଯାଇଛି।

ଓଡ଼ିଶାରୁ ସର୍ବାଧିକ ପରିମାଣର କୋଇଲା ଉତ୍ତୋଳନ ହେଉଥିବା ବେଳେ କୋଇଲା ରପ୍ତାନୀ ରାଜସ୍ୱ (ରୟାଲଟି)ରୁ ଓଡ଼ିଶା ବଞ୍ଚିତ ହେଉଛି। ଏହାସହିତ ଓଡ଼ିଶାରେ ଜାରି ଥିବା ବ୍ୟାପକ କୃଷକ ଅସାମଞ୍ଜସ୍ୟ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ସଂସଦରେ ସ୍ୱତନ୍ତ୍ର ଆଲୋଚନା ନେଇ ଦାବି କରିଥିଲେ। ସାଂସଦ ମାନଙ୍କ ହାତ ପାଣ୍ଠିକୁ ୫କୋଟିରୁ ବୃଦ୍ଧି କରିବା ନେଇ ସାଂସଦ ମାନେ ଦାବି ଉପସ୍ଥାପନ କରିଥିବା ବେଳେ ବର୍ତ୍ତମାନର ୫କୋଟି ହାତ ପାଣ୍ଠିର ସଠିକ୍ ଭାବେ ବିନିଯୋଗ କରିବା ନେଇ ସାଂସଦ ଶ୍ରୀ ମଙ୍ଗରାଜ ଆଲୋଚନା ନେଇ ଉପସ୍ଥାପନ କରିଛନ୍ତି। ସାଂସଦ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ, ଗତ ୨୦୨୪ ମସିହାରୁ ଓଡ଼ିଶାରେ ସାଂସଦ ପାଣ୍ଠି ଖର୍ଚ୍ଚ କରିବାରେ ରାଜ୍ୟ ସରକାର ଅନେକ ବାଧା ସୃଷ୍ଟି ହେଉଛି। ରାଜ୍ୟ ସରକାର ବିକାଶମୂଳକ କାର୍ଯ୍ୟ କରିବାକୁ ଦେଉନାହାନ୍ତି। ସେ ଚିଲିକା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ହାତ ପାଣ୍ଠିରୁ ଟଙ୍କା ଦେଉଥିବା ବେଳେ ତାହାର ସଠିକ୍ ଭାବେ ବିନିଯୋଗ ହେଉନାହିଁ। ସାଂସଦ ହାତ ପାଣ୍ଠିରୁ ଟଙ୍କା ଖର୍ଚ୍ଚ ହେବ କିନ୍ତୁ ମନ୍ତ୍ରୀଙ୍କ ନାମରେ ଫଳକ ଉନ୍ମୋଚନ ହେବ। ଏନେଇ ସେ ପୂର୍ବରୁ ସଂସଦୀୟ ବିଭାଗୀୟ କମିଟିଙ୍କ ନିକଟରେ ନୋଟିସ ପ୍ରଦାନ କରିଥିଲେ। ସେ ବାବଦରେ ସର୍ବ ଦଳୀୟ ବୈଠକରେ ଆଲୋଚନା ହୋଇଥିବା ବେଳେ ଏନେଇ ସଂସଦରେ ପ୍ରଶ୍ନ ଉପସ୍ଥାପନ କରିବେ ବୋଲି କହିଛନ୍ତି। ଏନେଇ ସ୍ୱତନ୍ତ୍ର ଭାବେ ଆଲୋଚନା କରିବା ପାଇଁ ଶ୍ରୀ ମଙ୍ଗରାଜ ଦାବି ଉପସ୍ଥାପନ କରିଥିଲେ। ତେବେ ଏନେଇ ବିଭାଗୀୟ ମନ୍ତ୍ରୀ ଓ ଅନ୍ୟ ମାନଙ୍କ ଉପସ୍ଥିତିରେ ଆଲୋଚନା କରିଥିବା ବେଳେ ଉକ୍ତ ପ୍ରସଙ୍ଗକୁ ସଂସଦରେ ଉପସ୍ଥାପିତ କରିବା ନେଇ ସେ ସହମତି ପ୍ରକାଶ କରିଛନ୍ତି। ବିଜେଡି ଓଡ଼ିଶାର ସ୍ୱାର୍ଥ ସମ୍ବନ୍ଧୀୟ ମାଳ ମାଳ ପ୍ରସଙ୍ଗ ଥିବାରୁ ଗୃହରେ ତାହାକୁ ଉପସ୍ଥାପନ କରିବା ନେଇ ପ୍ରସ୍ତୁତ ହୋଇଛି। ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ ଗୃହରେ ସହଯୋଗ କରି ବିଜେଡି ତାହାର ପ୍ରସଙ୍ଗ ନେଇ ପ୍ରଶ୍ନ ଉଠାଇବ ବୋଲି କହିଛନ୍ତି।

## କାର ସହ ୪୫କିଗ୍ରା ଗଞ୍ଜେଇ ଜବତ, ୨ଗିରଫ


ସମ୍ବଲପୁର,(ସବ୍ୟୁ): ବେଆଇନ ଭାବେ ଗଞ୍ଜେଇ ଚୋରାଚାଲାଣ ବେଳେ ଧମା ଅବକାରୀ ପୋଲିସ ଏକ କାର ସହ ୪୫କିଗ୍ରା ଗଞ୍ଜେଇ ଜବତ କରିଛି । ଏହି ଅଭିଯୋଗରେ ମଧ୍ୟପ୍ରଦେଶ ମେଡଓ୍ୱାରାର ଦୀପକ କୁମାର ଛିପା(୨୫) ଓ ଉତ୍ତରପ୍ରଦେଶ କୋତିକତ୍ରାର ଜୀବନ ଛିପା(୩୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, କନ୍ଧମାଳରୁ ବିଲାସପୁରକୁ ଏକ କାର ଯୋଗେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବର ପାଇ ଅବକାରୀ ପୋଲିସ ହାତୀବାରି ଛକ ନିକଟରେ ଗାଡିକୁ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚବେଳେ ଉପରୋକ୍ତ ଗଞ୍ଜେଇ ଓ ୩ଟି ମୋବାଇଲ ଫୋନ ଜବତ କରିଥିଲା । ଏନେଇ ୧୧୨/୨୬ରେ ଏକ ମାମଲା ରୁଜୁ କରି ଅବକାରୀ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅଧିକ ତଦନ୍ତ ଚଳାଇଛି ।

### ରୋଟାରୀ ପରିବାରର ଅଧିଷ୍ଠାନ ଦିବସ

# ସଞ୍ଜୟବର୍ମନ ସଭାପତି, ସୁଚିସ୍ମିତା ପରିଜା ସମ୍ପାଦକ

ଖୋର୍ଦ୍ଧା, (ସବ୍ୟୁ): ସ୍ଥାନୀୟ ମଙ୍ଗଳା ନଗର ରୋଟାରୀ ଭବନ ପରିସରରେ ରବିବାର ରୋଟାରୀ ପରିବାରର ୪୬ତମ ଅଧିଷ୍ଠାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ୍ ଇନ୍ଦ୍ରଜିତ୍ ସାହୁ, ସମ୍ମାନିତ ଅତିଥିଭାବେ ରୋଟାରିଆନ୍ ମୁକେଶ କୁମାର ସାମଲ, ସ୍ୱତନ୍ତ୍ର ଅତିଥିଭାବେ ସୁନୀଲ କୁମାର ଅଗ୍ରୱାଲ, କ୍ଲବ ର ପ୍ରତିଷ୍ଠାତା ସଭ୍ୟ ଜ୍ୟୋତିରିନ୍ଦ୍ରନାଥ ମିତ୍ର ପ୍ରମୁଖ ଯୋଗଦେଇ ରୋଟାରୀ ଆନ୍ଦୋଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିପାଇଁ ସମସ୍ତ ରୋଟାରିଆନମାନେ ନିଜକୁ ସମର୍ପିତ ହେବା ପାଇଁ ଆହ୍ୱାନ ଦେଇଥିଲେ।ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ବିଦାୟୀ ସଭାପତି ଓ





ସମ୍ପାଦକ ଆସନ୍ତା ବର୍ଷର ନୂତନ ସଭାପତି ସଭାପତି ସଞ୍ଜୟ ବର୍ମନ୍ ଓ ସମ୍ପାଦକ ସୁଚିସ୍ମିତା ପରିଜା ସ୍ୱାଗତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ୍ କ୍ଷୀରୋଦ ପ୍ରସାଦ ମହାନ୍ତି, ପୂର୍ବତନ ରୋଟାରୀ ସଭାପତି ରୁଦ୍ରନାଥ ଦତ (ଦାଉ), ପୂର୍ବତନ ରୋଟାରୀ ସଭାପତି ତଥା ପୌର ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି (ଟିଟନ), ଡାକ୍ତର ଅମୀୟ ଚରଣ ଜେନାମଣି, ଡ. ମମତା ଦେ, ଦେବୀ ପ୍ରସାଦ ମଜୁନଦାର, ତାପସ ବୋଷ, କୋଷାଧ୍ୟକ୍ଷ ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତଥିଲେ।

## ନୂଆପଡା ଶିଶୁ ବିଦ୍ୟାମନ୍ଦିର ସ୍ୱନକ୍ଷତ୍ର ଦିବସ ଓ ବୃକ୍ଷ ରୋପଣ

କଟକ, (ସ୍ୱପ୍ର) : ସ୍ଥାନୀୟ ନୂଆପଡା ବାଲିସାହୀ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଜ୍ଞାନକୁଞ୍ଜର ପବିତ୍ର ଶ୍ରୀଗୁଣ୍ଡିଚାରେ ଅତ୍ୟନ୍ତ ଆନନ୍ଦ ଉଲ୍ଲାସମୟ ପରିବେଶ ମଧ୍ୟରେ ପାଳନ କରିଛି ବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ । ଏହି ଦିବସକୁ ସ୍ମରଣୀୟ କରିବା ସହିତ ପରିବେଶ ସନ୍ତୁଳନ ରକ୍ଷା କରିବା ଉଦ୍ଦେଶ୍ୟରେ ବୃକ୍ଷ ରୋପଣ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କ ସହ ପରିଚାଳନା ସମିତିର ସଭାପତି ଡ. ପ୍ରଭାତ କୁମାର ରାଉତରାୟ, ସମ୍ପାଦକ ଡ. ରାକେଶ କୁମାର ଜେନା, ଉପ ସଭାପତି ଦିଲ୍ଲୀପ କୁମାର



ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଅନିଲ କୁମାର ସାମଲ, ସଦସ୍ୟା ଶ୍ରୀମତୀ ନିବେଦିତା ମହାପାତ୍ର, ପୂର୍ବତନ ସମ୍ପାଦକ ରାମକୃଷ୍ଣ ଦାଶ ଓ ଅମିତାଭ ରାଉତରାୟ ପ୍ରମୁଖ ଉକ୍ତ ଉତ୍ସବରେ ଉପସ୍ଥିତ ରହି ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷରୋପଣ କରିଥିଲେ । ଏଥିରେ ବିଦ୍ୟାଳୟର ସ୍କାଉଟ ଓ ଗାଇଡର ଭାଇ ଭଉଣୀଙ୍କ ସହ ସ୍କାଉଟ ମାଷ୍ଟର ପବିତ୍ର କୁମାର ବେହେରା ଓ ଗାଇଡ ମାଷ୍ଟର ଶକୁନ୍ତଳା ମହାନ୍ତି ଯୋଗଦାନ କରିଥିଲେ । ବିଦ୍ୟାଳୟର ସଭାପତି ଡଃ ରାଉତରାୟ ପୌରାଣିକ ଯୁଗରୁ ଆଜି ପର୍ଯ୍ୟନ୍ତ ବିଜ୍ଞାନ ଅଗ୍ରଗତି ଘଟିଥିଲେ ମଧ୍ୟ ବୃକ୍ଷର ଉପାଦେୟତା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଓ ସେବକ ସେବିକା ଭାଇ ଭଉଣୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା ।

# ରଥଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କୁ ସେବା ଯୋଗାଇଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ): ପବିତ୍ର ରଥଯାତ୍ରା-୨୦୨୬ ଅବସରରେ ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ପୁରୀକୁ ଆସିଥିବା ୫ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ଜନକଲ୍ୟାଣମୂଳକ ସେବା ଯୋଗାଇଛି। ଏହାସହ କମ୍ପାନୀ ମଧ୍ୟ ନିଜ କାର୍ଯ୍ୟକ୍ଷେତ୍ର ପାର୍ଶ୍ୱବର୍ତ୍ତୀ ଅଂଚଳର ୭,୦୦୦ରୁ ଅଧିକ ସମ୍ପ୍ରଦାୟ ସଦସ୍ୟଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ସହାୟତା ଓ ଆତିଥ୍ୟ ସେବା ପ୍ରଦାନ କରାଯାଇଛି। ରଥଯାତ୍ରା ସମୟରେ ପୁରୀକୁ ଦେଶ-ବିଦେଶରୁ ଆସୁଥିବା ଲକ୍ଷାଧିକ ଭକ୍ତଙ୍କ ସୁରକ୍ଷା, ସୁବିଧା ଓ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି କମ୍ପାନୀ ୧୦୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଦଳ ଗଠନ କରିଛି। ଏହି ଦଳ ଦିନରାତି ବିଭିନ୍ନ ପ୍ରମୁଖ ସ୍ଥାନରେ ସେବା ଯୋଗାଉଛନ୍ତି। ଭକ୍ତମାନଙ୍କୁ ପୌଷ୍ଟିକ ଖାଦ୍ୟ, ଶୀତଳ ପାନୀୟ, ଓଆରଏସ୍, ପାନୀୟ ଜଳ ବଂଟନ କରିବା ସହ ଓଡ଼ିଶାର ପାରମ୍ପରିକ କଳାର ପ୍ରଦର୍ଶନ ମାଧ୍ୟମରେ କମ୍ପାନୀ ସ୍ଥାନୀୟ ପ୍ରଶାସନ ସହ ମିଶି ରାଜ୍ୟର ଆଧାତ୍ମିକ ଐତିହ୍ୟକୁ ଉଜାଗର କରିଛି।

'ସେବା'ର ମହାନ ଆଦର୍ଶକୁ



ଆଧାର କରି କମ୍ପାନୀ ଶ୍ରୀମନ୍ଦିର ନିକଟରେ ଏକ ବୃହତ୍ ବେସ୍ କ୍ୟାମ୍ପ ଓ ମେଗା ଅନ୍ନଛତ୍ର ସ୍ଥାପନ କରିଛି। ସେଠାରେ ପ୍ରତିଦିନ ହଜାର ହଜାର ଭକ୍ତଙ୍କୁ ଗରମ ଓ ସ୍ୱଚ୍ଛ ଖାଦ୍ୟ, ଜଳଖିଆ ପ୍ୟାକେଟ୍, ମହାପ୍ରସାଦ, ଓଆରଏସ୍ ଓ ପାନୀୟ ଜଳ ବଂଟନ କରାଯାଉଛି। ଜନସୁରକ୍ଷା ଓ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ କମ୍ପାନୀ ସରକାରୀ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ଜୈବ କ୍ଷୟଶୀଳ ଥାଳି ବ୍ୟବହାର ଏବଂ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଛି। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, "ପବିତ୍ର ରଥଯାତ୍ରା ହେଉଛି ଓଡ଼ିଶାର ସଂସ୍କୃତି ଓ ପରମ୍ପରା ପରିଚୟର ଏକ ଅନନ୍ୟ ପ୍ରତୀକ। ଏହି ପବିତ୍ର ଅବସରରେ ୫ ଲକ୍ଷରୁ ଅଧିକ ଭକ୍ତଙ୍କୁ ସେବା ପ୍ରଦାନ କରିବା ଆମ ପାଇଁ ଗର୍ବର ବିଷୟ। ଏହା ରାଜ୍ୟର ସମୃଦ୍ଧ ଐତିହ୍ୟ ପ୍ରତି ଆମର ସମ୍ମାନ ଏବଂ ଓଡ଼ିଶାର ଲୋକଙ୍କ ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାର ପ୍ରତିଫଳନ।"

ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ କମ୍ପାନୀ ପକ୍ଷରୁ ଭଜନ ସମାରୋହ, ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ପରିବେଷଣ ଓ ପୁରୀ ବେଳାଭୂମିରେ ବିଶିଷ୍ଟ ବାଲୁକା ଶିଳ୍ପୀ ମାନସ କୁମାର ସାହୁଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ବାଲୁକା କଳାକୃତିର ଆୟୋଜନ କରାଯାଇଛି। ଏହା ସହିତ ଝାରସୁଗୁଡ଼ା ଓ ଲାଞ୍ଜିଗଡ଼ସ୍ଥିତ କମ୍ପାନୀର ଟାଉନସିପ୍‌ରେ ମଧ୍ୟ ରଥଯାତ୍ରା ପାଳନ କରାଯାଇଥିଲା। ସେଠାରେ ରଥ ଟାଣିବା, ଅନ୍ନଛତ୍ର ଓ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମରେ ହଜାର ହଜାର କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ଲୋକମାନେ ସାମିଲ ହୋଇଥିଲେ। ଓଡ଼ିଶାର ସାମାଜିକ ଓ ଆର୍ଥିକ ବିକାଶରେ ଦୀର୍ଘଦିନ ଧରି ବେଦାନ୍ତ ଆଲୁମିନିୟମ ସହଯୋଗୀ ଭାବେ କାର୍ଯ୍ୟ କରିଆସୁଛି। କମ୍ପାନୀ ଗ୍ରାମାଂଚଳରେ ଭିତିଭୂମି ବିକାଶ, ପ୍ରତ୍ୟକ୍ଷ ଓ ପରୋକ୍ଷ ରୋଜଗାର ସୃଷ୍ଟି ଏବଂ ସ୍ଥାନୀୟ ଶିଳ୍ପର ବିକାଶରେ ଉଲ୍ଲେଖନୀୟ ନିବେଶ କରିଛି। ଏହା ସହ ଏମ୍ଏସ୍ଏମ୍ଇ ଗୁଡ଼ିକୁ ନିଜ ମୂଲ୍ୟ ଶୃଙ୍ଖଳାରେ ସାମିଲ କରି ସ୍ଥାନୀୟ ଯୁବବର୍ଗଙ୍କୁ ସଶକ୍ତ କରିବା ସହ ରାଜ୍ୟର ସ୍ଥାୟୀ ବିକାଶକୁ ଗତି ଦେଇଆସୁଛି। ବେଦାନ୍ତ ଆଲୁମିନିୟମର ସାମାଜିକ କାର୍ଯ୍ୟକ୍ରମ ଶିକ୍ଷା, ମହିଳା ସଶକ୍ତିକରଣ, ଜୀବିକା ସୃଷ୍ଟି ଓ ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ ବ୍ୟାପ୍ତ। ଦୁର୍ଗମ ଅଂଚଳରେ ମୋବାଇଲ୍ ହେଲ୍ଥ ଭ୍ୟାନ୍ ସେବା, ବିଶ୍ୱସ୍ତରୀୟ କ୍ରୀଡ଼ା ଏକାଡେମୀ ପ୍ରତିଷ୍ଠା ଏବଂ ଡୋକ୍ରା ଓ ସଉରା କଳା ପରି ପାରମ୍ପରିକ ଓଡ଼ିଆ କଳାର ସଂରକ୍ଷଣ ମାଧ୍ୟମରେ କମ୍ପାନୀ ଗ୍ରାମୀଣ ଓଡ଼ିଶାର ଜୀବନମାନ ଉନ୍ନତି ପାଇଁ ନିରନ୍ତର କାର୍ଯ୍ୟ କରୁଛି।

# ୱାଙ୍ଗଚୁକଙ୍କୁ ସ୍ଥାନାନ୍ତର ଆବେଦନ ଖାରଜ

ନୂଆଦିଲ୍ଲୀ: ସାମାଜିକ କାର୍ଯ୍ୟକର୍ତ୍ତା ସୋନମ ୱାଙ୍ଗଚୁକଙ୍କୁ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ତାଙ୍କ ପତ୍ନୀଙ୍କ ଆବେଦନ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। କୋର୍ଟ କହିଛନ୍ତି, ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସରକାର ତାଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରିବା ନିଷ୍ପତ୍ତି ମନମୁଖୀ ନଥିଲା। ମାମଲାର ଶୁଣାଣି କରି ଜଷ୍ଟିସ୍ ମିନି ପୁଷ୍କର୍ଣ୍ଣ କହିଛନ୍ତି, ସଫଦରଜଙ୍ଗ ହସ୍ପିଟାଲର ଡାକ୍ତର ସୋନମ୍ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟାବସ୍ଥାର ତଦାରଖ କରୁଛି। ତାଙ୍କ ଉପରେ କୌଣସି ଜୋରଜବରଦସ୍ତି ହେଉଛି ବୋଲି କୁହାଯାଇପାରିବ ନାହିଁ। ୱାଙ୍ଗଚୁକଙ୍କୁ ତାଙ୍କ ସମ୍ମତିରେ ବିନା ଚିନିର ଔଷଧ ପାଟିରେ ଦିଆଯାଇଥିଲା। କୋର୍ଟ କହିଛନ୍ତି, ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟ ଖରାପ ଥିଲେ ମଧ୍ୟ ସେ ନିଜେ ହସ୍ପିଟାଲରେ ଭର୍ତ୍ତି ହେଉନଥିଲେ। ତେଣୁ ସରକାରଙ୍କୁ ଦଖଲ ଦେବା ଅଧିକାର ଥିଲା। ବାର୍ ଓ ବେଞ୍ଚ ରିପୋର୍ଟ ଅନୁଯାୟୀ, କୋର୍ଟ ସରକାରଙ୍କ ପଦକ୍ଷେପ ଯେଉଁଥିରେ ୱାଙ୍ଗଚୁକଙ୍କ ପରିବାରକୁ ବିନା କୌଣସି କଟକଣାରେ ଦିନ ସାରା



ଭେଟିବାକୁ ଦିଆଯାଇଥିଲା ସେ ଉପରେ ଗୁରୁତ୍ୱ ଦେଇଥିଲେ। ହସ୍ପିଟାଲରେ ୱାଙ୍ଗଚୁକ୍ ପରିବାରକୁ ଏକ ସ୍ୱତନ୍ତ୍ର କକ୍ଷ ଦିଆଯାଇଥିବା କଥାକୁ ମଧ୍ୟ କୋର୍ଟ ଗୁରୁତ୍ୱ ଦେଇଥିଲେ। ତେଣୁ କୋର୍ଟ ଏହି ସ୍ଥିତିରେ କୌଣସି ଅନ୍ତରୀଣ ନିର୍ଦ୍ଦେଶ ଦେବାର ଆବଶ୍ୟକତା ନଥିବା କହିଥିଲେ। ୱାଙ୍ଗଚୁକଙ୍କ ମେଡିକାଲ ରିପୋର୍ଟ ପରିବାର ଲୋକଙ୍କୁ ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୪କୁ ଧାର୍ଯ୍ୟ କରିଛନ୍ତି। ଏହାପୂର୍ବରୁ ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ଅଙ୍ଗମୋଙ୍କ ପକ୍ଷରୁ କୋର୍ଟରେ ବରିଷ୍ଠ ଓକିଲ କପିଲ ସିବଲ, ବିବେକ ତନ୍ଖା ଓ ଅଖିଳ ସିବଲ କହିଥିଲେ ଯେ, ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି ହେବା ପରେ ୱାଙ୍ଗଚୁକ୍ ନିଜ ଓକିଲ ଓ ଡାକ୍ତରଙ୍କ ସହିତ ସମ୍ପର୍କ କରିପାରୁନାହାନ୍ତି। ସେ କହିଛନ୍ତି, ସେ ଅଧିକ କିଛି ଦାବି କରୁନାହାନ୍ତି, କେବଳ ତାଙ୍କ ସ୍ୱାମୀଙ୍କୁ ମେଦାନ୍ତ ହସ୍ପିଟାଲ ନେଇଯିବାକୁ ଚାହୁଁଛନ୍ତି। ୱାଙ୍ଗଚୁକ୍ ଗିରଫ ହୋଇନାହାନ୍ତି। ତାଙ୍କ ବିରୋଧରେ କୌଣସି ମାମଲା ନାହିଁ। କ'ଣ ଭାରତୀୟ ନାଗରିକଙ୍କୁ ନିଜ ପସନ୍ଦର ହସ୍ପିଟାଲ ଯିବାର ଅଧିକାର ନାହିଁ। ଅତିରିକ୍ତ ସଲିସିଟର ଜେନେରାଲ ଚେତନ ଶର୍ମା ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରି କହିଥିଲେ ଯେ, ଯଦି ୱାଙ୍ଗଚୁକଙ୍କ ସହିତ କିଛି ଘଟିଯାଏ ତେବେ ଏହାର ପରିଣାମ ବଡ଼ ହେବ। ତାଙ୍କ ପତ୍ନୀ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ଚାହୁଁଥିବା ବିଷୟରେ ଶର୍ମା ଦର୍ଶାଇଥିଲେ ଯେ ରାଷ୍ଟ୍ରପତି ମଧ୍ୟ ସରକାରୀ ହସ୍ପିଟାଲରେ ଚିକିତ୍ସା ପାଇଥାନ୍ତି। ଯଦି ୱାଙ୍ଗଚୁକଙ୍କୁ ସଫଦରଜଙ୍ଗରୁ ସ୍ଥାନାନ୍ତର କରାଯାଏ ତେବେ ତାଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ରହିବ ବୋଲି ପୂର୍ବରୁ ସରକାରଙ୍କ ସୂତ୍ରଗୁଡ଼ିକ ସୂଚାଇଥିଲେ। କେନ୍ଦ୍ର କୋର୍ଟଙ୍କୁ ୱାଙ୍ଗଚୁକଙ୍କୁ ଜୀବନ ରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲା। ଖଣ୍ଡପୀଠ କହିଛନ୍ତି ଯେ, ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରୀ ଦଳ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। କୋର୍ଟ ତିନି ଦିନ ମଧ୍ୟରେ ଏକ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଜୁଲାଇ ୨୪ ତାରିଖକୁ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ୱାଙ୍ଗଚୁକ୍ ଜୁନ୍ ୨୮ ତାରିଖରୁ ଅନଶନରେ ବସିଛନ୍ତି।

# ଅମରନାଥ, ବୈଷ୍ଣୋଦେବୀ, ଶିବଖୋରି ଯାତ୍ରା ସାମୟିକ ବନ୍ଦ

ଜମ୍ମୁ: ଜମ୍ମୁ-କାଶ୍ମୀରରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଆଶଙ୍କାକୁ ଦୃଷ୍ଟିରେ ରଖି ପ୍ରଶାସନ ଅମରନାଥ, ବୈଷ୍ଣୋଦେବୀ ଓ ଶିବଖୋରି ତୀର୍ଥଯାତ୍ରାକୁ ସାମୟିକ ଭାବେ ସ୍ଥଗିତ ରଖିଛି। ଯାତ୍ରୀମାନଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଏହି ପଦକ୍ଷେପ ନିଆଯାଇଥିବା ପ୍ରଶାସନ କହିଛି। ଭାରତୀୟ ପାଣିପାଗ ବିଭାଗ ଜମ୍ମୁ-କାଶ୍ମୀରର ବହୁ ଅଞ୍ଚଳରେ ଅତି ପ୍ରବଳ ବର୍ଷା, ଅଚାନକ ବନ୍ୟା ଓ ଭୂସ୍ଖଳନର ସତର୍କତା ଜାରି କରିଛି। ପୁଞ୍ଛ, ରାଜୌରୀ, ରିଆସି, ଅନନ୍ତନାଗ, ଗନ୍ଦେରବଲ ଓ ଅନ୍ୟାନ୍ୟ ପାହାଡ଼ିଆ ଅଞ୍ଚଳରେ ବର୍ଷା ଯୋଗୁଁ ପରିସ୍ଥିତି ଗୁରୁତର ହୋଇଛି। ଅନେକ ସ୍ଥାନରେ ରାସ୍ତା ଧୋଇଯାଇ ଥିବାବେଳେ ଭୂସ୍ଖଳନ ଯୋଗୁଁ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଅମରନାଥ ଯାତ୍ରାର ଉଭୟ ପଥ- ପହେଲଗାମ ଓ ବାଲଟାଲ ମାର୍ଗରେ ଯାତ୍ରୀଙ୍କ ଗତିବିଧି ବନ୍ଦ କରାଯାଇଛି। ସେହିପରି କାଟ୍ରାରୁ ବୈଷ୍ଣୋଦେବୀ ଭବନ ଓ ରିଆସି ଜିଲ୍ଲାର ଶିବଖୋରି ଗୁମ୍ଫାକୁ ଯାତ୍ରା ମଧ୍ୟ ସାମୟିକ ଭାବେ ସ୍ଥଗିତ ରଖାଯାଇଛି।



ପୂର୍ବରୁ ଯାତ୍ରାପଥରେ ଥିବା ଶ୍ରଦ୍ଧାଳୁମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି ଏବଂ ଆବଶ୍ୟକ ଖାଦ୍ୟ, ପାନୀୟ ଜଳ ଓ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ପ୍ରଶାସନ କହିଛି, ପାଣିପାଗରେ ସୁଧାର ଆସିବା ଏବଂ ଯାତ୍ରାପଥ ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ନିଶ୍ଚିତ ହେବା ପରେ ଯାତ୍ରା ପୁଣି ଆରମ୍ଭ କରାଯିବ। ସେପର୍ଯ୍ୟନ୍ତ ନୂଆ ଯାତ୍ରୀମାନଙ୍କୁ ଜମ୍ମୁ କିମ୍ବା କାଟ୍ରାରୁ ଆଗକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ଏନ୍ଡିଆର୍ଏଫ୍, ଏସ୍ଡିଆର୍ଏଫ୍, ସେନା, ପୁଲିସ ଓ ସ୍ଥାନୀୟ ପ୍ରଶାସନ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ସରକାର ଶ୍ରଦ୍ଧାଳୁମାନଙ୍କୁ ଗୁଜବରେ ବିଶ୍ୱାସ ନ କରି କେବଳ ସରକାରୀ ସୂଚନାକୁ ଅନୁସରଣ କରିବାକୁ ଅନୁରୋଧ କରିଛନ୍ତି।

## ପେରୁରେ ୬.୧ ତୀବ୍ରତାର ଭୂମିକମ୍ପ; ୬ ମୃତ

ଲିମା: ପେରୁର ଆଣ୍ଡିସ୍ ଅଞ୍ଚଳରେ ୬.୧ ତୀବ୍ରତାର ଭୂମିକମ୍ପ ସଂଘଟିତ ହୋଇଛି। ଏଥିରେ ୬ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୨୧ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ସମୟ ଅନୁଯାୟୀ, ଶନିବାର ରାତି ୯ଟା ୩୦ ସମୟରେ ରାଜଧାନୀ ଲିମାଠାରୁ ୩୦୦ କିମି ଦୂର ଚୋଙ୍ଗୋସ୍ ବାଜେ ସହର ଭୂକମ୍ପ ଝଟ୍କା ଯୋଗୁ ଥରି ଉଠିଥିଲା ବୋଲି ପେରୁ ଜିଓଫିଜିକ୍ସ ଇନଷ୍ଟିଚ୍ୟୁଟ୍ ପକ୍ଷରୁ କୁହାଯାଇଛି। ଭୂକମ୍ପର କେନ୍ଦ୍ର ୨୪ କିମି ଗଭୀରତାରେ ରହିଥିଲା। ଏଥିରେ ୪୮ଟି ଘର ଭାଙ୍ଗିଛି ବୋଲି ଏନ୍ ଟେଲିଭିଜନ ନେଟୱର୍କ କହିଛି। ଘର ଭାଙ୍ଗିବା ଯୋଗୁଁ ୩୦୦ ଲୋକ ବାସଚ୍ୟୁତ ହୋଇଛନ୍ତି। ଭୂକମ୍ପର କେନ୍ଦ୍ରସ୍ଥଳ ଅଗଭୀର ଥିଲା, ଫଳରେ ସହରର ବହୁ ଘର ଭାଙ୍ଗି ବହୁତ କ୍ଷତି ଘଟିଛି ବୋଲି ପେରୁର ଜାତୀୟ ନାଗରିକ ପ୍ରତିରକ୍ଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଜେନେରାଲ ଲୁଇସ୍ ଭାସକେଜ୍ କହିଛନ୍ତି। ପେରୁ ଭୂକମ୍ପପ୍ରବଣ ଅଞ୍ଚଳରେ ରହିଥିବାରୁ ବର୍ଷକୁ ଅତିକମରେ ୪୦୦ ଥର ଭୂମିକମ୍ପ ହୋଇଥାଏ। ଲୋକମାନେ ହାଲୁକା ସାମଗ୍ରୀରେ ଘର ତିଆରି କରିଥାନ୍ତି।

## ଉତ୍ତରାଖଣ୍ଡରେ ବଜ୍ରପାତରେ ୨ ମୃତ, ୮୪ଟି ରାସ୍ତା ବନ୍ଦ

ଡେରାଡୁନ୍: ଉତ୍ତରାଖଣ୍ଡର ହରିଦ୍ୱାର ଜିଲ୍ଲାରେ ଅବିଶ୍ରାନ୍ତ ବର୍ଷା ଲାଗି ରହିଥିବା ଯୋଗୁଁ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ହରିଦ୍ୱାରରେ ବଜ୍ରପାତରେ ଦୁଇ ଜଣ ଲୋକଙ୍କର ମୃତ୍ୟୁ ହୋଇଛି। ରବିବାର ୧୦ଟି ଜିଲ୍ଲାକୁ ରେଡ୍ ଓ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ବର୍ଷା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟିଥିବାବେଳେ ଦୁଇଟି ଜାତୀୟ ରାଜପଥ ସମେତ ୮୪ଟି ରାସ୍ତା ବନ୍ଦ ରହିଥିବା ରାଜ୍ୟ ଜରୁରୀକାଳୀନ ଅପରେସନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ରବିବାରଠାରୁ ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ଚେତାବନୀ ଜାରି କରିଛି। ଶନିବାର ସନ୍ଧ୍ୟାରେ ବଜ୍ରାଘାତରେ ହରିଦ୍ୱାରର ଦାଲୁୱାଲା ମଜତାବାର ବାସିନ୍ଦା ନବୀନ ସିଂହ (୩୩) ଓ ଖାଲତିରାର ରଣଧୀର ସିଂହ (୪୬)ଙ୍କର ମୃତ୍ୟୁ ହୋଇଛି। ଜୁଲାଇ ୨୨ ତାରିଖ ପର୍ଯ୍ୟନ୍ତ ଡେରାଡୁନ, ଟେହରୀ, ଉତ୍ତରକାଶୀ, ରୁଦ୍ରପ୍ରୟାଗ, ହରିଦ୍ୱାର, ବାଗେଶ୍ୱର, ନୈନିତାଲ, ପୌରୀ, ଚାମୋଲି ଓ ପିଥୋରାଗଡ଼ ଜିଲ୍ଲାକୁ ପ୍ରବଳ ବର୍ଷା ଓ ବିଜୁଳି ଘଡ଼ଘଡ଼ି ପାଇଁ ଆଲର୍ଟ ଜାରି କରାଯାଇଛି।

# ୭ ଜଣ ଲାଞ୍ଚୁଆ ଅଧିକାରୀଙ୍କୁ ନିଲମ୍ବିତ କଲେ ବିଜୟ

ଚେନ୍ନାଇ : ତାମିଲନାଡୁରେ ଦୁର୍ନୀତି ବିରୋଧରେ କଡ଼ା ପଦକ୍ଷେପ ନେଇଛନ୍ତି ମୁଖ୍ୟମନ୍ତ୍ରୀ ବିଜୟ। ଗୁଗୁଲ୍ ପେ' ମାଧ୍ୟମରେ ୨.୩୯ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ସରକାର ଏକାଥରେ ୭ ଜଣ ସରକାରୀ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି। ଡିଜିଟାଲ ପେମେଣ୍ଟ ଛଡ଼ା ନଗଦ ଆକାରରେ ମଧ୍ୟ ଲାଞ୍ଚ ନିଆଯାଇଥିଲା, ଯାହାର ତଦନ୍ତ କରାଯାଉଛି। ସୂଚନା ଅନୁସାରେ, ସମ୍ପୃକ୍ତ ଅଧିକାରୀମାନେ ବିଭିନ୍ନ ପ୍ରଶାସନିକ କାମ



କରାଇ ଦେବା ନାମରେ ଜଣେ ବ୍ୟକ୍ତିଙ୍କଠାରୁ ଗୁଗୁଲ୍ ପେ' ମାଧ୍ୟମରେ ପ୍ରାୟ ୨.୩୯ ଲକ୍ଷ ଟଙ୍କା ନେଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ମିଳିବା ପରେ ଭିଜିଲାନ୍ସ ଓ ଦୁର୍ନୀତି ନିବାରଣ ବିଭାଗ ପ୍ରାଥମିକ ଯାଞ୍ଚ କରିଥିଲା। ଡିଜିଟାଲ କାରବାରର ତଥ୍ୟ ଲାଞ୍ଚ ନେବା ଅଭିଯୋଗକୁ ପ୍ରମାଣିତ କରିଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ନିର୍ଦ୍ଦେଶରେ ୭ ଜଣ ଅଧିକାରୀଙ୍କୁ ତୁରନ୍ତ ନିଲମ୍ବିତ କରାଯାଇଛି। ସେମାନଙ୍କ ବିରୋଧରେ ବିଭାଗୀୟ ତଦନ୍ତ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ସରକାର କହିଛନ୍ତି, ଦୁର୍ନୀତି ପ୍ରତି କୌଣସି ପ୍ରକାର ସହନଶୀଳତା ଦେଖାଯିବ ନାହିଁ ଏବଂ ଦୋଷୀ ସାବ୍ୟସ୍ତ ହେଲେ କଡ଼ା ଶାସ୍ତି ଦିଆଯିବ। ସରକାରଙ୍କ ମତରେ, ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାର ବ୍ୟବହାର ବଢ଼ିଥିବା ବେଳେ ତାହାକୁ ଦୁର୍ନୀତିର ମାଧ୍ୟମ କରିବାକୁ ଦିଆଯିବ ନାହିଁ। ଏହି ଘଟଣା ପରେ ସମସ୍ତ ସରକାରୀ ବିଭାଗକୁ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ରକ୍ଷା କରିବାକୁ ପୁଣି ଥରେ ନିର୍ଦ୍ଦେଶ ଦିଆଯାଇଛି। ସରକାର ଆହୁରି କହିଛନ୍ତି, ଭବିଷ୍ୟତରେ ଏଭଳି ଅଭିଯୋଗ ଆସିଲେ ତୁରନ୍ତ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯିବ।

## ସାରା ବିଶ୍ୱରେ ଫେସବୁକ୍ ଡାଉନ୍

ନୂଆଦିଲ୍ଲୀ : ରବିବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଫେସବୁକ୍ ଡାଉନ୍ ହୋଇଯାଇଛି। ସାରା ବିଶ୍ୱରେ ୟୁଜରମାନେ ସେମାନଙ୍କର ଆକାଉଣ୍ଟଗୁଡ଼ିକୁ ଆକ୍ସେସ୍ କରିବାରେ ଏବଂ ମୌଳିକ ପ୍ଲାଟଫର୍ମ ବୈଶିଷ୍ଟ୍ୟଗୁଡ଼ିକୁ ବ୍ୟବହାର କରିବାରେ ଅସୁବିଧା ହେଉଥିବା ରିପୋର୍ଟ କରିଛନ୍ତି ବୋଲି ଆଉଟେଜ୍-ଟ୍ରାକିଂ ସେବା ଡାଉନଡିଟେକ୍ଟରର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଡାଉନଡିଟେକ୍ଟରର ତଥ୍ୟ ରବିବାର ପୂର୍ବାହ୍ନ ୧୦:୩୯ ସମୟରେ ଫେସବୁକ୍ ସମସ୍ୟା ବୃଦ୍ଧି ପାଇଥିବା ରିପୋର୍ଟ ଦେଖାଇଥିଲା। ଯାହା କିଛି ମୁହୂର୍ତ୍ତ ପୂର୍ବରୁ ପାଞ୍ଚଟି ବେସଲାଇନ୍ ରିପୋର୍ଟରୁ ୩,୫୫୫ରେ ପହଞ୍ଚିଥିଲା। ୟୁଜରମାନେ ସେମାନଙ୍କ ଆକାଉଣ୍ଟଗୁଡ଼ିକୁ ଆକ୍ସେସ୍ କରିବା ଏବଂ ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ବ୍ୟବହାର କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି, କିଛି ଲୋକ ଫେସବୁକର ଲିଙ୍କ୍ ହୋଇଥିବା ମେସେଞ୍ଜର ସେବା ମାଧ୍ୟମରେ ଫଟୋ ଏବଂ ଭିଡିଓ ଅପଲୋଡ୍ କରିପାରୁ ନାହାନ୍ତି କିମ୍ବା ବାର୍ତ୍ତା ପଠାଇ ପାରୁ ନଥିବା ଅଭିଯୋଗ କରିଛନ୍ତି।

## ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଉପରେ ଅଧିକ ସ୍ୱଷ୍ଟତା ଚାହୁଁଛି ଡିଏମ୍‌କେ

ନୂଆଦିଲ୍ଲୀ: ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ଏହାର ରୋଡମ୍ୟାପ୍ ସ୍ପଷ୍ଟ କରିବାକୁ ରବିବାର ଏମ୍କେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ଡିଏମ୍କେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛି। ଡିଏମ୍କେ ଦାବି କରିଛି ଯେ, ଏହି କୋଟା ଭବିଷ୍ୟତର ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ସହିତ ଜଡିତ ନୁହେଁ ବରଂ ନିମ୍ନ ସଦନର ବର୍ତ୍ତମାନର ଶକ୍ତି ଉପରେ ଆଧାରିତ ହେବା ଉଚିତ। ସୋମବାରଠାରୁ ଆରମ୍ଭ ହେଉଥିବା ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ



ଡକାଯାଇଥିବା ସର୍ବଦଳୀୟ ବୈଠକରେ ଡିଏମ୍କେ ରାଜ୍ୟସଭା ସାଂସଦ ତିରୁଚି ଶିବ ଏହି ଦାବି ଉଠାଇଥିଲେ। ଲୋକସଭାରେ ବର୍ତ୍ତମାନର ସଂଖ୍ୟା ବଳରେ ଡିଏମ୍କେ ମହିଳା ସଂରକ୍ଷଣ ବିଲ୍ ପାରିତ କରାଯିବା ସପକ୍ଷରେ ଅଛି। ତେବେ ଡିଏମ୍କେ ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗରେ ଅଧିକ ସ୍ୱଷ୍ଟତା ଚାହୁଁଥିବା ବୈଠକ ପରେ ତିରୁଚି ଶିବ ସାମ୍ବାଦିକମାନଙ୍କୁ କହିଥିଲେ। ଶିବ କହିଛନ୍ତି ଯେ, ସୀମା ପୁନଃନିର୍ଦ୍ଧାରଣ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଉପରେ ପ୍ରତିକୂଳ ପ୍ରଭାବ ପକାଇବା ଉଚିତ୍ ନୁହେଁ ଓ ସରକାରଙ୍କଠାରୁ ଅଧିକ ସ୍ୱଷ୍ଟତା ଚାହୁଁଛି। ଯଦି ଏହା ଦକ୍ଷିଣ ରାଜ୍ୟଗୁଡ଼ିକୁ ପ୍ରଭାବିତ କରେ, ତେବେ ଏହାକୁ ୨୫ ବର୍ଷ ପାଇଁ ସ୍ଥଗିତ ରଖିବା ଉଚିତ ବୋଲି ଶିବ କହିଛନ୍ତି।

# ଆମେରିକାର ବାୟୁ ପ୍ରତିରକ୍ଷାକୁ ଚକମା

ନୂଆଦିଲ୍ଲୀ:ଆମେରିକା ଏବଂ ଇରାନ ମଧ୍ୟରେ ଏବେ ଘମାଘୋଟ ଲଢ଼େଇ ଆରମ୍ଭ ହୋଇଛି। ଇରାନ ଆମେରିକା ସହିତ ଚୁକ୍ତିନାମାରୁ ଓହରି ଯିବା ଘୋଷଣା କରିଛି। ଅପରପକ୍ଷରେ ଆମେରିକା ଲଗାତାର ଇରାନର ସାମରିକ ଏବଂ ବେସାମରିକ ଭିତ୍ତିଭୂମିକୁ ନଷ୍ଟ କରୁଛି। ଇରାନ କୁଏତରୁ ଜୋର୍ଡାନ ପର୍ଯ୍ୟନ୍ତ କ୍ଷେପଣାସ୍ତ୍ର ଆକ୍ରମଣ କରି ତାଣ୍ଡବ ରଚୁଛି। ଏହାକୁ ନେଇ ଆମେରିକାର ଚିନ୍ତା ବଢ଼ିଯାଇଛି। କାରଣ ଇରାନର ସମସ୍ତ କ୍ଷେପଣାସ୍ତ୍ରକୁ ଅଟକା ଯାଇ ପାରୁନାହିଁ। ଆମେରିକୀୟ ଖବରକାଗଜ ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ଏକ ରିପୋର୍ଟ ଅନୁଯାୟୀ, ଇରାନ ଆମେରିକାର ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ଭେଦ କରିବା ପାଇଁ ନିଜର କ୍ଷେପଣାସ୍ତ୍ର ରଣନୀତିରେ ପରିବର୍ତ୍ତନ କରିଛି। ଇରାନୀ କ୍ଷେପଣାସ୍ତ୍ରଗୁଡ଼ିକ ଏବେ ଦ୍ରୁତ ଗତିରେ ଉଡୁଛି। ଏହି କ୍ଷେପଣାସ୍ତ୍ରଗୁଡ଼ିକ ଲକ୍ଷ୍ୟଭେଦ ପୂର୍ବରୁ ହଠାତ୍ ଦିଗ ପରିବର୍ତ୍ତନ କରିବାରେ ସକ୍ଷମ, ଯାହା ଫଳରେ ସେଗୁଡ଼ିକୁ ଅଟକାଇବା କଷ୍ଟକର ହୋଇପଡୁଛି।



ରିପୋର୍ଟରେ କୁହାଯାଇଛି ଯେ ଇରାନ ସମ୍ବେଦନଶୀଳ ସାମରିକ ଘାଟିଗୁଡ଼ିକୁ ଅଧିକ ସଠିକତାର ସହିତ ଟାର୍ଗେଟ କରୁଥିବାରୁ ଆମେରିକୀୟ ପ୍ରତିରକ୍ଷା ବିଭାଗ ଚିନ୍ତିତ, ଏହା ଏକ ନୂତନ ରଣନୀତି ଯାହା ଆମେରିକୀୟ ବାୟୁ ପ୍ରତିରକ୍ଷା ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଇରାନ ନିଜର ସଦ୍ୟତମ ଆକ୍ରମଣରେ ଆମେରିକାକୁ ବହୁତ କ୍ଷତି ପହଞ୍ଚାଇଛି। ଜୋର୍ଡାନରେ ଥିବା ଏକ ଆମେରିକୀୟ ଘାଟି ଉପରେ ଇରାନ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ଏହି ଆକ୍ରମଣରେ ଦୁଇ ଜଣ ଆମେରିକୀୟ ସୈନିକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ନିଖୋଜ ଅଛନ୍ତି। ଏହା ସହିତ ବହୁ ସୈନିକ ଆହତ ହୋଇଥିବା ସୂଚନା ମିଳିଛି। ଇରାନ ଜୋର୍ଡାନର ମୁୱାଫାକ ସାଲ୍ଟି ବାୟୁସେନା ଘାଟି ଉପରେ ସିରିଜ୍ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା। ଏହି କ୍ଷେପଣାସ୍ତ୍ରଗୁଡ଼ିକ ମଧ୍ୟରୁ ଗୋଟିଏ ଆମେରିକୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ଏଡ଼ାଇ ଲକ୍ଷ୍ୟଭେଦ କରିଥିଲା। ଫଳରେ ବାୟୁସେନା ଘାଟିର ବହୁ କ୍ଷତି ହୋଇଥିଲା। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ବିବାଦ କମିବାର କୌଣସି ସଙ୍କେତ ଦେଖାଯାଉନାହିଁ। ଆମେରିକା ଲଗାତାର ଅଷ୍ଟମ ରାତିରେ ଇରାନ ଉପରେ ବିମାନ ଆକ୍ରମଣ କରିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ସେ ବ୍ୟକ୍ତିଗତ ଭାବରେ ଏହି ଆକ୍ରମଣକୁ ଅନୁମତି ଦେଇଛନ୍ତି। ଜୋର୍ଡାନରେ ଦୁଇଜଣ ଆମେରିକୀୟ ସୈନିକଙ୍କ ମୃତ୍ୟୁର ଜବାବରେ ଏହା କରାଯାଇଛି।

# ଟ୍ରମ୍ପଙ୍କ ମାଷ୍ଟର ପ୍ଲାନ୍ ଫେଲ୍ ! କାମ ଦେଲାନି ଟାରିଫ୍ ନୀତି

ନୂଆଦିଲ୍ଲୀ : ଡୋନାଲ୍ଡ ଟ୍ରମ୍ପ ଯେତେବେଳେ 'ଆମେରିକା ଫାଷ୍ଟ' ନୀତି କଥା କୁହନ୍ତି, ସେତେବେଳେ ତାଙ୍କର ସବୁଠାରୁ ବଡ଼ ଅସ୍ତ୍ର ହେଉଛି 'ଟାରିଫ୍' ବା ଆମଦାନୀ ଶୁଳ୍କ । ସେ ଭାବନ୍ତି, ବିଦେଶୀ ସାମଗ୍ରୀ ଉପରେ ଅଧିକ ଶୁଳ୍କ ଲଗାଇଲେ ଅନ୍ୟ ଦେଶର ରପ୍ତାନିକାରୀମାନେ ନଇଁଯିବେ ଏବଂ ଆମେରିକାର ଅର୍ଥନୀତି ସୁଧୁରିଯିବ । କିନ୍ତୁ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି IMFର ଏକ ସଦ୍ୟତମ ଗବେଷଣା ପତ୍ର ଏହି ଧାରଣାକୁ ସମ୍ପୂର୍ଣ୍ଣ ଭୁଲ ପ୍ରମାଣିତ କରିଛି । ଏହି ରିପୋର୍ଟ ଅନୁସାରେ, ଟ୍ରମ୍ପଙ୍କ ଶୁଳ୍କ ନୀତି ବିଦେଶୀଙ୍କୁ ଦଣ୍ଡ ଦେବା ପରିବର୍ତ୍ତେ ନିଜ ଦେଶର ଉପଭୋକ୍ତା ଓ ଅର୍ଥନୀତି ପାଇଁ ବୁମେରାଙ୍ଗ ସଦୃଶ ହୋଇଛି। ଆଇଏମଏଫ ଅର୍ଥଶାସ୍ତ୍ରୀ ଜେବିନ୍ ଆନ୍, ଲୋରେଞ୍ଜୋ ରୋଟୁନୋ ଏବଂ ମିସେଲ ରୁଟାଙ୍କ ଦ୍ୱାରା ପ୍ରସ୍ତୁତ ଏହି ରିପୋର୍ଟ ସ୍ପଷ୍ଟ କରିଛି ଯେ, ଟ୍ରମ୍ପଙ୍କ 'ହାଇ ରେସିପ୍ରୋକାଲ୍ ଟାରିଫ୍' ନୀତି ଯୋଗୁଁ ବିଦେଶୀ ରପ୍ତାନିକାରୀମାନେ ସେମାନଙ୍କ ସାମଗ୍ରୀର ମୂଲ୍ୟ କମାଇନାହାନ୍ତି । ସାଧାରଣତଃ ଧାରଣା ଥାଏ ଯେ, ଟିକସ ବଢ଼ିଲେ ବିଦେଶୀ କମ୍ପାନୀମାନେ ନିଜ ଲାଭ କମାଇ ଜିନିଷର ଦାମ୍ କମାଇବେ । କିନ୍ତୁ ବାସ୍ତବରେ, ଏହି ଅତିରିକ୍ତ ଶୁଳ୍କର ବୋଝ ଆମେରିକାର ଆମଦାନୀକାରୀଙ୍କ ଉପରେ ହିଁ ପଡ଼ିଲା। ରପ୍ତାନିକାରୀମାନେ ନିଜର ପୁରୁଣା ଦାମ୍ ବଜାୟ ରଖିଲେ ଏବଂ ଆମେରିକା ସରକାରଙ୍କ ଦ୍ୱାରା ଲଗାଯାଇଥିବା ଟ୍ୟାକ୍ସ ସିଧାସଳଖ ଉପଭୋକ୍ତାଙ୍କ ପକେଟରୁ ଗଲା । ଏହି ରିପୋର୍ଟରୁ



ଆଉ ଏକ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ଯେତେବେଳେ ଟ୍ରମ୍ପଙ୍କ ଶୁଳ୍କ ନୀତି ଯୋଗୁଁ ଉଚ୍ଚ ଗୁଣବତ୍ତା ସାମଗ୍ରୀର ମୂଲ୍ୟ ଆକାଶଛୁଆଁ ହେଲା, ସେତେବେଳେ ଆମେରିକୀୟ କମ୍ପାନୀଗୁଡ଼ିକ ଏକ ବିକଳ୍ପ ବାଛିଲେ । ସେମାନେ ମୂଲ୍ୟ ବୃଦ୍ଧିରୁ ରକ୍ଷା ପାଇବା ପାଇଁ 'ନିମ୍ନମାନର' ଏବଂ 'ଶସ୍ତା' ସାମଗ୍ରୀ ଆମଦାନୀ କରିବା ଆରମ୍ଭ କଲେ । ଫଳସ୍ୱରୂପ, ଆମେରିକାର ବଜାର ଏବେ ଶସ୍ତା ଓ ଅପେକ୍ଷାକୃତ ଖରାପ ଗୁଣବତ୍ତାର ସାମଗ୍ରୀରେ ଭରିଯାଇଛି । ଏହି ସ୍ଥିତି ୨୦୧୮-୧୯ର ଚୀନ ସହ ବାଣିଜ୍ୟ ବିବାଦ ସମୟରେ ମଧ୍ୟ ଦେଖିବାକୁ ମିଳିଥିଲା, ଯାହା ଏବେ ଅଧିକ ଗମ୍ଭୀର ହୋଇଛି। ଆଇଏମଏଫର ଅର୍ଥଶାସ୍ତ୍ରୀମାନେ ଚେତାବନୀ ଦେଇଛନ୍ତି ଯେ, ଏହି ପ୍ରକ୍ରିୟା ଆମେରିକାର ଉତ୍ପାଦନ କ୍ଷମତାକୁ ଦୁର୍ବଳ କରୁଛି । ଯେତେବେଳେ ଏକ ଦେଶ ନିମ୍ନମାନର କଞ୍ଚାମାଲ ବା ଯନ୍ତ୍ରପାତି ଆମଦାନୀ କରେ, ସେତେବେଳେ ତା'ର ଶିଳ୍ପ ଅଭିବୃଦ୍ଧି ବାଧାପ୍ରାପ୍ତ ହୁଏ। ଶେଷରେ ଏହାର କୁପ୍ରଭାବ ସାଧାରଣ ଆମେରିକୀୟ ଜନତାଙ୍କ ଜୀବନଶୈଳୀ ଉପରେ ପଡୁଛି। ସେମାନେ ଅଧିକ ମୂଲ୍ୟ ଦେଇ ମଧ୍ୟ ନିମ୍ନ ଗୁଣବତ୍ତାର ଉତ୍ପାଦ ପାଉଛନ୍ତି । ଟ୍ରମ୍ପଙ୍କ ଏହି ଶୁଳ୍କ ନୀତିର ଲକ୍ଷ୍ୟ ଥିଲା ବିଦେଶୀ ଶକ୍ତିଙ୍କୁ ଦୁର୍ବଳ କରିବା ଏବଂ ଆମେରିକାକୁ ଆର୍ଥିକ ସମୃଦ୍ଧ କରିବା । କିନ୍ତୁ ଆଇଏମଏଫର ଏହି ରିସର୍ଚ୍ଚ ପେପର ପ୍ରମାଣ କରୁଛି ଯେ, ବାଣିଜ୍ୟ ଯୁଦ୍ଧରେ କେବଳ ଶୁଳ୍କ ଲଗାଇବା ଯଥେଷ୍ଟ ନୁହେଁ। ବରଂ ଏହା ଦ୍ୱାରା ନିଜ ଦେଶର 'ଆମଦାନୀ ବାସ୍କେଟ' ଦୁର୍ବଳ ହେଉଛି । ଯଦି ଏହି ଧାରା ଜାରି ରୁହେ, ତେବେ ଆମେରିକା ବିଶ୍ୱ ବଜାରରେ ତା'ର ଗୁଣାତ୍ମକ ମାନ ବଜାୟ ରଖିବାରେ ବିଫଳ ହୋଇପାରେ। ଟ୍ରମ୍ପଙ୍କ ପାଇଁ ଏହି ରିପୋର୍ଟ ନିଶ୍ଚିତ ଭାବେ ଏକ ବଡ଼ ଶିକ୍ଷା ।

# ନେତାନ୍ୟାହୁଙ୍କୁ ଗିରଫ କରିବାକୁ ପ୍ରସ୍ତୁତି

ୱାଶିଂଟନ: ଆସନ୍ତା ଜାତିସଂଘ ସାଧାରଣ ପରିଷଦ ସମ୍ମିଳନୀରେ ଯଦି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ନ୍ୟୁୟର୍କ ଗସ୍ତ କରନ୍ତି, ତେବେ ତାଙ୍କୁ ଗିରଫ କରିବା ପାଇଁ କେଉଁ ଆଇନଗତ ବିକଳ୍ପ ରହିଛି, ସେନେଇ ନ୍ୟୁୟର୍କ ସହରର ମେୟର ଜୋହରାନ ମାମଦାନି ବିଚାର କରୁଥିବା ସୂଚନା ମିଳିଛି। ସେ ନେତାନ୍ୟାହୁଙ୍କୁ 'ଯୁଦ୍ଧ ଅପରାଧୀ' ବୋଲି ବର୍ଣ୍ଣନା କରିଥିବା ଖବର ପ୍ରକାଶ ପାଇବା ପରେ ଏହାକୁ ନେଇ ଆମେରିକାରେ ନୂଆ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଛି। ମାମଦାନି କହିଛନ୍ତି, ଗାଜା ଯୁଦ୍ଧକୁ ନେଇ ଅନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିସି) ନେତାନ୍ୟାହୁଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିବା ପରିପ୍ରେକ୍ଷୀରେ ଆଇନଗତ ଭାବେ କେଉଁ ପଦକ୍ଷେପ ନିଆଯାଇପାରିବ, ସେନେଇ ବିଶେଷଜ୍ଞଙ୍କ ସହ ଆଲୋଚନା ଚାଲିଛି। ତେବେ ସେ ସ୍ପଷ୍ଟ କରିଛନ୍ତି ଯେ, ଏହା କେବଳ ଆଇନଗତ ସମ୍ଭାବନାର ସମୀକ୍ଷା ମାତ୍ର ଏବଂ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ଏହି ବୟାନକୁ ଆମେରିକାର ରିପବ୍ଲିକାନ ନେତା ଓ



ଇସ୍ରାଏଲ ସମର୍ଥକ ଗୋଷ୍ଠୀମାନେ ତୀବ୍ର ସମାଲୋଚନା କରିଛନ୍ତି। ସେମାନଙ୍କ ମତରେ, ନ୍ୟୁୟର୍କ ସହରର ମେୟରଙ୍କ ଏଭଳି ମନ୍ତବ୍ୟ ଆମେରିକାର ବିଦେଶନୀତି ସହ ସଙ୍ଗତିପୂର୍ଣ୍ଣ ନୁହେଁ ଏବଂ ଏହା ଏକ କୂଟନୈତିକ ବିବାଦ ସୃଷ୍ଟି କରିପାରେ। ଅନ୍ୟପକ୍ଷରେ, ମାମଦାନିଙ୍କ ସମର୍ଥକମାନେ କହିଛନ୍ତି, ଯୁଦ୍ଧ ଅପରାଧ ସମ୍ପର୍କିତ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରାଯିବା ଉଚିତ ଏବଂ ଅନ୍ତର୍ଜାତୀୟ ଆଇନର ସମ୍ମାନ ରକ୍ଷା କରିବା ସମସ୍ତଙ୍କ ଦାୟିତ୍ୱ। ତେବେ ନେତାନ୍ୟାହୁ ପ୍ରକୃତରେ ଜାତିସଂଘ ସମ୍ମିଳନୀରେ ଯୋଗ ଦେବେ କି ନାହିଁ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଯଦି ସେ ନ୍ୟୁୟର୍କ ଗସ୍ତ କରନ୍ତି, ତେବେ ଏହି ପ୍ରସଙ୍ଗ ଆଇନ, କୂଟନୀତି ଓ ରାଜନୀତି-ତିନୋଟି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ବିଷୟ ହୋଇପାରେ।

# ରାମ ମନ୍ଦିରର ଦାନ ଚୋରି: ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାହୁଲ, ଖଡଗେ

ନୂଆଦିଲ୍ଲୀ: ଅଯୋଧ୍ୟାର ରାମ ମନ୍ଦିରରେ ହୋଇଥିବା ଚୋରି ଅଭିଯୋଗ ଏବେ ବି ମୁଖ୍ୟ ଖବର ପାଲଟିଛି । ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗରେ ବିଜେପି ଏବଂ କେନ୍ଦ୍ର ସରକାରଙ୍କୁ ନିରନ୍ତର ଟାର୍ଗେଟ କରୁଛନ୍ତି । ଏହି ସମୟରେ, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଆର୍ଥିକ ସ୍ଥିତିର ଏକ ସ୍ୱାଧୀନ ଏବଂ ବ୍ୟାପକ ତଦନ୍ତ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି । ସେମାନେ ପ୍ରଧାନମନ୍ତ୍ରୀଙ୍କ ନୀରବତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ରାହୁଲ ଗାନ୍ଧୀ ଏବଂ ମଲ୍ଲିକାର୍ଜୁନ ଖାର୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଚିଠି ଲେଖିଛନ୍ତି । ଟ୍ରଷ୍ଟ ଦ୍ୱାରା



ପ୍ରାପ୍ତ ଦାନର ଏକ ବ୍ୟାପକ ତଦନ୍ତ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି । ଚିଠିରେ କୁହାଯାଇଛି, "ଆମେ ଆପଣଙ୍କୁ ଟ୍ରଷ୍ଟର ଆର୍ଥିକ ବ୍ୟାପାରର ତୁରନ୍ତ, ସ୍ୱାଧୀନ ଏବଂ ବ୍ୟାପକ ତଦନ୍ତ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରୁଛୁ, ଯେଉଁଥିରେ ନଗଦ, ସୁନା ଏବଂ ରୂପା ସମେତ ସମସ୍ତ ପ୍ରସାଦର ପରିଚାଳନା ଅନ୍ତର୍ଭୁକ୍ତ । ତଦନ୍ତର ଫଳାଫଳ ଏବଂ ଟ୍ରଷ୍ଟର ହିସାବ ସାର୍ବଜନୀନ କରାଯିବା ଉଚିତ ଯାହା ଦ୍ୱାରା ପ୍ରତ୍ୟେକ ଭକ୍ତ ଜାଣିପାରିବେ ଯେ ସେମାନଙ୍କର ପ୍ରସାଦ କିପରି ବ୍ୟବହୃତ ହୋଇଛି ।" ଚିଠିରେ ନେତାମାନେ ଉଲ୍ଲେଖ କରିଛନ୍ତି ଯେ, "ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟରୁ ହଜାର ହଜାର କୋଟି ଟଙ୍କାର ଚୋରି ବିଷୟରେ ଆପଣ ଜାଣନ୍ତି । ଶ୍ରଦ୍ଧା, ଭକ୍ତି ଏବଂ ବିଶ୍ୱାସ ସହିତ ସେମାନଙ୍କର କଠିନ ପରିଶ୍ରମର ଅର୍ଥ ଦାନ କରିଥିବା ଲକ୍ଷ ଲକ୍ଷ ଭକ୍ତ ଏହି ଚୋରି ଦ୍ୱାରା ବିଶ୍ୱାସଘାତକତା ଅନୁଭବ କରୁଛନ୍ତି ।" ଦୁଇ ନେତା ଦାବି କରିଥିଲେ ଯେ ଟ୍ରଷ୍ଟର ହିସାବ ସାର୍ବଜନୀନ କରାଯାଉ ଏବଂ ଦୋଷୀ ସାବ୍ୟସ୍ତ ହୋଇଥିବା ଲୋକଙ୍କୁ ସେମାନଙ୍କର ପଦବୀ କିମ୍ବା ପ୍ରଭାବ ନିର୍ବିଶେଷରେ ଦାୟୀ କରାଯିବା ଉଚିତ । ସେମାନେ ପ୍ରଧାନମନ୍ତ୍ରୀଙ୍କୁ କହିଥିଲେ ଯେ ସେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ସଂସଦରେ ଟ୍ରଷ୍ଟ ଗଠନ ଘୋଷଣା କରିଛନ୍ତି, କିନ୍ତୁ ଏହାର ସଦସ୍ୟମାନେ ସମ୍ପୂର୍ଣ୍ଣ ଭାବରେ ତାଙ୍କ ସରକାର ଦ୍ୱାରା ନିଯୁକ୍ତ ହୋଇଛନ୍ତି । ନେତାମାନେ କହିଥିଲେ, "ଆପଣ ଭାରତର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ସଂସଦରେ ଟ୍ରଷ୍ଟ ଗଠନ ଘୋଷଣା କରିଥିଲେ, କିନ୍ତୁ ଏହାର ସଦସ୍ୟମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ଆପଣଙ୍କ ସରକାର ଦ୍ୱାରା ନିଯୁକ୍ତ କରାଯାଇଥିଲା । ଏହା ସମସ୍ତେ ଜାଣନ୍ତି ଯେ ଟ୍ରଷ୍ଟର ସଦସ୍ୟମାନେ RSS, ବିଶ୍ୱ ହିନ୍ଦୁ ପରିଷଦ ଏବଂ ଏହାର ସହଯୋଗୀ ସଂଗଠନ ସହିତ ଜଡିତ । ଏହାର ପୂର୍ବତନ ସାଧାରଣ ସମ୍ପାଦକ ମଧ୍ୟ ଆପଣଙ୍କ ଜଣେ ଘନିଷ୍ଠ ସହଯୋଗୀ ଥିଲେ ।"

# ଭାରତର ଟାର୍ଗେଟ୍ ୩୮୮

ଲଣ୍ଡନ, ୧୯।୭(ଏଜେନ୍ସି) : ଲଣ୍ଡନର ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ଘରୋଇ ଇଂଲଣ୍ଡ ଦଳ ଧୂଆଁଧାର ପ୍ରଦର୍ଶନ କରିଛି । ନିର୍ଣ୍ଣାୟକ ମ୍ୟାଚରେ ଇଂଲଣ୍ଡ ବ୍ୟାଟର ଭାରତୀୟ ବୋଲରଙ୍କୁ ନିର୍ମମ ପ୍ରହାର କରି ୫୦ ଓଭରରେ ୩ ୱିକେଟ ହରାଇ ୩୮୭ ରନର ବିଶାଳ ସ୍କୋର କରିଛି । ସିରିଜ ଜିତିବା ପାଇଁ ଭାରତ ସମ୍ମାରେ ୩୮୮ ରନ ପାହାଡ ସଦୃଶ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଶେଷ ଖବର ସୁଦ୍ଧା ଭାରତ ୪୨ ଓଭରରେ ୨ ୱିକେଟ ହରାଇ ୨୯୫ ରନ କରିଥିଲା । ଜିତିବା ପାଇଁ ୪୮ ବଲରୁ ୯୩ ରନର ଆବଶ୍ୟକତା ରହିଛି । ଇଂଲଣ୍ଡ ପକ୍ଷରୁ ବେନ୍ ଡକେଟ୍ ୧୪୧ ରନର ମାରାଥନ ଇଂନିସ ଖେଳିଥିବା ଜାକବ ବେଥେଲ ୯୧ ଓ ଜୋରୁଟ୍ ୭୪ ରନ କରିଥିଲେ । ଜୋସ୍ ବଟଲର ୧୩ ୪୧ ରନ କରି ଇଂଲଣ୍ଡ ସ୍କୋରକୁ ୩୫୦ ପାର କରିବାରେ ସାହାର୍ଯ୍ୟ କରିଛନ୍ତି । ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରୀଷ୍ଣା ଦୁଇଟି ୱିକେଟ୍ ନେଇଛନ୍ତି । ଲର୍ଡ୍ସରେ ଦିନିକିଆ ଇତିହାସରେ ଇଂଲଣ୍ଡ ସର୍ବବୃହତ୍ତ ସ୍କୋର ଭାରତ ବିରୋଧରେ କରିଛି ।

ମ୍ୟାଚରେ ଇଂଲଣ୍ଡ ପାଇଁ ବେନ୍ ଡକେଟ୍ ଓ ଯୁବ ବ୍ୟାଟର ଜାକବ୍ ବେଥେଲ ଆରମ୍ଭରୁ ହିଁ ଭାରତୀୟ ବୋଲରଙ୍କ ଉପରେ ବର୍ଷିଥିଲେ । ଉଭୟ ପ୍ରଥମ ୱିକେଟ ପାଇଁ ୩୦.୧ ଓଭରରେ ୧୯୨ ରନର ଏକ ବିଶାଳ ଓପନିଂ ପାର୍ଟନରସିପ୍ କରିଥିଲେ । ଦିନିକିଆ କ୍ରିକେଟ୍ ଇତିହାସରେ ଲର୍ଡ୍ସ ମଇଦାନରେ ଏହା ସବୁଠାରୁ ବଡ ଓପନିଂ ଭାଗିଦାରୀ । ବେଥେଲ ୯୩ ଟି ବଲରୁ ୧୧ ଚୌକା ଓ ଦୁଇଟି ଛକା ସହ ୯୧ ରନ କରି ପ୍ରସିଦ୍ଧ କ୍ରୀଷ୍ଣାଙ୍କ ବଲରେ ଆଉଟ୍ ହୋଇଥିଲେ । ଓପନର ବେନ୍ ଡକେଟ୍ ୧୩୫ ବଲରେ ୧୪୧ ରନର ଏକ ସ୍ମରଣୀୟ ଇନିଂସ ଖେଳିଥିଲେ । ମଧ୍ୟମକ୍ରମରେ ଇଂଲଣ୍ଡ ଦଳ କିଛି ସମୟ ଧିମେଇ ଯାଇଥିଲା । ଦଳ ୩୫୦ ରନ ମଧ୍ୟରେ ସୀମିତ ରହିଯିବ ବୋଲି ମନେ ହେଉଥିଲା । କିନ୍ତୁ ଜୋସ୍ ବଟଲର ଆସିବା ପରେ ମୋଡ ବଦଳି ଯାଇଥିଲା । ସେ ମାତ୍ର ୧୩ ଟି ବଲରୁ ୪ ଟି ଚୌକା ଓ ୩ ଟି ଛକା ସହାୟତାରେ ୪୧ ରନର ବିଧ୍ୱଂସୀ ଇନିଂସ ଖେଳି ଦଳୀୟ ସ୍କୋରକୁ ୩୮୭ ରେ ପହଞ୍ଚାଇଥିଲେ । ସମ୍ପୂର୍ଣ୍ଣ ଶୃଙ୍ଖଳାରେ ରୁଟ ଅପରାଜିତ ରହିବାର ନୂଆ ରେକର୍ଡ କରିଛନ୍ତି । ସେ ୪୮ ବଲରୁ ୭୪ ରନ କରିଥିଲେ ।

୩୮୮ ରନର ବିଜୟ ଲକ୍ଷ୍ୟ ଭାରତ ପାଇଁ ଅପହଞ୍ଚ ଭଳି ଥିଲା । ଦୁଇ ଓପନର ରୋହିତ ଶର୍ମା ଓ ଶୁଭମନ୍ ଗିଲ ପାଳି ଆରମ୍ଭ କରିଥିଲେ । ଅବଶ୍ୟ ଆରମ୍ଭ ଧିମା ଥିଲା, କିନ୍ତୁ ପ୍ରଥମ ୱିକେଟ ପାଇଁ ଦୁହେଁ ୨୪.୨ ଓଭରରେ ୧୪୭ ରନ ସଂଗ୍ରହ କରି ଭଲ ମୂଳଦୂଆ ପକାଇଥିଲେ । ଗିଲ୍ ୮୪ ବଲର ସମ୍ମୁଖୀନ ହୋଇ ୭୭ ରନ କରି ରସିଦଙ୍କ ବଲରେ ଏଲବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ । ଏହା ପରେ ରୋହିତ ଶର୍ମା ଶତକ ପୂରଣ କରିଥିଲେ । ସେ ୧୧୦ ବଲର ସମ୍ମୁଖୀନ ହୋଇ ୧୭ ଚୌକା ଓ ୫ ଛକା ସହାୟତାରେ ୧୩୮ ରନର ଉପଯୋଗୀ ଇନିଂସ ଖେଳିଥିଲେ । ୩ ନଂ ସ୍ଥାନରେ ପଡିଆକୁ ଆସିଥିବା ବିରାଟ କୋହଲି ମଧ୍ୟ ଅର୍ଦ୍ଧଶତକ ପୂରଣ କରିଥିଲେ । ଭାରତକୁ ମ୍ୟାଚ ଜିତିବା ପାଇଁ ୪୮ ବଲରୁ ୯୩ ରନର ଆବଶ୍ୟକତା ଥିଲା ।



## ଫିଫା ବିଶ୍ୱକପ୍
# ଇଂଲଣ୍ଡକୁ ବ୍ରୋଞ୍ଜ୍

ମିଆଁମି, ୧୯।୭(ଏଜେନ୍ସି) : ଫିଫା ବିଶ୍ୱକପ୍‌ରେ ଶକ୍ତିଶାଳୀ ଇଂଲଣ୍ଡ ଦଳ ତୃତୀୟ ସ୍ଥାନ ସହ ବ୍ରୋଞ୍ଜ୍ ପଦକ ଜିତିଛି । ରବିବାର ଇଂଲଣ୍ଡ ୬-୪ ଗୋଲରେ ଗତ ସଂସ୍କରଣର ଉପବିଜେତା ଫ୍ରାନ୍ସକୁ ମାତ୍ ଦେଇ ବ୍ରୋଞ୍ଜ୍ ଅକ୍ତିଆର କରିଛି । ଏହି ଚମତ୍କାର ବିଜୟ ସହ ଇଂଲଣ୍ଡ ୧୯୬୬ ରେ ଟ୍ରଫି ଜିତିବା ପରେ ଫିଫା ବିଶ୍ୱକପରେ ଶ୍ରେଷ୍ଠ ପ୍ରଦର୍ଶନ ଦେଖାଇଛି । ହ୍ୟାଟ୍ରିକ୍ ଗୋଲ କରିଥିବା ଇଂଲଣ୍ଡର ସାକାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି । ଆରମ୍ଭରୁ ୪-୦ ପଛରେ ରହିଥିବା ଫ୍ରାନ୍ସ ପାଇଁ ତାରକା ଷ୍ଟ୍ରାଇକର କିଲିଆନ ଏମ୍ବାପେ ଦୁଇଟି ଗୋଲ ଦେଇ ପ୍ରତ୍ୟାବର୍ତ୍ତନ ସୁଯୋଗ ଆଣିଥିଲେ । ଏମ୍ବାପେ ଏହି ଡବଲ ଗୋଲ ସହ ଫିଫା ବିଶ୍ୱକପ୍‌ରେ ମୋଟି ୨୨ ଟି ଗୋଲ ଦେବାର ଗୌରବ ଅର୍ଜନ କରିଛନ୍ତି । ଏତଦ୍ ବ୍ୟତୀତ ଚଳିତ ବିଶ୍ୱକପ୍‌ରେ ସର୍ବାଧିକ ଗୋଲ କରିବାରେ ଆର୍ଜେଣ୍ଟିନାର ଲିଓନେଲ ମେସିଙ୍କୁ ଭେଟିଛନ୍ତି । ଏମ୍ବାପେଙ୍କ ଡବଲ ଗୋଲ ପରେ ଇଂଲଣ୍ଡକୁ ପେନାଲ୍ଟି ସୁଯୋଗ ମିଳିଥିଲା । ଏହାକୁ ବୁକାୟୋ ସାକା ଗୋଲରେ ପରିଣତ କରି ଫ୍ରାନ୍ସକୁ ୩-୫ ସ୍ଥିତିକୁ ଆଣିଥିଲେ । ଏହା ସତ୍ତ୍ୱେ ଫ୍ରାନ୍ସ ଦୁଇଟି ଗୋଲ ପଛରେ ପଡିଥିଲା । ଏହାପରେ ଜୁଡେ ବେଲିଂ ହାମ୍ ଇଞ୍ଜୁରୀ ସମୟ ଗୋଲ ଇଂଲଣ୍ଡକୁ ୬-୪ରେ ବିଜୟ ଭେଟି ଦେଇଥିଲା । ଏହି ମ୍ୟାଚରେ ହୋଇଥିବା ମୋଟ ୧୦ ଗୋଲ ଫିଫା ବିଶ୍ୱକପ୍ ଇତିହାସରେ ତୃତୀୟ ସ୍ଥାନ ପ୍ଲେ ଅଫ ମୁକାବିଲାରେ ସର୍ବାଧିକ । ପୂର୍ବରୁ ୧୯୫୮ ରେ ଫ୍ରାନ୍ସ ଓ ପଶ୍ଚିମ ଜର୍ମାନୀ ମଧ୍ୟରେ ହୋଇଥିବା ତୃତୀୟ ସ୍ଥାନ ମ୍ୟାଚରେ ୯ ଟି ଗୋଲ ହୋଇଥିଲା । ପୂର୍ବରୁ ୧୯୯୦ ଓ ୨୦୧୮ ରେ ତୃତୀୟ ସ୍ଥାନ ମ୍ୟାଚ ହାରି ବ୍ରୋଞ୍ଜ୍ ପଦକ ଜିତିବାରେ ବିଫଳ ହୋଇଥିବା ଇଂଲଣ୍ଡର ସ୍ୱପ୍ନ ପୂରଣ ହୋଇଛି । ଏଥିସହ ଇଂଲଣ୍ଡ ବ୍ରୋଞ୍ଜ୍ ଜିତି ୨୯ ମିଲିୟନ ଡଲାର ତଥା ଭାରତୀୟ ମୁଦ୍ରାରେ ୨୭୯.୨୪ କୋଟି ଟଙ୍କା ପୁରସ୍କାର ପାଇଛି । ସେହିଭଳି ଚତୁର୍ଥ ସ୍ଥାନ ହାସଲ କରିଥିବା ଫ୍ରାନ୍ସ ୨୫୯.୯୮ କୋଟି ଟଙ୍କା ପାଇଛି । ଅନ୍ୟପକ୍ଷରେ ବିଜୟ ସହ ୨୦୧୮ ବିଶ୍ୱକପ୍ ବିଜେତା ପ୍ରଶିକ୍ଷକ ଡିଡିଆର ଡେସ୍‌ଚାମ୍ପଙ୍କୁ ବିଦାୟ ଦେବା ଆଶାରେ ଥିବା ଫ୍ରାନ୍ସ ବିଫଳ ହୋଇଥିଲା । ଡେସ୍‌ଚାମ୍ପ ପରାଜୟ ସହ ବିଦାୟ ନେଇଥିବା ବେଳେ ଏମ୍ବାପେ ଏହି ମ୍ୟାଚରେ ଦୁଇଟି ଗୋଲ କରି ଚଳିତ ବିଶ୍ୱକପ୍‌ରେ ନିଜର ଗୋଲ ସଂଖ୍ୟାକୁ ୧୦ରେ ପହଞ୍ଚାଇ ଗୋଲଡେନ୍ ବୁଟ୍ ଦୌଡରେ ସାମିଲ ଅଛନ୍ତି ।




## ଶାନ୍ତିବାଳା ସ୍ମାରକୀ ସ୍କୁଲ ଓପନ ଚେସ୍
# ପ୍ରିୟଦର୍ଶନ ବିଜେତା

ଭୁବନେଶ୍ୱର, ୧୯।୭(ସବ୍ୟୁ) : କେଶୁରା ସ୍ଥିତ ରୟାଲ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ଦ୍ୱିତୀୟ ଶାନ୍ତିବାଳା ମହାନ୍ତି ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କଟକ ସିଡିଏ ଡିଏଭି ପବ୍ଲିକ୍ ସ୍କୁଲର ପ୍ରିୟଦର୍ଶନ ରାୟ ଚାମ୍ପିଅନ ହୋଇଛନ୍ତି । ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ପ୍ରିୟଦର୍ଶନ ୩.୫ ପଏଣ୍ଟ ସହ ଶୀର୍ଷ ସ୍ଥାନ ହାସଲ କରିଥିଲେ । ଭୁବନେଶ୍ୱର ୟୁନିଟ୍ ୮ ଡିଏଭି ପବ୍ଲିକ ସ୍କୁଲର ଆରିଷ ନନ୍ଦ ଗୋସ୍ୱାମୀ ଦ୍ୱିତୀୟ, ମନୀଷ ରଞ୍ଜନ ଦାସ ତୃତୀୟ, ରିୟାନ ଭରଦ୍ୱାଜ୍ ପାଢୀ ଚତୁର୍ଥ ଏବଂ ସ୍ୱସ୍ତିକ ତ୍ରିପାଠୀ ପଞ୍ଚମ ସ୍ଥାନ ହାସଲ କରିଛନ୍ତି । ୭,୯,୧୧, ୧୩ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ଦୁଇଜଣ ଲେଖାଏଁ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା । ୪ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି । ପୁରସ୍କାର ବିତରଣ ଉତ୍ସବରେ ପାରାଦୀପ ପୋର୍ଟ ଟ୍ରଷ୍ଟର ଅବସରପ୍ରାପ୍ତ ମୁଖ୍ୟ ଇଞ୍ଜିନିୟର ସୁନିଲ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ରୟାଲ ପବ୍ଲିକ୍ ସ୍କୁଲର ଭାଇସ୍ ପ୍ରିନସପାଲ ପ୍ରଜ୍ଞାପରମିତା ସାହୁ ଏବଂ ଓଡିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ରହି କୃତିପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।



# ବିଶ୍ୱକପ ଟ୍ରଫିରେ କେତେ ସୁନା ଅଛି ?

ନୂଆଦିଲ୍ଲୀ, ୧୯।୭ (ଏଜେନ୍ସି) : ଫିଫା ବିଶ୍ୱକପ୍ ବିଜେତା ଦଳକୁ ଯେଉଁ ଟ୍ରଫି ପ୍ରଦାନ କରାଯାଉଛି, ସେ ଟ୍ରଫି ସମ୍ପର୍କରେ ବିସ୍ତୃତ ତଥ୍ୟ ସାର୍ବଜନୀନ ହୋଇଛି । ଏହା ସମସ୍ତେ ଜାଣିଲେ ଆଶ୍ଚର୍ଯ୍ୟଚକିତ ହେବେ । ଏହି ଟ୍ରଫିର ଓଜନ ୬.୧୭ କିଲୋଗ୍ରାମ୍ ଏବଂ ଏହା ନିର୍ମାଣରେ ବ୍ୟବହୃତ ସୁନାର ପରିମାଣ ମଧ୍ୟ ସାର୍ବଜନୀନ ହୋଇଛି । ଫିଫା ଦ୍ୱାରା ପ୍ରକାଶିତ ସୂଚନା ଅନୁଯାୟୀ ୬ କିଲୋରୁ ଉର୍ଦ୍ଧ୍ୱ ଓଜର ଟ୍ରଫି ନିର୍ମାଣରେ ୧୮ କ୍ୟାରେଟ୍ ସୁନା ବ୍ୟବହାର ହୋଇଛି । ଏଥିରେ ପାଖାପାଖି ୫,୦୯୨ ଗ୍ରାମ ଟ୍ରଫିର ତଳେ ଥିବା ବୃତ୍ତାକାର ଡିସ୍କ ଯାହା ବିଜେତାର ନାମ ବହନ କଲେ । ନୂତନ ଚାମ୍ପିଅନ ମୁକୁଟ ପିନ୍ଧିବା ପରେ ଏହାକୁ ଫିଫା ସଂଗ୍ରହାଳୟରେ ରଖାଯାଏ । ନୂତନ ବିଜେତାଙ୍କ ନାମ ସମ୍ବଳିତ ଏକ ନୂତନ ଡିସ୍କ ଟ୍ରଫି ସହିତ ସଂଯୁକ୍ତ କରାଯାଏ । ୧୯୭୪ ବିଶ୍ୱକପ୍ ସମୟରେ ପ୍ରଚଳିତ ଏହି ଟ୍ରଫି ସେବେଠାରୁ ବିଜେତା ଦଳକୁ ପ୍ରଦାନ କରାଯାଉଛି । ମ୍ୟାଚ ପରବର୍ତ୍ତୀ ଫଟୋ ସେସନ୍ ପରେ ବିଜେତାମାନେ ଫିଫା ଠାରୁ ଏକ ପ୍ରତିକୃତି ପାଇଥାନ୍ତି । ଯେତେବେଳେ ମୂଳ ଟ୍ରଫି ଫିଫାର ଏପାଜତକୁ ଫେରିଆସେ ସେତେବେଳେ ମୂଳ ଟ୍ରଫିର ପ୍ରତିକୃତିକୁ ବିଜେତା ଦଳକୁ ହସ୍ତାନ୍ତର କରାଯାଇଥାଏ । ଏଥର ଫାଇନାଲରେ ବିଜେତା ଦଳ ୪୮୧ କୋଟି ଟଙ୍କାପାଇବେ । ରନର୍ସଅପ୍ ଦଳ ମଧ୍ୟ ୨୬୦ କୋଟି ଟଙ୍କା ପାଇବ ।




# ଇତିହାସ ରଚିଲେ ସିନ୍ଧୁ



ନୂଆଦିଲ୍ଲୀ, ୧୯।୭(ଏଜେନ୍ସି) : ଭାରତର ବ୍ୟାଡମିଣ୍ଟନ ତାରକା ପିଭି ସିନ୍ଧୁ ଇତିହାସ ରଚିଛନ୍ତି । ସମ୍ମାନଜନକ ଜାପାନ ଓପନ ଟାଇଟଲ ଜିତିବାରେ ସେ ପ୍ରଥମ ଭାରତୀୟ ବନିଛନ୍ତି । ଜାପାନ ଓପନ ଟାଇଟଲର ମହିଳା ସିଙ୍ଗଲ୍ସ ଫାଇନାଲରେ ବିଶ୍ୱ ଚାମ୍ପିଅନ ଜାପାନର ଆକାନେ ୟାମାଗୁଚିଙ୍କୁ ୫୦ ମିନିଟ ମଧ୍ୟରେ ୨୧-୧୭, ୨୧-୧୭ ଗେମରେ ଧରାଶାୟୀ କରିଥିଲେ । ୩୧ବର୍ଷୀୟା ସିନ୍ଧୁ ନିଜର ଆକ୍ରମଣାତ୍ମକ ବ୍ୟାଡମିଣ୍ଟନ ଶୈଳୀ ପ୍ରଦର୍ଶନ କରି ପ୍ରଶଂସକଙ୍କୁ ତାଙ୍କର ସେହି ପୁରୁଣା ଦିନଗୁଡିକୁ ମନେପକାଇ ଦେଇଥିଲେ । ଦୁଇଥର ଅଲମ୍ପିକ ବିଜୟିନି ସିନ୍ଧୁ ଦୀର୍ଘ ସମୟ ପରେ ଟାଇଟଲ ଜିତିବାକୁ ସମର୍ଥ ହୋଇଛନ୍ତି । ୨୦୨୮ ଲସ୍ ଏଞ୍ଜେଲ୍ସ ଅଲମ୍ପିକ୍ସରେ ସିନ୍ଧୁ ଅଂଶଗ୍ରହଣ କରିବା ପାଇଁ ମନ ବଳାଇଥିବା ଏହି ଟାଇଟଲ ସଫଳତାରୁ ସ୍ପଷ୍ଟ ହୋଇଛି । ଅତିଥିମାନଙ୍କଠାରୁ ପଦକଗ୍ରହଣ କରିବା ସମୟରେ ସିନ୍ଧୁଙ୍କ ମୁହଁରେ ହସ ଭରିଯାଇଥିଲା । ଏହାପରେ ସେ ୟାମାଗୁଚିଙ୍କ ସହ ଏକ ସେଲ୍ଫି ପାଇଁ ପୋଜ୍ ଦେଇଥିଲେ । ଯେଉଁ ପ୍ରତିଯୋଗୀଙ୍କୁ ସେ ଅନ୍ତର୍ଜାତୀୟ ସ୍ତରରେ ଏପର୍ଯ୍ୟନ୍ତ ୩୦ ଥର ଭେଟିଛନ୍ତି ତାଙ୍କ ସହ ସେଲ୍ଫି ନେଇ ନିଜର ଖେଳୁଆଡ ମନୋଭାବ ଜାହିର କରିଛନ୍ତି । ସିନ୍ଧୁ ନିଜର ବିଜୟ ଉତ୍ସବ ପାଳନ କରିବା ପାଇଁ ପୋଡିୟମ ଉପରକୁ ତାଙ୍କର କୋଚ୍ ଇଣ୍ଡୋନେସିଆର ଇରୱାନସିଆଙ୍କୁ ଆମନ୍ତ୍ରଣ କରିଥିଲେ । ୨୦୨୫ରେ ସେ ସିନ୍ଧୁଙ୍କ କ୍ୟାମ୍ପରେ ଯୋଗ ଦେଇଥିଲେ । ତା ପରଠାରୁ ଏହି ଭାରତୀୟ ତାରକା ନିଜର ଆକ୍ରମଣାତ୍ମକ ମନୋଭାବ ଏବଂ ଖେଳ ଶୈଳୀକୁ ପୁଣି ଥରେ ଫେରିପାଇଛନ୍ତି । ଯାହା ଦିନେ ତାଙ୍କୁ ସବୁଠାରୁ ଭୟଙ୍କର ଖେଳାଳିମାନଙ୍କ ମଧ୍ୟରୁ ଜଣେ ଗଢିତୋଳିଥିଲା । ନିଜର ଫିଟନେସ୍ ଉପରେ ଏକାଗ୍ରତା ଦେବା ଯୋଗୁଁ ସିନ୍ଧୁ ଗତ କିଛି ବର୍ଷ ତୁଳନାରେ ଚଳଚଞ୍ଚଳ ଦେଖାଯାଉଛନ୍ତି । ପ୍ରମୁଖ ପ୍ରତିଯୋଗିତାଗୁଡିକର କ୍ୱାର୍ଟର ଫାଇନାଲ ଓ ସେମିଫାଇନାଲରେ କ୍ରମାଗତ ଭାବେ ପହଞ୍ଚିପାରୁଛନ୍ତି ।

# ରାଜ୍ୟଗୋଷ୍ଠୀ କ୍ରିଡାରେ ନେତୃତ୍ୱ ନେବେ ମୀରାବାୟୀ, ଲଭଲିନା

ନୂଆଦିଲ୍ଲୀ, ୧୯।୭ (ଏଜେନ୍ସି) : ଅଲିମ୍ପିକ୍ସ ବିଜୟିନି ମିରାବାୟୀ ଚାନୁ ଓ ଲଭଲିନା ବୋରଗୋହେନ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରିଡାରେ ଭାରତର ନେତୃତ୍ୱ ନେବେ । ଉଭୟଙ୍କୁ ଭାରତର ଧ୍ୱଜା ବାହାକ ଭାବେ ଚୟନ କରାଯାଇଛି । ଆଗାମୀ ୨୩ ତାରିଖରେ ଦୁଇ ବରିଷ୍ଠ କ୍ରୀଡାବିତ୍ ଉଦଘାଟନୀ ଉତ୍ସବରେ ୧୨୬ ଜଣିଆ ସଦସ୍ୟ ବିଶିଷ୍ଟ ଭାରତୀୟ ଦଳର ନେତୃତ୍ୱ ନେବେ । ଅଲିମ୍ପିକ୍ସ ସଂଘର ଅଧ୍ୟକ୍ଷ ପିଟି ଉଷା ଏ ସମ୍ପର୍କରେ ବିଧିବଦ୍ଧ ସୂଚନା ଦେଇଛନ୍ତି । ଏହି ଦୁଇ ଆଥଲେଟଙ୍କ ପ୍ରଦର୍ଶନ ମାଧ୍ୟମରେ ଦେଶର ଗୌରବ ବଢାଇବ ବୋଲି ଉଷା ଆଶାବ୍ୟକ୍ତ ଅଛନ୍ତି । ପ୍ରଥମ ଥର ପାଇଁ ଦୁଇ ମହିଳା ଖେଳାଳି ଭାରତର ଧ୍ୱଜାବାହାକ ହେବାକୁ ଯାଉଛନ୍ତି । ୱେଟଲିଫ୍ଟର ମୀରାବାୟୀ ଟୋକିଓ ଅଲମ୍ପିକ୍ସରେ ରୌପ୍ୟ ପଦକ ଜିତି ଇତିହାସ ରଚିଥିଲେ । ସେ ବିଶ୍ୱ ଚାମ୍ପିଅନସିପରେ ମଧ୍ୟ ଅନେକ ପଦକ ଜିତିଛନ୍ତି । ବକ୍ସର ଲଭଲିନା ଟୋକିଓ ଅଲମ୍ପିକ୍ସରେ ଚମତ୍କାର ପ୍ରଦର୍ଶନ କରି ବ୍ରୋଞ୍ଜ ଜିତିଥିଲେ । ୨୦୨୩ ବିଶ୍ୱ ଚାମ୍ପିଅନସିପରେ ସ୍ୱର୍ଣ୍ଣ ଏବଂ ୨୦୨୩ ଏସିଆନ ଗେମ୍ସରେ ରୌପ୍ୟ ପଦକ ଜିତିଥିଲେ ।

## ବୁଡାପେଷ୍ଟ କୁସ୍ତି ର୍ୟାଙ୍କିଂ ସିରିଜ୍
# କାଜଲଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୧୯।୭(ଏଜେନ୍ସି) : ଭାରତର ୨୦ ବର୍ଷରୁ କମ୍ ବିଶ୍ୱ ବିଜେୟିନୀ କୁସ୍ତି ଯୋଦ୍ଧା କାଜଲ ବୁଡାପେଷ୍ଟ କୁସ୍ତି ର୍ୟାଙ୍କିଂ ସିରିଜ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଜିତି ଦେଶ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ରବିବାର ମହିଳା ୭୬ କିଲୋଗ୍ରାମ ଫାଇନାଲରେ କାଜଲ ଆମେରିକାର ଡାଇମଣ୍ଡ ଗୁଇଲ ଫର୍ଡଙ୍କୁ ଧରାଶାୟୀ କରିଥିଲେ । ଏହି କଡା ସଂଘର୍ଷପୂର୍ଣ୍ଣ ଫାଇନାଲ ୩-୩ ସ୍ଥିତିରେ ରହିଥିଲା । କିନ୍ତୁ କାଜଲ ଚମତ୍କାର ପ୍ରଦର୍ଶନ ସହ ତୃତୀୟ ସ୍ୱର୍ଣ୍ଣ ପଦକ ନିଶ୍ଚିତ କରିଥିଲେ । ୫୩ କିଲୋଗ୍ରାମ୍ ଫାଇନାଲରେ ସ୍ୱିଡେନ୍ ପ୍ରତିଦ୍ୱନ୍ଦି ଇମା ଜୋନା ବେନିସଙ୍କ ବିପକ୍ଷ ମ୍ୟାଚ ବେଳେ ଆହତ ଯୋଗୁଁ ବାଧ ହୋଇ ଭାରତୀୟ ତାରକା ଅନ୍ତିମ ପଙ୍ଘଲ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ । ଏହି ଓଜନ ବର୍ଗର ବ୍ରୋଞ୍ଜ୍ ମୁକାବିଲାରେ ନିସୁ ୨-୨ ରେ ରୋମାନିଆର ଆନ୍ଦ୍ରିୟା ବ୍ରିଟାଇସ୍ ଆନ୍ନାଙ୍କୁ ହରାଇ ପୋଡିୟମ ଫିନିସ୍ କରିଥିଲେ । ୫୭ କିଲୋଗ୍ରାମ ବର୍ଗରେ ନେହା ଶର୍ମା ୪-୦ ରେ ଚୀନର କେକ୍ସିସ୍ ହଙ୍ଗଙ୍କଠାରୁ ପରାଜିତ ରୌପ୍ୟ ପଦକ ଜିତିଥିଲେ । ଭାରତ ଏହି ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ୩ ଟି ସ୍ୱର୍ଣ୍ଣ , ୪ ଟି ରୌପ୍ୟ ଓ ୫ ଟି ବ୍ରୋଞ୍ଜ୍ ସହ ମୋଟ ୧୨ ପଦକ ଜିତିଛି ।

# ଓଡିଶା ଅଲିମ୍ପିକ ଆସୋସିଏସନର ପ୍ରଥମ ବାର୍ଷିକ ବୈଠକ

କଟକ, (ସ୍ୱପ୍ର) : ଓଡିଶା ଅଲମ୍ପିକ ଆସୋସିଏସନର ପ୍ରଥମ ବାର୍ଷିକ ବୈଠକ ରବିବାର ବାରବାଟୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଶ୍ରୀକାନ୍ତ ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟର ୧୬ଟି ଜିଲ୍ଲାର ସମ୍ପାଦକମାନେ ଉପସ୍ଥିତ ଥିଲେ । ଆସନ୍ତା ଡିସେମ୍ବର ମାସରେ ୪୭ତମ ସିନିୟର ନ୍ୟାସନାଲ ଚାମ୍ପିଆନସିପ୍ ଓଡିଶାରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ କୈଳାସ ଚନ୍ଦ୍ର ବାରିକ ସୂଚନା ଦେଇଥିଲେ । ସଭାରେ ସର୍ବ ସମ୍ମତିକ୍ରମେ ରଞ୍ଜିତା ନାୟକ ଏବଂ ରାଜେଶ ପ୍ରଧାନଙ୍କୁ ଉପ-ସଭାପତି ଭାବେ ମନୋନୀତ କରାଯାଇଥିଲା । ବିଭୁଦତ୍ତ ରଥଙ୍କୁ ଯୁଗ୍ମ ସମ୍ପାଦକ, ସ୍ନେହା ଆଚାର୍ଯ୍ୟ ଓ ସୁଶୀଲ କୁମାର ବେହେରାଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନିତ କରାଯାଇଥିଲା । ଉକ୍ତ ସଭାରେ ବିଜୟ କୁମାର ବସନ୍ତିଆ, ତପନ କୁମାର ମହାନ୍ତି, ସ୍ୱୟକାନ୍ତ ସ୍ୱାଇଁ, ଅଭିଜିତ ସ୍ୱାଇଁ, ଜ୍ଞାନ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । କୋଷାଧ୍ୟକ୍ଷ ତପନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

# ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଘାଟିତ

## ଯୋଗ ଦେଲେ ୨୫୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ

ବଲାଙ୍ଗିର,୧୯/୭(ସବ୍ୟୁ) : ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ବଲାଙ୍ଗିର ଆନୁକୁଲ୍ୟରେ ଯୋନେକ୍ସ-ସନରାଇଜ ଜିଲ୍ଲା ବ୍ୟାଡ ମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଘାଟିତ ହୋଇଯାଇଛି । ଏହି ଚାମ୍ପିଅନସିପରେ ସମଗ୍ର ଜିଲ୍ଲାରୁ ୨୫୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି । ଏହି ପ୍ରତିଯୋଗିତାରେ ୯, ୧୧,୧୩,୧୫,୧୭,୧୯ ରୁ କମ୍ ବୟସ ବର୍ଗର ଉଭୟ ବାଳିକ, ବାଳିକା ସିଙ୍ଗଲ, ଡବଲ୍ସ ଓ ମିକ୍ସ ଡବଲ୍ସ , ବରିଷ୍ଠ ମହିଳା ଓ ପୁରୁଷ ସିଙ୍ଗଲ ଡବଲ୍ସ ଓ ମିକ୍ସ ଡବଲ୍ସ ଏବଂ ଭେଟେରାନର ବିଭିନ୍ନ ବୟସ ବର୍ଗର ପ୍ରତିଯୋଗିତା ଆୟୋଜନ ହେବ । ଜିଲ୍ଲାର ବିଭିନ୍ନ ବ୍ୟାଡମିଣ୍ଟନ କ୍ଲବ ଓ ସ୍କୁଲ କଲେଜର ଛାତ୍ର ଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ଉଦଘାଟନ ସମାରୋହରେ ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ ଏବଂ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରତିଯୋଗିତାର ସଫଳ ରୂପାୟନ ପାଇଁ ଶୁଭେଚ୍ଛା ଜଣାଇବା ସହ ବ୍ୟାଡମିଣ୍ଟନ ଖେଳର ଇତିହାସ ଓ ଜିଲ୍ଲାର ଖେଳାଳିମାନଙ୍କର କୃତିତ୍ୱ ଉପରେ ସେମାନେ ବକ୍ତବ୍ୟ ରଖିବା ସହ ଆଗାମୀ ଦିନରେ ବଲାଙ୍ଗିର ଜିଲ୍ଲା ଆହୁରି ଉତ୍ତମ ଖେଳାଳି ରାଜ୍ୟ ତଥା ଦେଶକୁ ପ୍ରଦାନ କରିବ ବୋଲି କହିଥିଲେ । ଜିଲ୍ଲା ବ୍ୟାଡ ମିଣ୍ଟନ ସଂଘ ସଂପାଦକ ସୁରୁଲାଲ ମଟାରୀଙ୍କ ସଂଯୋଜନାରେ ହୋଇଥିବା ଉଦ୍ଘାଟନି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଂଘ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପ-ସଭାପତି ଘନଶ୍ୟାମ ମିଶ୍ର, ଯୁଗ୍ମ ସଂପାଦକ ମାନସ ମହାନ୍ତି, ବରିଷ୍ଠ ଉପଦେଷ୍ଟା ବିରେନ୍ଦ୍ର ମିଶ୍ର, ସୁଧୀର ପଣ୍ଡା, ରୋଶନ ଜୈନ, ଉନ୍ନୟନ କମିଟି ସଦସ୍ୟ ଅନନ୍ତ ବେହେରା, ସଦସ୍ୟ ଆଶିଷ ଦର୍ଜୀ ପ୍ରମୁଖ ମଂଚାସିନ ଥିଲେ । ଚାରିଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତା ସଫଳ ରୂପାୟନ ପାଇଁ ଜାତୀୟ ଗ୍ରେଡ-୨ ରେଫରୀ ହେମନ୍ତ ପ୍ରଧାନ ମୁଖ୍ୟ ରେଫରୀ ଭାବରେ ଚନ୍ଦ୍ର ଶେଖର ମିଶ୍ର ଡେପୁଟି ରେଫରୀ ଏବଂ ରାଜ୍ୟ ସ୍ୱିକୃତିପ୍ରାପ୍ତ ଟେକନିକାଲ ଅଫସର ବୈଷ୍ଣବ କବାଟ, ସୁଶାନ୍ତ କୁମାର ମହାନ୍ତି, ଉପେନ୍ଦ୍ର ଚନ୍ଦ୍ର, ପବନ କୁମାର ସାହୁ, କେଶବ ଚନ୍ଦ୍ର ସାହୁ, ରମାଇଁ ଗଂଜନ ପାଣିଗ୍ରାହୀ, ଅନନ୍ତ ବେହେରା, ମାନସ ମହାନ୍ତି, ଗଜାନନ ଦାଶ, କାସିମ ଇକ୍ବାଲ, ରାକେଶ ଜେସୱାଲ, ପ୍ରକାଶ ସାହୁ, ମାଷ୍ଟର ଅଫ୍ ସେରିମନିରେ ନନ୍ଦିନି ଲାଲ, ଅଂଚଳ ରାଜପୁତ, ସଂପ୍ରିତି ପଟ୍ଟନାୟକ, ଗୁନଗୁନ ପଦ୍ମିନୀ ଏବଂ ଫିଜିଓ ତଥା ଫାଷ୍ଟଏଡ୍ ବିଶେଷଜ୍ଞ ଭାବେ ରାମ ନାରାୟଣ ଦାଶ, ପ୍ରକାଶ ଛନ୍ଦ, ରଶ୍ମିରାଣୀ ଦାଶ ଯୋଗଦାନ କରିଛନ୍ତି । ପ୍ରଥମ ଦିନରେ ୧୧ ବର୍ଷ, ୧୩, ୧୫, ୧୭ ଓ ୧୯ ବର୍ଷରୁ କମ୍ ୬୯ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଆସନ୍ତାକାଲି ଖେଳର ଦ୍ୱିତୀୟ ରାଉଣ୍ଡର ସମସ୍ତ ମ୍ୟାଚ ଅନୁଷ୍ଠିତ ହେବ ।



ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/
store/app/details/
id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି